
# ଲୋଧା



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର

# ଲୋଧା

ନିର୍ଦ୍ଦେଶକ

ପ୍ରଫେସର (ଡକ୍ଟର) ଅଖିଳ ବିହାରୀ ଓଟା

ସଂକଳକ

ଡକ୍ଟର ଅନନ୍ତ ଚରଣ ସାହୁ

ତଥ୍ୟ ସଂଗ୍ରହ

ଡକ୍ଟର ଲତା ଭୋଳ

ଶ୍ରୀ ବିବେକାନନ୍ଦ ଦାସବାବୁ

ସମ୍ପାଦକ

ପ୍ରଫେସର ଡକ୍ଟର କୃଷ୍ଣ କୁମାର ମହାନ୍ତି

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଲୋଧା

ନିର୍ଦ୍ଦେଶକ : ପ୍ରଫେସର (ଡକ୍ଟର) ଅଖିଳ ବିହାରୀ ଓତା

ସଂକଳକ : ଡକ୍ଟର ଅନନ୍ତ ଚରଣ ସାହୁ
ପ୍ରାକ୍ତନ ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ

ତଥ୍ୟ ସଂଗ୍ରହକାରୀ : ଡକ୍ଟର ଲତା ଭୋଳ
ଶ୍ରୀ ବିବେକାନନ୍ଦ ଦାସବାବୁ

ସମ୍ପାଦକ : ପ୍ରଫେସର (ଡକ୍ଟର) କୃଷ୍ଣ କୁମାର ମହାନ୍ତି

© ପ୍ରକାଶକ : ସଦସ୍ୟ-ସଚିବ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ
ଆଦିବାସୀ ପ୍ରଦର୍ଶନୀ ପଡିଆ
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

ପ୍ରଥମ ପ୍ରକାଶ : ଜାନୁୟାରୀ, ୨୦୦୯

ମୁଦ୍ରଣ : ଭୋଲାନାଥ ପ୍ରେସ୍
୧୨୦୧/୧୬୦୧, ବମିଖାଲ, ଭୁବନେଶ୍ୱର

# LODHA

**Director** : **Prof.(Dr.) A. B. Ota**

**Compiler** : **Dr. A. C. Sahoo,**
**Formerly, Director, ATDC**

**Data Collection:** **Dr. Lata Bhol**
**Shri Bibekananda Dasbabu**

**Editor** : **Prof. (Dr.) K. K. Mohanti**

***© Publisher*** : Member-Secretary
Academy of Tribal Languages & Culture
Adivasi Exhibition Ground
Unit - I, Bhubaneswar - 751 009

***First Edition*** : **January, 2009**

***Printed at*** : Bholanath Press
1201/1601, Bomikhal, Bhubaneswar-10

# ଅଗ୍ରଲେଖ

ଲୋଧା / ନୋଧା / ଲୁବ୍‌ଧକ / ନଧା ଏକ ଶବର ସହ-ସଂପର୍କିତ ଜନଜାତି ଗୋଷ୍ଠୀ, ଓଡ଼ିଶାରେ ଲୋଧା ନାମରେ ପରିଚିତ । ସେମାନେ ସଂପ୍ରତି ସ୍ଥାୟୀ ବସବାସ ପୂର୍ବକ କୃଷି ଓ ଜଙ୍ଗଲ ଉପରେ ନିର୍ଭରଶୀଳ । ଏମାନେ ନିଜକୁ ରତ୍ନାକର ବଂଶଜ ବୋଲି କିମ୍ବଦନ୍ତୀ ଆଧାରରେ କହୁଥିଲେ ମଧ୍ୟ ଏମାନଙ୍କ ଜନଜାତି ପରିଚିତି ନେଇ ମତାନୈକ୍ୟ ରହିଛି । ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଏମାନେ ମୁଖ୍ୟତଃ ବସବାସ କରୁଥିଲେ ସୁଦ୍ଧା ପଶ୍ଚିମବଙ୍ଗ ଅଞ୍ଚଳରୁ ଏମାନଙ୍କ ଓଡ଼ିଶାକୁ ଆଗମନ ହୋଇଥିବା ଜଣାଯାଇଥାଏ । ଓଡ଼ିଶାର ଜନଜାତିମାନଙ୍କ ସଂଖ୍ୟା ୨୦୦୧ ମସିହା ଜନଗଣନା ଆଧାରରେ ୮,୧୪୫,୦୮୧ ଅଟେ, ତନ୍ମଧ୍ୟରୁ ଲୋଧାମାନଙ୍କ ସଂଖ୍ୟା ୮,୯୦୫ ଥିବା ଜଣାଯାଇଛି ।

ଜନଜାତି ସମାଜର ସାମାଜିକ ରୀତିନୀତ,ରାଜନୈତିକ ପୃଷ୍ଠଭୂମି, ଅର୍ଥନୈତିକ ବ୍ୟବସ୍ଥା ଓ ଧର୍ମୀୟ ପରମ୍ପରାକୁ ସୂକ୍ଷ୍ମ ଭାବରେ ଅନୁଶୀଳନ କଲେ ଲୋକତାନ୍ତ୍ରିକ ସମାଜ ବ୍ୟବସ୍ଥାର ମୂଳ ଭିତ୍ତି ସ୍ପଷ୍ଟ ପରିଲକ୍ଷିତ ହୋଇଥାଏ । ଏହି ଲୋକତାନ୍ତ୍ରିକ ବ୍ୟବସ୍ଥା ମହାଭାରତୀୟ ସଂସ୍କୃତିର ଅଂଶବିଶେଷ । ସଂସ୍କୃତିର ଉଦ୍-ବିକାଶ ହେବା ସ୍ୱାଭାବିକ । ଜନଜାତି ସଂସ୍କୃତିର ପ୍ରମୁଖ ମହନୀୟତାକୁ ମହାଭାରତୀୟ ସଂସ୍କୃତି ଉଦରସ୍ଥ କରିଛି ଏବଂ ଏହି ମହାଭାରତୀୟ ସଂସ୍କୃତି କାଳାନୁକ୍ରମେ ପୁଷ୍ଟ ହୋଇ ନିଜସ୍ୱ ପରିଚିତି ବହନ କରିଛି । ମାତ୍ର ଜନଜାତି ସଂସ୍କୃତି ମହାଭାରତୀୟ ସଂସ୍କୃତିରେ ବିଲୀନ ହୋଇଯାଇନାହିଁ, ପରନ୍ତୁ ନିଜସ୍ୱ ବଳିଷ୍ଠ ସଂସ୍କୃତି ସାହାଯ୍ୟରେ ନିଜସ୍ୱ ସତ୍ତା ଅଦ୍ୟାବଧି ବଜାୟ ରଖିପାଇଛି । ମୁଖ୍ୟସ୍ରୋତରୁ କାଳାନୁକ୍ରମେ ଦୂରେଇ ଯାଇ ମଧ୍ୟ କ୍ଷୁଦ୍ରାତିକ୍ଷୁଦ୍ର ସାଂସ୍କୃତିକ ଏକକ ହିସାବରେ ପ୍ରତ୍ୟେକ ଜନଜାତି ନିଜର ପରିଚିତି ଅକ୍ଷୁର୍ଣ୍ଣ ରଖିବାକୁ ସଂଗ୍ରାମ କରୁଛି । ସ୍ୱାଭିମାନ ଓ ପରମ୍ପରାର ଏହି ସମନ୍ୱୟରେ ଏମାନେ ଅଗ୍ରସର ହେଉଛନ୍ତି ।

ଓଡ଼ିଶାର ଜନଜାତି ସମାଜର ଭାଷା କ୍ଷେତ୍ରରେ ଆର୍ଯ୍ୟ, ଦ୍ରାବିଡ଼ ଓ ଅଷ୍ଟ୍ରିକ ଏହି ତିନିଗୋଟି ଭାଷାର ପ୍ରଚଳନ ଦେଖାଯାଏ । ପ୍ରତ୍ୟେକ ଗୋଷ୍ଠୀ ଅପର ଗୋଷ୍ଠୀ ସହିତ ସାମାଜିକ-ସାଂସ୍କୃତିକ ସଂସ୍ପର୍ଶରେ ଆସୁଥିଲେ ମଧ୍ୟ ନିଜସ୍ୱ ମୌଳିକତା ରକ୍ଷା କରିଅଛି । ଲୋଧା ଜନଜାତି ଶବର ଗୋଷ୍ଠୀ ସଂପୃକ୍ତ କୁହାଯାଉଥିଲେ ମଧ୍ୟ ଏମାନେ ଭାରତୀୟ ଆର୍ଯ୍ୟ ଭାଷା ଅଧିନସ୍ଥ ଉତ୍ତରାଞ୍ଚଳୀୟ ଓଡ଼ିଆ ଉପଭାଷାରେ ଭାବ ପ୍ରକାଶ କରିଥାନ୍ତି ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଲୋଧା ଜନଜାତିମାନଙ୍କ ମୌଳିକ ପରମ୍ପରା ଓ ସାଂସ୍କୃତିକ ଉପାଦାନ ଯଥା; ଖାଦ୍ୟ, ପାନୀୟ, ବାସଗୃହ, ବସତି, ଶ୍ରମସମବାୟ ଇତ୍ୟାଦି ବିଷୟବସ୍ତୁକୁ ଆଧାର କରି କ୍ଷେତ୍ର ଅଧ୍ୟୟନ ପୂର୍ବକ ପୁସ୍ତିକା ପ୍ରସ୍ତୁତ କରିଛି । ଏକାଡ଼େମୀର ଏହି ମହାନ ପ୍ରୟାସ ଖୁବ୍ ପ୍ରସଂଶନୀୟ । ମୟୂରଭଞ୍ଜ ଜିଲ୍ଲାରେ ବସବାସ କରୁଥିବା ଲୋଧାମାନଙ୍କ ସଂସ୍କୃତି ଓ ପରମ୍ପରା ଏଥିରେ ପ୍ରକାଶିତ ହୋଇଅଛି । ଜନଜାତି ସମାଜର ସାଂସ୍କୃତିକ ବିଭବର ସଂପୂର୍ଣ୍ଣ ବିବରଣୀ ସଂକଳନ ସହଜସାଧ୍ୟ ନୁହେଁ । କେତେକ ନିର୍ବାଚିତ ଉପାଦାନକୁ ଏକାଡ଼େମୀ ସଂଗ୍ରହ କରି ପ୍ରକାଶ କରିଛି । ପ୍ରକାଶିତ "ଲୋଧା" ପୁସ୍ତିକାଟି ଏକ ଗବେଷଣାତ୍ମକ ଅନୁଧ୍ୟାନ ହୋଇଥିବାରୁ ଜ୍ଞାନପିପାସୁ ପାଠକ, ପାଠିକା, ଗବେଷକ, ଛାତ୍ରଛାତ୍ରୀ, ଅଧ୍ୟାପକ, ଐତିହାସିକ ତଥା ଜନଜାତିମାନଙ୍କ ଉନ୍ନୟନ ଦିଗରେ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥାମାନଙ୍କ ପାଇଁ ଉପାଦେୟ ହୋଇପାରିବ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ ।

ଚୈତନ୍ୟ ପ୍ରସାଦ ମାଝି

ମାନ୍ୟବର ମନ୍ତ୍ରୀ

*ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ*

*ତଥା ସଂଖ୍ୟାଲଘୁ ଓ ଅନଗ୍ରସରବର୍ଗ କଲ୍ୟାଣ*

*ଓଡ଼ିଶା*

# ମୁଖବନ୍ଧ

ପ୍ରାକୃତିକ ପରିବେଶରେ ବସବାସ କରି ରହୁଥିଲେ ମଧ୍ୟ ଜନଜାତିମାନଙ୍କ ଏକ ସ୍ୱତନ୍ତ୍ର ପରିଚୟ ରହିଛି । ସେମାନଙ୍କ ଜୀବନ ଧାରା ପରିବେଶକୁ ଖାପ ଖୁଆଇ ଗଢ଼ି ଉଠିଛି । ବର୍ଷବର୍ଷ ଧରି ସେମାନେ ନିଜ ସାମାଜିକ-ସାଂସ୍କୃତିକ ବ୍ୟବସ୍ଥାକୁ ଆଧାର କରି କାଳାତିପାତ କରୁଛନ୍ତି । କେତେକ ପରମ୍ପରା ଓ ସଂସ୍କୃତି ତିଷ୍ଠି ରହିବା ସହ ଅନ୍ୟ କେତେକ ପରିବର୍ତ୍ତିତ ହୋଇଅଛି ।

ଜନଜାତିମାନେ ପ୍ରକୃତି ଉପରେ ମୁଖ୍ୟତଃ ନିର୍ଭରଶୀଳ । ପ୍ରକୃତିରୁ, ପୂର୍ବକାଳରେ ସେମାନେ ଖାଦ୍ୟ, ବସ୍ତ୍ର, ଆଶ୍ରୟସ୍ଥଳୀ ବା ବାସଗୃହ ନିମନ୍ତେ ବିଭିନ୍ନ ଦ୍ରବ୍ୟ ସଂଗ୍ରହ କରୁଥିଲେ । କାଳର ଗତିରେ ସେମାନଙ୍କ ଅଭିଳାଷ, ଆକାଂକ୍ଷା ଓ ଆବଶ୍ୟକତାରେ ପରିବର୍ତ୍ତନ ଘଟିଛି । ପୁନଶ୍ଚ ସାମାଜିକ -ସାଂସ୍କୃତିକ ପରିବର୍ତ୍ତନର ଧାରାରେ ସେମାନେ ଉଣାଅଧିକେ ପ୍ରଭାବିତ ହୋଇଛନ୍ତି ।

ଉପରୋକ୍ତ ବିଷୟବସ୍ତୁ ଗୁଡ଼ିକୁ ଦୃଷ୍ଟିରେ ରଖି ଓଡ଼ିଶାର ଆଦିବାସମାନଙ୍କ ପରମ୍ପରା, ସଂସ୍କୃତି ଓ ଜ୍ଞାନକୌଶଳ ଉପରେ ବିନିର୍ଦ୍ଦିଷ୍ଟ ଗବେଷଣା ପ୍ରକଳ୍ପ ଏକ ସମୟୋଚିତ ଉଦ୍ୟମ । ପ୍ରଥମ ପର୍ଯ୍ୟାୟରେ ବଣ୍ଡା, ସାନ୍ତାଳ, ହୋ, ଦେଶିଆକନ୍ଧ, ମାଙ୍କିଡ଼ିଆ, ଲୋଧା, ଖଡ଼ିଆ, ଜୁଆଙ୍ଗ , ଡିଡାୟୀ, ଚୁକ୍ଟିଆ ଭୁଞ୍ଜିଆ, ଡଙ୍ଗରିଆକନ୍ଧ, କୁଟିଆକନ୍ଧ, କୋୟା, ଗଣ୍ଡ, ପାଉଡ଼ିଭୂୟାଁ, ଭୂମିଆ, ସଉରା, ଓରାଓଁ, କିଶାନ୍, ପରଜା, ଗଦବା, ଧାରୁଆ, ବିଞ୍ଝିଆ ଓ ଭୂମିଜ ଜନଜାତିଙ୍କ ଜୀବନଧାରା ସଂପର୍କରେ କ୍ଷେତ୍ର ଅଧ୍ୟୟନ କରାଯାଇ ପୁସ୍ତିକା ପ୍ରସ୍ତୁତ କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଗୋଷ୍ଠୀ ଗୁଡ଼ିକର ସମାଜ, ସଂସ୍କୃତି ପରମ୍ପରା ଓ ଜ୍ଞାନକୌଶଳ ଉପରେ କ୍ଷେତ୍ର ଅଧ୍ୟୟନ କରାଯିବା ପ୍ରସ୍ତାବ ରହିଛି ।

ସଂପ୍ରତି, ଜନଜାତି ସଂସ୍କୃତି ଓ ପରମ୍ପରା କେତେକାଂଶରେ ଅକ୍ଷୁର୍ଣ୍ଣ । ଯୋଜନାବଦ୍ଧ ଉନ୍ନୟନ ବ୍ୟବସ୍ଥା ସେମାନଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଅଛି । ସ୍ୱାଧୀନତାର ୬୦ ବର୍ଷ ବିତି ଯାଇଥିଲେ ସୁଦ୍ଧା ସେମାନଙ୍କ ନିକଟରେ ସେଗୁଡ଼ିକର ଆଶାନୁରୂପ ସଫଳ ସମ୍ଭବ ହୋଇ ପାରିନାହିଁ । ତେଣୁ ସଂପ୍ରତି ଉକ୍ତ ବିଷୟରେ ଅଧିକ ଚିନ୍ତନ ଆବଶ୍ୟକ ।

ପ୍ରକାଶିତ "ଲୋଧା" ପୁସ୍ତିକା ସେମାନଙ୍କର ପରିବେଶ, ସଂସ୍କୃତି ଓ ପରମ୍ପରାକୁ ନେଇ ପୁଷ୍ଟ । ଏହି ପୁସ୍ତିକା ତଥ୍ୟସଂଗ୍ରହରେ ସହାୟତା କରିଛନ୍ତି ଡ଼ଃ ଲତା ଭୋଳ ଏବଂ ଶ୍ରୀ ବିବେକାନନ୍ଦ ଦାସବାବୁ । ପାଣ୍ଡୁଲିପିର ଆବଶ୍ୟକ ପରିମାର୍ଜନ ସହ ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ବ୍ଲକ୍‌ର ଶୁଳିଆପଦା ଅଞ୍ଚଳର ଲୋଧାମାନେ ଶ୍ରମ ସ୍ୱୀକାର ପୂର୍ବକ ତଥ୍ୟ ପ୍ରଦାନ କରି ପାଣ୍ଡୁଲିପିକୁ ପ୍ରକାଶନ ଉପଯୋଗୀ କରିଛନ୍ତି । ପୁସ୍ତକ ପ୍ରକାଶନ ଅବସରରେ ଏକାଡ଼େମୀ ସେମାନଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରୁଛି ।

ଅଖିଳ ବିହାରୀ ଓତା
ସଦସ୍ୟ-ସଚିବ

# ସୂଚୀପତ୍ର


| କ୍ର.ସଂ. | ବିଷୟ | ପୃଷ୍ଠା |
|---|---|---|
| | ଅଗ୍ରଲେଖ | |
| | ମୁଖବନ୍ଧ | |
| ୧. | ଉପକ୍ରମଣିକା | ୧ |
| ୨. | ଖାଦ୍ୟାଭ୍ୟାସ | ୧୧ |
| ୩. | ପାନୀୟ | ୨୩ |
| ୪. | କନ୍ୟାସୁନା | ୨୯ |
| ୫. | ବାର୍ଷିକ ବନଜାତ ଦ୍ରବ୍ୟ ସଂଗ୍ରହ ପଞ୍ଜିକା | ୩୬ |
| ୬. | ବାର୍ଷିକ ପର୍ବପର୍ବାଣି | ୪୧ |
| ୭. | ଶ୍ରମ ସହଯୋଗ | ୪୭ |
| ୮. | ପାରମ୍ପରିକ ଗ୍ରାମସଭା | ୫୫ |
| ୯. | ଗୁଣିଗାରେଢ଼ି ଓ ଧର୍ମୀୟ କାର୍ଯ୍ୟନିର୍ବାହୀ | ୬୬ |
| ୧୦. | ପାରମ୍ପରିକ ଚାରୁକଳା ଓ ହସ୍ତଶିଳ୍ପ | ୭୬ |
| ୧୧. | ଔଷଧ ଓ ଭେଷଜଜ୍ଞ | ୮୧ |
| ୧୨. | ବସତି ସ୍ଥାପନ | ୯୩ |
| ୧୩. | ବାସଗୃହ | ୧୦୦ |
| ୧୪. | ପଡ଼ୋଶୀ ଗୋଷ୍ଠୀ | ୧୦୯ |

# ଉପକ୍ରମଣିକା

ଲୋଧାମାନେ ଓଡ଼ିଶାରେ ବାସକରୁଥିବା ଆଦିମ ଜନଜାତିମାନଙ୍କ ମଧ୍ୟରୁ ଅନ୍ୟତମ ଗୋଷ୍ଠୀ । ଏମାନେ ମୁଖ୍ୟତଃ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ବାରିପଦା ମହକୁମା ଅନ୍ତର୍ଗତ ଅରଣ୍ୟାଞ୍ଚଳର ବିଭିନ୍ନ ସ୍ଥାନରେ ବାସ କରନ୍ତି । ପାର୍ଶ୍ୱବର୍ତ୍ତୀ ମେଦନୀପୁର(ପଶ୍ଚିମବଙ୍ଗ) ଜିଲ୍ଲାର ସଦର ଓ ଝାଡ଼ଗ୍ରାମ ମହକୁମାର ଅରଣ୍ୟାଞ୍ଚଳରେ ମଧ୍ୟ ଲୋଧାମାନଙ୍କ ବସତିଥିବା ଦେଖାଯାଏ । ଏତଦ୍‌ବ୍ୟତୀତ ପଶ୍ଚିମବଙ୍ଗର ବର୍ଦ୍ଧମାନ, ବୀରଭୂମି, ବାଙ୍କୁଡ଼ା, ହୁଗୁଳୀ, ହାଓଡ଼ା, ଚବିଶପ୍ରଗଣା, କଲିକତା ଓ ନଦିଆ ଜିଲ୍ଲାର କେତେକ ସ୍ଥାନରେ ଲୋଧାମାନେ ବାସ କରୁଥିବା ଜଣାଯାଏ । ମୟୂରଭଞ୍ଜ ଜିଲ୍ଲାର ବାରିପଦା ମହକୁମା ଅଧିନସ୍ଥ ବିଭିନ୍ନ ବ୍ଲକ୍ ଯଥା: ଶୂଳିଆପଦା, ମୋରଡ଼ା, ବାରିପଦା, ବଡ଼ସାହି, ଖୁଣ୍ଟା, ଉଦଳା, ଶମାଖୁଣ୍ଟା ଓ କପ୍ତିପଦା ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଏମାନେ ବିଚ୍ଛିନ୍ନ ଭାବରେ ବାସ କରନ୍ତି । ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟକ ସଂସ୍ଥା (ଆଇ.ଟି.ଡ଼ି.ଏ.) ଅଧିନରେ ଶୂଳିଆପଦା ବ୍ଲକ୍‌ର ପଥରନେସା, ଶଁଶାଶୋଳ, ଧବଣୀ ଓ ନେକଡ଼ଗୁଞ୍ଜା ଗ୍ରାମ, ମୋରଡ଼ା ବ୍ଲକ୍‌ର ହାଣ୍ଡିଭଙ୍ଗା, ଚିକିଟା ମାଟିଆ, ଟିଆଁସୀ ଓ ପୂର୍ଣ୍ଣଚନ୍ଦ୍ରପୁର, ବାରିପଦା ବ୍ଲକ୍‌ର ଧାନଶୋଳା, ଯଶିପୁର, ହାତୀମୋଡ଼ା, ଶାମାଖୁଣ୍ଟା ବ୍ଲକ୍‌ରେ ବେସରପାଣି ଓ ବଡ଼ସାହି ବ୍ଲକରେ ଚମ୍ପାଗଡ଼ ଓ ପାଉଶିଆ ଏପରି ମୋଟି ୧୪ଗୋଟି ଗ୍ରାମ ଥିବାବେଳେ କପ୍ତିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧନରେ ଉଦଳା, ଖୁଣ୍ଟା ଏବଂ କପ୍ତିପଦା ବ୍ଲକରେ କେତେକ ଗ୍ରାମ ଅବସ୍ଥିତ ।

ମୟୂରଭଞ୍ଜ ଜିଲ୍ଲାର ମୋଟ ଲୋକସଂଖ୍ୟା ୨୨,୨୩,୪୫୬ ଜଣ (୨୦୦୧ ଜନଗଣନା ଅନୁସାରେ) ଏ ମଧ୍ୟରୁ ଆଦିବାସୀଙ୍କ ସଂଖ୍ୟା ୧୨,୫୮,୪୫୯ ଜଣ । ଏହି ଆଦିବାସୀଙ୍କ ମଧ୍ୟରେ ସାନ୍ତାଳ, ଭୂମିଜ, ମୁଣ୍ଡା ଓ ଭୂୟାଁମାନେ ସଂଖ୍ୟାଧିକ । ଲୋଧା ଗୋଷ୍ଠୀର ମୋଟ ଲୋକସଂଖ୍ୟା ୪,୨୫୦ ଜଣ ।

ମୟୂରଭଞ୍ଜରେ ଲୋଧାମାନଙ୍କର ମୁଖ୍ୟ ଜନବସତି ୨୧°୬୫ ଓ ୨୨°୧୫ ଉତ୍ତର ଅକ୍ଷାଂଶ ଏବଂ ୮୬°୮୦ ଓ ୮୭°୧୦ ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଏସବୁ ଗ୍ରାମ ବାରିପଦା ସଦର ମହକୁମାରେ ଅନ୍ତର୍ଭୁକ୍ତ । ଉତ୍ତର-ପୂର୍ବ ଦିଗରେ ପଶ୍ଚିମବଙ୍ଗର ମେଦିନୀପୁର, ଉତ୍ତର ଦିଗରେ ନବଗଠିତ ଝାଡ଼ଖଣ୍ଡ ରାଜ୍ୟର ସିଂହଭୂମ ଜିଲ୍ଲା ଓ ଦକ୍ଷିଣ-ପୂର୍ବ ଦିଗରେ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ଅବସ୍ଥିତ । ଏ ଅଞ୍ଚଳରେ ଖଇରା, ମହାନ୍ତି, ଜମ୍ବୀରା ଓ ବୁଢ଼ାବଳଙ୍ଗ ମୁଖ୍ୟନଦୀ । ଏତଦ୍‌ବ୍ୟତୀତ ପାଲ, ଗୁନ୍‌ଫା ପ୍ରଭୃତି ଖାଲ ଓ ନାଳ ପ୍ରବାହିତ । ଅରଣ୍ୟରେ ଶାଳ, ମହୁଲ, କେନ୍ଦୁ ପ୍ରଭୃତି ବଡ଼ ବଡ଼ ବୃକ୍ଷ ସାଙ୍ଗକୁ ବହୁ

ଛୋଟ ଛୋଟ ଗଛ ଓ ଔଷଧୀୟ ଗୁଳ୍ମଲତା; ଆରଣ୍ୟକ ଜୀବଜନ୍ତୁ, ବିଭିନ୍ନ ବିଷଧର ସାପ ଓ ସରୀସୃପ ଦେଖାଯାନ୍ତି । ଏ ଅଞ୍ଚଳରେ ବାର୍ଷିକ ହାରାହାରି ବୃଷ୍ଟିପାତର ହାର ୧୫୪୭.୩ ମିଲିମିଟର । ସାଧାରଣ ଉତ୍ତାପର ହାର ସର୍ବନିମ୍ନ ୧୨°ସି(୫୩.୬°ଏଫ୍.) ଏବଂ ସର୍ବୋଚ୍ଚ ୩୬°ସି( ୧୬୦°ଏଫ) ମଧ୍ୟରେ ଅନୁଭୂତ ହୁଏ । ସମୟ ସମୟରେ ଉତ୍ତାପ ବଢ଼ି ଯାଉଥିବା ପରିଲକ୍ଷିତ ହୁଏ । ଏ ସମଗ୍ର ଅଞ୍ଚଳ ଏକଦା ଘନ ଅରଣ୍ୟ ପରିପୂର୍ଣ୍ଣ ଥିଲା ମାତ୍ର ଏବେ ଏହା ପ୍ରାୟତଃ ଅରଣ୍ୟଶୂନ୍ୟ ହୋଇଗଲାଣି । ଏ ଅଞ୍ଚଳର ମୃତ୍ତିକା କଂକରିଳ ତଥାରକ୍ତିମ ବର୍ଣ୍ଣର । କୃଷିଉପଯୋଗୀ ଉର୍ବର ଉପତ୍ୟକାରେ ଧାନ, ଗହମ, ମୁଗ, ଡିଳ ଓ ବିଭିନ୍ନ ପନିପରିବା ଚାଷ ହୁଏ । ଅରଣ୍ୟରେ ଟସର ଓ ସବାଇ (ଆଞ୍ଚଳିକଭାଷାରେ ବାବଇ /ବୁବେଇ) ଘାସ ଉତ୍ପନ୍ନ ହୁଏ । ସବାଇ ଘାସ ଏ ଅଞ୍ଚଳର ମୁଖ୍ୟ ଉତ୍ପାଦିତ ଦ୍ରବ୍ୟ । ଏତଦ୍‌ବ୍ୟତୀତ ଶାଳ ଓ କେନ୍ଦୁପତ୍ର, ମହୁଲ, କାଠ, ପ୍ରଭୃତି ଜଙ୍ଗଲଜାତ ଦ୍ରବ୍ୟ ଏ ଅଞ୍ଚଳରୁ ରପ୍ତାନି ହୁଏ ।

ବାରିପଦାକୁ ମୋଟର ଚଳାଚଳ ଉପଯୋଗୀ ସବୁଦିନିଆ ପକ୍‌କା ସଡ଼କ ବିଭିନ୍ନ ସ୍ଥାନରୁ ରହିଅଛି । ଗ୍ରାମଗୁଡ଼ିକୁ ମାଟି, ଗୋଡ଼ି, ଗେଟି ରାସ୍ତାରେ ସଂଯୋଗ କରାଯାଇଛି । କଂକରିଳ ଶୁଷ୍କ ମୃତ୍ତିକା ହେତୁ ଗ୍ରାମାଞ୍ଚଳରେ ଗମନାଗମନର ଅସୁବିଧା ହୁଏ ନାହିଁ । ପାର୍ଶ୍ୱବର୍ତ୍ତୀ ମେଦିନୀପୁର, ସିଂହଭୂମି, ବାଲେଶ୍ୱର ଜିଲ୍ଲା ସହିତ ସ୍ଥାୟୀ ସଡ଼କ ସଂଯୋଗ ରହିଅଛି । ବାରିପଦା ମଧ୍ୟ ଦେଇ ଦକ୍ଷିଣ-ପୂର୍ବ ରେଳପଥର ଏକ ରେଳପଥ ରୁପ୍‌ସାଠାରେ ସଂଯୋଜିତ ହୋଇଅଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନିର୍ମିତ ରାସଗୋବିନ୍ଦପୁର ଥାନାର ରଙ୍ଗା ମାଟିଆଠାରେ ଏକ ଉଡ଼ାଜାହାଜ ଅବତରଣ ଘାଟୀ ଅବସ୍ଥିତ । ସ୍ୱାଧୀନତାର ପରବର୍ତ୍ତୀ କାଳରେ, ଆଲୋଚିତ ସମଗ୍ର ଅଞ୍ଚଳରେ ସରକାରୀ ଓ ବେସରକାରୀ ଉଦ୍ୟମରେ ବହୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ଥାପିତ ହୋଇ ପ୍ରାଥମିକ ସ୍ତରଠାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଆଧୁନିକ ଶିକ୍ଷା ବିସ୍ତାର ଲାଭ କରିଅଛି । ଅନ୍ତ୍ୟୋଦୟ ଚେତନା ମଣ୍ଡଳ, ଶୁଳିଆପଦା ଶାଖା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ସମାଜସେବା ଓ ଶିକ୍ଷା ମୂଳକ କାର୍ଯ୍ୟକ୍ରମମାନ ପରିଚାଳିତ ହେଉଛି ।

ଆଲୋଚ୍ୟ ଅଞ୍ଚଳ ମଧ୍ୟରେ ସୁବର୍ଣ୍ଣରେଖା ଆନ୍ତଃ ପ୍ରାଦେଶିକ ବୃହତ୍ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ହେଉଅଛି । ଜମ୍ବୀରାନଦୀ ସେଚ ପ୍ରକଳ୍ପ, ଗୁନ୍‌ଫା କ୍ଷୁଦ୍ର ସେଚ ପ୍ରକଳ୍ପ ସହିତ କେତେକ ବନ୍ଧ-ଯୋଜନା ଜଳ ସେଚନର ସୁବିଧା ନିମନ୍ତେ କାର୍ଯ୍ୟକାରୀ ହୋଇଛି । ଏତଦ୍‌ବ୍ୟତୀତ ଅନେକଗୁଡ଼ିଏ ଉଠାଜଳ ସେଚନ ସାଂଗକୁ ଗଭୀର ନଳକୂପ ମଧ୍ୟ ସ୍ଥାପିତ ହୋଇଛି ।

ପୂର୍ବରୁ ଲୋଧାମାନେ କେତେକ କାରଣ ବଶତଃ ଏକ ଅପରାଧ ପ୍ରବଣ ଗୋଷ୍ଠୀ ରୂପେ ପରିଚିତ ଥିଲେ । ସ୍ୱାଧୀନତା ଲାଭପରେ ଭାରତ ସରକାରଙ୍କ ଦ୍ୱାରା ଏହା ବାତିଲ

ହୋଇଛି । ଲୋଧାମାନଙ୍କର ସାମଗ୍ରିକ ବିକାଶ ନିମନ୍ତେ ମୋରଡ଼ାଠାରେ ଲୋଧା ଉନ୍ନୟନ ଏକ ଅଣୁ ସଂସ୍ଥା ନାମରେ ସଂସ୍ଥା ସ୍ଥାପିତ ହୋଇଛି । ଶୂଳିଆପଦା ଓ ମୋରଡ଼ା ବ୍ଲକ୍‌ର ଆଠଗୋଟି ଗ୍ରାମ ଯଥା: ପଥରନେସା, ଶଁଶାଶୋଳ, ଧବଣୀ, ନେକ୍‌ଡ଼ାପୁଞ୍ଜାଗ୍ରାମ (ଶୂଳିଆପଦା ବ୍ଲକ୍); ହାଣ୍ଡିଭଙ୍ଗା, ଚିକିଟା ମାଟିଆ, ଟିଆସୀ ଓ ପୂର୍ଣ୍ଣଚନ୍ଦ୍ରପୁର (ମୋରଡ଼ାବ୍ଲକ୍)କୁ ନେଇ ଲୋଧା ଉନ୍ନୟନ ସଂସ୍ଥା ନାମିତ ଲୋଧା ଅଣୁ ଯୋଜନା ୧୯୮୬ ମସିହାଠାରୁ କାର୍ଯ୍ୟକାରୀ ହେଉଅଛି । ଲୋଧାମାନଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା ଓ ସଂସ୍କୃତି ସଚେତନ କରାଇ ଅପରାଧ ପ୍ରବୃତ୍ତି ନିରୋଧ କରିବା ସହ ସହଜ ସରଳ ସାମାଜିକ ଜୀବନଯାପନ ଦିଗରେ ସହାୟକ ହେବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ସରକାରଙ୍କ ଏହି ଅଭିନବ ଉଦ୍ୟମ ଫଳରେ ଲୋଧାମାନେ ପୂର୍ବାପେକ୍ଷା ସଭ୍ୟ, ଶିକ୍ଷିତ ଓ ସଚେତନ ହେଉଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ଉଚ୍ଚଶିକ୍ଷା ଲାଭ କରି ସରକାରୀ ସଂସ୍ଥାମାନଙ୍କରେ ଦାୟିତ୍ୱ ସଂପନ୍ନ ପଦାଧିକାରୀ ରୂପେ କାର୍ଯ୍ୟ ନିର୍ବାହ କରୁଛନ୍ତି । ଅନେକ ପୁଅ ଝିଅ ପାଠ ପଢୁଥିଲେ ହେଁ ଉଚ୍ଚତର ଶ୍ରେଣୀରେ ଅଧାରୁ ପାଠପଢ଼ା ଛାଡ଼ିଦେଇ ଘରେ ପାରଂପରିକ ରୀତିରେ ଜୀବନଯାପନ କରୁଛନ୍ତି । ୧୯୮୬ ମସିହା ପୂର୍ବରୁ ମୟୂରଭଞ୍ଜର ଲୋଧାମାନେ ଶିକ୍ଷାକ୍ଷେତ୍ରରେ ୫%ରୁ କମ୍ ଥିଲେ ହେଁ ବର୍ତ୍ତମାନ ସମଗ୍ର ଜନସଂଖ୍ୟା ମଧ୍ୟରୁ ୧୮.୬୩ଜଣ ଶିକ୍ଷିତ ହେଲେଣି ।

ଅରଣ୍ୟ ସଂପଦ ଉପରେ ଚିର ନିର୍ଭରଶୀଳ ଲୋଧାମାନେ ଶିକାର ସହିତ ଅରଣ୍ୟ ଜାତ ଦ୍ରବ୍ୟ ସଂଗ୍ରହକାରୀ ରୂପେ ଜୀବନଯାପନ କରୁଥିଲେ । ସମୟର ପରିବର୍ତ୍ତନ କ୍ରମେ ଶିକ୍ଷାର ପ୍ରସାର ଓ ସଭ୍ୟତାର ବିସ୍ତାର ସଂଗେ ସଂଗେ ଠିକାଦାର ଅସାଧୁ ବ୍ୟବସାୟୀ ଓ କର୍ମଚାରୀମାନଙ୍କ ଚକ୍ରାନ୍ତ ଫଳରେ ଅରଣ୍ୟ ସଂପଦ ଦ୍ରୁତ କ୍ଷୟ ହେବାକୁ ଲାଗିଲା । ଫଳରେ ଲୋଧାମାନଙ୍କ ମୁକ୍ତ ସ୍ୱାଧୀନ ଜୀବନଯାପନ ଓ ଜୀବିକାରେ ବାଧା ଉପୁଜିଲା । ସେମାନେ ଜୀବିକାର୍ଜ୍ଜନ ଓ ପରିବାର ପୋଷଣ ପାଇଁ ଅଧିକ ବ୍ୟଗ୍ର ହୋଇ ଉଠିଲେ ।

ଇଂରେଜ ଶାସନ କାଳରେ ୧୯୧୬ ମସିହାରେ ପ୍ରବର୍ତ୍ତିତ ଆଇନ ବଳରେ ଲୋଧାମାନେ ଏକ ଅପରାଧ ପ୍ରବଣ ଗୋଷ୍ଠୀ ରୂପେ ଚିହ୍ନିତ ହୋଇଥିଲେ । ସ୍ୱାଧୀନତା ଲାଭ ପରେ ଭାରତ ସରକାରଙ୍କ ଘୋଷିତ କ୍ରିମିନାଲ ଟ୍ରାଇବସ୍ ଆକ୍ଟ ୧୯୫୨ ଅନୁସାରେ ପୂର୍ବର ଘୋଷଣା ରଦ୍ଦ ହୋଇଅଛି । ମଣିଷର ଅପରାଧ ପ୍ରବଣତା ଜନ୍ମଗତ କିମ୍ବା ପୁରୁଷାନୁକ୍ରମିକ ନୁହେଁ କିନ୍ତୁ ଆର୍ଥିକ ବ୍ୟବସ୍ଥାର ଉତ୍‌ଥାନ ପତନ ମଧ୍ୟରେ ଅରଣ୍ୟ ସଂପଦ ଉପରେ ଚିର ନିର୍ଭରଶୀଳ ଲୋଧାଗୋଷ୍ଠୀ ଏସବୁର ଦ୍ରୁତ ଅବକ୍ଷୟ କାଳରେ ନିଜର ସ୍ଥିତି ସମ୍ଭାଳିବାକୁ ଯାଇ ସମାଜର ମୁଖ୍ୟ ସ୍ରୋତରୁ ବିଛିନ୍ନ ହୋଇ ପଡ଼ିଥିଲେ । ପୂର୍ବରୁ ଆଞ୍ଚଳିକ ଜମିଦାର, ସର୍ଦ୍ଦାର ଓ ସରକାରଙ୍କ ପ୍ରବର୍ତ୍ତିତ ନୀତି ଫଳରେ ଅଧିକ ଚାଷଜମି ଓ ନୂଆ

ଜନବସତି ସ୍ଥାପନ ଉଦ୍ଦେଶ୍ୟରେ ଅବିଚାରିତ ଭାବରେ ଜଙ୍ଗଲ କ୍ଷୟ ଘଟିଥିଲା । ପରେ ପରେ ଅସାଧୁ ବ୍ୟବସାୟୀ, କର୍ମଚାରୀ, ଠିକାଦାରଙ୍କ କୁଚକ୍ରାନ୍ତ ଫଳରେ ଜଙ୍ଗଲ ସଂପଦ ସଂପୂର୍ଣ୍ଣ ନଷ୍ଟ ହୋଇଗଲା । ଏପରି ଅବସ୍ଥାରେ ଲୋଧାମାନେ ନିଜର ଜୀବନ ଓ ଜୀବିକା ପାଇଁ ଚୋରୀ, ଡକାୟତି, ରାହାଜନିକୁ ଉପାର୍ଜନର ପନ୍ଥାରୂପେ ଗ୍ରହଣ କଲେ । ସେମାନଙ୍କୁ ଧରି ଦମନ କରିବା ଆଳରେ ଯେଉଁ ପଦ୍ଧତି ସବୁର ପ୍ରୟୋଗ କରାଗଲା ତାହା ସେମାନଙ୍କୁ ଅଧିକ ହିଂସା ପ୍ରବଣ କଲା । ଅତ୍ୟାଚାର, ଅପମାନ, ଘୃଣା, ସାମାଜିକ ବାସନ୍ଦ, ଗୃହଦାୟ ପ୍ରଭୃତି ଉତ୍ପୀଡ଼ନ ଫଳରେ ସେମାନେ କ୍ରମଶଃ ଅସାମାଜିକ ହୋଇପଡ଼ିଲେ । ସେମାନଙ୍କ ଶାନ୍ତିପ୍ରିୟ ପାରମ୍ପରିକ ସାମାଜିକ ଜୀବନ ଓ ସାଂସ୍କୃତିକ ପରମ୍ପରା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଲା ।

ଏହି ପ୍ରକାର ଏକ ବିପର୍ଯ୍ୟସ୍ତ ଜନଗୋଷ୍ଠୀର ସାମାଜିକ ଜୀବନ ଓ ସାଂସ୍କୃତିକ ପରମ୍ପରା ଉପରେ ବର୍ତ୍ତମାନ ଅଧ୍ୟୟନ ପର୍ଯ୍ୟବସିତ । ସ୍ୱାଧୀନତା ପ୍ରାପ୍ତି ପରେ ସେମାନଙ୍କ ଜୀବନଯାତ୍ରା ଉପରେ ଅନୁକୂଳ ପ୍ରଭାବ ପଡ଼ିଥିବା ଦେଖାଯାଏ ।

**ଲୋଧାଜନଗୋଷ୍ଠୀ ସଂପର୍କିତ ପୌରାଣିକ ବର୍ଣ୍ଣନ ଓ ପ୍ରାରମ୍ଭିକ ଅଧ୍ୟୟନ:**

ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ଲୋଧାମାନେ ନିଜକୁ ଶବର ଗୋଷ୍ଠୀର ଅନ୍ତର୍ଭୁକ୍ତ କରି ଲୋଧା ଶବର ରୂପେ ପରିଚିତ କରାନ୍ତି । ସେମାନଙ୍କ ଓଡ଼ିଶାର ଦାରୁଦେବତା ଶ୍ରୀଜଗନ୍ନାଥଙ୍କ ପ୍ରତିଷ୍ଠା ବିଷୟ ନେଇ ପ୍ରଚଳିତ କାହାଣୀଟି ସହିତ ସଂପର୍କିତ । ମହାପ୍ରଭୁ ଶ୍ରୀଜଗନ୍ନାଥ ନୀଳମାଧବ ରୂପରେ ଗଭୀର ଅରଣ୍ୟ ମଧ୍ୟରେ ଶବର ମୁଖ୍ୟ ବିଶ୍ୱାବସୁଙ୍କ ଦ୍ୱାରା ପୂଜା ପାଉଥିଲେ । ବିଷ୍ଣୁଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନ ସ୍ୱପ୍ନାଦେଶ ପାଇ ତାଙ୍କର ବ୍ରାହ୍ମଣ ମନ୍ତ୍ରୀ ବିଦ୍ୟାପତିଙ୍କୁ ନୀଳମାଧବଙ୍କ ସନ୍ଧାନ ଓ ଦର୍ଶନ ନିମନ୍ତେ ପଠାଇଥିଲେ । ମନ୍ତ୍ରୀ ବିଦ୍ୟାପତି ବିଶ୍ୱାବସୁଙ୍କ ଘରେ ରହି ତାଙ୍କ ଝିଅ ଲଳିତାଙ୍କ ପ୍ରତି ପ୍ରେମାସକ୍ତ ହେଲେ ଓ ଶେଷରେ ବିବାହ କଲେ ଏବଂ କୌଶଳ କ୍ରମେ ଲଳିତାଙ୍କ ସାହାଯ୍ୟରେ ନୀଳମାଧବଙ୍କୁ ଦର୍ଶନ କରିଥିଲେ । ନିଜର ଉଦ୍ଦେଶ୍ୟ ପୂରଣ ପରେ ବିଦ୍ୟାପତି ଫେରିଯାଇ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନୀଳମାଧବଙ୍କ ସନ୍ଧାନ ଦେବା ପରେ ରାଜା ସୈନ୍ୟବଳ ସହ ଆସି ନୀଳମାଧବଙ୍କୁ ଘେନି ଯିବାକୁ ବସିଲେ । ଏଥିରେ ମହାପ୍ରଭୁ ନୀଳମାଧବ ରୁଷ୍ଟ ହୋଇ ଶୂନ୍ୟରେ ଉଭେଇ ଗଲେ ଏବଂ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଆକାଶବାଣୀ ଦ୍ୱାରା ପୁରୀରେ ଶ୍ରୀ ଜଗନ୍ନାଥଙ୍କ ଦାରୁ ବିଗ୍ରହ ନିର୍ମାଣ କରି ପ୍ରତିଷ୍ଠା ପୂର୍ବକ ଆରାଧନା କରିବାକୁ ନିର୍ଦ୍ଦେଶ ଦେଲେ । ଏହିପରି ଏକ ଅଘଟଣାରେ ଶବର ରାଜ ବିଶ୍ୱାବସୁ ଅତ୍ୟନ୍ତ ଅପମାନିତ, ଦୁଃଖିତ ଓ ମର୍ମାହତ ହେଲେ । ତେଣୁ ବିଶ୍ୱାବସୁଙ୍କ ଗୋଷ୍ଠୀର ଲୋଧା ଶବରମାନେ ଜଣେ ବ୍ରାହ୍ମଣଙ୍କର ଏପରି ଚକ୍ରାନ୍ତ ପୂର୍ଣ୍ଣ କାର୍ଯ୍ୟକୁ ଘୃଣା କରିଥାନ୍ତି । ଲୋଧାମାନେ ସେମାନଙ୍କର

ବିବାହ ପ୍ରଭୃତି ସାମାଜିକ ଅନୁଷ୍ଠାନରେ ବ୍ରାହ୍ମଣମାନଙ୍କୁ ନିଯୁକ୍ତ କରନ୍ତି ନାହିଁ କିମ୍ବା ସେମାନଙ୍କ ଘର ଖାଆନ୍ତି ନାହିଁ । ଅନ୍ୟ ଗୋଟିଏ ପୌରାଣିକ ଆଖ୍ୟାନ ଅନୁସାରେ ଦ୍ୱାରକାଧିପତି ଶ୍ରୀକୃଷ୍ଣ ଶେଷ ଜୀବନରେ ଅରଣ୍ୟ ମଧ୍ୟରେ ଶିଆଳି ଲଟାରେ ଶୋଇଥିବା ସମୟରେ ଶିକାରି ଜାରା ଶବର ଶ୍ରୀକୃଷ୍ଣଙ୍କ ସୁନ୍ଦର ପାଦଯୋଡ଼ିକୁ ହରିଣର କାନ ମନେକରି ତୀର ନିକ୍ଷେପ କରିଥିଲା । ତୀର ବିଦ୍ଧ ଶ୍ରୀକୃଷ୍ଣ ଆର୍ତ୍ତଚିତ୍କାର କଲା ଉତ୍ତାରୁ ମଣିଷ କଣ୍ଠସ୍ୱର ଶୁଣି ଜାରା ଶବର ନିଜର ଭ୍ରମ ବୁଝିପାରି ଭୟରେ ଧାଇଁ ପଳାଇଥିଲା । ଶ୍ରୀକୃଷ୍ଣ ଧାବମାନ ଜାରାକୁ ବାରଣ କରି ତାକୁ ନଧାଇଁବା ପାଇଁ ଅନୁରୋଧ କଲେ । ସେହି ନଧାଆଁ, ଧାଆଁନାହିଁ ଶବ୍ଦରୁ ନଧା/ନୋଧା/ଲୋଧା ଗୋଷ୍ଠୀର ଉତ୍ପତ୍ତି ହୋଇଥିବା ବିଷୟ ଲୋଧାମାନେ କହନ୍ତି ।

ପ୍ରଚଳିତ ଲୋକଗଳ୍ପ ଅନୁସାରେ ଦସ୍ୟୁ ରତ୍ନାକର ଲୋଧାମାନଙ୍କ ପୂର୍ବପୁରୁଷ । ସେ ଜଙ୍ଗଲ ରାସ୍ତାରେ ଲୁଚିରହି ପଥିକମାନଙ୍କୁ ହଇରାଣ ହରକତ କରି ସେମାନଙ୍କ ସମସ୍ତ ଜିନିଷ ଲୁଟ୍ କରିବା ସହ ହତ୍ୟା କରୁଥିଲା । ଦିନେ ଭଗବାନ ସାଧୁ ବେଶରେ ସେହି ବାଟରେ ଯାଉଥିବା ବେଳେ ରତ୍ନାକର ତାଙ୍କୁ ବାନ୍ଧି ପକାଇଲା ଓ ତାଙ୍କ ପରାମର୍ଶ ଅନୁସାରେ ଏହି ସବୁ ଅସତ୍ କର୍ମର ଫଳ ପାପରଭାଗୀ ହେବା ବିଷୟରେ ନିଜର ପରିବାର ସଦସ୍ୟମାନଙ୍କୁ ପଚାରିବାକୁ ଗଲା । ଫେରି ଆସି ନିଜର ଭୁଲ ବୁଝିପାରି ପରିବର୍ତ୍ତିତ ମନର ଦୃଢ଼ ସଂକଳ୍ପ କ୍ରମେ ରାମନାମ ଉଚ୍ଚାରଣରେ ଅସମର୍ଥ ରତ୍ନାକର ମରାମରା ଜପ କରି ସିଦ୍ଧ ହୋଇ ବାଲ୍ମୀକି ମହର୍ଷି ରୂପରେ ପୁର୍ନଜନ୍ମ ଲାଭ କରିଥିଲେ । ପୂର୍ବର ସେହି ଦସ୍ୟୁ ରତ୍ନାକର ଲୁବ୍ଧକ ରୂପେ ଲୁଣ୍ଠନକାରୀ କାର୍ଯ୍ୟ କରୁଥିବା ହେତୁ ଆଜିର ଲୋଧମାନେ ସେପରି କାର୍ଯ୍ୟ କରିଥାନ୍ତି ଓ ତାଙ୍କରି ବଂଶଧର ବୋଲି ଦାବି କରନ୍ତି ।

ଭାରତ ଜନଗଣନା ରିପୋର୍ଟ (୧୯୦୧) ଅନୁସାରେ ଲୋଧାମାନେ ପ୍ରକୃତ ପକ୍ଷେ ମଧ୍ୟପ୍ରଦେଶରୁ ସ୍ଥାନାନ୍ତରିତ ହୋଇଛନ୍ତି । ସେଠାରେ ଲୋଧା/ନୋଧ/ଲୁଧ୍ରି ନାମରେ କୃଷି ଉପରେ ନିର୍ଭରଶୀଳ ବିଶାଳ ଜନଗୋଷ୍ଠୀ ଅଦ୍ୟାବଧି ବାସ କରୁଥିବା ଦେଖାଯାଏ । ମେଦିନୀପୁର ଜିଲ୍ଲା ମାଜିଷ୍ଟ୍ରେଟ୍ ରିସ୍ଲିଙ୍କ ମତରେ ଲୋଧାମାନେ ଶବରଙ୍କ ସହ ସଂପର୍କିତ । ଅପର ପକ୍ଷରେ ମୟୂରଭଞ୍ଜ ଜିଲ୍ଲାରେ ବାସ କରୁଥିବା ଶବରମାନେ ଲୋଧାମାନଙ୍କ ଅପେକ୍ଷା ଉନ୍ନତତର । ହିନ୍ଦୁ ବ୍ରାହ୍ମଣମାନେ ସେମାନଙ୍କ ପୁରୋହିତ ରୂପେ କାର୍ଯ୍ୟ କରନ୍ତି । ଉଚ୍ଚ ବର୍ଣ୍ଣର ହିନ୍ଦୁଙ୍କ ଖଟଣୀ ବାରିକ ଧୋବା ସେମାନଙ୍କ ଦ୍ୱାରା ବାରିକ ଓ ଧୋବା ଭାବରେ ନିଯୁକ୍ତ ହୋଇଥାନ୍ତି । ସେମାନେ ଉଚ୍ଚଜାତିର ହିନ୍ଦୁମାନଙ୍କୁ ଜଳ ଦେଇ ପାରନ୍ତି ଏବଂ ସେମାନଙ୍କ ବାସନ ସଫା କରିବା ନୋଧାମାନଙ୍କ କ୍ଷେତ୍ରରେ ନିଷିଦ୍ଧ କାର୍ଯ୍ୟ । ମେଦିନୀପୁର ସହରରେ ବାସ କରୁଥିବା ଚିରମାରମାନେ ଏମାନଙ୍କ ବଂଶଧର ରୂପେ ପରିଗଣିତ ହୁଅନ୍ତି । ସେମାନେ ସାଧାରଣତଃ ଜାଲଦ୍ୱାରା ଚଢ଼େଇ ଶିକାର କରନ୍ତି । ସେମାନେ ଟସର, ଗୋଟି

ପୋକ, ଲାଖ, ଝୁଣା, ମହୁ, ମହମ ଆଦି ସଂଗ୍ରହ କରି ଜୀବିକାନିର୍ବାହ କରନ୍ତି । ମେଦିନୀପୁରରେ ସେମାନେ ବହୁ ବିବାହ ପ୍ରଥା ଅନୁସରଣ କରନ୍ତି । ସେମାନଙ୍କ ଗୋଷ୍ଠୀର କୋଟାଲମାନେ ସେହି ଗୋଷ୍ଠୀର ବିବାହ କାର୍ଯ୍ୟ ସଂପାଦନ କରନ୍ତି । ବର କନ୍ୟାର ହାତରେ ଲୁହାବଳା ପିନ୍ଧାଇବା ସହ ମଥାରେ ସିନ୍ଦୁର ପିନ୍ଧାଏ । ଶୀତଳା ସେମାନଙ୍କ ମୁଖ୍ୟ ଆରାଧ୍ୟ ଦେବୀ । ସେମାନେ ଶବଦାହ କରନ୍ତି ଓ ୧୯ଦିନ ପର୍ଯ୍ୟନ୍ତ ମୃତାଶୌଚ ପାଳନ କରନ୍ତି । ଏଗାର ଦିନରେ ସେମାନେ ବାଳ ଦାଢି କାଟି ଲୁଗାପଟା ସଫାକରି ଶୌଚକ୍ରିୟା ସଂପନ୍ନ କରନ୍ତି ଏବଂ ଜଣେ ଆଚାର୍ଯ୍ୟ ବ୍ରାହ୍ମଣ କିମ୍ବା ବୈଷ୍ଣବ ଗୋସାଇଁଙ୍କୁ କିଛି ପରିମାଣର ଚାଉଳ ଓ ଅଳ୍ପ ଅର୍ଥଦାନ ଦିଅନ୍ତି ।

ମେଦିନୀପୁର ଜିଲ୍ଲା ଗେଜେଟିଅର (୧୯୩୧)ରେ ଲୋଧାମାନଙ୍କ ଅପରାଧ ପ୍ରବଣତା ସଂପର୍କରେ ଏପରି ଉଲ୍ଲେଖ ରହିଅଛି ଯେ ମେଦିନୀପୁର ଓ ତାର ସୀମାନ୍ତ ଇଲାକାରେ ଡକାୟତି ଫଳରେ ଗଣ୍ଡଗୋଳ ଘଟୁଅଛି । ଏସବୁ ମୁଖ୍ୟତଃ ଲୋଧାଙ୍କ କାମ । ଲୋଧାମାନେ ନାରାୟଣଗଡ଼ ଓ ପାର୍ଶ୍ୱବର୍ତ୍ତୀ ଥାନାଞ୍ଚଳରେ ଦେଖାଯାଆନ୍ତି । କଥା ସମ୍ରାଟ ଫକୀର ମୋହନ ସେନାପତି ଆତ୍ମଜୀବନ ଚରିତରେ ମଧ୍ୟ ଲେଖିଛନ୍ତି:

"ହଳଦୀ ମଖାମଖି

ନାରାୟଣଗଡ଼ ପାରିହେଲେ କୁଟୁମ୍ବ ଦେଖାଦେଖି ।"

ଏକଦା ଏ ଅଞ୍ଚଳ ଠଗ/ ଦସ୍ୟୁ ଅଧ୍ୟୁଷିତ ଥିଲା । ଠଗମାନେ ପୁରୀ ଶ୍ରୀଜଗନ୍ନାଥ ଦର୍ଶନାର୍ଥୀ ଯାତ୍ରୀମାନଙ୍କ ଅର୍ଥ ଓ ବ୍ୟବହାର୍ଯ୍ୟ ଜିନିଷ ଲୁଣ୍ଠନ କରିବା ସହ ସେମାନଙ୍କୁ ହତ୍ୟା ମଧ୍ୟ କରୁଥିଲେ । ୧୯୫୧ ମସିହାର ଜନଗଣନା ରିପୋର୍ଟରେ ନିମ୍ନ ଲିଖିତ କେତେକ ବିଷୟ ଉଲ୍ଲେଖଥିବା ଦେଖାଯାଏ । ମେଦିନୀପୁର ବ୍ରାହ୍ମଣ-ବର୍ଜ୍ଜିତ ଗୋଷ୍ଠୀ ସହିତ ସଂପର୍କିତ । ଯେଉଁ ଯାଯାବର ଜାତିର ଲୋକମାନେ ଏକଦା ଗଂଗାଠାରୁ ଗୋଦାବରୀ ନଦୀ ମଧ୍ୟବର୍ତ୍ତୀ ବିସ୍ତୀର୍ଣ୍ଣ ଅଞ୍ଚଳରେ ବାସ କରୁଥିଲେ ସଂପ୍ରତି ସେମାନେ ଲୋଧା ନାମରେ ଶିକାରି ଜାତି ରୂପେ ପରିଚିତ ହୋଇଛନ୍ତି ।

**(୧) ପଥରନେସା ଗ୍ରାମ:** ମୟୂରଭଞ୍ଜ ଜିଲ୍ଲାର ବାରିପଦା ସବ୍‌ଡ଼ିଭିଜନ୍ ଅନ୍ତର୍ଗତ ଶୁଳିଆପଦା ଥାନା ଅଞ୍ଚଳର କଣ୍ଡିସାହି ଗ୍ରାମ ପଞ୍ଚାୟତ ଅନ୍ତର୍ଭୁକ୍ତ ପଥରନେସା ଏକ ଆଦିବାସୀ ବହୁଳ ଗ୍ରାମ । ଏ ଗ୍ରାମରେ ଲୋଧା ଓ ସାନ୍ତାଳ ଏପରି ଦୁଇଗୋଟି ଜନଗୋଷ୍ଠୀର ଲୋକ ବାସ କରନ୍ତି । ଗ୍ରାମରେ ଲୋଧା ଘର /ପରିବାର ସଂଖ୍ୟା ମୋଟ ୧୦୨ । ଲୋକସଂଖ୍ୟା ୩୯୨ । ତନ୍ମଧ୍ୟରୁ ପୁରୁଷ ୨୧୪ ଜଣ ଓ ସ୍ତ୍ରୀ ୧୭୮ ଜଣ (୧୯୯୭-୯୮) । ସାନ୍ତାଳ ପରିବାର ମୋଟ ୫୩ ।

ଶୁଳିଆପଦା ବଜାରଛକରୁ କଣ୍ଟିସାହି ଭୋଲା ରାସ୍ତାରେ ୫ କି.ମି. ଦୂରରେ ପଥରନେସା ଓ ଭୁତୁରୁଡ଼ିହି । ସାନ୍ତାଳ ବସତି ଗ୍ରାମର ସମ୍ମୁଖ ଭାଗରେ ଅବସ୍ଥିତ ଯାହା ଜୁଲିଆପଳା ମାଝୀ ସାହି ନାମରେ ନାମିତ । ପୁନଶ୍ଚ କେତେକ ପଥରନେସାଗ୍ରାମକୁ ଉପରସାହି, ମଝିସାହି ଓ ତଳସାହି ଏପରି ଭାବରେ କହୁଥିବା ଜଣାଯାଏ । ଉପରସାହିରେ ମାଝି, ମଝି ସାହି ଓ ତଳ ସାହିରେ ଲୋଧା ଗୋଷ୍ଠୀର ଲୋକମାନେ ବାସ କରନ୍ତି ।

ଏହି ଗ୍ରାମର ଲୋଧା ଅଧିବାସୀଙ୍କ ମଧ୍ୟରେ ଭକ୍ତା/ଭାଗ୍‌ତୀ, କଟୁଆଳ, ନାଏକ, ମଲିକ / ମଳିକ, ପରିମାଣିକ ସଂଜ୍ଞାର ଲୋକମାନେ ବାସ କରନ୍ତି । ଗ୍ରାମରେ ମୁଖିଆ, ଦେହୁରୀ, ଡାକୁଆ, ଗୁଣିଆ ପ୍ରଭୃତି ପାରମ୍ପରିକ କାର୍ଯ୍ୟାଧିକାରୀ ଅଛନ୍ତି । ଏତଦ୍‌ବ୍ୟତୀତ ଗ୍ରାମରେ ଜଣେ ଲୋଧା ଗୋଷ୍ଠୀର ନିର୍ବାଚିତ ମହିଳା ପ୍ରତିନିଧି (ୱାର୍ଡ଼ ମେମ୍ବର) ଅଛନ୍ତି ।

ଗ୍ରାମର ଅଧିକାଂଶ ଘର ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଛି । ଅଳ୍ପ କେତୋଟି ଭୁଗୁଡ଼ା/ନଡ଼ା ଛପର ଘର ରହିଅଛି । ଘରଗୁଡ଼ିକ ଛାଡ଼ି ଛାଡ଼ି ତିଆରି ହୋଇଛି ।

ଗ୍ରାମରେ ଗୋଟିଏ ଆବାସିକ ସରକାରୀ ଆଶ୍ରମ ବିଦ୍ୟାଳୟ (୭ମ ଶ୍ରେଣୀ ପର୍ଯ୍ୟନ୍ତ), ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ର, ଗୋଟିଏ ଲୋଧାମାନଙ୍କ କ୍ଲବ୍, ନନ୍‌ଫର୍ମାଲ୍ ଚାଟଶାଳୀ କେନ୍ଦ୍ର ଗୋଟିଏ, ସାପ୍ତାହିକ ହାଟ, ଦୁଇଗୋଟି ଥାନ- ବଡାମ ଓ ଶୀତଳା ମା ଥାନ ରହିଅଛି । ଖାଲଟି ପାଲଖାଲ ନାମରେ ନାମିତ ଓ ଏହା ମହାନ୍ତି ନଈ ସହ ମିଶିଛି । ପୂର୍ବେ ଏ ସ୍ଥାନ ଘଞ୍ଚ ଅରଣ୍ୟରେ ପରିପୂର୍ଣ୍ଣ ଥିଲା । ଏବେ ଜଙ୍ଗଲ ବିଲୁପ୍ତ ହୋଇଛି । ତେବେ ଅବଶିଷ୍ଟ ଜଙ୍ଗଲରେ ଏବେ ମଧ୍ୟ ଶାଳ, କେନ୍ଦୁ, ମହୁଲ, ଅସନ ହରିଡ଼ା, ଚାର, ପ୍ରଭୃତି ଛୋଟ ବଡ଼ ବହୁ ଗଛ ଓ ଔଷଧୀୟ ଗୁଳ୍ମଲତା ରହିଛି ।

ଏହି ଗ୍ରାମରେ ବର୍ତ୍ତମାନ ମୁଖ୍ୟତଃ ବୋବେଇ (ସବାଇ), ଧାନ, ଟସର ଏବଂ ସୋରିଷ, ତିଳ ପ୍ରଭୃତି ତୈଳବୀଜ ଚାଷ କରାଯାଇଥାଏ ।

ଅରଣ୍ୟରୁ ମୁଖ୍ୟତଃ ଜାଳେଣୀ ଓ ଘର ଉପକରଣ ଉପଯୋଗୀ କାଠ, ମହୁଲ, ଶାଳ ଓ ଚାର ମଂଜି ସଂଗୃହୀତ ହୁଏ । ଶାଳପତ୍ର, କେନ୍ଦୁପତ୍ର, ମହୁ, ଝୁଣା, ସହିତ ଲୋଧାମାନେ ଔଷଧୀୟ ଚେର ମୂଳୀ, ବହୁ ପ୍ରକାର ଖାଦ୍ୟୋପଯୋଗୀ ଆଳୁ, କନ୍ଦମୂଳ ଓ ଫଳ ସଂଗ୍ରହ କରିଥାନ୍ତି । ଗମନାଗମନର ସୁବିଧା ନିମନ୍ତେ ଗାଁର ମଝିରେ ମୋରମର କଚା ରାସ୍ତା ନିର୍ମିତ ହୋଇଛି ।

ପ୍ରାୟ ଆଠ/ଦଶ ବର୍ଷ କିମ୍ବା ଅଧିକ ବର୍ଷ ପୂର୍ବେ ପଥରନେସା ଗ୍ରାମରେ ଲୋଧା ଓ ମାଝୀମାନେ ମିଳିମିଶି ବାସ କରୁଥିବା ଜଣାଯାଏ । ବିଭିନ୍ନ କାରଣରୁ ଗଣ୍ଡଗୋଳ ହେବା ଫଳରେ ଲୋଧମାନଙ୍କୁ ସରକାର ଘର ଡ଼ିହ ଜମି ଯୋଗାଇଦେଇ ସେମାନଙ୍କୁ ଗୋଟିଏ

ସାହିରେ ବସବାସ କରିବାର ବନ୍ଦୋବସ୍ତ କରିଦେଇଛନ୍ତି । ଲୋଧା ସାହି ପୁଣି ମଝିସାହି ଓ ତଳସାହି ନାମରେ ବିଭକ୍ତ ।

ଧବଣିଗ୍ରାମ ଶୁଳିଆପଦା ଥାନା ଅନ୍ତର୍ଗତ ବାଘଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଭୁକ୍ତ । ଏହା ଶୁଳିଆପଦା ବ୍ଲକ୍‌ଠାରୁ ୧୪ କି.ମି. ଦୂର ଓ ବାଘଡ଼ାଠାରୁ ୫ କି.ମି. ଦୂର । ଧବଣି ଲୋଧା କଲୋନୀ (ଶଁଶାଶୋଳ)ରେ ମୋଟ ପରିବାର /ଘର ସଂଖ୍ୟା ୪୬ । ଲୋକସଂଖ୍ୟା ୧୭୩, ପୁରୁଷ ୯୫, ସ୍ତ୍ରୀ ୭୮ ଜଣ । ଏଠାରେ ନାଏକ ଓ ମଳିକ ସଂଜ୍ଞାଧାରୀ ଲୋଧା ବଂଶର ଲୋକେ ବାସ କରନ୍ତି । ତଳସାହିରେ ପୁରାଣ ଓ ବାରିକ ମିଶି ୪୩ ଘର । ଧବଣି ଗ୍ରାମରେ ଉଚ୍ଚ ପ୍ରାଥମିକ (୫ମ ଶ୍ରେଣୀ ପର୍ଯ୍ୟନ୍ତ) ବିଦ୍ୟାଳୟ, ଗୋଟିଏ ବାଲବାଡ଼ି-ନିଖିଳ ଭାରତ ବନବାସୀ ପଞ୍ଚାୟତ ସମିତି ଶିଶୁ ବିକାଶ କେନ୍ଦ୍ର ଓ ଲୋଧା ଉନ୍ନୟନ ସଂସ୍ଥା ମୋରଡ଼ା ତରଫରୁ ନିର୍ମିତ ଗୋଟିଏ ପକ୍‌କା କ୍ଲବ୍ ଘର ରହିଅଛି । କ୍ଲବ୍ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇଛି । କ୍ଲବ୍‌ଘରେ ଗୋଟିଏ ଟି.ଭି. ସେଟ୍ ରହିଅଛି ।

ଏହି ଗ୍ରାମରେ ଜଣେ ଲୋଧା ଲୋକ ପ୍ରତିନିଧି ୱାର୍ଡ଼ ମେମ୍ବର ଅଛନ୍ତି । ସେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । ତାଙ୍କ ସ୍ତ୍ରୀ ଅଙ୍ଗନବାଡ଼ି ଉପକେନ୍ଦ୍ରରେ ସହାୟିକା ଭାବେ କାର୍ଯ୍ୟ କରୁଛନ୍ତି । ସେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଛନ୍ତି ।

ଗ୍ରାମରେ ଗୋଟିଏ ବନ୍ଧ, ଗୋଟିଏ ନଳକୂଅ, ଦୁଇଗୋଟି କୂଅ, ଦୁଇଗୋଟି ଗଭୀର ନଳକୂଅ ରହିଅଛି ।

ଗାଁରେ ଲୋଧାଘରଗୁଡ଼ିକ ଲୋଧା ଉନ୍ନୟନ ସଂସ୍ଥା ତରଫରୁ ଯୋଗାଇ ଦିଆଯାଇଛି । ଘରଗୁଡ଼ିକ ମାଟି କାନ୍ଥ, ଟାଇଲ୍ କିମ୍ବା ଆଜବେଷ୍ଟସ୍ ଛପର । ଏକ କୋଠରି ବିଶିଷ୍ଟ ଘରେ ଗୋଟିଏ ଦ୍ୱାର ଓ ଗୋଟିଏ ଝରକା ଅଛି । ଗାଁରେ ଗୋଟିଏ ଦୁଇଟି ମାଟିଘର, ଚାଳ ଛପର । ଘରଗୁଡ଼ିକ ଛାଡ଼ିଛାଡ଼ି ହୋଇ ଅବସ୍ଥିତ ।

ଗ୍ରାମରେ ନଡ଼ିଆ, ଆମ୍ବ, ପଣସ, ପିଜୁଳି, ଲେମ୍ବୁ ପ୍ରଭୃତି ଫଳଗଛ ଅଛି । ପାଖରେ ବଣ । ବଣରେ ଶାଳ, ମହୁଲ, କେନ୍ଦୁ, ଅସନ, ଚାର ପ୍ରଭୃତି ଗଛ ଓ ଅନ୍ୟାନ୍ୟ ଲତା, ଗୁଳ୍ମ ରହିଅଛି ।

**ଗୃହପାଳିତ ପଶୁପକ୍ଷୀ :** ଛେଳି, ଗୋରୁ, କୁକୁଡ଼ା, କୁକୁର, ଗୁଣ୍ଡୁରୀ ଓ ଚିଡ଼୍‌ରୀ(ଶିକାରପାଇଁ) ପ୍ରଭୃତି ଗୃହପାଳିତ ପଶୁପକ୍ଷୀ ଥିବା ଦେଖାଯାଏ ।

**କୃଷିଜାତ ଦ୍ରବ୍ୟ:** ଏଠାରେ ୩୦ଟି ଲୋଧା ପରିବାରକୁ ସରକାରଙ୍କ ତରଫରୁ ୨ ଏକର ଲେଖାଁଏ ଚାଷ ଜମି ଯୋଗାଇ ଦିଆଯାଇଛି । ଚାଷର ସୁବିଧା ପାଇଁ ଜଳସେଚନ ନିମନ୍ତେ ଗଭୀର ନଳକୂଅ ବସାଯାଇଛି ଓ ତାହା ବିଦ୍ୟୁତ୍ ଚାଳିତ ଅଟେ । ଫଳରେ ସେମାନେ

ଧାନ, ଗହମ ଓ ତୈଳବୀଜ ଚାଷ କରିବା ସହିତ ବହୁ ପରିମାଣରେ ବୋବେଇ ଉତ୍ପନ୍ନ କରୁଛନ୍ତି ।

**ଅରଣ୍ୟଜାତ ଦ୍ରବ୍ୟ:** ସେମାନେ ଅରଣ୍ୟରୁ କାଠ, ମହୁଲ, ଶାଳ ଓ ଚାର ମଂଜି, ମହୁ, ଝୁଣା ପ୍ରଭୃତି ସଂଗ୍ରହ କରନ୍ତି । ଖଲିପତ୍ର ଓ ଦନା ତିଆରି କରିବା ନିମନ୍ତେ ଶାଳପତ୍ର, ବିଡ଼ି ତିଆରି ପାଇଁ କେନ୍ଦୁପତ୍ର ପ୍ରଭୃତି ଅରଣ୍ୟଜାତ ଦ୍ରବ୍ୟ ମଧ୍ୟ ଏମାନେ ସଂଗ୍ରହ କରନ୍ତି ।

ସେମାନେ ଛଉଦଳ ଗଠନ କରିଛନ୍ତି । ଛଉରେ ଧମସା, ନାଗରା, ମହୁରୀ, ଝୁମ୍‌କା ପ୍ରଭୃତି ବାଦ୍ୟଯନ୍ତ୍ର ରହିଅଛି । ପଣା ସଂକ୍ରାନ୍ତିରେ(ଛତୁଆ) ଛଉ ନାଚ ହୁଏ । ଏଠାକାର ଛଉ ଦଳର ନୃତ୍ୟ ଓଡ଼ିଶା ତଥା ଭାରତର ବହୁ ସ୍ଥାନରେ ପ୍ରଦର୍ଶିତ ହୋଇଛି । ଗ୍ରାମରେ ଛତୁଆ(ପଣାସଂକ୍ରାନ୍ତି), ରଜ, ଚିତଉ ଅମାବାସ୍ୟା, ଗହ୍ମା ପୂର୍ଣ୍ଣିମା, ବାନ୍ଦଣା, ମକର ପ୍ରଭୃତି ପର୍ବ ପାଳନ କରାଯାଏ ।

**ଗମନାଗମନ:** ଗ୍ରାମକୁ ଯିବାପାଇଁ ମୋରମ ରାସ୍ତାଟିଏ ରହିଅଛି । ରାସ୍ତାଟି ସିଂଗଡ଼ା-ବାଘଡ଼ା ମୁଖ୍ୟ ରାସ୍ତା ସହିତ ସଂଯୁକ୍ତ । ପୂର୍ବରୁ ଏହି ଗ୍ରାମରେ ପୁରାଣ, ବାଗିକ ଓ ଲୋଧାମାନେ ମିଶିକରି ରହୁଥିଲେ । ବର୍ତ୍ତମାନ ଲୋଧାମାନେ ଗୋଟିଏ ସ୍ୱତନ୍ତ୍ର ସାହିରେ ବାସ କରୁଛନ୍ତି ।

**ସାନ ଝାଉଁରୀ ଗ୍ରାମ :** ଗ୍ରାମ: ଝାଉଁରୀ, ପୋଷ୍ଟ: ଝାଟିଆଡ଼ା, ଦୁଧିଆ ଗ୍ରାମପଞ୍ଚାୟତ, ଥାନା- ଗୋପୀବଲ୍ଲଭପୁର, ଜିଲ୍ଲା: ମେଦିନୀପୁର । ଏହି ଗ୍ରାମଟି ବଡ଼ଝାଉଁରୀ ଓ ସାନଝାଉଁରୀ ଏହିପରି ଦୁଇ ଭାଗରେ ବିଭକ୍ତ । ଲୋଧାମାନେ ସାନଝାଉଁରୀ ଗ୍ରାମରେ ବାସ କରନ୍ତି । ବଡ଼ଝାଉଁରୀ ଗ୍ରାମରେ ଭଂଜ ପୁରାଣ ୧୨ ଘର, ସାନ୍ତାଳ ୧୦ ଘର ଓ ରାଜୁ- ୨ ଘର ବାସିନ୍ଦା । ଏଠାରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲଟିଏ ଅଛି । ସାନଝାଉଁରୀ ଗ୍ରାମ ପାଖଦେଇ ପଡ଼ିଥିବା ମାଟି ରାସ୍ତା ନୟାଗ୍ରାମ ଥାନାର ନିଘୋଇଠାରେ ପିଚୁ ସଡ଼କ ସହିତ ମିଶି ଗୋପୀବଲ୍ଲଭପୁରକୁ ଲାଗିଅଛି । ସାନ ଝାଉଁରୀ ଗ୍ରାମରେ ଲୋଧା ପରିବାର ସଂଖ୍ୟା - ୪୭, ଲୋକସଂଖ୍ୟା - ୨୧୪ । ପୁରୁଷ ୧୧୧ ଓ ସ୍ତ୍ରୀ ୧୦୩ । ଏଠାରେ ବାସ କରୁଥିବା ଲୋଧାମାନଙ୍କର ଭକ୍ତା, ମଲିକ, କଟାଲ, ନାଏକ ଆଦି ସଂଜ୍ଞା ରହିଅଛି । ଏହି ସାନଝାଉଁରୀ ଗ୍ରାମରେ କେନ୍ଦୁପତ୍ରର ସରକାରୀ ଗୋଦାମଟିଏ ରହିଅଛି ।ଏହି ଗ୍ରାମରେ ୨ଟି ଥାନ- ବଡ଼ାମ /ଗରାମ ଥାନ ଓ ଶୀତଳା ଥାନ । ଦୁଇଗୋଟି ବନ୍ଧ, ସାତଗୋଟି କୂଅ(ପକ୍‌କା କୂଆ) ରହିଅଛି । ଗ୍ରାମରେ ଗୋଟିଏ ଭୁଷି ଦୋକାନ ରହିଅଛି । ଏହି ଗ୍ରାମଟି ମୟୂରଭଞ୍ଜ, ଓଡ଼ିଶା ସୀମାଠାରୁ ଅନ୍ତତଃ ୧୪ କି.ମି. ଦୂରରେ ଅବସ୍ଥିତ । ଓଡ଼ିଶାର ସୀମାନ୍ତ ଶେଷ ଗ୍ରାମର ନାମ ହେଉଛି ପାଲ । ମୁଖ୍ୟ ରାସ୍ତା ପାର୍ଶ୍ୱରେ ବସତି । ବସତି ଭିତରକୁ ସଂଯୋଗକାରୀ ରାସ୍ତାଟିଏ ରହିଛି । ରାସ୍ତାର ଦୁଇ ପାଖରେ ଘର ସବୁ ନିର୍ମିତ ।

ସାନଝାଉଁରୀ ଗ୍ରାମ ଚାରିପାଖରେ ଥିବା ଅରଣ୍ୟରେ ଶାଳ, ମହୁଲ, କେନ୍ଦୁ, ଚାର, ଅସନ ପ୍ରଭୃତି ବହୁ ଜାତିର ସାନ ବଡ଼ ଗଛ ଓ ଔଷଧୀୟ ଲତା ଗୁଳ୍ମ ରହିଅଛି ।

ଏହି ଗ୍ରାମରେ ଲୋଧାମାନେ ପୁରୁଷାନୁକ୍ରମରେ ସ୍ଥାୟୀ କୃଷକ ଭାବରେ ବାସ କରୁଛନ୍ତି । ସେମାନଙ୍କର ଚାଷ ଜମି, ହଳ ଓ ବଳଦ ଅଛି । ଗ୍ରାମର କେତୋଟି ଘର ମାଟିର ଦୋତାଲା ତଥା ଟାଇଲ୍ ଛପର । କେତେକ ନଡ଼ା ଛପର । ଗ୍ରାମର ସ୍ୱଚ୍ଛଳ ବ୍ୟକ୍ତିଙ୍କ ମଧ୍ୟରେ ଭୁବନ ଭକ୍ତା ଦୁଇଶହ ମାଣ ଜମିଥିବା ବଡ଼ଚାଷୀ । ଅନେକ ଜମି ବିକ୍ରି କରି ଦେବାପରେ ତାଙ୍କର ବର୍ତ୍ତମାନ ଆଉ ୨୦/୨୫ ମାଣ ଚାଷ ଜମି ରହିଅଛି ।

**ଗୃହପାଳିତ ପଶୁ :** ଏହି ଗ୍ରାମର ଲୋଧାଲୋକମାନେ ବଳଦ, ଗାଈ, ଛେଳି, କୁକୁଡ଼ା, କୁକୁର ପ୍ରଭୃତି ପଶୁ ପକ୍ଷୀ ପାଳନ କରିଛନ୍ତି ।

**କୃଷି ଉତ୍ପାଦିତ ଦ୍ରବ୍ୟ :** ଗ୍ରାମର ଲୋକେ କୃଷି ଉପରେ ଊଣାଅଧିକ ନିର୍ଭର କରନ୍ତି । ଧାନ, ଗହମ, ସବାଇ, ସୋରିଷ, ଚିଳ ପ୍ରଭୃତି ଚାଷ ହୁଏ ।

**ଅରଣ୍ୟଜାତ ଦ୍ରବ୍ୟ:** ସାନଝାଉଁରୀ ଚାରିପାଖରେ ଶାଳର ଜଙ୍ଗଲ । ଶାଳ ବ୍ୟତୀତ ଜଙ୍ଗଲରେ ମହୁଲ, ଚାର, କେନ୍ଦୁ, ପ୍ରଭୃତି ଗଛ ଓ ଲତାଗୁଳ୍ମ ରହିଅଛି । ଅରଣ୍ୟରୁ ମହୁ, ଝୁଣା, ଶାଳ ଓ କେନ୍ଦୁପତ୍ର, ଚାର, ଶାଳ ଓ ମହୁଲ ମଂଜି, ମହୁଲ ଫୁଲ, ଜାଳେଣୀ କାଠ ପ୍ରଭୃତି ସଂଗୃହୀତ ହୁଏ ।

ଲୋଧାମାନେ ଆଦିବାସୀ ହେଲେ ହେଁ ହିନ୍ଦୁ ଧର୍ମର କେତେକ ରୀତିନୀତିରେ ଗ୍ରହଣ କରିଛନ୍ତି । ଏହି ଆଦିମ ଜନଗୋଷ୍ଠୀର ଗୌରବ ଦୀପ୍ତ କାହାଣୀ ଓ କିଂବଦନ୍ତୀ, ପାରମ୍ପରିକ ସାଂସ୍କୃତିକ ସଂପଦ, ଶୃଙ୍ଖଳିତ ସାମାଜିକ ଜୀବନ ଚର୍ଯ୍ୟା, ଇତ୍ୟାଦି ଏହି ସୁପ୍ରାଚୀନ ଜନଗୋଷ୍ଠୀର ସୁସ୍ଥ ସବଳ ଜୀବନୀ ଶକ୍ତିର ପରିଚାୟକ । ଲୋକପ୍ରିୟ ସରକାରଙ୍କ ଅଭିନବ ଉଦ୍ୟମ, ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ଜନସାଧାରଣଙ୍କ ନିଃସ୍ୱାର୍ଥପର ସେବା ପରାୟଣତା, ସହଯୋଗ, ସମ୍ବେଦନଶୀଳ ମନୋବୃତ୍ତି ଆଦି ପରିବର୍ତ୍ତିତ ସମୟର ଆବଶ୍ୟକତାନୁଯାୟୀ ଲୋଧାମାନଙ୍କ ଶାନ୍ତିପୂର୍ଣ୍ଣ ଜୀବନଯାପନରେ ସହାୟକ ହେବ, ଏହା ନିଃସନ୍ଦେହରେ କୁହାଯାଇପାରେ ।

# ଖାଦ୍ୟାଭ୍ୟାସ

ମନୁଷ୍ୟ ହେଉଛି ସର୍ବଶ୍ରେଷ୍ଠ ସାମାଜିକ ପ୍ରାଣୀ । ଜୀବନକୁ ସରସ ସୁନ୍ଦର କରି ଗଢି ତୋଳିବା ପାଇଁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଆଦି ନିହାତି ଆବଶ୍ୟକ । ଏହି ଆବଶ୍ୟକତା ଗୁଡିକର ପୂରଣ ପାଇଁ ମନୁଷ୍ୟ ବାରମ୍ବାର ଉଦ୍ୟମ କରିଥାଏ । ସଫଳତା ହାସଲ ନହେବା ପର୍ଯ୍ୟନ୍ତ ପ୍ରକୃତି ଉପରେ ନିର୍ଭର କରିଥାଏ ଏବଂ ନିଜ ଉଦ୍ୟମରେ କୁଣ୍ଠାବୋଧ କରି ନଥାଏ । ଏଥିପାଇଁ  କଠିନ ପରିଶ୍ରମରେ ଆହୂତି ଦିଏ ନିଜ ଶରୀରକୁ । ମନୁଷ୍ୟ ଆବଶ୍ୟକ କରୁଥିବା ଉପାଦାନ ଗୁଡ଼ିକ ମଧ୍ୟରେ ଖାଦ୍ୟ ହେଉଛି ପ୍ରଧାନ । ଖାଦ୍ୟ ବିନା ମନୁଷ୍ୟ ବଞ୍ଚିରହିବା ଅସମ୍ଭବ ।  ମନୁଷ୍ୟମାନଙ୍କ ମଧ୍ୟରେ ଖାଦ୍ୟପେୟର ଭିନ୍ନତା ଦେଖାଯାଇପାରେ କିନ୍ତୁ ଏହାର ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ ।

## ମୁଖ୍ୟ ଖାଦ୍ୟ :

ଲୋଧା ଗୋଷ୍ଠୀର ଲୋକମାନେ ଜୀବନ ଧାରଣ ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ଭୋଜନ କରନ୍ତି । ବିଶେଷତଃ ଭାତ, ଗରମ ବା ପଖାଳ ଓ ନାନା ଜାତିର ଶାଗକୁ ମୁଖ୍ୟ ଖାଦ୍ୟ ହିସାବରେ ଗ୍ରହଣ କରିଥାନ୍ତି । ବୟସ୍କ ବ୍ୟକ୍ତିମାନେ ଏହି ମୁଖ୍ୟ ଖାଦ୍ୟ ସହିତ ହାଣ୍ଡିଆକୁ ଓ ଶିଶୁମାନେ ଫଳମୂଳକୁ ପ୍ରତିଦିନ ଦୈନନ୍ଦିନ ଖାଦ୍ୟ ରୂପେ ଗ୍ରହଣ କରନ୍ତି ।

## ଗୌଣ ଖାଦ୍ୟ :

ଲୋଧା ଲୋକମାନେ କେତେକ ଖାଦ୍ୟକୁ ସହକାରୀ ଖାଦ୍ୟ ହିସାବରେ ଆହାର କରିଥାନ୍ତି । ଏଥି ମଧ୍ୟରୁ ମହୁଲ ସିଝା (ମହୁଲ ମୁଆଁ), ମହୁଲ ଖିରି, ମାଂସ ପୁଡା, ଗେଣ୍ଡା ପୁଡା,  କଙ୍କଡା ପୁଡା, ପଣସ ସିଝା, ଚୂଡା, ମୁଢି, ଆଳୁ ସିଝା, ମାଂସ ପଚୁଆ, ଗେଣ୍ଡା ପଚୁଆ, କଙ୍କଡା ପଚୁଆକୁ ପ୍ରଧାନ ସହକାରୀ ଖାଦ୍ୟ ହିସାବରେ ଗ୍ରହଣ କରିଥାନ୍ତି । ପୁଣି ଜଙ୍ଗଲରୁ ସଂଗୃହିତ ଏକପ୍ରକାର ଚେର ଚାମୁଆକୁ ନିଆଁରେ ପୋଡି  ଆହାର କରନ୍ତି । ବୃଦ୍ଧ ଲୋକମାନେ ସାଧାରଣତଃ ହାଣ୍ଡିଆ, ମଦ ସହିତ ମାଂସ ପୁଡା, ମାଂସ ପଚୁଆ, ଗେଣ୍ଡା ପୁଡା, ଗେଣ୍ଡା ପଚୁଆ, କଙ୍କଡା ପୁଡା, କଙ୍କଡା ପଚୁଆକୁ ସହକାରୀ ଖାଦ୍ୟ ହିସାବରେ ବ୍ୟବହାର କରିଥାଆନ୍ତି । ଏହା ଅତ୍ୟଧିକ ଆହାର କଲେ ନିଶା ସକ୍ରିୟ ହୋଇ ଗୀତ-ନାଚ ଆରମ୍ଭ କରନ୍ତି, ଗୀତରେ କହନ୍ତି -

ଦିନ  ଗେଲ ସମାଏ ଗେଲ
କବେ ଆର ହାମିଖାବ ଭାଲ

ହାଁସିବ ଖେଳିବ
ନିଶା ଭୋର ଖାବ
ଆରହିଁ ଖାବ ପୁଡା ମାଂସ ସଙ୍ଗେ
ହାଣ୍ଡିଆ ମଦ ରଙ୍ଗେ ରଙ୍ଗେ ।

ଏହାର ଅର୍ଥ ହେଲା, ବୃଦ୍ଧା, ବୃଦ୍ଧଙ୍କ ଧଂରେ ଧଂରେ ବଞ୍ଚିବାର ଆୟୁଷ ଦିନକୁ ଦିନ ସରି ଯାଉଛି । ତେଣୁ ବଞ୍ଚିଥିବା ପର୍ଯ୍ୟନ୍ତ ମଦ, ହାଣ୍ଡିଆ, ମାଂସକୁ ଖୁସିରେ ଖାଇବା ଓ ଜୀବନକୁ ଉପଭୋଗ କରିବା ।

## ସହାୟକ ଖାଦ୍ୟ ତାଲିକା:

ନିଜ ପରିଶ୍ରମ ବଳରେ ଜଙ୍ଗଲର ମାଲଭୂମି ଅଞ୍ଚଳରେ ଉତ୍ପାଦନ କରିଥିବା ଖାଦ୍ୟ ମଧ୍ୟରେ ସହାୟକ ଖାଦ୍ୟ ପାଇଁ କୋଳଥ, ମୁଗ, ହରଡ, ଜାରା, ଶିମ୍ବ, ଘଙ୍ଗରା ଇତ୍ୟାଦିକୁ ଚାଷ କରିଥାନ୍ତି ଓ ଏହି ଶସ୍ୟକୁ ମୁଖ୍ୟ ସହାୟକ ଖାଦ୍ୟ ହିସାବରେ ଗ୍ରହଣ କରିଥାନ୍ତି । ଏହା ଛଡା ଶାଗ ମଧ୍ୟରେ ପୋଇ ଶାଗ, ସଜନା ଶାଗ, କୋଶଲା ଶାଗ, କଖାରୁ ଶାଗ, ଲାଉ ଶାଗ, ଖଟା ପାଳଙ୍ଗ, ସାରୁ ପତ୍ର, କାଞ୍ଚନ ବା ଡାଳ ଶାଗ, ମାଠା ଶାଗ, ନରଡଙ୍କ ଶାଗ ଇତ୍ୟାଦିକୁ ବ୍ୟବହାର କରନ୍ତି । ଏହା ବ୍ୟତୀତ ବିଭିନ୍ନ ପ୍ରକାର ପନିପରିବା ଯଥା- ଲାଉ, କଖାରୁ, ବୋଇତାଳୁ, ବାଇଗଣ, ଅମୃତଭଣ୍ଡା, କଲରା, ଭେଣ୍ଡି, ଖମ୍ବଆଳୁ, କନ୍ଦମୂଳ ଓ ତୁଙ୍ଗା ଆଳୁ ସିଝାଇ କିମ୍ବା ପୋଡି ଖାଦ୍ୟ ହିସାବରେ ଗ୍ରହଣ କରିଥାନ୍ତି । ପୁଣି ମାଛ, ମାଂସ, ଶୁଖୁଆ, ଚୂନ୍ଟ, ପିଆଜ, ଲଙ୍କା, ଲୁଣକୁ ସହାୟକ ଖାଦ୍ୟ ହିସାବରେ ବ୍ୟବହାର କରନ୍ତି ।

## ଦୈନନ୍ଦିନ ଖାଦ୍ୟ :

ଲୋଧା ଲୋକମାନେ କିଞ୍ଚିତ ପଖାଳ ଭାତ ଖାଆନ୍ତି । ଜଙ୍ଗଲରୁ ସଂଗୃହିତ ତୁଙ୍ଗା ଆଳୁ, କଙ୍କଡା, ଗେଣ୍ଡା, ଶାମୁକାକୁ ପ୍ରାୟତଃ ଖାଇଥାନ୍ତି । ଏତଦ୍ ବ୍ୟତୀତ ଘରବାଡିରୁ ଉତ୍ପାଦିତ ଜହ୍ନି, ଅମୃତଭଣ୍ଡା, ବାଇଗଣ, କାକୁଡି ଇତ୍ୟାଦିକୁ ଦୈନନ୍ଦିନ ଖାଦ୍ୟରେ ଗ୍ରହଣ କରିଥାନ୍ତି । ଦୈନନ୍ଦିନ ଜୀବନରେ ମୁଖ୍ୟ ଖାଦ୍ୟ ହିସାବରେ ଭାତ, ହାଣ୍ଡିଆକୁ ବେଶୀ ଗୁରୁତ୍ୱ ଦେଇ ଏହାକୁ ଗ୍ରହଣ କରିଥାନ୍ତି । ଦୈନନ୍ଦିନ ଖାଦ୍ୟ ପାଇଁ ସେମାନେ ପୂର୍ବରୁ ଚୋରି କରିବା ବୃତ୍ତିକୁ ପ୍ରାଧାନ୍ୟ ଦେଉଥିଲେ ମଧ୍ୟ ବର୍ତ୍ତମାନ ତାହାକୁ ବନ୍ଦ କରି ନିଜର କଷ୍ଟଲବ୍ଧ ସ୍ୱଅର୍ଜିତ ସମ୍ପଦରେ ଦୈନନ୍ଦିନ ଜୀବନରେ ଖାଦ୍ୟର ଆବଶ୍ୟକତାକୁ ମେଣ୍ଟାଉଛନ୍ତି ।

## ପର୍ବପର୍ବାଣିରେ ଖାଉଥିବା ଖାଦ୍ୟ ତାଲିକା:

ବର୍ଷକୁ ବାର ମାସରେ ତେର ପର୍ବ । ଲୋଧା ଲୋକମାନେ କେତେକ ପର୍ବକୁ ଖୁବ୍ ଆଡମ୍ବର ସହକାରେ ପାଳନ କରନ୍ତି । ତା ମଧ୍ୟରେ ମକର ପର୍ବ, ରଜପର୍ବ, କରମ୍ ଏକାଦଶୀ ପର୍ବ, ଚିତାଉ ପର୍ବ, ଗହ୍ମାପର୍ବ, କାଳୀପୂଜାରେ ବାନ୍ଦନା ପର୍ବ, ହୋଲି ପ୍ରଭୃତି ପ୍ରଧାନ । ଏହି ପର୍ବପର୍ବାଣିରେ ସେମାନେ ବିଭିନ୍ନ ପ୍ରକାର ଖାଦ୍ୟ ଖାଇଥାନ୍ତି । ଏହି ଖାଦ୍ୟ ଗୁଡିକ ହେଲା -

**ମକର ପର୍ବ :** ଲୋଧାମାନେ ମକର ପର୍ବକୁ ସର୍ବଶ୍ରେଷ୍ଠ ପର୍ବ ବୋଲି ମନେ କରି ଆବାଳ ବୃଦ୍ଧ ବୃଦ୍ଧା ସମସ୍ତେ ପ୍ରାୟତଃ ନୂଆ ପୋଷାକ ପିନ୍ଧିବା  ସହିତ ମାଛ, ମାଂସ, ଚୂଡା, ମୁଢିରେ ଗୁଡ ଚିନି ପରିବର୍ତ୍ତେ ମହୁ ମିଶାଇ ଖାଆନ୍ତି । ପରିବାରର ମୁଖ୍ୟ /ଇଷ୍ଟ ଦେବତାଙ୍କୁ ହାଣ୍ଡିଆର ଉପର ଅଂଶ ରସିକୁ କୁକୁଡା ବଳୀ ଦେଇ ପୂଜା କରିବା ପରେ ଅନ୍ୟ ଖାଦ୍ୟ ଖାଆନ୍ତି । ବୟସ୍କ ବ୍ୟକ୍ତିମାନେ ହାଣ୍ଡିଆ ପାନ କରିଥାନ୍ତି । ପ୍ରାୟ ତିନି/ଚାରି ଦିନ ଧରି ଏହି ପର୍ବକୁ ଖୁବ୍ ଆଡମ୍ବର ସହିତ ପାଳନ କରିଥାନ୍ତି । ପର୍ବଦିନ ସକାଳେ ସମସ୍ତେ ବାଧ୍ୟତାମୂଳକ ଗାଧୋଇ ଚୂଡା ସହିତ ମହୁକୁ ମିଶାଇ ଖାଇଥାନ୍ତି । ଏହି ପର୍ବରେ ଖାଉଥିବା ଖାଦ୍ୟର ମାନ ଅନ୍ୟ ଯେ କୌଣସି ପର୍ବର ଖାଦ୍ୟଠାରୁ ଉତ୍କୃଷ୍ଟ ।

**ରଜପର୍ବ:** ଏହି ପର୍ବରେ ଜଙ୍ଗଲରୁ ଶିକାର କରି ଆଣିଥିବା ହରିଣ, ଠେକୁଆ, ଝିଙ୍କ,କୁଟୁରା ମାଂସ, ଘରେ ପାଳିଥିବା କୁକୁଡାର ମାଂସ, ପଣସ, ମୁଢି ଖାଇଥାନ୍ତି । ଏହା ସହିତ ହାଣ୍ଡିଆ ମଦର ବହୁଳ ବ୍ୟବହାର କରିଥାନ୍ତି । ଏ ସବୁ ପାନୀୟ ସେବନ କରି ରଜ ଗୀତ ଗାଇ ଗାଁ ଦାଣ୍ଡରେ ବୁଲନ୍ତି ।

**ହୋଲି (ଶାଳପୂଜା):** ଏହି ପର୍ବରେ ସେମାନେ ଶାଳଗଛ ମୂଳରେ ସାମାଜିକ ପ୍ରଥାନୁଯାୟୀ ପ୍ରାୟ ସମସ୍ତେ ଏକତ୍ରିତ ହୋଇ ଠାକୁର ଠାକୁରାଣୀଙ୍କୁ ଦୁଇଟା କୁକୁଡା (କଳା, ଧଳା) ପୂଜା କରନ୍ତି । ସେହି ସ୍ଥାନରେ ଭୋଗ ହୋଇଥିବା ଖାଦ୍ୟକୁ ସମସ୍ତେ ଭୋଜନ କରି ଘରକୁ ଫେରନ୍ତି । ସେତେବେଳେ କିଛି ମହୁଲ, ଶାଳ ଫୁଲ ଏବଂ ଆମ୍ବ ବ୍ୟବହାର କରନ୍ତି । ସେହିଦିନଠାରୁ ମହୁଲ, ଶାଳମଞ୍ଜି ଏବଂ ଆମ୍ବ ବ୍ୟବହାର ଆରମ୍ଭ କରି ସଂଗ୍ରହ କରନ୍ତି । ଏହିଭଳି ହୋଲି ପର୍ବକୁ ସମ୍ମିଳିତ ହୋଇ  ପାଳନ କରି ନିଜକୁ ଧନ୍ୟ ମନେ କରନ୍ତି ।

ଅନ୍ୟାନ୍ୟ ପର୍ବମାନଙ୍କରେ ଯଥା-ଗହ୍ମାପର୍ବ, ଚିଚାଉ ପର୍ବ, କାଳୀ ପୂଜାରେ ମାଛ, ମାଂସ, ପିଠା ପଣା କରି ଖାଇଥାନ୍ତି ।

## ଶିଶୁ ଓ ଛୋଟ ପିଲାଙ୍କ ପାଇଁ ଖାଦ୍ୟ:

ଲୋଧାମାନଙ୍କ ଶିଶୁ ଓ ଛୋଟ ପିଲାଙ୍କ ପାଇଁ କେତେକ ଉପାଦେୟ ଖାଦ୍ୟ ରହିଛି । ଯେଉଁ ଶିଶୁ ଜନ୍ମଲାଭ କରେ ତାକୁ ମାଆ କ୍ଷୀର ନଆସିବା ପର୍ଯ୍ୟନ୍ତ ଟ୍ରେଲିକ୍ଷୀର କିମ୍ବା ଫୁଟା ଥଣ୍ଡା ପାଣି ସହିତ ମହୁକୁ ମିଶାଇ ଖାଇବାକୁ ଦିଆଯାଏ । ମାଆ କ୍ଷୀର ଆସିଲେ ମାଆ କ୍ଷୀର ଦିଆଯାଏ । ତେଣୁ ମାଆ କ୍ଷୀର ଶିଶୁର ପ୍ରଧାନ ଖାଦ୍ୟ । ଉଷୁନା ଚାଉଳ ଚୂନାରେ ପିଠା ତିଆରି କରି ଶିଶୁକୁ ପ୍ରତିଦିନ ସକାଳେ ଖାଇବାକୁ ଦିଆଯାଏ । ସିଝା ତୁଙ୍ଗା ଆଳୁକୁ ଚକଟି ଗୁଣ୍ଡ କରି ସେଥିରେ ମହୁ ମିଶାଇ ଖାଦ୍ୟ ପ୍ରସ୍ତୁତ କରି ଶିଶୁକୁ ଦିଆହୁଏ । ଛୋଟ ଶିଶୁକୁ ତୁଙ୍ଗା ଆଳୁ, ଅଳ୍ପ ପଖାଳ ଖାଦ୍ୟ ହିସାବରେ ଦିଆଯାଇଥାଏ । ଏତଦ୍ ବ୍ୟତୀତ ସିଝା ତୁଙ୍ଗା ଆଳୁ, ସିଝା ଖମ୍ବ ଆଳୁ ସହିତ ମହୁକୁ ମିଶାଇ ଏହାକୁ ଉତ୍କୃଷ୍ଟ ଖାଦ୍ୟ ବୋଲି ଭାବି ଖାଇବାକୁ ଦିଅନ୍ତି ।

## ଗର୍ଭବତୀ ମହିଳା ଓ ଦୁଗ୍ଧଦାତ୍ରୀ ମାଆଙ୍କ ଖାଦ୍ୟ:

**ଗର୍ଭବତୀ ମହିଳା ପାଇଁ ଖାଦ୍ୟ :** ଗର୍ଭବତୀ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ପୁଷ୍ଟିସାର ଖାଦ୍ୟ ରୂପେ କିଞ୍ଚିତ ପଖାଳ ଭାତ, ଆଳୁ ସିଝା (ଖମ୍ବ ଆଳୁ ଓ ତୁଙ୍ଗା ଆଳୁ) ମାଛ, ମାଂସ, ମହୁ, ଘିଅ ଗ୍ରହଣ କରନ୍ତି । ଏହା ବ୍ୟତୀତ ଶାଗ ମଧ୍ୟରେ ଖଡ଼ା ଶାଗ, ପାଳଙ୍ଗ ଶାଗ, ବୋଇତାଳୁ ଶାଗ, ଲାଉ ଶାଗ, ଚାକୁଣ୍ଡା ଶାଗ ଖାଇଥାନ୍ତି । ପନିପରିବା ମଧ୍ୟରେ ଜହ୍ନି, ଭେଣ୍ଡି, କଲରା, ବାଇଗଣ, ଖମ୍ବ ଆଳୁ, ତୁଙ୍ଗା ଆଳୁକୁ ସିଝାଇ ଚକଟି ଗୁଣ୍ଡ କରି ଖାଆନ୍ତି ।

## ଦୁଗ୍ଧଦାତ୍ରୀ ମାଆପାଇଁ ଖାଦ୍ୟ:

ଦୁଗ୍ଧଦାତୀ ମାଆ ନବଜାତ ଶିଶୁ ଜନ୍ମ ପରେ ସ୍ୱତନ୍ତ୍ର ଖାଦ୍ୟ ବ୍ୟବହାର କରିଥାଏ । ପ୍ରାୟ ସାତଦିନ ପର୍ଯ୍ୟନ୍ତ ସିଝା କୋଳଥ ପାଣି, କରଞ୍ଜ ଗଛର ଛାଲିକୁ ପାଣିରେ ସିଝାଇ ଖାଇବାକୁ ଦିଆଯାଏ । ପନିପରିବା ମଧ୍ୟରେ ବାଇଗଣ, ଜହ୍ନି, ଭେଣ୍ଡି, କଲରା, ଅମୃତଭଣ୍ଡା, ଶାଗ ମଧ୍ୟରେ ସଜନା ଶାଗ, ବୋଇତାଳୁ ଶାଗ, ଲାଉ ଶାଗ ଇତ୍ୟାଦି ଖାଇଥାନ୍ତି । ସେହିପରି ଫଳ ମଧ୍ୟରେ କେନ୍ଦୁ, ଘରକୋଳି, ବର କୋଳି ଇତ୍ୟାଦି ଖାଇଥାନ୍ତି । ପୁଣି ଗରମ ବା ପଖାଳ ଭାତ ସହିତ ଲୁଣ ଓ ରସୁଣ ଖାଇବାକୁ ଦିଆଯାଏ । ଶୁଣ୍ଠି, ପିପ୍ପଳୀ, ହାଲିମ, କଳଜୀରା ମଧ ଦିଆଯାଏ ।

## ନିଷେଧ ଖାଦ୍ୟ:

ଖଟା ପଖାଳ, ତୋରାଣୀ, ଲଙ୍କା, ବିଭିନ୍ନ ପ୍ରକାର ଶାଗ, ଖଟା ଶାଗ, ମାଠା ଶାଗ, ପୋଇ ଶାଗ, ହାଣ୍ଡିଆ, ମଦ, ମାଛ, ମାଂସ ଛୋଟ ଶିଶୁଙ୍କୁ ଖାଇବାକୁ ବାରଣ

କରାଯାଇଥାଏ । ସେହିଭଳି ଗର୍ଭବତୀ ମହିଳାମାନଙ୍କୁ ମେଣ୍ଢା ମାଂସ, ଗୟଳ ମାଂସ, କରାଣ୍ଡି ମାଛ, ଚିଙ୍ଗୁଡି ମାଛ, ସାମୁଦ୍ରିକ ମାଛ, ପୋଇ ଶାଗ, ବୋଇତାଳୁ ଶାଗ, ମାଠା ଶାଗ ଇତ୍ୟାଦି ଖାଇବାକୁ ନିଷେଧ କରାଯାଇଥାଏ । କିନ୍ତୁ ଆମିଷ ସେମାନଙ୍କ ପ୍ରିୟ ଖାଦ୍ୟ ହେଲେ ମଧ୍ୟ ନିବାରଣ ସମୟରେ ସ୍ତ୍ରୀ ଲୋକମାନେ ଏହାକୁ ନିଷ୍ଠାର ସହିତ ପାଳନ କରିଥାନ୍ତି ।

## ନିରାମିଷ ଓ ଆମିଷ ଖାଦ୍ୟ ସମ୍ବନ୍ଧୀୟ ଧାରଣା:

ଉଭୟ ପୁରୁଷ ଓ ସ୍ତ୍ରୀ ଆମିଷ ଖାଦ୍ୟ ଖାଇଲେ ଦେହ ଗଠନରେ ଏହା ସାହାଯ୍ୟ କରେ ଓ ରକ୍ତ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଶରୀର ବଳବାନ ହୁଏ ବୋଲି ବିଶ୍ୱାସ କରନ୍ତି । ଆମିଷ ଖାଦ୍ୟ ହିସାବରେ ହରିଣ ମାଂସ, ବାରହା ମାଂସ, ଗୟଳ ମାଂସ, ଝିଙ୍କ ମାଂସ, କୁକୁଡା ମାଂସ, ଖାସି ମାଂସ ସେମାନଙ୍କର ଅତି ପ୍ରିୟ । ଏତଦ୍ ବ୍ୟତୀତ କୁକୁଡା, କଇଁଛ,ହଂସ ଓ ମୟୂରର ଅଣ୍ଡାକୁ ଆମିଷ ଦ୍ରବ୍ୟ ରୂପେ ଗ୍ରହଣ କରିଥାନ୍ତି । ଶରୀରରେ ଶକ୍ତିବୃଦ୍ଧି ପାଇଁ ଏହି ଖାଦ୍ୟରେ ପୁଷ୍ଟିସାର ଭରପୂର ହୋଇ ରହିଛି ବୋଲି ବିଶ୍ୱାସ କରିଥାନ୍ତି । ତେଣୁ ପର୍ବପର୍ବାଣିରେ ଏହାକୁ ଏକ ଅତ୍ୟାବଶ୍ୟକ ଖାଦ୍ୟଦ୍ରବ୍ୟ ହିସାବରେ ପରିଗଣିତ କରଥାନ୍ତି ।

ଯଦିଓ ଆମିଷ ଖାଦ୍ୟର ଖାଦ୍ୟପ୍ରାଣ ଓ ସବୁ ସମୟରେ ଏହା ମିଳୁ ନଥିବାରୁ ସେମାନଙ୍କ ଦୈନନ୍ଦିନ ଜୀବନରେ ନିରାମିଷ ଖାଦ୍ୟର ବ୍ୟବହାର ଅଧିକ ହୋଇଥାଏ । ନିରାମିଷ ଖାଦ୍ୟ ମଧ୍ୟ ଶରୀରକୁ ଶକ୍ତି ଯୋଗାଏ ବୋଲି ଏମାନଙ୍କର ଧାରଣା । ନିରାମିଷ ଖାଦ୍ୟ ହିସାବରେ ପ୍ରାୟ ଅଧିକାଂଶ ପନିପରିବା, ଯଥା ଅମୃତଭଣ୍ଡା, କୁନ୍ଦୁରୀ, କଲରା, ଭେଣ୍ଡି, ବାଇଗଣ, ଜହ୍ନି, ଲାଉ, କଖାରୁ, ସମସ୍ତ ପ୍ରକାରର ଶାଗକୁ ଏମାନେ ଖାଇଥାନ୍ତି । ନିରାମିଷ ଖାଦ୍ୟ ସେବନ କରୁଥିବା ବ୍ୟକ୍ତି ଆମିଷ ଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିଠାରୁ ଦୀର୍ଘଜୀବି ଓ ନିରୋଗି ରୁହନ୍ତି ବୋଲି ଲୋଧା ଲୋକମାନେ ବିଶ୍ୱାସ କରନ୍ତି ।

## କୃଷି ଓ ଜଙ୍ଗଲଜାତ ଓ ଖାଦ୍ୟ ଉପାଦାନ :

ସେମାନେ  ସାଧାରଣତଃ ଢାଲୁ ଓ ସମତଳ ଅଞ୍ଚଳରୁ ମକା, ଝାଙ୍ଗଡ଼ା, ବିରି, ଜାରା, ହରଡ ଇତ୍ୟାଦି ପାଇଥାନ୍ତି । ପୁଣି ଧାନ, ମୁଗ, କୋଳଥ ଇତ୍ୟାଦି ଶସ୍ୟ ଉତ୍ପାଦନ କରିଥାନ୍ତି । ଘରକୁ ଲାଗି ସେମାନଙ୍କ ବାଡି ବଗିଚାରୁ ମଧ୍ୟ ବିଭିନ୍ନ ପ୍ରକାର ପରିବା ଉତ୍ପାଦିତ ହୋଇଥାଏ, ଯଥା:- ବାଇଗଣ, କଲରା, ଭେଣ୍ଡି, ଜହ୍ନି,କାକୁଡି, କଖାରୁ, ଲାଉ, ବୋଇତାଳୁ, ଖମ୍ବଆଳୁ, କନ୍ଦମୂଳ ଇତ୍ୟାଦି । ଏହାଛଡା ଜଙ୍ଗଲରୁ ସେମାନେ

ଅନେକ ପ୍ରକାର ଫଳ ସଂଗ୍ରହ କରିବା ନିମନ୍ତେ ସମର୍ଥ ହୋଇଥାନ୍ତି । ସେଗୁଡିକ ହେଲା, ତୁଙ୍ଗା ଆଳୁ, ରାଜକୋଳି, ଆମ୍ବ, ପଣସ, ପିଜୁଳି, କଦଳୀ, କୁସୁମ ଫଳ, ଘରକୋଳି, ମହୁଲ, ଖମ୍ବ ଆଳୁ, ହାତିଆ କାଙ୍କଡ ଇତ୍ୟାଦି । ଏତଦ୍ ବ୍ୟତୀତ ଜଙ୍ଗଲରୁ ବିଭିନ୍ନ ପଶୁପକ୍ଷୀଙ୍କ ମାଂସ ମଧ୍ୟରେ ହରିଣ, ବାରହା, ଝିଙ୍କ, କୁଟାରୀ, ସମ୍ବର, ବଣକୁକୁଡା, ମୂଷା ଇତ୍ୟାଦିକୁ ଶୀକାର କରି ମାଂସ ସଂଗ୍ରହ କରିଥାନ୍ତି । ନିକଟବର୍ତ୍ତୀ ବଡ ବଡ ନଦୀର ଗଣ୍ଡରୁ ଏବଂ ଛୋଟ ନଈ ଓ ଝରଣାରୁ ମାଛ, ଗେଣ୍ଡା, ଶାମୁକା, କଙ୍କଡା ଓ କଇଁଛ ମଧ୍ୟ ସଂଗ୍ରହ କରି ତାହାକୁ ତରକାରୀ ପ୍ରସ୍ତୁତ କରି ଆମିଷ ଖାଦ୍ୟ ହିସାବରେ ଖାଇ ମନକୁ ପ୍ରଫୁଲ୍ଲ କରନ୍ତି ।

## ଖାଦ୍ୟ ପ୍ରସ୍ତୁତି ଓ ସଂରକ୍ଷଣ :

ସେମାନେ ଲୋକେ ଭାତକୁ ପ୍ରଧାନ ଖାଦ୍ୟ ହିସାବରେ ଗ୍ରହଣ କରିଥାନ୍ତି । ଭାତର ପ୍ରସ୍ତୁତି ପ୍ରଣାଳୀରେ ପାଣି, ଚାଉଳ, ମାଟି ହାଣ୍ଡି ବା ସିଲଭର ଡେକ୍‌ଚି, ଚଟୁ ଆଦି ଉପକରଣ ଗୁଡିକ ଆବଶ୍ୟକ ହୋଇଥାଏ । ପ୍ରଥମେ ଚାଉଳର ପରିମାଣ ଅନୁସାରେ ହାଣ୍ଡି ବା ଡେକ୍‌ଚିରେ ପାଣି ଭର୍ତ୍ତିକରି ନିଆଁ ଜଳୁଥିବା ଚୁଲିରେ ବସାଯାଏ । ପାଣି ଗରମ ହେବା ପରେ ଉଷୁନା ବା ଅରୁଆ ଚାଉଳକୁ ପକାଯାଏ । କିଛି ସମୟପରେ ସିଲଭର ଚଟୁ ବା ଲାଉ ତିଆରି ଚଟୁରେ ଅଳ୍ପ ଭାତ ହାଣ୍ଡିରୁ ବାହାରକରି ହାତ ଆଙ୍ଗୁଠିରେ ଚିପି ପରୀକ୍ଷା କରନ୍ତି । ଯଦି ନରମ ହେଲା ବୋଲି ଜାଣିଲେ ତେବେ ତାହାକୁ ଓହ୍ଲାଇ ଆଣି ଅନ୍ୟ ଏକ ଛୋଟ ହାଣ୍ଡିରେ ଢାଙ୍କୁଣି ଦେଇ ଧଂରେ ଧଂରେ ଗରମ ପାଣିକୁ ନିଗାଡି ରଖନ୍ତି । ଏହି ଭାବରେ ଭାତ ପ୍ରସ୍ତୁତ କରି ଖିଆଯାଏ । ପୁଣି ପଖାଳ ପ୍ରସ୍ତୁତ ପାଇଁ ହାଣ୍ଡିରେ ଭାତ ଗରମ ଥିବା ଅବସ୍ଥାରେ ଡେରି ନକରି ସଙ୍ଗେ ସଙ୍ଗେ ଥଣ୍ଡାପାଣି ଢାଳି ଦିଆଯାଏ । ଡେରିରେ ପାଣି ଢାଳିଲେ ଭାତ ଜାଉ ହୋଇଯାଏ ଓ ତାହା ଖାଇବା ଉପଯୋଗୀ ହୋଇ ନଥାଏ । ଗରମ ଅବସ୍ଥାରେ ଗରମ ପଖାଳ ଭାତ ଓ କିଛି ସମୟ ଅତିକ୍ରାନ୍ତ ହୋଇଗଲେ ତାହାକୁ ସଜ ପଖାଳ ଭାତ ହିସାବରେ ଗ୍ରହଣ କରାଯାଏ । ଏମାନେ ଭାତ ଅପେକ୍ଷା ସଜ ପଖାଳ ଭାତକୁ ବେଶୀ ଭଲ ପାଆନ୍ତି ।

## ଭାତର ସଂରକ୍ଷଣ :

ଲୋକମାନେ ଯଦିଓ ଭାତକୁ ତହିଁ ପରଦିନ ପର୍ଯ୍ୟନ୍ତ ସଂରକ୍ଷଣ କରିବାକୁ ପସନ୍ଦ କରନ୍ତି ନାହିଁ, ତଥାପି କେହି କେହି ପରଦିନ ପର୍ଯ୍ୟନ୍ତ ଭାତକୁ ବାସି ପଖାଳ ଖାଇବା ଉଦ୍ଦେଶ୍ୟରେ ଭାତକୁ ହାଣ୍ଡିରେ ପାଣି ଢାଳି ସଂରକ୍ଷଣ କରି ରଖିଥାନ୍ତି । ବାସି ପଖାଳକୁ ଗର୍ଭବତୀ ମହିଳାଙ୍କୁ ପୁଷ୍ଟିବର୍ଦ୍ଧକ ଖାଦ୍ୟ ବୋଲି ଭାବି ତାଙ୍କୁ ଦିଆଯାଇଥାଏ ।

## ମହୁଲ ସିଝା:

ପ୍ରଥମେ ମହୁଲକୁ ପରିଷ୍କାର କରିବାକୁ ହୁଏ । ତତ୍ପରେ ତାହାକୁ ପାଣିରେ ଉଜାଇ ସାରାରାତି ଚୁଲାରେ ବସାଇ ସିଝାଇ ଦିଆଯାଏ । ତାହା ପରେ ହାଣ୍ଡିରେ ପାଣିଦେଇ ପରିଷ୍କାର ମହୁଲ ସହିତ ତେନ୍ତୁଳି ମଂଜି ଏବଂ କୁଣିଆ ମଞ୍ଜି, ବାଇଡଙ୍କ ମଂଜିକୁ ଏକତ୍ର ମିଶାଇ ସିଝାଯାଏ । ଏହା ସିଝିଗଲା ପରେ ସମସ୍ତେ ଖାଇଥାନ୍ତି । ଏହାକୁ ସଂରକ୍ଷଣ କରିବା ଆବଶ୍ୟକ ହୁଏ ନାହିଁ । ଯେଉଁଦିନ ଏହା ତିଆରି ହୁଏ ସେହିଦିନ ସମସ୍ତେ ଏହାକୁ ଖାଇ ଶେଷ କରିଦେଇଥାନ୍ତି ।

## ମହୁଲ ମୁଆଁ:

ପରିଷ୍କାର କରି ଧୂଆ ହୋଇଥିବା ମହୁଲକୁ ଗରମ ହାଣ୍ଡିରେ ପ୍ରଥମେ ଭଜା ଯାଏ । ତାହାପରେ ଢିଙ୍କି ସାହାଯ୍ୟରେ କେବଳ ଭଜା ମହୁଲକୁ ହିଁ ଗୁଣ୍ଡ କରାଯାଏ । ବାଜରା ଖଇ ସହିତ ମକାଖଇ, ଶାଳମଂଜିକୁ ଏକତ୍ର ଢିଙ୍କିରେ ଗୁଣ୍ଡକରି ମହୁଲଗୁଣ୍ଡ ସହିତ ମକାଖଇ ଗୁଣ୍ଡ, ବାଜରାଖଇ ଗୁଣ୍ଡ ଏବଂ ଶାଳମଂଜି ଗୁଣ୍ଡ ଉଭୟକୁ ମିଶାଇ ମୁଠେ ମୁଠେ ଗୋଲ ଆକାର କରି ମହୁଲ ମୁଆଁ ପ୍ରସ୍ତୁତ କରି ଖାଆନ୍ତି । ଏହା ପାଟିକୁ ଖୁବ୍ ସ୍ୱାଦ ଲାଗେ । ଲୋଧା ଲୋକମାନେ ଥରେ ପେଟେ ଖାଇ ପାଣି ପିଇଲେ ଦିନସାରା ରହିପାରନ୍ତି । ଏହା ପେଟକୁ ଥଣ୍ଡା ରଖେ ଓ ଭୋକ ମଧ୍ୟ ସହଜରେ ହୁଏ ନାହିଁ । ତେଣୁ ଶିକାର ସମୟରେ ଏହାକୁ ଧରି ଶିକାର କରିବାକୁ ଯାଇ ବଣରେ ତିନି/ଚାରି ଦିନ ଧରି ରହିଥାନ୍ତି । ଉକ୍ତଖାଦ୍ୟ ବେଶୀଦିନ ରହିଲେ ମଧ୍ୟ ଖରାପ ହୁଏନାହିଁ ।

## ମହୁଲ ଖିରି:

ଏହାକୁ ପ୍ରସ୍ତୁତ କରିବାପାଇଁ ହେଲେ କଞ୍ଚା ମହୁଲକୁ ଅରୁଆ ଚାଉଳ ଗୁଣ୍ଡ ସହିତ ମିଶାଇ ଗରମ ପାଣିରେ ସିଝାଯାଏ । ତା'ପରେ ଏହାକୁ ଘାଣ୍ଟି ଦେଇ ଖିରି ଆକାରରେ ଖାଇଥାନ୍ତି । ମହୁଲ ଖିରି ପାଟିକୁ ସ୍ୱାଦ ଲାଗେ ।

## ମାଂସ ପିଠା:

ଅରୁଆ ଚାଉଳ ସହିତ ମାଂସ ତରକାରୀକୁ ସିଝାଇ ଘାଣ୍ଟିଲେ ଏହା ଖିରି ଭଳି ହେବ । ତାହାକୁ ଗୋଲ ଗୋଲ ଆକାର କରି ମାଂସ ପିଠା ପ୍ରସ୍ତୁତ କରି ଖିଆଯାଏ ।

## ଖିରି:

ପଶୁମାଂସ ତରକାରୀ ପ୍ରସ୍ତୁତ କରିସାରିବା ପରେ ଅରୁଆ ଚାଉଳ ଗୁଣ୍ଡ ପକାଇ ସିଝାଯାଏ । କିଛି ସମୟ ପରେ ଖିରି ଆକାର ଅବସ୍ଥାରେ ଘାଣ୍ଟି ଦିଆଯାଏ । ଏହାପରେ ଉକ୍ତ ଘାଣ୍ଟକୁ ଖିରି ଆକାରରେ ପ୍ରସ୍ତୁତ କରି ଖାଇଥାନ୍ତି ।

## ମଣ୍ଡାପିଠା:

ସେମାନେ ଅରୁଆ ଚାଉଳର ଗୁଣ୍ଡରେ ମହୁ ମିଶାଇ ଗୋଳାଇଥାଆନ୍ତି । ତା'ପରେ ତଳ ହାଣ୍ଡିରେ ପାଣି ଉପର ହାଣ୍ଡିରେ ଗୋଲାକାର ମଣ୍ଡାଗୁଡିକ ସ୍ତରକୁ ସ୍ତର ରଖି ଗୋଟିଏ ଢାଙ୍କୁଣୀରେ ଉପର ହାଣ୍ଡିର ମୁହଁକୁ ଢାଙ୍କିଦେଇ ସିଝାଯାଏ । ଏହିପରି ଭାବରେ ମଣ୍ଡାପିଠା ପ୍ରସ୍ତୁତ କରି ଖାଇଥାନ୍ତି ।

## ପିତାଆଳୁ ସିଝା:

ସେମାନେ ଜଙ୍ଗଲକୁ ଯାଇ ପିତା ଆଳୁ ସଂଗ୍ରହ କରନ୍ତି । ଏହାକୁ ପ୍ରଥମେ ଚକାଚକା ଆକାର କରି ଧୋଇ ଦିଆଯାଏ । ଏହାପରେ ହାଣ୍ଡିରେ ପାଣି ଦେଇ ସିଝାଯାଏ । ସିଝିଲା ପରେ ନଦୀପାଣି, ପୋଖରୀପାଣିରେ ରାତି ସାରା ବୁଡାଇ ରଖନ୍ତି । ସକାଳ ହେଲେ ନେଇ ଆସନ୍ତି । ଏହା ଡାକ ସଂକ୍ରାନ୍ତି ବେଳେ ନିହାତି ପ୍ରସ୍ତୁତ କରି ଖାଆନ୍ତି । ସଂକ୍ରାନ୍ତି ସମୟରେ ଖାଇଲେ ପେଟ ବ୍ୟଥା ରୋଗ ଆକ୍ରମଣ କରେ ନାହିଁ ବୋଲି ସେମାନଙ୍କର ଧାରଣା । ତେଣୁ ଡାକ ସଂକ୍ରାନ୍ତିରେ ପିତା ଆଳୁ ସିଝା ପ୍ରସ୍ତୁତ କରି ଖାଆନ୍ତି ।

## ତୁଙ୍ଗା ସିଝା:

ତୁଙ୍ଗା ଆଳୁ ଜଙ୍ଗଲ ବ୍ୟତୀତ ଅନ୍ୟାନ୍ୟ ଜାଗାରେ ମିଳି ନଥାଏ । ତେଣୁ ଲୋଧା ସମ୍ପ୍ରଦାୟର ଲୋକମାନେ ଜଙ୍ଗଲକୁ ଯାଇ ବିଭିନ୍ନ ଉପାୟରେ ସଂଗ୍ରହ କରି ଆଣିଥାନ୍ତି । ଘରେ ଆଳୁକୁ ପରିଷ୍କାର ଭାବରେ ପାଣିରେ ସଫାକରି ଦେଢ ଇଞ୍ଚରୁ ଦୁଇ ଇଞ୍ଚ ମାପରେ କାଟନ୍ତି ଓ ପାଣି ଦେଇ ସିଝାଇଥାନ୍ତି । ସିଝିଗଲା ପରେ ତାକୁ ସମସ୍ତେ ଖାଇଥାନ୍ତି ।

## ବିଭିନ୍ନ ପ୍ରକାର ମସଲା:

ପୂର୍ବେ ମସଲା ସମ୍ବନ୍ଧରେ ବିଶେଷ ଜ୍ଞାନ ନଥିଲେ ହେଁ ବର୍ତ୍ତମାନ ଏହା ବିଷୟରେ ଅବଗତ ହୋଇ ମସଲା ବ୍ୟବହାର କରୁଥିବା ପ୍ରମାଣ ମିଳିଲାଣି । ପଡୋଶୀ ପ୍ରଜାତି ଗୋଷ୍ଠୀମାନଙ୍କଠାରୁ ଏହାର ବ୍ୟବହାର ବିଷୟରେ ଅବଗତ ହୋଇଥିବା ଅନୁମିତ ହୁଏ । ତରକାରୀକୁ ସ୍ୱାଦିଷ୍ଟ କରିବା ପାଇଁ ପିଆଜ, ରସୁଣ, ଲଙ୍କା, ହଳଦୀ, ଜିରା, ଧନିଆଁ, ଅଦା, ସୋରିଷ, ସୋରିଷ ତେଲ ଇତ୍ୟାଦି ମିଶାଇ ରାନ୍ଧିବାର ଉପାୟ ଜାଣିଲେଣି । ମାଟିହାଣ୍ଡି ପାତ୍ରରେ ମସଲାଦେଇ ତରକାରୀ ରାନ୍ଧିଲେ ଅନ୍ୟ ପାତ୍ର ଯଥା – ସିଲଭର କିମ୍ବା ଲୁହା ପାତ୍ରଠାରୁ ଅଧିକ ସ୍ୱାଦୁଯୁକ୍ତ ହୋଇଥାଏ ବୋଲି ଏମାନଙ୍କର ଧାରଣା ।

## ଖାଦ୍ୟ ପରଷିବା ପ୍ରଣାଳୀ:

ଲୋଧା ଗୋଷ୍ଠୀର ଲୋକମାନେ ଅଧିକାଂଶ ଦିନଗୁଡିକରେ ଜଙ୍ଗଲରୁ ମିଳୁଥିବା ଚୁଙ୍ଗା ଆଳୁକୁ ଓ ଭାତକୁ ବେଶୀ ପ୍ରାଧାନ୍ୟ ଦେଇଥାନ୍ତି । ଏହାକୁ ସାଧାରଣ ଭାବେ ସବୁଦିନ ମାନଙ୍କ ପରି ଥାଳୀରେ କିମ୍ବା ଖଲିପତ୍ରରେ ପରଷାଯାଇ ଖିଆଯାଇଥାଏ । କିନ୍ତୁ କେତେକ ଉତ୍ସବ କିମ୍ବା ଭୋଜିଭାତ ସମୟରେ ବନ୍ଧୁବାନ୍ଧବ ଓ ନିମନ୍ତ୍ରିତ ଅତିଥିମାନଙ୍କୁ ସ୍ୱତନ୍ତ୍ରଭାବରେ ପରଷିବାର ବ୍ୟବସ୍ଥା ରହିଛି । ବନ୍ଧୁବାନ୍ଧବ ଓ ନିମନ୍ତ୍ରିତ ଅତିଥିମାନେ ଜନ୍ମଦିବସ, ଶୁଦ୍ଧିକ୍ରିୟା, ବିବାହୋତ୍ସବରେ ଯୋଗଦେବା ପାଇଁ ଆସିଥାନ୍ତି । ଏହି ସମୟରେ ବିଭିନ୍ନ ପ୍ରକାର ଖାଦ୍ୟ ମଧ୍ୟରେ ହାଣ୍ଡିଆ, ମହୁଲି ମଦ, ମାଛ,ମାଂସ ତରକାରୀ ସହିତ ଗରମ ଭାତ କରି ଅତିଥିମାନଙ୍କୁ ସତ୍କାର କରିଥାନ୍ତି । ବିବାହ ଉତ୍ସବରେ ଏବଂ ଶୁଦ୍ଧିକ୍ରିୟା ସମୟରେ ଧୋବା, ବାରିକ ତଥା ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରିଥାନ୍ତି । ସେମାନଙ୍କ ପାଇଁ ଅଲଗାରେ ରୋଷେଇ ପାଇଁ ବ୍ୟବସ୍ଥା କରି ଭାତ ସହିତ ମାଛ କିମ୍ବା ମାଂସ ତରକାରୀ କରି ଖାଇବାକୁ ଦେଇଥାନ୍ତି । ଜନ୍ମ ଉତ୍ସବରେ ଧୋବା ଓ ବାରିକଙ୍କୁ ନିମନ୍ତ୍ରଣ କରି ମାଛ, ମାଂସ, ହାଣ୍ଡିଆ, ମହୁଲିମଦ ସ୍ୱତନ୍ତ୍ର ଭାବରେ ଖାଦ୍ୟ ପ୍ରସ୍ତୁତ କରି ଖିଆଯାଏ ।

## ଖାଦ୍ୟ ସେବନ ଶୈଳୀ ବା ଶିଷ୍ଟାଚାର:

ଲୋଧା ସମାଜରେ ରୋଷେଇଘର କିମ୍ବା ଶୋଇବାଘର ସ୍ୱତନ୍ତ୍ର ହୋଇ ନଥାଏ । ନିଜର ଏକମାତ୍ର ଘର ମଧ୍ୟରେ ଶୋଇବା, ଖାଇବା, ରୋଷେଇ କରିବା ଇତ୍ୟାଦି କାର୍ଯ୍ୟ କରିଥାନ୍ତି । ମହିଳାମାନେ ଅଗାଧୁଆ ଭୋର ସକାଳେ ରୋଷେଇ କାମ ଶେଷକରି ଛୋଟ ଶିଶୁମାନଙ୍କୁ ଖାଇବାକୁ ଦେଇ ଅନ୍ୟ ବଡ ଲୋକଙ୍କୁ ଖାଇବାକୁ ଦେଇଥାନ୍ତି । ପୁରୁଷମାନଙ୍କୁ କୌଣସି ପାତ୍ରରେ ହାତ ଧୋଇବା ପାଇଁ ପାଣି ଦେଇ ଖାଦ୍ୟ ଖାଇବାକୁ ଦେଇଥାନ୍ତି । ଖାଇବା ପୂର୍ବରୁ ହାତ, ଗୋଡ ପରିଷ୍କାର ଭାବରେ ଧୋଇ ହୁଅନ୍ତି ଏବଂ ଖାଇବା ଜାଗାକୁ ମଧ୍ୟ ଝାଡୁରେ ପରିଷ୍କାର କରନ୍ତି । ବୟସ୍କ ପୁରୁଷମାନେ ଖାଇ ସାରିବା ପରେ ସ୍ତ୍ରୀମାନେ ଖାଦ୍ୟ ଖାଇଥାନ୍ତି । ଖାଇବା ଜାଗାକୁ ଭଲ ଭାବରେ ହାତରେ ଲିପାପୋଛା କରି ଖାଇବାକୁ ବସନ୍ତି । ଖାଇବା ସମୟରେ ପୁରୁଷମାନେ ସାଧାରଣତଃ କାଠପିଢା ଉପରେ ବସି ଖାଦ୍ୟ ଖାଆନ୍ତି କିନ୍ତୁ ମହିଳାମାନେ ନିଜର ଲୁଗାକାନିକୁ ମୋଡି ଖାଇବାକୁ ବସିଥାନ୍ତି । ଭାତ ବା ପଖାଳଭାତର ଡାହାଣ ପାଖରେ ତରକାରୀ, ଲୁଣ ରଖି ଖାଇଥାନ୍ତି । ଲୁଣ ଓ ଲଙ୍କା ଶାଳପତ୍ରରେ ରଖି ଖାଆନ୍ତି । ଖାଇବା ପାଣି ସାମ୍ନାରେ ରଖନ୍ତି । ସମୟ ସମୟରେ ଛୋଟ ଶିଶୁମାନେ ବାପା ମାଆଙ୍କ ସହିତ ମିଶି ଖାଦ୍ୟ ଖାଇଥାନ୍ତି । ନିଜ ହାତରେ ଖାଇପାରୁ ନଥିବା ଛୋଟ ଶିଶୁମାନଙ୍କୁ ମାଆ ଖାଉଥିବା ସମୟରେ ସେମାନଙ୍କୁ

ଅଳ୍ପ ଅଳ୍ପ ଖୁଆଇଥାନ୍ତି । ଖାଇବା ସମୟରେ ନୀରବରେ ଖାଇ ଉଠନ୍ତି । ଖାଇବା ପୂର୍ବରୁ ସ୍ନାନ କରିବା କିମ୍ବା ପୂଜାପାଠ କରିବା ବିଧି ପାଳନ କରୁଥିବା ଦୃଷ୍ଟିଗୋଚର ହୁଏ ନାହିଁ ।

## ଅନ୍ୟ ଗୋଷ୍ଠୀଠାରୁ ଖାଦ୍ୟ ଗ୍ରହଣ:

ଅନ୍ୟ ପ୍ରଜାତିକ ଗୋଷ୍ଠୀଠାରୁ ଲୋଧାମାନେ ଆବଶ୍ୟକ ସମୟରେ ହାଣ୍ଡିଆ, ମହୁଲି ମଦ ଓ ଚରକାରୀ ଆଣି ଖାଇଥାନ୍ତି । ସାଧାରଣତଃ ବାଥୁଡି, କୋହ୍ଲ, ଭୂମିଜ, ସାନ୍ତାଳ, ଖଡିଆମାନଙ୍କଠାରୁ ଖାଦ୍ୟ ଗ୍ରହଣ କରିଥାନ୍ତି । ଉକ୍ତ ଗୋଷ୍ଠୀମାନଙ୍କର ବିଭିନ୍ନ ଉତ୍ସବାଦିରେ ଯୋଗଦେଇ ଭୋଜିଭାତ ଓ ପାନୀୟ ସମୟରେ ସାମିଲ କରିଥାନ୍ତି ଓ ଏହି ଗୋଷ୍ଠୀ ଲୋକମାନଙ୍କୁ ନିଜର ଉତ୍ସବ ମାନଙ୍କରେ ନିମନ୍ତ୍ରଣ ଜଣାଇଥାନ୍ତି ଓ ଲୋଧାମାନଙ୍କଠାରୁ ଖାଦ୍ୟ ଗ୍ରହଣ କରିଥାନ୍ତି । କିନ୍ତୁ ମାଙ୍କିଡିଆ ସମ୍ପ୍ରଦାୟ ଲୋକଙ୍କଠାରୁ ଖାଦ୍ୟ ଗ୍ରହଣ କରନ୍ତିନାହିଁ କିମ୍ବା ସେମାନଙ୍କୁ କୌଣସି ଉତ୍ସବ ସମୟରେ ନିମନ୍ତ୍ରଣ ଜଣାନ୍ତି ନାହିଁ ।

## ଜନ୍ମ, ମୃତ୍ୟୁ ଇତ୍ୟାଦି ଅଣଶୁଦ୍ଧି ସମୟରେ ଅନ୍ୟଠାରୁ ଖାଦ୍ୟ ଗ୍ରହଣ :

ଲୋଧା ସମାଜରେ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହେଲେ କିମ୍ବା ପରିବାରରେ କୌଣିସ ସନ୍ତାନ ଜନ୍ମ ଇତ୍ୟାଦି ଅଶୁଚି ସମୟରେ ଅନ୍ୟ ଗୋଷ୍ଠୀଠାରୁ ଯେକୌଣସି ଖାଦ୍ୟ ଦ୍ରବ୍ୟ ଗ୍ରହଣ କରାଯାଇପାରେ । ଏହି ଖାଦ୍ୟ ଦ୍ରବ୍ୟ ମଧ୍ୟରୁ ବାଇଗଣ, ଭେଣ୍ଡି, ଜହ୍ନି, କଲରା, ବୋଇତାଳୁ, କଖାରୁ ଇତ୍ୟାଦି ପନିପରିବା ସଂଗ୍ରହ କରନ୍ତି । ଶସ୍ୟ ମଧ୍ୟରୁ ଚାଉଳ, ମୁଗ, ବିରି, ଜାରା, ହରଡ, ମାଣ୍ଡିଆ, ମକା ଇତ୍ୟାଦି ଅନ୍ୟଠାରୁ ଆଣିଥାନ୍ତି ।

## ଖାଦ୍ୟର ବ୍ୟବହାରିକ ମୂଲ୍ୟ:

ବିଭିନ୍ନ ଖାଦ୍ୟରେ ବିଭିନ୍ନ ପ୍ରକାର ପୁଷ୍ଟିକର ଗୁଣ ଥିବାଯୋଗୁଁ ଶରୀର ପ୍ରତି କୌଣସି ରୋଗ ଆକ୍ରମଣ କରିପାରୁନାହିଁ ବୋଲି ବିଶ୍ୱାସ ଥାଇ ବିଭିନ୍ନ ଖାଦ୍ୟ ଆବଶ୍ୟକ ହୋଇଥାଏ । ସଜନା ଶାଗ ଖାଇବା ଦ୍ୱାରା ଦୃଷ୍ଟିଶକ୍ତି ବୃଦ୍ଧି ପାଇଥାଏ । ଘୁଷୁରୀ ବା ବାରହା ମାଂସ ଏବଂ ସମ୍ବର ମାଂସ ଖାଇଲେ ନାଳରକ୍ତ ଝାଡା ଭଲ ହୋଇଥାଏ । କଲରାଭଜା ଖାଇବା ଦ୍ୱାରା ଶରୀରରୁ ପିତ୍ତ ଅଂଶ କମିଯାଇଥାଏ । ରୋହିମାଛର ପିତ୍ତ ଖାଇଲେ ତାପଶକ୍ତି ବୃଦ୍ଧିପାଏ । କରାଣ୍ଡି ମାଛ ଖାଇଲେ ହଜମ ଶକ୍ତି ବୃଦ୍ଧି ଘଟିଥାଏ । ବାଦୁଡି ମାଂସ ଖାଇଲେ ଶ୍ୱାସରୋଗ ଭଲହୁଏ ବୋଲି ଲୋଧାମାନେ ବିଶ୍ୱାସ କରନ୍ତି । କୁଜିଗେଣ୍ଡା ଓ ଶାମୁକାର ମାଂସ ପତୁଆ କରି ଖାଇଲେ ଦୃଷ୍ଟିଶକ୍ତି ବଢିବା ସଙ୍ଗେ ସଙ୍ଗେ ଅମ୍ଳ ରୋଗରୁ ରକ୍ଷାମିଳେ । କୁଚିଆ ମାଂସ ଖାଇଲେ ଶରୀରରେ ରକ୍ତବୃଦ୍ଧି ହୋଇଥାଏ ।

ନିମ୍ବପତ୍ର ବା ଫୁଲକୁ ପତୁଆ କରି ଖାଇଲେ କୃମିରୋଗ ଭଲ ହୋଇ ରକ୍ତ ପରିଷ୍କାର ହୋଇଥାଏ । ଝିଙ୍କ ପୁଣ୍ଡି ଓ ଠେକୁଆ ପୁଣ୍ଡି ଖାଇଲେ ପେଟବ୍ୟଥା ଭଲ ହୋଇଥାଏ । ମାଗୁର ମାଛ ଖାଇଲେ ଶରୀର ହୃଷ୍ଟପୁଷ୍ଟ ହୋଇ ସତେଜ ରହିଥାଏ । ମୟୂର ମାଂସ ଖାଇଲେ ଶିଶୁମାନଙ୍କ ତାଳୁକା ରୋଗ ଭଲ ହୋଇଥାଏ । ଘରଚଟିଆ ଚଢେଇର ମାଂସ ଖାଇଲେ ଯୌନଶକ୍ତି ବୃଦ୍ଧି ଘଟେ ବୋଲି ଲୋଧାମାନେ ବିଶ୍ୱାସ କରିଥାନ୍ତି । ବ୍ରାହ୍ମଣୀବେଙ୍ଗର ମାଂସ ଖାଇଲେ ଶରୀର ବୃଦ୍ଧି ଘଟେ ବୋଲି ଲୋଧାମାନେ ବିଶ୍ୱାସ କରନ୍ତି ।

## ପୁଷ୍ଟିବର୍ଦ୍ଧକ ଖାଦ୍ୟ ସମ୍ବନ୍ଧୀୟ ଧାରଣା:

ହାଣ୍ଡିଆ ପାନ କଲେ ଶରୀର ହୃଷ୍ଟପୁଷ୍ଟ ହୋଇ କାର୍ଯ୍ୟ କରିବାକୁ ଶକ୍ତି ବଢାଇଥାଏ । କଲରା ଓ ନିମ୍ବପତ୍ର ଖାଇବା ଦ୍ୱାରା ମଣିଷ ଶରୀରରେ ରକ୍ତ ବୃଦ୍ଧି ହୁଏ ବୋଲି ଲୋଧାମାନେ ବିଶ୍ୱାସ କରନ୍ତି । ମକା ଓ ଗହମ ପିଠା ଖାଇଲେ ଶରୀର ହୃଷ୍ଟପୁଷ୍ଟ ହୋଇଥାଏ ବୋଲି ସେମାନେ ବିଶ୍ୱାସ କରନ୍ତି । ପଖାଳଭାତ ସହିତ ଶାଗଭଜା ଓ ମୃଗ ମାଂସ ପୁଡା ଖାଇଲେ ଶରୀର ନିରୋଗ ରହେ ବୋଲି ଲୋଧାମାନଙ୍କର ବିଶ୍ୱାସ ରହିଛି । ବ୍ରାହ୍ମିଶାଗ ଖାଇଲେ ସ୍ମରଣ ଶକ୍ତି ବୃଦ୍ଧିପାଏ । ଗାଈ କ୍ଷୀର ଓ ଲହୁଣୀ ଖାଇଲେ ଶରୀର ସର୍ବଦା ଚିକ୍କଣ ରହିଥାଏ ।

## ସ୍ୱାଦ ସମ୍ବନ୍ଧୀୟ ଧାରଣା:

ଖାଦ୍ୟକୁ ସ୍ୱାଦିଷ୍ଟ କରିବାର ଉପାୟ ବିଭିନ୍ନ ପ୍ରକାର ମସଲାର ମିଶ୍ରଣରୁ ହୋଇଥାଏ । ଏଥିପାଇଁ ଲୁଣ, ଲଙ୍କା, ପିଆଜ, ରସୁଣ, ଅଦା, ସୋରିଷ, ଜିରା, ତେଜପତ୍ର ଇତ୍ୟାଦି ଆବଶ୍ୟକ ହୋଇଥାଏ । ମାଂସ କିମ୍ବା ମାଛକୁ ତରକାରୀ କରି ଖାଇବା ଅପେକ୍ଷା ତାହାକୁ ପତୁଆ କରି ଖାଇଲେ ଅଧିକ ସ୍ୱାଦିଷ୍ଟ ହୋଇଥାଏ । ଅରୁଆ ଚାଉଳ ସହିତ ମାଂସକୁ ରାନ୍ଧିଲେ ତାହା ମାଂସ ଖିରି ହୋଇଥାଏ । ତାହାକୁ ଖାଇଲେ ମାଂସ ତରକାରୀ ଅପେକ୍ଷା ଅଧିକ ସ୍ୱାଦଯୁକ୍ତ ହୋଇଥାଏ । କଙ୍କଡାକୁ ତରକାରୀ କରି ଖାଇବା ଠାରୁ ପତୁଆ କରି ଖାଇଲେ ଅଧିକ ସ୍ୱାଦିଷ୍ଟ ହୋଇଥାଏ । ବାଇଗଣ ପୁଡା ସହିତ ସାମୁଦ୍ରିକ ଶୁଖୁଆ ପଡାରେ ଆବଶ୍ୟକମତେ ମସଲା ଦେଇ ଚଟଣୀ ଆକାରରେ ଖାଇଲେ ଅଧିକ ସ୍ୱାଦିଷ୍ଟ ହୋଇପାରେ ବୋଲି ଲୋଧା ସମ୍ପ୍ରଦାୟ ଲୋକମାନେ ମତବ୍ୟକ୍ତ କରନ୍ତି ।

## ଖାଦ୍ୟର ସାମାଜିକ ଓ ଧର୍ମୀୟ ମୂଲ୍ୟବୋଧ :

ଲୋଧା ସମାଜରେ ପାରମ୍ପରିକ ପ୍ରଚଳିତ ନୀତି ନିୟମ ବିଭିନ୍ନ ପ୍ରକାର ପାଳନ କରିଥାନ୍ତି । ସୁଖ ଶାନ୍ତିରେ କାଳାତିପାତ ପାଇଁ ଦେବଦେବୀଙ୍କୁ ଓ ଠାକୁର ଠାକୁରାଣୀଙ୍କୁ ପୂଜାପାଠ ମଧ୍ୟ କରିଥାନ୍ତି । ଏଥିପାଇଁ ବିଭିନ୍ନ ପ୍ରକାର ନୂତନ ଖାଦ୍ୟ ଗ୍ରହଣ କରିଥାନ୍ତି ।

ଶିଶୁଟିଏ ଜନ୍ମହେବାର ନଅଦିନରେ ଏକୋଇଶା କାର୍ଯ୍ୟକ୍ରମ କରିଥାନ୍ତି । ଏହାକୁ ଓଠିଆରି ବୋଲି ନାମକରଣ କରିଥାଆନ୍ତି । ଏହି ଉତ୍ସବରେ ଆଖପାଖ ପଡୋଶୀ, ବନ୍ଧୁବାନ୍ଧବମାନଙ୍କୁ ଆମନ୍ତ୍ରଣ କରି ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ଭୋଜିଭାତର ଆୟୋଜନ କରାଯାଇଥାଏ । ସମସ୍ତେ ଗାଧୋଇ ପବିତ୍ର ହେଲାପରେ ସେମାନେ ପଡୋଶୀ ଏବଂ ବନ୍ଧୁବାନ୍ଧବ ମାନଙ୍କୁ ଆମନ୍ତ୍ରଣ କରି ଉତ୍ସବକୁ ସରସ ସୁନ୍ଦର କରିବାପାଇଁ ଭୋଜିଭାତ ଖାଇବାରେ ଯୋଗ ଦେଇଥାନ୍ତି । ଏହା ଦ୍ୱାରା ପରସ୍ପର ମଧ୍ୟରେ ସ୍ନେହ ଆଦର ସମ୍ପର୍କ ବଢିଥାଏ ଓ ଏକତା, ଶାନ୍ତି ଓ ମୈତ୍ରୀର ମହତ୍ତ୍ୱ ଦୃଢରୁ ଦୃଢତର ହୋଇଥାଏ । ସେହିପରି ବିବାହ ଉତ୍ସବାଦିରେ ମଧ୍ୟ ଅତିଥି ଓ ଆଖପାଖ ଗାଁର ଲୋକମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ । ପରିବାରର ଯେକୌଣସି ଲୋକର ମୃତ୍ୟୁ ହେଲେ ତା'ର ଶୁଦ୍ଧିକ୍ରିୟା ସମୟରେ ଓ ଛୁଟିକିଆ ସମୟରେ ପବିତ୍ର ହେବାପାଇଁ ଭୋଜିଭାତର ଆୟୋଜନ କରାଯାଇଥାଏ । ଓଠିଆରୀଦିନ ଭୋଜିଭାତ ହୁଏ । ବିଭିନ୍ନ ଗୋଷୀର ଲୋକ ଏଥିରେ ଯୋଗ ଦେଇଥାନ୍ତି । ତେଣୁ ବିଭିନ୍ନ ଉତ୍ସବ-ଅନୁଷ୍ଠାନ ମାନଙ୍କରେ ବ୍ୟବହୃତ ହେଉଥିବା ଏହି ଖାଦ୍ୟ ବିଭିନ୍ନ ଗୋଷୀ ମଧ୍ୟରେ ସଦ୍ଭାବ ବୃଦ୍ଧିରେ ସହାୟକ ହୋଇଥାଏ । ଏହା ସାମାଜିକ ଶୃଙ୍ଖଳା ଓ ଜାତୀୟ ଏକତାର ପରିଚୟ ପ୍ରଦାନ କରେ ।

ଲୋଧାମାନେ ଠାକୁର ଠାକୁରାଣୀ ଓ ଇଷ୍ଟ ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ କୁକୁଡା ଓ ଛେଳିକୁ ବଳି ପକାଇ ପୂଜା ଆରାଧନା କରିଥାନ୍ତି । ବଳି ଦିଆଯାଇଥିବା କୁକୁଡା ଓ ଛେଳିର ମୁଣ୍ଡକୁ ପୁନଃ ପୂଜା କରିଥାନ୍ତି । ମୁଣ୍ଡଗୁଡିକ ଭୋଗ ହିସାବରେ ପ୍ରସ୍ତୁତ କରି ସମସ୍ତେ ମିଳିମିଶି ଖାଇଥାନ୍ତି । ଏହା ଖାଇଲେ ନିରୋଗ ରହିବେ ବୋଲି ଧାରଣା କରିଥାନ୍ତି । ମକର ପର୍ବରେ ମଧ୍ୟ ଇଷ୍ଟଦେବତା ଓ ଠାକୁର ଠାକୁରାଣୀଙ୍କୁ ପୂଜାପାଠ କରାଯାଏ । ପୂର୍ବପୁରୁଷମାନଙ୍କ ସ୍ମୃତିରକ୍ଷା ନିମିତ୍ତ ପୂଜାପାଠ କରି ଭୋଗ ଚଢାଇଥାନ୍ତି ଏବଂ ଆଶୀର୍ବାଦ ଲାଭ କରିଥାନ୍ତି । ପୂଜାପାଠ ସମୟରେ ହାଣ୍ଡିଆ, ରସି, ପିଠା, ଚୂଡା, ମହୁଦାନ କରି ଅବଶିଷ୍ଟକୁ ସେବନ କରିଥାନ୍ତି । ଏହି ପରିପ୍ରେକ୍ଷୀରେ ସେମାନଙ୍କ ହୃଦୟରେ ଧାର୍ମିକ ଚିନ୍ତାଧାରା ନିହିତ ଥିବା ଜଣାଯାଏ ।

# ପାନୀୟ

## ପାନୀୟର ଉତ୍ପତ୍ତି ଓ ଇତିହାସ:

ମଣିଷ ଜୀବନଯାପନ ପାଇଁ ଖାଦ୍ୟ ପରି ପାନୀୟର ଆବଶ୍ୟକତା ଅପରିହାର୍ଯ୍ୟ । କେଉଁଠୁ, କିପରି ଓ କେବେଠାରୁ ପାନୀୟର ଉତ୍ପତ୍ତି ହେଲା ତା'ର ନିର୍ଦ୍ଦିଷ୍ଟ ସୂଚନା ନାହିଁ । ସୃଷ୍ଟିର ଅୟମାରମ୍ଭରୁ ପାନୀୟର ସୃଷ୍ଟି ହୋଇଥାଇପାରେ ବୋଲି ଅନୁମାନ କରାଯାଇଥାଏ । ପୃଥିବୀର ସୃଷ୍ଟି ଓ ପାନୀୟର ସୃଷ୍ଟି ଓତଃପ୍ରୋତଃ ଭାବେ ଜଡିତ । ଲୋଧାମାନେ କେବେଠୁ ପାନୀୟର ବ୍ୟବହାର କଲେ ତା'ର ନିର୍ଦ୍ଦିଷ୍ଟ ସମୟ କହିବା କଷ୍ଟକର । ସମ୍ଭବତଃ ଖାଦ୍ୟର ଉତ୍ପତ୍ତି ସହିତ ପାନୀୟର ଉତ୍ପତ୍ତି ମଧ୍ୟ ଏକ ସଙ୍ଗରେ ହୋଇଥିବା ଅନୁମାନ କରାଯାଏ ।

## ବିଭିନ୍ନ ପ୍ରକାର ପାନୀୟ:

ପାନୀୟକୁ ସାଧାରଣତଃ ତିନିଭାଗରେ ବିଭକ୍ତ କରାଯାଇଥାଏ । ଯଥା - (୧) ହାଣ୍ଡିଆଜାତୀୟ (୨) ରସଜାତୀୟ (ଖଜୁରୀ ରସ,ତାଳ ରସ ଇତ୍ୟାଦି) (୩) ମଦ ଜାତୀୟ । ଏହି ତିନିପ୍ରକାରର ପାନୀୟ ମଧ୍ୟରୁ କେବଳ ହାଣ୍ଡିଆକୁ ସେମାନେ ନିଜେ ପ୍ରସ୍ତୁତ କରନ୍ତି । ମଦକୁ ଲୋଧାମାନେ ପ୍ରସ୍ତୁତ କରନ୍ତି ନାହିଁ, କେବଳ କ୍ରୟ କରି ପାନ କରିଥାନ୍ତି । ରସ ଜାତୀୟ ପାନୀୟ ମଧ୍ୟରେ ଖଜୁରୀ ରସ ଓ ତାଳରସକୁ ସେମାନେ ମଧ୍ୟ ହାଟ ବଜାରରେ କିମ୍ବା ଗ୍ରାମକୁ ବିକ୍ରୟ ହେବାକୁ ଆସୁଥିବା ସମୟରେ କ୍ରୟ କରି ପିଇଥାନ୍ତି । ନିଜେ ଏହାକୁ ସଂଗ୍ରହ କରନ୍ତି ନାହିଁ ।

## ସଂଗ୍ରହ ପ୍ରଣାଳୀ:

ହାଣ୍ଡିଆ ପ୍ରସ୍ତୁତି ପାଇଁ ଲୋଧାମାନେ ବିଭିନ୍ନ ପ୍ରକାର ଉପକରଣ ଯୋଗାଡ କରି ହାଣ୍ଡିଆ ସଂଗ୍ରହ କରିଥାନ୍ତି । ଏହାର ପ୍ରଧାନ ଉପାଦାନ ହେଲା ଉଷୁନା ଚାଉଳ । ଏହା ବ୍ୟତୀତ ଅନ୍ୟାନ୍ୟ ସହଯୋଗୀ ଉପାଦାନ ଓ ଉପକରଣ ମଧ୍ୟରେ କିଛି ବାଖର ଗୁଣ୍ଡ, ମାଟି ହାଣ୍ଡି, ପଟିଆ, ଚଲା, ଚଳଧୁଆ, ଶାଳପତ୍ର ଓ ଶିଆଡି ପତ୍ର, ଘୋଡଣୀ ଓ ପାଣି । ଏହି ସବୁ ଉପକରଣ ପ୍ରାୟତଃ ସମସ୍ତଙ୍କ ଘରେ ଥାଏ ଓ ଏହାରି ମାଧ୍ୟମରେ ହାଣ୍ଡିଆ ପସ୍ତୁତ କରିଥାନ୍ତି ।

## ପାନୀୟର ବ୍ୟବହାର:

ଲୋଧା ଲୋକମାନେ ପାନୀୟ (ହାଣ୍ଡିଆ)କୁ ବିଭିନ୍ନ ପର୍ବପର୍ବାଣି, ଶୁଦ୍ଧିକ୍ରିୟା, ବିବାହୋତ୍ସବ ମାନଙ୍କରେ ବେଶୀ ବ୍ୟବହାର କରିଥାନ୍ତି । ଏପରିକି ସାଧାରଣ ଦିନମାନଙ୍କରେ ମଧ୍ୟ କେହି କେହି ତିଆରି କରିଥାନ୍ତି । ଲୋଧାମାନେ ପାନୀୟ (ହାଣ୍ଡିଆ)କୁ ବିଭିନ୍ନ ରୂପରେ ବ୍ୟବହାର କରିଥାନ୍ତି । କେତେବେଳେ ଏହାକୁ ଉପହାର ଆକାରରେ ଦେଇଥାନ୍ତି କିମ୍ବା ଗ୍ରହଣ କରିଥାନ୍ତି ତ ଆଉ କେତେବେଳେ ଜୋରିମାନା ଆକାରରେ ବ୍ୟବହାର କରିଥାନ୍ତି । ସମୟ ସମୟରେ ଏହାକୁ ପୁରସ୍କାର ଆକାରରେ ସେବନ କରିଥାନ୍ତି ତ ପୁନଶ୍ଚ ଏହାକୁ ଭୋଗ ଆକାରରେ ଗ୍ରହଣ କରାଯାଇଥାଏ । ପୁଣି ଏହାକୁ ସମ୍ମାନସୂଚକ ଦ୍ରବ୍ୟ ଆକାରରେ ପ୍ରଦାନ କରାଯାଇ ସେବନ କରାଯାଇଥାଏ ତ କେତେବେଳେ ଏହାକୁ ନାଚଗୀତ ଓ ମନୋରଂଜନରେ ଏକ ଅତ୍ୟାବଶ୍ୟକ ଦ୍ରବ୍ୟ ଭାବି ସେବନ କରାଯାଇଥାଏ ।

ଏହା ବ୍ୟତୀତ ବର୍ଷର ବିଭିନ୍ନ ମାସରେ ଅନୁଷ୍ଠିତ ପର୍ବପର୍ବାଣି, ଯଥା: ମକର, ରଜ, ଗହ୍ମା, ଚିତଉ ଅମାବାସ୍ୟା, ଦୁର୍ଗାପୂଜା ମାନଙ୍କରେ ହାଣ୍ଡିଆର ବହୁଳ ବ୍ୟବହାର ଦେଖାଯାଇଥାଏ । ଅନ୍ୟାନ୍ୟ ସାମାଜିକ ଉତ୍ସବ, ଯଥା: ଶୁଦ୍ଧିକ୍ରିୟା, ଜନ୍ମୋତ୍ସବ, ବିବାହୋତ୍ସବ ମାନଙ୍କରେ ବନ୍ଧୁବାନ୍ଧବ ଓ ଅତିଥିମାନଙ୍କୁ ନିମନ୍ତ୍ରଣ କରି ମଦ ଓ ହାଣ୍ଡିଆ ପ୍ରଦାନ କରିଥାନ୍ତି । ଆଖପାଖରେ ବିକ୍ରୟ କରୁଥିବା ମଦ ବିକ୍ରେତାମାନଙ୍କଠାରୁ ମଦ କିଣିଆଣି ପ୍ରଦାନ କରାଯାଇଥାଏ ।

## ସଂରକ୍ଷଣ ପ୍ରଣାଳୀ:

ଲୋଧାମାନେ ସାଧାରଣତଃ ହାଣ୍ଡିଆ ପ୍ରସ୍ତୁତି ପରେ ସେହି ଦିନ ପିଇ ଦେଇଥାନ୍ତି କିମ୍ବା ଅତିବେଶୀ ହେଲେ ଦିନେ ଦୁଇଦିନ ପର୍ଯ୍ୟନ୍ତ ସଂରକ୍ଷଣ କରି ରଖିଥାଆନ୍ତି । ସଂରକ୍ଷଣ ପାଇଁ ମାଟି ହାଣ୍ଡି ହିଁ ଉପଯୁକ୍ତ ପାତ୍ର । ମାଟିହାଣ୍ଡିରେ ହାଣ୍ଡିଆର ସ୍ୱାଦ ନଷ୍ଟ ହୁଏନାହିଁ କି ଏହା ଖରାପ ହୋଇଯାଏ ନାହିଁ । ତେଣୁ ଲୋଧା ଲୋକମାନେ ମାଟିହାଣ୍ଡିକୁ ସଂରକ୍ଷଣ ପାଇଁ ବ୍ୟବହାର କରିଥାନ୍ତି ।

## ପାନୀୟର ଖାଦ୍ୟ ମୂଲ୍ୟ, ଉପକାର ଓ ଅପକାର:

ବିଭିନ୍ନ ପାନୀୟ ମଧ୍ୟରୁ କେବଳ ହାଣ୍ଡିଆକୁ ସେମାନେ ବେଶୀ ପ୍ରାଧାନ୍ୟ ଦେଇ ସେବନ କରିଥାନ୍ତି । ମଦ ଓ ରସ ଜାତୀୟ ପାନୀୟଠାରୁ ହାଣ୍ଡିଆ ପାନୀୟକୁ ଆବାଳ ବୃଦ୍ଧ ବନିତା ପ୍ରାୟ ସେବନ କରିଥାନ୍ତି । ମଦ ଓ ରସକୁ ସେମାନେ ନିଜେ ପ୍ରସ୍ତୁତ କରନ୍ତି ନାହିଁ କେବଳ ହାଣ୍ଡିଆକୁ ପ୍ରସ୍ତୁତ କରି ଖାଆନ୍ତି । ହାଣ୍ଡିଆକୁ ସେମାନେ ଭାତର ଖାଦ୍ୟ ମୂଲ୍ୟ ସହିତ ସମାନ ବୋଲି ବିଚାର କରିଥାନ୍ତି । ଭାତ ଖାଇଲେ ଯେଉଁ

ଶକ୍ତି ମିଳିଥାଏ ସେହି ଶକ୍ତି ହାଣ୍ଡିଆରେ ମଧ୍ୟ ମିଳେ ବୋଲି ସେମାନଙ୍କର ଧାରଣା । କିଛି ଲୋକ ଦୁଇ ତିନିଦିନ ପର୍ଯ୍ୟନ୍ତ ଆଦୌ ଭାତ ନଖାଇ ହାଣ୍ଡିଆ ପାନ କରି ରହିଯାଇ ପାରନ୍ତି । ଯେହେତୁ ହାଣ୍ଡିଆ ଚାଉଳରୁ ପ୍ରସ୍ତୁତ ହେଉଛି ତେଣୁ ଭାତର ଖାଦ୍ୟପ୍ରାଣ ଓ ଶକ୍ତି ସହିତ ହାଣ୍ଡିଆର ତାହା ମଧ୍ୟ ସମାନ ବୋଲି ଲୋଧାମାନେ ବିଶ୍ୱାସ କରନ୍ତି ।

## ହାଣ୍ଡିଆ ପାନୀୟର ଉପକାରିତା :

ହାଣ୍ଡିଆ ସେବନ ସଂପର୍କରେ ସେମାନଙ୍କ ବିଭିନ୍ନ ଧାରଣା ଅଛି, ସେଗୁଡିକ ହେଲା - (୧) ଶାରୀରିକ ଶ୍ରମ କରିବା ପରେ ହାଣ୍ଡିଆ ପାନ କଲେ ଶ୍ରମ ଲାଘବ ହୁଏ । (୨) ଦେହକୁ ସର୍ବଦା ସତେଜ ରଖିବାରେ ସାହାଯ୍ୟ କରେ (୩) ହାଣ୍ଡିଆ ସେବନ କରି ଶ୍ରମ କଲେ ଶ୍ରମ କଷ୍ଟ ଜଣାପଡେ ନାହିଁ । (୪) ଦେହକୁ ହାଲୁକା ଓ ଫୁର୍ତ୍ତି ରଖେ (୫) ଏହା ବଳ ବୃଦ୍ଧିରେ ସାହାଯ୍ୟ କରେ (୬) ଶରୀରକୁ ଶକ୍ତ ରଖେ । (୭) ପେଟ ଓ ମୁଣ୍ଡକୁ ଏହା ଥଣ୍ଡା ରଖେ । (୮) ଧାତୁ କ୍ଷୟ ରୋଗ ପାଇଁ ହାଣ୍ଡିଆକୁ ସେବନ କଲେ ଏହି ରୋଗ ଦୂର ହୁଏ ।

## ହାଣ୍ଡିଆ ପାନୀୟର ଅପକାରିତା:

ହାଣ୍ଡିଆ ବ୍ୟବହାରରେ ଯେତିକି ଉପକାର ମିଳିଥାଏ ସେତିକି ଅପକାର ମଧ୍ୟ ହୋଇଥାଏ । ଏହା ସେବନ କଲେ ମଣିଷ ହିତାହିତ ଜ୍ଞାନ ହରାଇବସେ । ଅଧିକ ହାଣ୍ଡିଆ ପିଇବା ଦ୍ୱାରା ପାକସ୍ଥଳୀ ଦୁର୍ବଳ ହୋଇ ଖାଦ୍ୟ ହଜମରେ ବ୍ୟାଘାତ ଘଟିଥାଏ । ପ୍ରତିଦିନ ହାଣ୍ଡିଆ ବ୍ୟବହାର କଲେ ସ୍ତ୍ରୀ ପୁରୁଷ ମଧ୍ୟରେ କ୍ଷଣକେ କଳି ସୃଷ୍ଟି ହୋଇ ପାରିବାରିକ ଶାନ୍ତି ବ୍ୟାହତ ହୁଏ । ଅତ୍ୟଧିକ ହାଣ୍ଡିଆ ସେବନ ଦ୍ୱାରା ବାନ୍ତି ମଧ୍ୟ ହୋଇଥାଏ । ହାଣ୍ଡିଆ ପାନ କରିଥିବା ବ୍ୟକ୍ତି ନିଜର ବାକ୍ ସଂଜମ ହରାଇ ବସନ୍ତି । ହାଣ୍ଡିଆ ପାନ କରି ଲୋକେ ନିଶାସକ୍ତ ହୋଇ ଆଳସ୍ୟ ପରାୟଣ ହୋଇ ସମୟକୁ ଅଯଥାରେ ଅପଚୟ କରିଥାଏ ।

## ପାନୀୟ ଏବଂ ଦେବଦେବୀ:

ପାନୀୟକୁ ଅନେକ ସମୟରେ ସେମାନେ ତାଙ୍କ ଇଷ୍ଟ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଭୋଗ ଲଗାଇ ସେବନ କରିଥାନ୍ତି । ଗ୍ରାମଦେବତୀ, ଜଙ୍ଗଲ ଠାକୁରାଣୀ, ଆଷାଢୀ ଠାକୁରାଣୀ ଇତ୍ୟାଦି ଦେବଦେବୀଙ୍କ ସମ୍ମୁଖରେ ବିଭିନ୍ନ ପାନୀୟକୁ ଭୋଗ ଆକାରରେ ଲଗାଯାଇ ତାହାକୁ ସେବନ କରାଯାଇଥାଏ । ଏହି ଦେବଦେବୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ ତାଙ୍କ ସର୍ବାରିଷ୍ଟ ଖଣ୍ଡନ ହୋଇଯାଏ ବୋଲି ବିଶ୍ୱାସ ।

## ମହିଳା ଓ ପାନୀୟ:

ଲୋଧା ମହିଳାମାନେ ବିଭିନ୍ନ ଉତ୍ସବାଦି, ପର୍ବପର୍ବାଣି, ଶୁଦ୍ଧିକ୍ରିୟା ଏବଂ ଶିଶୁ ଜନ୍ମ ହେବା ପରେ ନାମକରଣାଦିରେ ସ୍ୱତନ୍ତ୍ରଭାବରେ ହାଣ୍ଡିଆ ମଦ ପାନ କରିଥାନ୍ତି । ଠିକାଦାର ଅଧିନରେ କାମ କରୁଥିବା ମହିଳା ଶ୍ରମିକମାନେ ସନ୍ଧ୍ୟା ସମୟରେ ଚାନ୍ଦା ଆଦାୟ୍ କରି ମଦ୍ୟ ଜାତୀୟ ପାନୀୟ କିଣି ପାନ କରି କ୍ଳାନ୍ତି ଦୂର କରିଥାନ୍ତି । ସମୟ ସମୟରେ ହାଟ ବଜାର ମାନଙ୍କରେ ସାଙ୍ଗସାଥୀ ମାନଙ୍କ ମେଳରେ ଯୁବତୀ ଓ ମହିଳାମାନେ ମଦ ଓ ହାଣ୍ଡିଆ କିଣି ପାନ କରିଥାନ୍ତି ।

## ପୁରୁଷ ଓ ପାନୀୟ:

ପୁରୁଷମାନଙ୍କ ପାଇଁ ପାନୀୟ ସେବନର କୌଣସି ବାଛବିଚାର ନାହିଁ । ସମସ୍ତ ପର୍ବପର୍ବାଣି, ସାମାଜିକ ଉତ୍ସବମାନଙ୍କରେ ପ୍ରାୟ ପୁରୁଷମାନେ ପାନ କରିଥାନ୍ତି । ସମୟ ସମୟରେ ଯୁବକମାନେ ଚାନ୍ଦା ଆଦାୟ କରି ମଦ ଓ ହାଣ୍ଡିଆ କ୍ରୟ କରି ହସଖୁସିରେ ସେବନ କରିଥାନ୍ତି । ବର୍ଷର ଆରମ୍ଭ ଓ ଶେଷରେ ଯୁବକମାନେ ପ୍ରତ୍ୟେକ ଚାନ୍ଦା କରି ଏକ ଭୋଜିର ଆୟୋଜନ କରିଥାନ୍ତି ଓ ପାନୀୟ ହିସାବରେ ମଦ ଓ ହାଣ୍ଡିଆକୁ ଗ୍ରହଣ କରିଥାନ୍ତି । ହାଟ ବଜାର ମାନଙ୍କରେ ସାଙ୍ଗସାଥୀ ମାନଙ୍କ ସହ ହାଣ୍ଡିଆ ଓ ମଦ କ୍ରୟ କରି ସେବନ କରିଥାନ୍ତି ।

## ଉପହାର ଓ ଜୋରିମନା ପାନୀୟର ବ୍ୟବହାର:

ଲୋଧାମାନେ କେତେକ କ୍ଷେତ୍ରରେ ହାଣ୍ଡିଆକୁ ଉପହାର ହିସାବରେ ପ୍ରଦାନ କରିଥାନ୍ତି । କୌଣସି ଏକ ପରିବାରରେ ଶିଶୁଟିଏ ଜନ୍ମ ହେଲେ, ତାହାର ନାମକରଣ ଉତ୍ସବରେ, ବିବାହୋତ୍ସବରେ, ଶୁଦ୍ଧିକ୍ରିୟାରେ, ସାମୁହିକ କାର୍ଯ୍ୟରେ ଅତିଥି, ବନ୍ଧୁବାନ୍ଧବ ଓ ସାହି ପଡୋଶୀଙ୍କୁ ନିମନ୍ତ୍ରଣ ଜଣାଇ ଉପହାର ଓ ସମ୍ମାନସୂଚକ ଦ୍ରବ୍ୟ ହିସାବରେ ହାଣ୍ଡିଆ ଓ ମଦ ପ୍ରଦାନ କରାଯାଇଥାଏ । ପାନୀୟକୁ ମଧ୍ୟ ଜୋରିମନା ଆକାରରେ ସମୟ ସମୟରେ ପ୍ରଦାନ କରାଯାଇଥାଏ ଓ ଏହାକୁ ସେବନ କରି ଲୋକମାନେ ଆପ୍ୟାୟିତ ହୋଇଥାନ୍ତି । ଗ୍ରାମର କୌଣସି ଅପ୍ରୀତିକର ଘଟଣା କିମ୍ବା ଗଣ୍ଡଗୋଳ ଉପୁଜିଲେ ତାହାର ସମାଧାନ ନିମନ୍ତେ ଗ୍ରାମ ଦେହୁରୀଙ୍କ ସଭାପତିତ୍ୱରେ ଗ୍ରାମବାସୀଙ୍କ ଗହଣରେ ଦୋଷୀକୁ ଉପଯୁକ୍ତ ନ୍ୟାୟ ବିଚାର କରି ନିଷ୍ପତ୍ତି ଶୁଣାଇଦେବା ସହିତ ହାଣ୍ଡିଆ ଜୋରିମାନା ବାଧ୍ୟତାମୂଳକ ଭାବରେ ହୋଇଥାଏ ଓ ଉପସ୍ଥିତ ପ୍ରତ୍ୟେକ ପୁରୁଷ ଓ ସ୍ତ୍ରୀ ହାଣ୍ଡିଆ ପାନ କରିଥାନ୍ତି ।

## ପ୍ରସ୍ତୁତି ପ୍ରଣାଳୀ:

ହାଣ୍ଡିଆ ପାଇଁ ଏକ ବିଧିବଦ୍ଧ ପ୍ରସ୍ତୁତି ପ୍ରଣାଳୀ ଆବଶ୍ୟକ ହୋଇଥାଏ । ଏଥିରେ ଉଭୟ ପୁରୁଷ ଓ ସ୍ତ୍ରୀ ପ୍ରସ୍ତୁତି କାର୍ଯ୍ୟରେ ସହଯୋଗ କରି ହାଣ୍ଡିଆ ପ୍ରସ୍ତୁତ କରିଥାନ୍ତି । ପ୍ରଥମେ ଉଷୁନା ଚାଉଳ ଏକସେର ବା ଏକ ଭାଗ ହେଲେ ପାଣି ଦୁଇ ସେର ବା ଦୁଇ ଭାଗ ମାଟିହାଣ୍ଡିରେ ରନ୍ଧା ଯାଇଥାଏ । ଭାତ ହୋଇଗଲା ପରେ ଖୋଲା ଜାଗାରେ ଓହ୍ଲାଇ ଆଣି ପଟିଆ ଉପରେ ସମାନ ଭାବରେ ବିଛା ଯାଇଥାଏ । କାଠରେ ତିଆରି ଚଟୁରେ ଦୁଇ ତିନି ଇଞ୍ଚ ବହଳରେ ଗଦା କରି ବିଛାଯାଇଥାଏ । ଏହା ଥଣ୍ଡା ହେବା ପର୍ଯ୍ୟନ୍ତ ରଖାଯାଏ । ସମ୍ପୂର୍ଣ୍ଣ ଥଣ୍ଡା ହେବା ପରେ ଚାଉଳ ମାପ ଅନୁଯାୟୀ ଚେରମୂଳରୁ ପ୍ରସ୍ତୁତ ବାଖରକୁ ଗୁଣ୍ଡ କରି ଭାତରେ ଭଲଭାବରେ ମିଶାଇ ଦିଆଯାଏ । ଯେଉଁ ହାଣ୍ଡିରେ ଭାତ ରନ୍ଧାଯାଇଥିଲା ସେହି ହାଣ୍ଡିରେ ପୁଣି ବାଖର ମିଶା ଭାତକୁ ପଟିଆରୁ ଉଠାଇ ରଖାଯାଏ । ତା' ଉପରେ ଅଳ୍ପ ଗରମ ପାଣି ଛିଞ୍ଚାଯାଏ ଏବଂ ଶାଳପତ୍ର ଓ ଦୁଦୁରା ପତ୍ରରେ ନିର୍ମିତ ଖଲିରେ ଢାଙ୍କୁଣି ସ୍ୱରୂପ ଦିଆଯାଏ । ଏହାର ଠିକ୍ ତିନିଦିନ ପରେ ଉକ୍ତ ବାଖର ମିଶା ଭାତ ହାଣ୍ଡିଆରେ ପରିଣତ ହୋଇଯାଏ । ଏହି ହାଣ୍ଡିଆ ଦୁଇ ଭାଗରେ ବିଭକ୍ତ, ଯଥା - ହାଣ୍ଡିଆ ଓ ରସି । ହାଣ୍ଡିର ଉପର ଅଂଶରେ ଭାସୁଥିବା ଭାତକୁ ସାଧାରଣତଃ ମେରା କୁହାଯାଏ । ସେହି ମେରା ସହିତ ପାଣି ଦେଇ ଚିପୁଡି ଓ ବାଉଁଶରେ ତିଆରି ଚଲାରେ ଚଲାଇ ତରଳ ପଦାର୍ଥ ବାହାର କରାଯାଏ ତାହାକୁ ହାଣ୍ଡିଆ ବୋଲି କୁହାଯାଇଥାଏ । ମେରା ତଳକୁ ଥିବା ରସକୁ ରସି କୁହାଯାଏ । ହାଣ୍ଡିଆରୁ ରସିକୁ ଅଲଗା ନିଗାଡି ରଖିଲେ ହାଣ୍ଡିଆର କଡା ଅଂଶ କମିଯାଏ ଏବଂ ତାଠାରୁ ରସି ବେଶୀ ପରିମାଣରେ କଡା ହୋଇଯାଏ । ଏହି ପ୍ରକାରର ରସି ଅଂଶକୁ ଲୋଧାମାନେ ପୂଜା ସମୟରେ ବ୍ୟବହାର କରିଥାନ୍ତି ।

## ପାନୀୟ ପ୍ରସ୍ତୁତିରେ ବ୍ୟବହୃତ ଉପାଦାନ ଓ ଉପକରଣ :

ହାଣ୍ଡିଆ ପ୍ରସ୍ତୁତି ପାଇଁ ଲୋଧାମାନଙ୍କ ବିଭିନ୍ନ ପ୍ରକାର ଉପାଦାନ ଓ ଉପକରଣ ଆବଶ୍ୟକ ହୋଇଥାଏ । ଏହାର ପ୍ରଧାନ ଉପାଦାନ ହେଲା ଉଷୁନା ଚାଉଳ ଓ ବାଖର ଗୁଣ୍ଡ । ଏହା ବ୍ୟତୀତ ଅନ୍ୟାନ୍ୟ ସହଯୋଗୀ ଉପାଦାନ ଓ ଉପକରଣ ମଧ୍ୟରେ ଗୋଟିଏ ମାଟିହାଣ୍ଡି, ଗୋଟିଏ ପଟିଆ, ଗୋଟିଏ ଚଲା, ଗୋଟିଏ ଚଲଧୁଆ, ଶାଳ ପତ୍ର ଓ ଶିଆଳୀ ପତ୍ର ନିର୍ମିତ ଘୋଡଣୀ ଓ ପାଣି ଏହି ଉପକରଣ ସବୁ ପ୍ରାୟତଃ ସମସ୍ତଙ୍କ ଘରେ ଥାଏ ଓ ଏହି ସବୁ ଉପକରଣକୁ ଉପଯୋଗ କରି ହାଣ୍ଡିଆ ପ୍ରସ୍ତୁତ କରାଯାଇଥାଏ ।

## କେଉଁ ସମୟରେ ସର୍ବାଧିକ ପରିମାଣ ଉପଲବ୍ଧ :

ବର୍ଷର ବାରମାସ ମଧ୍ୟରେ ପୌଷମାସଠାରୁ ପ୍ରାୟ ଆଷାଢ ମାସ ପର୍ଯ୍ୟନ୍ତ ସର୍ବାଧିକ ପରିମାଣର ପାନୀୟ ଉପଲବ୍ଧ ହୋଇଥାଏ । ବିଭିନ୍ନ ପର୍ବପର୍ବାଣି ଓ ବିବାହ ଉତ୍ସବ ଆଦି ଏହି ମାସରେ ପାଳିତ ହେଉ ପ୍ରାୟ ଅଧିକାଂଶ ଘରେ ହାଣ୍ଡିଆ ପ୍ରସ୍ତୁତ କରାଯାଉଥିବା ସହଜରେ ଉପଲବ୍ଧ ହୋଇଥାଏ । ଉକ୍ତ ମାସ ମାନଙ୍କରେ ପ୍ରଚୁର ପରିମାଣରେ ହାଣ୍ଡିଆ ମିଳୁଥିବାରୁ ଲୋକମାନେ ସର୍ବାଧିକ ମାତ୍ରାରେ ଏହି ମାସମାନଙ୍କରେ ପାନ କରିଥାନ୍ତି । ବିଶେଷତଃ ଶୁଦ୍ଧିକ୍ରିୟା ଓ ଉତ୍ସବାଦିରେ ବହୁଳ ଭାବରେ ହାଣ୍ଡିଆର ବ୍ୟବହାର ହୋଇଥାଏ ।

## ସେବନ ସମୟ:

ନିଜର ଦୈନନ୍ଦିନ ସମୟ ବ୍ୟତୀତ ଅତ୍ୟାବଶ୍ୟକ ସମୟରେ ମଧ୍ୟ ପାନୀୟ ସେବନ କରାଯାଇଥାଏ । ଏହି ଅତ୍ୟାବଶ୍ୟକ ସମୟକୁ ଏକ ଜରୁରୀ ଆବଶ୍ୟକତା ଭାବି ଏହାର ବ୍ୟବହାରକୁ ବାଧ୍ୟତାମୂଳକ ଦ୍ରବ୍ୟ ଆକାରରେ ଗ୍ରହଣ କରାଯାଇଥାଏ । ଲୋଧାମାନେ ତାଙ୍କର ଇଷ୍ଟ ଦେବଦେବୀ ପୂଜା ସମୟରେ, ଗ୍ରାମଦେବତୀ ପୂଜାରେ ଆଷାଢୀ ଠାକୁରାଣୀ, ଜଙ୍ଗଲ ଠାକୁରାଣୀ, ବଣକୁଆଁରୀ ପୂଜା ଦିନ ମାନଙ୍କରେ ବିଭିନ୍ନ ପ୍ରକାର ପାନୀୟ ମଧ୍ୟରୁ ହାଣ୍ଡିଆ ଓ ମଦକୁ ଭୋଗ ଦ୍ରବ୍ୟ ଆକାରରେ ପ୍ରଦାନ କରି ତାହାକୁ ଭୋଗ ଆକାରରେ ସେବନ କରନ୍ତି । ଉକ୍ତ ଦିନମାନଙ୍କରେ ହାଣ୍ଡିଆ ଓ ମଦ ଏକ ଅତ୍ୟାବଶ୍ୟକ ଦ୍ରବ୍ୟ ହିସାବରେ ଗ୍ରହଣ କରାଯାଇଥାଏ ।

# କନ୍ୟାସୁନା

## କନ୍ୟାସୁନା ସମ୍ବନ୍ଧୀୟ ଧାରଣା, ଉତ୍ପତ୍ତି ଓ ଇତିହାସ:

ବିବାହ ମନୁଷ୍ୟ ସମାଜର ଚିରାଚରିତ ସାମାଜିକ ପ୍ରଥା ଓ ବଂଶବୃଦ୍ଧିର ପ୍ରତୀକ । ଏଥିପାଇଁ ମଣିଷର ବୟସ ସୀମାକୁ ଆଖିଆଗରେ ରଖି ଚିରାଚରିତ ପ୍ରଥାନୁଯାୟୀ ବିବାହ ଅନୁଷ୍ଠିତ ହୋଇଥାଏ । କିନ୍ତୁ ବର୍ତ୍ତମାନ ଅନ୍ୟ ସମାଜରେ ଅନୁଷ୍ଠିତ ହେଉଥିବା ବିବାହଠାରୁ ଲୋଧା ସମାଜରେ ପ୍ରଚଳିତ ବିବାହ ପ୍ରଥା ଅଲଗା । ଆଧୁନିକ ସମାଜରେ କୌଣସି ବିବାହ କାର୍ଯ୍ୟ ପୂର୍ବରୁ କନ୍ୟାପିତା ବର ଉଦ୍ଦେଶ୍ୟରେ ଯୌତୁକ ଆକାରରେ ଯାହାକିଛି ପ୍ରଦାନ କରୁଥିବା ସ୍ଥଳେ ଲୋଧା ସମାଜରେ କୌଣସି ବିବାହ କାର୍ଯ୍ୟ ପୂର୍ବରୁ ବରଘର କନ୍ୟାଘରକୁ କନ୍ୟା ଉଦ୍ଦେଶ୍ୟରେ ଯୌତୁକ ପରିବର୍ତ୍ତେ କନ୍ୟାସୁନା ଆକାରରେ ଯାହା କିଛି ପ୍ରଦାନ କରାଯାଇଥାଏ । ଏହି ସମାଜରେ ବିବାହ ଉତ୍ସବ ପୂର୍ବରୁ ବରଘର କନ୍ୟାଘରକୁ କନ୍ୟା ଉଦ୍ଦେଶ୍ୟରେ କନ୍ୟାସୁନା ଆକାରରେ ଚିରାଚରିତ ପ୍ରଥାନୁଯାୟୀ କିଛି ଉପହାର ପ୍ରଦାନ କରାଯାଇଥାଏ । କିନ୍ତୁ କନ୍ୟାସୁନା ସମ୍ବନ୍ଧୀୟ ଉତ୍ପତ୍ତିର କିମ୍ବଦନ୍ତୀ ଥିବାର ଜଣାଯାଏ ନାହିଁ ।

## କନ୍ୟାସୁନାର ପ୍ରଚଳନ, ପ୍ରଦାନ ପ୍ରଣାଳୀ, ନୀତି ନିୟମ ଓ ମଧ୍ୟସ୍ଥିଙ୍କ ଭୂମିକା :

ଲୋଧାମାନଙ୍କ ବିବାହ କାର୍ଯ୍ୟକ୍ରମ ଚିରାଚରିତ ପ୍ରଥାନୁଯାୟୀ ଅନୁଷ୍ଠିତ ହୋଇଆସୁଛି । ସେମାନଙ୍କ ସମାଜରେ ପୁଅଝିଅ ମାନଙ୍କ ବିଭିନ୍ନ ପ୍ରକାର ବିବାହ ହୋଇଥାଏ । ବିବାହ ପୂର୍ବରୁ ଝିଅ ଓ ପୁଅ ମଧ୍ୟରେ ଦେଖାସାକ୍ଷାତ ମଧ୍ୟସ୍ଥି ମାଧ୍ୟମରେ ସମ୍ଭବ ହୋଇଥାଏ । କିନ୍ତୁ ପୁଅ ପକ୍ଷରୁ ପ୍ରଥା ଅନୁଯାୟୀ କନ୍ୟାସୁନା ଆକାରରେ ପ୍ରଦାନ କରାଯାଇଥାଏ । କେବଳ ବର ଓ ପୁତ୍ରର ପିତା ମଧ୍ୟସ୍ଥି ସହାୟତାରେ ଝିଅ ବା କନ୍ୟା ଦେଖିବା ପାଇଁ କନ୍ୟା ଘରକୁ ଯାଇଥାନ୍ତି । ଦିନବାର ଧାର୍ଯ୍ୟ ଅନୁଯାୟୀ କନ୍ୟାଘର ତରଫରୁ ଲୋକମାନେ ଅତିଥିଙ୍କୁ ପାଛୋଟି ନେଇ ଯାଇଥାଆନ୍ତି ଏବଂ କନ୍ୟା ଘରକୁ ପହଞ୍ଚାଇ ଆସନରେ ବସାଇ ଥାଆନ୍ତି । ତତ୍ପରେ ଗ୍ରାମର ଜଣେ ଅବିବାହିତା ମହିଳା ବା ନିଜେ କନ୍ୟା ପୁତ୍ରର ପିତାଙ୍କୁ କଂସା ଥାଳି ସହିତ ଟୁକୁଣା ପାଣିଧରି ପିଢା ଉପରେ ଗୋଡକୁ ଧୋଇ ସ୍ୱାଗତ ଜଣାଇଥାନ୍ତି ଏବଂ କନ୍ୟାର ପିତା ଏମାନଙ୍କ ସହିତ ଆଲିଙ୍ଗନ ପୂର୍ବକ ସମ୍ମାନରେ ସ୍ୱାଗତ କରିଥାନ୍ତି । ଯଦି ପୁତ୍ରର ପିତା କନ୍ୟାକୁ ଯୋଗ୍ୟ ବିବେଚିତ

ମନେ କରନ୍ତି ତେବେ ସଙ୍ଗେସଙ୍ଗେ ମଧ୍ୟସ୍ଥିଙ୍କ ମାଧ୍ୟମରେ ବନ୍ଧୁତା ସ୍ଥାପନର ଇଚ୍ଛା ପ୍ରକାଶ କରିଥାନ୍ତି । ଏହାପରେ କନ୍ୟା ପୁତ୍ରର ପିତାଙ୍କୁ ସେବନ ପାଇଁ ହାଣ୍ଡିଆ ପ୍ରଦାନ କରିଥାନ୍ତି । କିଛି ଦିନ ଉତାରୁ ଦିନ ଧାର୍ଯ୍ୟ କରିବାକୁ ବର ଘରର କେହି ଜଣେ ମଧ୍ୟସ୍ଥି ସହିତ କନ୍ୟାଘରକୁ ଯାଇ କନ୍ୟାର ପିନ୍ଧାଣୀ ସମ୍ବନ୍ଧରେ ଆଲୋଚନା କରି ଫେଂରିଥାନ୍ତି । ଏହାପରେ କନ୍ୟାର ଶାଢି, ବ୍ଲାଉଜ ଏବଂ ଶାୟା ଇତ୍ୟାଦି ସଂଗୃହିତ ପୋଷାକ ବର ଘର ତରଫଂରୁ କେତେ ଜଣ ଯାଇ ଦେଇଆସିଥାନ୍ତି । କନ୍ୟା ସେମାନଙ୍କ ଗୋଡ ଧୋଇ ହାଣ୍ଡିଆ ସେବନ ପାଇଁ ଦେଇଥାନ୍ତି । କନ୍ୟାର ଭାଉଜ ଅଗଣାରେ ଚୂନା ଗୁଣ୍ଡରେ ପାଣି ମିଶ୍ରଣ ଏବଂ ସିନ୍ଦୂର ଧରି ପ୍ରଥମେ ମିଶ୍ରଣରେ ଗୋଲାକାର ଝିଅ ଆକାରରେ ଚିତ୍ରିତ କରି ସିନ୍ଦୂର ଟିକା ଦେଇ ସାମନାରେ ପଟିଆ ପକାଇ ପଡୋଶୀ ମହିଳାଙ୍କ ସମେତ କନ୍ୟାର ପୋଷାକ ପରିଚ୍ଛଦ ଗ୍ରହଣ ଉଦ୍ଦେଶ୍ୟରେ ଅପେକ୍ଷା କରିଥାନ୍ତି । ବର ତରଫଂରୁ ଯାଉଥିବା କନ୍ୟାର ପୋଷାକ ପରିଚ୍ଛଦ ପଡିଥିବା କଂସା ଉପରେ ସମସ୍ତେ ପୋଷାକ ପରିଚ୍ଛଦ ଅର୍ପଣ କରି ସ୍ୱାଗତ ଜଣାଇଥାନ୍ତି । ଏହି କାର୍ଯ୍ୟ ସମାପ୍ତ ପରେ ଝିଅ ବା କନ୍ୟା ଘର ତରଫଂରୁ କେତେଜଣ ମିଶି ବର ଦେଖିବା ଉଦ୍ଦେଶ୍ୟରେ ଦିନ ଧାର୍ଯ୍ୟ ଅନୁଯାୟୀ ବର ପାଇଁ ଗୋଟିଏ ରୂପା ହାର ଓ ଗୋଟିଏ ଗଞ୍ଜି ଧରି କନ୍ୟା ଘରାକୁ ଯାଇଥାନ୍ତି । ବର ତରଫଂରୁ ବନ୍ଧୁମାନଙ୍କୁ ବାଟରୁ ପାଛୋଟି ନେଇ ଘରକୁ ପହଞ୍ଚାଇ ଥାଆନ୍ତି । ଜଡଭାଉଜ କଂସା ଥାଳୀ ସହିତ  ବେଲା ପାଣି ଧରି ବନ୍ଧୁମାନଙ୍କୁ ଗୋଡ ଧୋଇ ସ୍ୱାଗତ ଜଣାଇଥାନ୍ତି । ତା'ପରେ ଚୂନି ମିଶ୍ରିତ ପାଣି ଏବଂ ସିନ୍ଦୁର ଧରି ଚୂନାମିଶ୍ରିତ ଗୋଲାକାର ଝିଅ ସ୍ୱରୁପ କରି ମଝିରେ ସିନ୍ଦୁର ଟିକା ଦେଇ ପଟିଆ ପକାଇ ଗ୍ରାମର ମହିଳା ସମେତ ବରର ପୋଷାକ ଗ୍ରହଣ କରି  ଅପେକ୍ଷାରେ ଥାଆନ୍ତି । ସବୁ ପ୍ରକାର ଜିନିଷ ଗ୍ରହଣ ପରେ ଘରକୁ ନେଇଥାନ୍ତି । ତା'ପରେ ହାଣ୍ଡିଆ ସମେତ ମଦ୍ୟ ଜାତୀୟ ପାନୀୟ ବନ୍ଧୁ ତର୍ଚ୍ଚା ହିସାବରେ ସେବନ କରିବାକୁ ଦିଆଯାଇଥାଏ । ବିବାହ ପୂର୍ବ ଦିନ ବରଘର ତରଫଂରୁ ମାମୁଁ ଏବଂ ଗ୍ରାମର କେତେଜଣ ସମେତ ମଧ୍ୟସ୍ଥି ମାଧ୍ୟମରେ ସଂଗୃହିତ ଲୁଗା ଆଈ ପାଇଁ ଗୋଟିଏ ଶାଢୀ, ମାଆ ପାଇଁ ଗୋଟିଏ ଶାଢୀ ନାଲି ଧଡି ଥିବା ଗୋଟିଏ ଧଳା ଶାଢୀ ଓ ଶଳା ପାଇଁ ଗାମୁଛା ବା ଧୋତି ଇତ୍ୟାଦି କନ୍ୟା ଘରକୁ କନ୍ୟାସୁନା ସ୍ୱରୁପ ପ୍ରଦାନ କରାଯାଇଥାଏ ।

## କନ୍ୟାସୁନାର ଗୁରୁତ୍ୱ :

ଲୋଧା ସମାଜରେ ବିବାହ ଉତ୍ସବରେ ଧୋବା ବାରିକ ସମେତ ବାହ୍ମଣଙ୍କ ଆବଶ୍ୟକତା ହୋଇଥାଏ । ବିବାହରେ ବ୍ରାହ୍ମଣ ବିନା ବାହାଘର ଚଳନୀୟ କିନ୍ତୁ ଧୋବା ବାରିକ ବିନା ବାହାଘର ଚଳନୀୟ ନୁହେଁ ବୋଲି ସମାଜର ପ୍ରଥାଅଛି । ବର କନ୍ୟାଙ୍କ ବାହାଘର ଚିରାଚରିତ ପ୍ରଥାନୁଯାୟୀ ବେଦୀ ଉପରେ କରିବା ପାଇଁ ସ୍ଥିର କରାଯାଇଥାଏ ।

ଛୁଆଟି କାଳରୁ ମାଆ ବାପାଙ୍କ ସହିତ ରହି ବଢି ଆସିଥିବାରୁ କନ୍ୟା ବା ଝିଅ ପ୍ରତି ବାତ୍ସଲ୍ୟମମତାରେ ବାନ୍ଧି ହୋଇ ପିତାମାତାଙ୍କୁ ସେବା କରି ଚାଲିଥାଏ । କିନ୍ତୁ ସେ ଅନ୍ୟ ଘରର ବୋହୂ ହୋଇ ଚାଲିଯିବା ବେଳେ କନ୍ୟାସୁନା ବାବଦରେ କିଛି ଟଙ୍କା କନ୍ୟାକୁ ପ୍ରଦାନ କରାଯାଇଥାଏ । ପୁନଶ୍ଚ ବହୁବର୍ଷ ଧରି ପିତା ମାତା ଘରେ ବିଭିନ୍ନ ପ୍ରକାର କାମରେ ହାତ ଦେଇ ତାର ପାରିଶ୍ରମିକ ବାବଦରେ କନ୍ୟା ତରଫଂରୁ ଉପହାର ସହ କନ୍ୟାକୁ ଅର୍ପଣ କରାଯାଇଥାଏ । ବିଶେଷତଃ ବର ତରଫଂଠାରୁ କନ୍ୟା ପକ୍ଷକୁ ଉଣାଧିକ ଟଙ୍କା ଏବଂ ଗୋଟିଏ ଛେଳି କନ୍ୟା ସୁନା ରୂପେ ପ୍ରଦାନ କରାଯାଇଥାଏ । ଗ୍ରାମର ଝିଅମାନଙ୍କ ସ୍ନେହ ମମତାରୁ ବିଚ୍ଛିନ୍ନ ହୋଇ ଅଚିହ୍ନା ପୁଅ ସହିତ ହାତ ମିଳାଇ ଜୀବନଯାପନ କରୁ ବୋଲି ଆଶୀର୍ବାଦ ଦେବା ସହିତ ସେମାନେ କନ୍ୟାକୁ ଉପହାର ହିସାବରେ କିଛି ଅର୍ପଣ କରିଥାନ୍ତି ।

## କନ୍ୟାସୁନାର ସାମାଜିକ ଓ ଅର୍ଥନୈତିକ ଗୁରୁତ୍ୱ :

କୌଣସି ପୁତ୍ର କିମ୍ବା କନ୍ୟାର ବିବାହ ସମୟରେ ଅଳ୍ପ ବହୁତ କନ୍ୟାପକ୍ଷକୁ ଟଙ୍କା ବା ଜିନିଷ ଆକାରରେ କନ୍ୟାସୁନା ଭାବରେ ପ୍ରଦାନ କରିଥାନ୍ତି । ବିବାହ ପୂର୍ବଦିନ ବରପକ୍ଷରୁ କନ୍ୟା, କନ୍ୟାର ମାଆ ଆଈ ପାଇଁ ଶାଢୀ ଏବଂ କନ୍ୟାର ଭାଇ ପାଇଁ ଗୋଟିଏ ଧୋତି ପ୍ରଦାନ କରାଯାଇଥାଏ । କନ୍ୟାର ଜନ୍ମଦାତ୍ରୀ ହିସାବରେ ଏବଂ ଝିଅକୁ ଛୋଟ ଦିନରୁ ସ୍ନେହରେ ଲାଳନ ପାଳନ କରି ବଢାଇଥିବା ଦୃଷ୍ଟିକୋଣରୁ ମାଆଙ୍କ ପାଇଁ ବରଘର ପକ୍ଷରୁ ୧୦ ହାତ ବିଶିଷ୍ଟ ମୋଟା ଶାଢୀ ପ୍ରଦାନ କରାଯାଇଥାଏ । କନ୍ୟାର ଜେଜେମାଆ ବିଭିନ୍ନ କ୍ଷେତ୍ରରେ ପଥପ୍ରଦର୍ଶିକା, ହାଟବାଟ ଓ ଜଙ୍ଗଲ ଇତ୍ୟାଦିରେ କାର୍ଯ୍ୟରେ ସହଯୋଗ କରିଥିବା ଦୃଷ୍ଟିରୁ ତାଙ୍କୁ ମଧ୍ୟ ୧୦ ହାତ ମୋଟା ସୂତାରେ ପ୍ରସ୍ତୁତ ଶାଢୀ ବା ଲୁଗା ଦିଆଯାଇଥାଏ । ପିତାଙ୍କ ଦେହାନ୍ତ ପରେ କନ୍ୟାର ପିଉସୀ ଘରେ ଅନୁଷ୍ଠିତ ପ୍ରତ୍ୟେକ କର୍ମକର୍ମାଣି ଓ କାର୍ଯ୍ୟରେ ସାମିଲ ହୋଇଥାନ୍ତି ଏବଂ ବିଭିନ୍ନ ପୂଜାପାଠରେ ଆବଶ୍ୟକ ପୂଜା ସାମଗ୍ରି ସଂଗ୍ରହରେ ସହଯୋଗ ଏବଂ ନାଚଗୀତରେ ଏକ ସାଙ୍ଗରେ ସାମିଲ ହୋଇଥିବା ଦୃଷ୍ଟି କୋଣରେ ବିଶେଷ ଗୁରୁତ୍ୱ ଦେଇ ତାଙ୍କ ପାଇଁ ମଧ୍ୟ ଦଶ ହାତ ଲମ୍ବା ମୋଟା ଶାଢୀ ବରଘର ତରଫଂରୁ ଦିଆଯାଇଥାଏ । ଭାଇଭଉଣୀ ମଧ୍ୟରେ ଦୀର୍ଘ ଦିନ ଧରି ସଂପର୍କ ଏବଂ ପିତାଙ୍କ ଅନ୍ତେ ପୁତ୍ର ଘରର ସମସ୍ତ ଦାୟୀତ୍ୱ ତୁଲାଇବାରେ ସକ୍ଷମ ହୋଇପାରିବା ଦୃଷ୍ଟିକୋଣରୁ ବରପକ୍ଷ ଗୋଟିଏ ଧୋତି ଭାଇକୁ ପ୍ରଦାନ କରିଥାନ୍ତି । ସ୍ନେହ ଡୋରିରେ ବନ୍ଧା ହୋଇରହିଥିବା ଦୃଷ୍ଟିକୋଣରୁ ଏହା ପ୍ରଦାନ କରାଯାଇଥାଏ । କନ୍ୟାର ମାଆ, ଜେଜେମାଆ, ଭାଉଜ ଏବଂ ପିଉସୀଙ୍କ ବ୍ୟବହାର କରିବା ପାଇଁ ସିନ୍ଦୁର, ପାନିଆ, ବଟାହଳଦୀ, ତେଲ ଇତ୍ୟାଦି ଦିଆଯାଇଥାଏ ।

## ବିଭିନ୍ନ ବିବାହରେ କନ୍ୟାସୁନାର ପାର୍ଥକ୍ୟ:

ଲୋଧା ଗୋଷ୍ଠୀରେ ବିବାହ ବିଭିନ୍ନ ପ୍ରକାରର ହୋଇଥାଏ, ଯଥା:- ସ୍ଥିରୀକୃତ ବିବାହ, ସଙ୍ଗା ବିବାହ, ପ୍ରେମ ବିବାହ, ଜବରଦସ୍ତ ଧରିପଳା ବିବାହ ଏବଂ ସିନ୍ଦୂରଘସା । ଯେ କୌଣସି ବିବାହରେ ବରପକ୍ଷ କନ୍ୟାପକ୍ଷକୁ କିଛି ଅର୍ଥ କିମ୍ବା ଜିନିଷ ଆକାରରେ କନ୍ୟାସୁନା ବାବଦରେ ପ୍ରଦାନ କରିଥାନ୍ତି । ସ୍ଥିରୀକୃତ ବିବାହରେ ବରପକ୍ଷରୁ ମୋଟାମୋଟି ୬ଟି ଲୁଗା ପ୍ରଦାନ କରାଯାଇଥାଏ । ଏଥି ସହିତ ରୂପା କିମ୍ବା ସୁନାର ଗହଣା ବର ତରଫରୁ କନ୍ୟାସୁନା ସ୍ୱରୂପ ପ୍ରଦାନ କରାଯାଇଥାଏ । ହାତରେ ପିନ୍ଧିବା ପାଇଁ, ଗୋଡରେ ପିନ୍ଧିବା ପାଇଁ ରୂପାର ପାଇଜମ୍, ବେକ ପାଇଁ ରୂପା କିମ୍ବା ସୁନାର ହାର, କାନ ପାଇଁ ସୁନା ରିଙ୍ଗ୍ କନ୍ୟାସୁନା ବାବଦରେ ବରପକ୍ଷରୁ ଯାଇଥାଏ । ଗହଣା ବଦଳରେ ଏକଟଙ୍କା ପଚିଶି ପଇସା କନ୍ୟାକୁ ବାବଦରେ ବରପକ୍ଷରୁ ପ୍ରଦାନ କରିଥାନ୍ତି । ସଙ୍ଗା ବାହାଘର ସମୟରେ ୪ଟି ଲୁଗା ବ୍ୟତୀତ ଅନ୍ୟ ଗହଣା କନ୍ୟାସୁନା ସ୍ୱରୂପ ପ୍ରଦାନ କରାଯାଇଥାଏ । କିନ୍ତୁ ଆର୍ଥିକ ଦୃଷ୍ଟିକୋଣରୁ ଏକଟଙ୍କା ପଚିଶି ପଇସା ମାତ୍ର କନ୍ୟାସୁନା ରୂପେ ଦିଆଯାଏ । ସିନ୍ଦୂରଘସା ବିବାହରେ ଉଭୟ ଗ୍ରାମର ଲୋକମାନେ ବସି ବରପକ୍ଷକୁ ଏକ ହଜାରରୁ ଦୁଇ ହଜାର ଟଙ୍କା ଜୋରିମନା, ଇଜ୍ଜତ ମହତ ନଷ୍ଟ ହେବା ଦୃଷ୍ଟିକୋଣରୁ ଆଦାୟ କରାଯାଏ । ଏଥିରେ ଝିଅର ଅସମ୍ମତ ହେବାର ଲକ୍ଷଣ ଦେଖାଗଲେ ଝିଅ ଓ ପୁଅଙ୍କୁ ବିଚ୍ଛିନ୍ନ କରି ଦିଆଯାଏ । ଯଦି ଝିଅ ପୁଅଙ୍କୁ ସମ୍ମତି ଥାଏ ତେବେ ସେ କ୍ଷେତ୍ରରେ ଜୋରିମନା ଦେବାକୁ ବାଧ୍ୟ ହୁଅନ୍ତି ।

## ପରିତ୍ୟକ୍ତା ସ୍ତ୍ରୀ ପାଇଁ କନ୍ୟାସୁନା :

କୌଣସି ବିବାହିତ ସ୍ତ୍ରୀ ସ୍ୱାମୀଠାରୁ ବିଭିନ୍ନ କ୍ଷେତ୍ରରେ ପ୍ରତାରିତା ହୋଇ ପରିଶେଷରେ ନିଜ ସ୍ୱାମୀଠାରୁ ବିଚ୍ଛେଦ ହୋଇ ନିଜ ଘରକୁ ଚାଲିଯାଇଥାଏ । ସେହି ପରିପ୍ରେକ୍ଷୀରେ କୌଣସି ସ୍ତ୍ରୀ ହରାଇଥିବା ପୁରୁଷ ସେହି ସ୍ତ୍ରୀକୁ ବିବାହ କରିଥାଏ । ସେହିଭଳି ବିବାହ କ୍ଷେତ୍ରରେ କନ୍ୟାର ମା, ମାମୁଁଙ୍କୁ ୪ଟି ଲୁଗା ସହିତ (ଟ ୧.୨୫) ଏକ ଟଙ୍କା ପଚିଶି ପଇସା କନ୍ୟାସୁନା ବାବଦରେ ଦିଆଯାଇଥାଏ ।

## ବିଧବା ସ୍ତ୍ରୀ ପାଇଁ କନ୍ୟାସୁନା :

କୌଣସି ବିବାହିତା ସ୍ତ୍ରୀର ପୁରୁଷ କୌଣସି କାରଣରୁ ମୃତ୍ୟୁବରଣ କରିଥିଲେ ସ୍ତ୍ରୀ ନିଶ୍ଚିତ ଭାବରେ ବିଧବା ହୋଇଥାଏ । ବିଧବା ସ୍ତ୍ରୀ ନିଜ ଘରପାଖରେ ରହି ଦୁଃଖକଷ୍ଟରେ ଜୀବନଯାପନ କରିଥାଏ । ବିଧବା ସ୍ତ୍ରୀକୁ ସାଧାରଣତଃ ସ୍ତ୍ରୀ ହରା ପୁରୁଷ କିମ୍ବା ଅନ୍ୟ ପୁରୁଷ ବିବାହ କରିଥାଏ । ମଧ୍ୟସ୍ଥିଙ୍କ ମାଧ୍ୟମରେ ବିଧବା ସ୍ତ୍ରୀର ବିବାହ ସଂଗଠିତ

ହୋଇଥାଏ । ଏଥିରେ ମଧ୍ୟ ୪ଟି ଲୁଗା ଆବଶ୍ୟକ ଥିବାବେଳେ (ଟ୧.୨୫) ଏକ ଟଙ୍କା ପଚିଶି ପଇସା କନ୍ୟାସୁନା ରୂପରେ ପ୍ରଦାନ କରାଯାଇଥାଏ । ଗହଣା ପ୍ରତି କୌଣସି ଦାବି କରାଯାଇ ନଥାଏ । ଜନ୍ମଦାତ୍ରୀ ମାଆଙ୍କ ପାଇଁ ୧୦ ହାତ ସୂତା ଶାଢୀ, କନ୍ୟା ପାଇଁ ନାଲି ଧଡି ଥିବା ଧଳା ଶାଢୀ, ଆଈ ପାଇଁ ମଧ୍ୟ ଗୋଟିଏ ଦଶ ହାତ ମୋଟା ଶାଢୀ ଦିଆଯାଏ ଏବଂ କନ୍ୟାର ସାନ ଭାଇ ପାଇଁ ଗୋଟାଏ ଆଠହାତ ଲମ୍ବାର ଧଳା ଧୋତି କନ୍ୟାସୁନା ବାବଦରେ ଅର୍ପଣ କରାଯାଏ ।

## ପ୍ରେମ ବିବାହ ପାଇଁ କନ୍ୟାସୁନା :

ଯେ କୌଣସି ପୁଅ ଝିଅଙ୍କର ଦୀର୍ଘଦିନ ଧରି ପରସ୍ପର ମଧ୍ୟରେ ସଂପର୍କ ରହି ଭଲପାଇ ବାହା ହେବାକୁ ପ୍ରେମ ବିବାହ କୁହାଯାଏ । ଗ୍ରାମଲୋକଙ୍କ ଉପସ୍ଥିତିରେ ମୁଖିଆ ପ୍ରେମିକ ପ୍ରେମିକାଙ୍କ ପ୍ରେମ ବିବାହ ସମ୍ବନ୍ଧରେ ପ୍ରଶ୍ନ ପଚାରିଥାନ୍ତି । ଉତ୍ତରରେ ପ୍ରେମିକା ଯଦି ଅନିଚ୍ଛୁକ କିମ୍ବା ଜବରଦସ୍ତ ଉଠାଇ ଆଣିଛି ବୋଲି ଗ୍ରାମବାସୀଙ୍କ ଆଗରେ ପ୍ରକାଶ କରିଥାନ୍ତି ତେବେ ଗ୍ରାମବାସୀଙ୍କ ନିର୍ଦ୍ଦେଶରେ ପୁଅକୁ ଦୁଇହଜାର ଟଙ୍କା ଜୋରିମନା କରାଯାଏ । ଯଦି ପୁଅ ଝିଅ ଉଭୟ ବିବାହରେ ସନ୍ତୁଷ୍ଟ ଥାଆନ୍ତି ତେବେ ବିବାହ ହେବାର ବ୍ୟବସ୍ଥା କରାଯାଏ । ଦନାରେ ଗୁଣ୍ଡବଟା ହଳଦୀ, ସିନ୍ଦୂର, ପାନିଆ ଓ ତେଲ ଇତ୍ୟାଦି କନ୍ୟାପକ୍ଷରୁ କନ୍ୟାକୁ ସୁନା ବାବଦରେ ଦିଆଯାଇଥାଏ । କନ୍ୟା ମାଆଙ୍କ ପାଇଁ ଦଶହାତ ଲମ୍ବା ଶାଢୀ, କନ୍ୟାର ଆଈ ପାଇଁ ମୋଟା ସୂତାର ଦଶହାତ ଶାଢୀ, କନ୍ୟା ପାଇଁ ନାଲି ଧଡଥିବା ନାଲି ଶାଢୀ, କନ୍ୟାର ଭାଇ ପାଇଁ ଆଠ ହାତ ଧୋତି କନ୍ୟାସୁନା ହିସାବରେ ପ୍ରଦାନ କରାଯାଏ ।

## ବଳପୂର୍ବକ ଅପହରଣ କରି ବିବାହ ପାଇଁ କନ୍ୟାସୁନା :

ପୁଅ ସୁଯୋଗ ଦେଖି କୌଣସି ଏକ ଝିଅକୁ ଜବରଦସ୍ତ ଭାବରେ ଘେରାଇ ନିଜ ଘରକୁ ନେଇଯାଇଥାଏ । ଏହାର ତଦନ୍ତ ହିସାବରେ ଗ୍ରାମର କୌଣସି ଏକ ଲୋକକୁ ବରଘରକୁ ଗୁପ୍ତ ଭାବରେ କନ୍ୟା ତରଫଂରୁ ପଠାଯାଇ ଘଟଣା ସଂପର୍କରେ ସୂଚନା ମିଳେ । ଏହି ବିବାହରେ ଚାରିଖଣ୍ଡ ଲୁଗା ଏବଂ ଏକ ଟଙ୍କା ପଚିଶି ପଇସା ବର ତରଫଂରୁ କନ୍ୟାସୁନା ହିସାବରେ ପ୍ରଦାନ କରାଯାଏ । ଏଥି ସହିତ ଦନାରେ ପାନିଆ, ବଟା ହଳଦୀ, ସିନ୍ଦୂର, ତେଲ ଇତ୍ୟାଦି କନ୍ୟା ଘରକୁ ପଠାଯାଏ । ଏହିଭଳି ବିବାହରେ ଯଦି କନ୍ୟା ରାଜି ନହୁଏ ତେବେ ଗ୍ରାମବାସୀମାନେ କନ୍ୟାକୁ ଫେରାଇ ଆଣନ୍ତି ଏବଂ ବରପକ୍ଷକୁ ଟଙ୍କା ଆକାରରେ ସମ୍ମାନ ଦାନ ଯୋଗୁଁ ପ୍ରାୟ ପାଞ୍ଚହଜାର ଟଙ୍କା ଜୋରିମନା କରିଥାନ୍ତି । ଏଥି ସହିତ ଗ୍ରାମବାସୀଙ୍କ ଭୋଜି ସକାଶେ ଗୋଟିଏ ଛେଳି ବରପକ୍ଷରୁ ଆଦାୟ କରନ୍ତି ।

## କନ୍ୟାସୁନା ଫେରସ୍ତ :

କୌଣସି ବରକନ୍ୟାର ବିବାହ୍ ପରେ କିଛି ବ୍ୟତିକ୍ରମ ଘଟିଲେ କନ୍ୟାସୁନା ବରପକ୍ଷରୁ ଫେଂରସ୍ତ ଦିଆଯାଇଥାଏ । ଏହି ପରିପ୍ରେକ୍ଷୀରେ ଝିଅର ପ୍ରତ୍ୟେକ ଜିନିଷ ମଧ୍ୟ ଫେଂରସ୍ତ କରାଯାଏ । ଯଦି କୌଣସି ସ୍ୱାମୀ ନିଜର ସ୍ତ୍ରୀକୁ ଇଛୁ ମୁତାବକ ଅତ୍ୟାଚର କରି ନିଜଘରୁ ବାହାର କରେ ଓ କନ୍ୟା ନିଜ ବାପଘରକୁ ପ୍ରତ୍ୟାଗମନ କରିଥାଏ, ତେବେ ଉଭୟ ଗ୍ରାମରେ କିଛି ମୁଖ୍ୟ ବ୍ୟକ୍ତିଙ୍କ ସମେତ ଗ୍ରାମବାସୀମାନେ ନିର୍ଦ୍ଧାରିତ ଦିବସରେ ଏକ ବୈଠକ ଡାକି ଚୁଡାନ୍ତ ନିଷ୍ପତ୍ତି ଗ୍ରହ୍ଣ କରିଥାନ୍ତି । ଝିଅକୁ ଅତ୍ୟାଚର କରିବାର କାରଣ ଜାଣିବା ପରେ ବର ପକ୍ଷରୁ ଦିଆଯାଇଥିବା ସମସ୍ତ କନ୍ୟାସୁନାକୁ ଟଙ୍କା ଆକାରରେ ଫେଂରସ୍ତ ଦିଆଯାଇଥାଏ । ଏଥି ସହିତ ସଂପର୍କ ମଧ୍ୟ ତୁଟାଇ ଦିଆଯାଏ ।

## କନ୍ୟାସୁନା ଫେରସ୍ତ ବିଧି:

ଯଦି କୌଣସ ସ୍ତ୍ରୀ ତା'ର ବିବାହିତ ସ୍ୱାମୀଙ୍କୁ ପରିତ୍ୟାଗ କରି ଅନ୍ୟ ଏକ ପୁରୁଷ ସହିତ ବିବାହ୍ କରେ ଏହିଭଳି କ୍ଷେତ୍ରରେ ପ୍ରଥମ ସ୍ୱାମୀଙ୍କୁ କନ୍ୟାର ପିତାମାତା କନ୍ୟାସୁନା ଆକାର ଟଙ୍କା, ଲୁଗା ଓ ଗଦଣା ସମେତ ବଟାହ୍ଲଦୀ ଓ ପାନୀୟକୁ ଫେଂରସ୍ତ କରିଥାନ୍ତି । ପ୍ରେମବିବାହ୍ କିଛି ଦିନ ବିତିବା ପରେ କୌଣସି କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଯଦି ମତଭେଦ ଦେଖାଯାଏ, ଏହି ପରିସ୍ଥିତିରେ ଉଭୟ ବିଚ୍ଛିନ୍ନ ହୋଇଥାନ୍ତି । ଏହି କ୍ଷେତ୍ରରେ ଉଭୟ ଗ୍ରାମର ମୁଖିଆ ଲୋକମାନଙ୍କ ଉପସ୍ଥିତିରେ ଆଲୋଚନା ମାଧ୍ୟମରେ ଶେଷ ନିଷ୍ପତ୍ତି ଗ୍ରହ୍ଣ କରାଯାଏ । କନ୍ୟାପକ୍ଷ ଗ୍ରହ୍ଣ କରାଯାଇଥିବା କନ୍ୟାସୁନାକୁ ଫେଂରସ୍ତ କରିଥାନ୍ତି । ପ୍ରେମ ବିବାହ୍ରେ ସ୍ୱାମୀ ସ୍ତ୍ରୀଙ୍କ ସଂପୂର୍ଣ୍ଣ ବିଚ୍ଛେଦ ପରେ ସ୍ତ୍ରୀ ଅନ୍ୟପୁରୁଷକୁ ବିବାହ୍ କଲେ ଏବଂ ସ୍ୱାମୀ ନିଜ ସ୍ତ୍ରୀକୁ ଛାଡପତ୍ର ଦେବା କ୍ଷେତ୍ରରେ କନ୍ୟାସୁନାକୁ କନ୍ୟା ତରଫଂରୁ ବର ତରଫଂକୁ ଫେଂରସ୍ତ କରାଯାଇଥାଏ । ଏହି କନ୍ୟାସୁନାକୁ ଗ୍ରାମବାସୀଙ୍କ ଉପସ୍ଥିତିରେ ଆଲୋଚନା ମାଧ୍ୟମରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହ୍ଣ କରାଯାଏ । କନ୍ୟା ତରଫଂରୁ ଟଙ୍କା, ଗହ୍ଣା, ବଟା ହ୍ଲଦୀ, ପାନିଆ ଓ ପାନୀୟ ସବୁ ବର ତରଫଂକୁ ଫେଂରସ୍ତ ଦିଆଯାଏ । ସ୍ତ୍ରୀ ଅନ୍ୟ ପୁରୁଷକୁ ବିବାହ୍ କଲେ ଦ୍ୱିତୀୟ ସ୍ୱାମୀ ପ୍ରଥମ ବର ଘରକୁ ଆଗ ଦିଅନ୍ତି । କନ୍ୟା ଏବଂ ବର ପକ୍ଷଙ୍କ ଉଭୟ ଗ୍ରାମର ମୁଖିଆ ବ୍ୟକ୍ତିଙ୍କ ଉପସ୍ଥିତିରେ ବିଚ୍ଚର କରାଯାଇଥାଏ । କନ୍ୟାପକ୍ଷରୁ କନ୍ୟାସୁନା ଫେଂରସ୍ତ ଆଣି ବରପକ୍ଷକୁ ପ୍ରଦାନ କରାଯାଇଥାଏ । କନ୍ୟାପକ୍ଷରୁ ଲୁଗା ବାବଦରେ ଟଙ୍କା, ଗହ୍ଣା, ପାନିଆ ଓ ବଟା ହ୍ଲଦୀ ବାବଦକୁ ଟଙ୍କା ଆକାରରେ ଫେଂରସ୍ତ କରନ୍ତି ।

## ଫେରସ୍ତ କନ୍ୟାସୁନାର ବଣ୍ଟନ :

ବରକନ୍ୟାଙ୍କ ଗ୍ରାମବାସୀଙ୍କ ଉପସ୍ଥିତିରେ ଚୂଡାନ୍ତ ନିଷ୍ପତ୍ତିରେ କନ୍ୟା ପକ୍ଷଠାରୁ ଫେଂରସ୍ତ କରାଯାଇଥିବା କନ୍ୟାସୁନାକୁ ବର ପରିବାରର ମୁଖିଆ ବ୍ୟକ୍ତିଙ୍କୁ ଅର୍ପଣ କରିବା ପରେ ପରିବାର ମୁଖ୍ୟ ଏକ ବଡ ଧରଣର ଭୋଜିର ଆୟୋଜନ କରିଥାନ୍ତି । ଏହି ଭୋଜିରେ ଗ୍ରାମର ପ୍ରତ୍ୟେକଙ୍କୁ ନିମନ୍ତ୍ରଣ କରିଥାନ୍ତି । ଭୋଜିରେ ହାଣ୍ଡିଆକୁ ସ୍ୱତନ୍ତ୍ର ରୂପେ ପାନୀୟ ହିସାବରେ ଗ୍ରାମର ଲୋକଙ୍କୁ ପ୍ରଦାନ କରାଯାଏ ।

## ସ୍ୱାମୀ ପରିତ୍ୟକ୍ତ ମହିଳାଙ୍କ କନ୍ୟାସୁନା :

କୌଣସି ଏକ ପୁରୁଷ ଅନ୍ୟ ଏକ ସ୍ତ୍ରୀକୁ ବିବାହ କରିବା ବେଳେ କନ୍ୟାପକ୍ଷକୁ କନ୍ୟାସୁନା ବାବଦରେ କିଛି ଟଙ୍କା ଆକାରରେ ଦେଇଥାଏ । ଏଥି ସହ ଲୁଗା, ଗହଣା, ସିନ୍ଦୂର, ବଟା ହଳଦୀ ଏବଂ ପାନିଆ ମଧ୍ୟ ପ୍ରଦାନ କରିଥାନ୍ତି । କନ୍ୟାସୁନା ବାବଦରେ ଝିଅର ମାଆ, ଆଈ ଓ କନ୍ୟାକୁ ଶାଢୀ ମଧ୍ୟ ଦିଆଯାଇଥାଏ । କିନ୍ତୁ ଏବେ ସହର ବଜାରରେ ରହୁଥିବା ଲୋଧାମାନେ କୌଣସି ପୁଅ କିମ୍ୱା ଝିଅର ବିବାହ କ୍ଷେତ୍ରରେ ପୁଅ ନିର୍ଦ୍ଧାରିତ କନ୍ୟାସୁନା ଝିଅ ପକ୍ଷକୁ ଦେବା ପରିବର୍ତ୍ତେ ଝିଅ ଘର ପୁଅ ଘରକୁ ସାଇକେଲ, ମଟର ସାଇକେଲ, ଘଣ୍ଟା, ସୁନାମୁଦି ଏବଂ ଟିଭି ମଧ୍ୟ ପ୍ରଦାନ କରିଥାନ୍ତି ।

## କନ୍ୟାସୁନାର ପରିବର୍ତ୍ତନ :

ଗାଁଗହଳ ମାନଙ୍କରେ କୌଣସି ପୁଅ କିମ୍ୱା ଝିଅର ବିବାହ କ୍ଷେତ୍ରରେ କନ୍ୟାସୁନା ପ୍ରଦାନରେ କୌଣସି ପରିବର୍ତ୍ତନ ହୋଇନାହିଁ । ଏପରିକି ବର୍ତ୍ତମାନ ସୁଦ୍ଧା ଗାଆଁ ଗହଳିମାନଙ୍କରେ ପୂର୍ବଭଳି ଚାଲିଛି । କିନ୍ତୁ ବଜାର ସହରରେ ବାସ କରୁଥିବା ଲୋଧାମାନେ ସହର ବଜାର ସଂସ୍ପର୍ଶରେ ଆସି କନ୍ୟାସୁନାର କିଂଚିତ୍ ପରିବର୍ତ୍ତନ ଘଟାଇଛନ୍ତି । ଲୋଧା ସମାଜରେ ପୁଅ କିମ୍ୱା ଝିଅର ବିବାହ କ୍ଷେତ୍ରରେ ପୁଅଘର ତରଫଂରୁ କନ୍ୟା ପକ୍ଷକୁ ଦିଆଯାଉଥିବା କନ୍ୟାସୁନାର କୌଣସି ପରିବର୍ତ୍ତନ ନହୋଇ ଏ ପର୍ଯ୍ୟନ୍ତ ସେହି ହିସାବରେ ରହିଛି । ତାହା ଯୌତୁକ ଭାବରେ ଦିଆଯାଉନାହିଁ କିମ୍ୱା ଯୌତୁକରେ ରୂପାନ୍ତରିତ ହୋଇନାହିଁ । ତଥାପି ଚାକିରିଆ ଓ ବ୍ୟବସାୟୀ ଲୋଧାମାନଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଅଛି ।

# ବାର୍ଷିକ ବନଜାତ ଦ୍ରବ୍ୟ ସଂଗ୍ରହ ପଞ୍ଜୀକା

| ଓଡ଼ିଆ,ଲୋଧା ଓ ଇଂରାଜୀ ଭାଷାରେ ମାସର ନାମ | "ଲୋଧା" ବାର୍ଷିକ ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ | | | | | | |
|---|---|---|---|---|---|---|---|
| | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣୀ | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂଗୃହୀତ ବନଜାତ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | ଦେବାଦେବୀ ଓ ବଳୀ | ମୁଖ୍ୟ | ଗୌଣ | ଦ୍ରବ୍ୟର ବିପଣନ | |
| ବୈଶାଖ<br>ବୈଶାଖ୍<br>ଏପ୍ରିଲ୍-ମେ | ଶାଳପତ୍ର, ଜାଳେଣୀ କାଠ, ଲଙ୍ଗଳ, ଈଶ, ମହୀ, ଯୁଆଳି ପାଇଁ କାଠ,ବାଉଁଶ,ଝୁଣା, ମହୁ,ଶାଳ ପତ୍ର । | ଚାରକୋଳି, କେନ୍ଦୁ, ଆମ୍ବ, କରଞ୍ଜ, ଶାଳ-ମଞ୍ଜି, ଦାନ୍ତକାଠି, ରାଇକୋଳି । | ଧାନମୁଠି ପୂଜା କରାଯାଏ । ଗୃହକର୍ତ୍ତା ନିଜେ ଏହା କରନ୍ତି । ଶାଳପତ୍ର, ଝୁଣା, ଇତ୍ୟାଦି ପୂଜା କାର୍ଯ୍ୟରେ ଲାଗେ । | ଶାଳପତ୍ରରୁ ଖଲି ତିଆରି ହୋଇ ପୂଜା ସହିତ ଖାଦ୍ୟ ସେବନରେ ମଧ୍ୟ ବ୍ୟବହୃତ ହୁଏ। କାଠରୁ କୃଷି ଉପକରଣ ତିଆରି ହୁଏ। ଜାଳେଣି କାଠରେ [illegible] ହୁଏ। | କେନ୍ଦୁ,ଆମ୍ବ,ମହୁ, ଝୁଣାକୁ ଖାଦ୍ୟ ଓ ପୂଜା କାର୍ଯ୍ୟରେ ବ୍ୟବହାର କରାଯାଇଥାଏ । | କାଠର ଖଟ, ଖୁରା, ଦଣ୍ଡା, ପଟା ତିଆରି କରି ବିକ୍ରୀ କରିଥାନ୍ତି । ଖଲି, ଦୋନା ମଧ୍ୟ ତିଆରି ହୋଇ ବିକ୍ରୟ କରା ଯାଇଥାଏ । | ଚାଷ କାର୍ଯ୍ୟ ଆରମ୍ଭ ହେଉଥିବାରୁ ଜଙ୍ଗଲରୁ ବେଶୀ ପରିମାଣରେ କାଠ ସଂଗୃହିତ ହୋଇଥାଏ । |
| ଜ୍ୟେଷ୍ଠ<br>ଜ୍ୟେଷ୍<br>ମେ- ଜୁନ୍ | ଶାଳପତ୍ର,ଜାଳେଣୀ, କାଠ,ଲଙ୍ଗଳକାଠ, ଜୁଆଳିକାଠ, ବାଉଁଶ, ଶିଆଳୀ ପତ୍ର, ଝୁଣା, ମହୁ, ଲାଖ । | ଚାରକୋଳି, କେନ୍ଦୁ, କରଞ୍ଜ, ପଣସି, ବେଲ, ଖଟଖଟାଶାଗ,ପିଚାଶାଗ, ଦାନ୍ତକାଠି । | --- | ଚାଷ କାର୍ଯ୍ୟ ପାଇଁ ଲଙ୍ଗଳ,ଈଶ,ଜୁଆଳୀ, କାଠ ସଂଗୃହିତ ହୋଇଥାଏ। ବାଉଁଶକୁ ଘର ନିର୍ମାଣ କାର୍ଯ୍ୟରେ ବ୍ୟବହାର କରନ୍ତି । | ଚାରକୋଳି, ଆମ୍ବ, କରଞ୍ଜ,ରାଇକୋଳି ଆଦି ଖାଇଥାନ୍ତି । ଶାଗସବୁକୁ ତରକାରୀ କରି ଖାଆନ୍ତି । ଦାନ୍ତକାଠିକୁ ଦାନ୍ତ | ପତ୍ରରୁ ଖଲି ଓ ଦୋନା ତିଆରି କରାଯାଇଥାଏ । ମହୁ, ଝୁଣା, ଆଦି ଗୋଦାମରେ ବିକ୍ରୀ କରିଥାନ୍ତି । | କାଠ ଖୁଲା ମଧ୍ୟ ଗାଁ ଗାଁରେ ବୁଲି ବିକ୍ରୀ କରିଥାନ୍ତି । |
| ଆଷାଢ<br>ଆଷାଢ<br>ଜୁନ୍-ଜୁଲାଇ | ଶାଳପତ୍ର, ଶିଆଳୀ ପତ୍ର, ଜାଳେଣୀ କାଠ, ବଣ ଆଳୁ, କଣ୍ଡା ଆଳୁ, ଦାନ୍ତକାଠି । | ଆମ୍ବ, ପଣସ, ବାଲିଛତୁ, ବେଙ୍ଗଛତ୍ର, ରୁଟୁକା ଛତୁ । | ରଜ ପର୍ବ ଏହି ମାସରେ ପାଳିତ ହୁଏ । ଜଙ୍ଗଲରୁ ଆଣୁଥିବା ପଣସପିଠା କରି ଖାଇଥାନ୍ତି। ଅଷାଢ଼ି ପୂଜାରେ ବୋଦା, କୁକୁଡ଼ା ବଳୀ ଦିଆଯାଇ ପୂଜା ହୁଏ । | ଶାଳପତ୍ର ପତ୍ରରେ ଖଲି,ଦୋନା ତିଆରି କରନ୍ତି । ବଣ ଆଳୁ ସବୁକୁ ଖାଦ୍ୟ ରୂପେ ଗ୍ରହଣ କରନ୍ତି । ଶିଆଳୀ ଲତାରେ ଦଉଡ଼ି ତିଆରି କରନ୍ତି । | ଘଷିବାରେ ଲଗାନ୍ତି । ଆମ୍ବ, ପଣସ, ଛତୁ ସମୂହକୁ ଖାଦ୍ୟରୂପେ ସେବନ କରନ୍ତି । | ଶାଳ ଓ ଶିଆଳୀ ପତ୍ରରୁ ଖଲି ଓ ଦୋନା ପ୍ରସ୍ତୁତ କରନ୍ତି ଓ ତାହାକୁ ସ୍ଥାନୀୟ ବେପାରୀକୁ ବିକ୍ରି କରନ୍ତି । ଦାନ୍ତକାଠିକୁ ମଧ୍ୟ ଗାଁରେ ବିକ୍ରୀ କରିଥାନ୍ତି । | ବର୍ଷାର ଆଗମନ ହେତୁ ବେଶୀ ପରିମାଣରେ ଲୋକ ଜଙ୍ଗଲକୁ ଯାଇ |

| ଓଡ଼ିଆ,ଲୋଧା ଓ ଇଂରାଜୀ ଭାଷାରେ ମାସର ନାମ | "ଲୋଧା" ବାର୍ଷିକ ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ | | | | | | |
|---|---|---|---|---|---|---|---|
| | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣୀ | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂଗୃହୀତ ବନଜାତ ଦ୍ରବ୍ୟର ବିପଣନ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | ଦେବାଦେବୀ ଓ ବଳୀ | ମୁଖ୍ୟ | ଗୌଣ | | |
| ଶ୍ରାବଣ ଶରାବନ୍ ଜୁଲାଇ-ଅଗଷ୍ଟ | ଶାଳ ଓ ଶିଆଳୀ ପତ୍ର, ବଣଆଳୁ, ତୁଙ୍ଗା ଆଳୁ, କଣ୍ଟା ଆଳୁ, ଜାଳେଣୀ କାଠ । | ବାଲିଛତୁ, ମୟୂର ପର, ଦାନ୍ତକାଠି । | ଗହ୍ମାପର୍ବ ଏହି ମାସରେ ପାଳନ ହୁଏ । ଗୃହକର୍ତ୍ତା ଇଷ୍ଟ ଦେବତାଙ୍କ ପୂଜାରେ ଶାଳପତ୍ର, ଝୁଣାଆଦି ଉପକରଣ ଦ୍ୱାରା ପୂଜା କରିଥାନ୍ତି । | ଭୁରଡ଼ୁ ଫଳ ମଧ୍ୟ ଖାଇଥାନ୍ତି। ମୟୂର ପକ୍ଷୀକୁ ଧନୁ ଓ ତୀରରେ ବ୍ୟବହାର କରନ୍ତି। | ବାଲିଛତୁ,ବଡ଼ଛତୁ, ରୁଟ୍କା ଛତୁକୁ ଖାଇଥାନ୍ତି । ଦାନ୍ତକାଠିକୁ ଦାନ୍ତ ଘଷିବାରେ ବ୍ୟବହାର କରନ୍ତି । | ଛତୁ ପତ୍ରରୁ ତିଆରି ଖଲି, ଦୋନାକୁ ବଜାରରେ କିମ୍ବା ସ୍ଥାନୀୟ ବେପାରୀଙ୍କୁ ବିକ୍ରୀ କରିଥାନ୍ତି । | ବର୍ଷାର ଆଗମନ ହେତୁ ବେଶୀ ପରିମାଣରେ ଲୋକ ଜଙ୍ଗଲକୁ ଯାଇ ପାରିନଥାନ୍ତି ।ଅଛନ୍ତି ପୂଜାରେ ଜଙ୍ଗଲ ଦେବତାଙ୍କୁ ପୂଜା କରାଯାଇଥାଏ । |
| ଭାଦ୍ରବ ଭଦ୍ ଅଗଷ୍ଟ-ସେପ୍ଟେମ୍ବର | ଶାଳ ଓ ଶିଆଳୀ ପତ୍ର ବିଭିନ୍ନ ପ୍ରକାରର ଆଳୁ, ଦାନ୍ତକାଠି । | ପିଠାଆଳୁ,ଜାଳେଣୀ କାଠ, ବିହିଡ଼ା ଛତୁ, ବଡ଼ ଛତୁ, ରୁଟ୍କା ଛତୁ ।(ପାର୍ବଣ ଛତୁ) | --- | ଶାଳ ଓ ଶିଆଳୀ ପତ୍ରରୁ ଖଲି, ଦୋନା ତିଆରି କରିଥାନ୍ତି । ଦାନ୍ତସଫା ପାଇଁ ଦାନ୍ତକାଠିକୁ ବ୍ୟବହାର କରନ୍ତି । | ଔଷଧ ରୂପେ ପିଠାଆଳୁକୁ ଖାଇଥାନ୍ତି। ଛତୁ ସବୁକୁ ଖାଦ୍ୟ ରୂପେ ସେବନ କରାଯାଏ । | — | — |
| ଆଶ୍ୱିନ ଆଶିଣ୍ ସେପ୍ଟେମ୍ବର-ଅକ୍ଟୋବର | ଜାଳେଣୀ କାଠ, ଦାନ୍ତକାଠି, ଶାଳ ଓ ଶିଆଳୀ ପତ୍ର,ବିଭିନ୍ନ ପ୍ରକାର ଆଳୁ । | ବାଉଁଶ, ବିହିଡ଼ା ଛତୁ, ଔଷଧୀୟ ଦ୍ରବ୍ୟ ।(ପାର୍ବଣ ଛତୁ) | ଦଶହରା ପର୍ବ ପାଳନ କରାଯାଏ । ଜଙ୍ଗଲରୁ ଆଣୁଥିବା ଝୁଣା, ପତ୍ର, ପୂଜା କାର୍ଯ୍ୟରେ ଲାଗେ । | ଜାଳେଣି କାଠକୁ ରୋଷେଇକାର୍ଯ୍ୟରେ ବିଭିନ୍ନ ପ୍ରକାରର ଆଳୁକୁ ଖାଦ୍ୟରୂପେ ବ୍ୟବହାର କରନ୍ତି । | ଔଷଧୀୟ ଦ୍ରବ୍ୟକୁ ରୋଗଉପଶମରେ ବାଉଁଶକୁ ଘର ନିର୍ମାଣ କାର୍ଯ୍ୟରେ ବ୍ୟବହାର କରନ୍ତି । ଛତୁକୁ ମଧ୍ୟ ଖାଦ୍ୟାକାରରେ ବ୍ୟବହାର କରନ୍ତି । | ଜାଳେଣି କାଠକୁ ବିକ୍ରୀ କରାଯାଇଥାଏ । ଖଲି ଓ ଦୋନାକୁ ମଧ୍ୟ ହାଟ ବଜାରରେ ବିକ୍ରୀ କରିଥାନ୍ତି । | ଦେବୀ ଦୁର୍ଗାଙ୍କୁ ପୂଜା ଆରାଧନାରେ ସନ୍ତୁଷ୍ଟ କରିପାରିଲେ ସେମାନଙ୍କ ଜୀବନ ସୁଖମୟ ହୋଇଥାଏ ବୋଲି ଲୋଧା ମାନଙ୍କର ବିଶ୍ୱାସ ରହିଛି । |

| ଓଡ଼ିଆ,ଲୋଧା ଓ ଇଂରାଜୀ ଭାଷାରେ ମାସର ନାମ | "ଲୋଧା" ବାର୍ଷିକ ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ | | | | | | |
|---|---|---|---|---|---|---|---|
| | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣୀ | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂଗୃହୀତ ବନଜାତ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | ଦେବାଦେବୀ ଓ ବଳୀ | ମୁଖ୍ୟ | ଗୌଣ | ଦ୍ରବ୍ୟର ବିପଣନ | |
| କାର୍ତ୍ତିକ ବନ୍ଦଣା ଅକ୍ଟୋବର-ନଭେମ୍ବର | ଅନାବନା ଝଟା-ଲତା, ଶାଳ ଓ ଶିଆଳୀ ପତ୍ର, ଜାଳେଣୀ କାଠ, ଦାନ୍ତକାଠି । | ଇଶ, କୁଆଲୀ ପାଇଁ କାଠ, ମହୁ, ପାଳୁଅ, କାଠ ଛତୁ । | ଗୁହାଳ ପୂଜା ହୁଏ । ପୂଜାରେ ଗୁହାଳର ଦେବାଦେବୀଙ୍କୁ ପୂଜା କରାଯାଏ । ଶାଳପତ୍ର, ଝୁଣା ପୂଜା କାର୍ଯ୍ୟରେ ବ୍ୟବହାର ହୁଏ । | ରୋଷେଇ କାର୍ଯ୍ୟରେ ଜାଳେଣୀ କାଠ ବ୍ୟବହାର କରାଯାଏ । ଦାନ୍ତକାଠିରେ ଦାନ୍ତ ଘଷାଯାଏ । | ବିଭିନ୍ନ ପ୍ରକାରର କାଠରୁ କୃଷି ଉପକରଣ ତିଆରି ହୁଏ ।ମହୁ,ଝୁଣାକୁ ପୂଜା କାର୍ଯ୍ୟରେ ବ୍ୟବହାର କରାଯାଏ । | ଶାଳ ଓ ଶିଆଳୀ ପତ୍ରରେ ଖଲି ଓ ଦୋନା, ଦାନ୍ତକାଠି, ପାଳୁଅ ବଜାରରେ ବିକ୍ରୀ କରାଯାଏ । କାଠ ଛତୁକୁ ମଧ୍ୟ ବିକ୍ରୀ କରାଯାଏ । | — |
| ମାର୍ଗଶିର ଆଘାନ୍ ନଭେମ୍ବର-ଡିସେମ୍ବର | ଶିଆଳୀ ଓ ଶାଳପତ୍ର, ଜାଳେଣୀ କାଠ, ଖଜୁରୀ ଫଳ, ଝୁଣା, ଛଣ | ମହୁ, ପାଳୁଅ, ସତାବରୀ (ଔଷଧୀୟ ବୃକ୍ଷ), ବାଉଁଶ ଦାନ୍ତକାଠି । | କ୍ଷେତ୍ରଆ ପୂଜା ଏହି ମାସରେ କ୍ଷେତରେ କରାଯାଏ ।ଲକ୍ଷ୍ମୀଦେବୀଙ୍କୁ ଏହି ପୂଜାରେ ପୂଜା କରାଯାଏ । ଶାଳପତ୍ର, ଝୁଣା ଆଦି ପୂଜାରେ ବ୍ୟବହୃତ ହୁଏ । | ଛଣରେ ଝାଡୁ ତିଆରିକରାଯାଏ । ଶତାବରୀ ଗଛର ଚେର ବାଖରରେ ମିଶିଥାଏ । ଏହା ଔଷଧ ରୂପେ ମଧ୍ୟ ବ୍ୟବହାର କରାଯାଏ । | ମହୁକୁ ଔଷଧ ରୂପେ ବ୍ୟବହାର କରାଯାଏ । ଦାନ୍ତକାଠିକୁ ଦାନ୍ତ ଘଷିବା କାର୍ଯ୍ୟରେ ବ୍ୟବହାର କରାଯାଏ । | ଖଲି, ଦୋନା, ପାଳୁଅ, ମହୁ, ଦାନ୍ତକାଠିକୁ ବଜାରରେ ବିକ୍ରୟ କରାଯାଇଥାଏ। | ଶତାବରୀ ବୃକ୍ଷର ଚେର ବାଖରରେ ପରିଣତକରାଯାଇ ହାଣ୍ଡିଆରେ ମିଶିଥାଏ। ଔଷଧ ରୂପେ ମଧ୍ୟ ବ୍ୟବହାର କରାଯାଏ । |
| ପୌଷ ପୁଷ ଡିସେମ୍ବର-ଜାନୁୟାରୀ | ପାଳୁଅ, ଶାଳ ଓ ଶିଆଳୀ ପତ୍ର, ତୁଙ୍ଗଆଳୁ, ମଣ୍ଡେଇ ଆଳୁ । | ଦାନ୍ତକାଠି, ମହୁ ଝୁଣା, ବାଉଁଶ, ଜାଳେଣୀ କାଠ | ମକର ପର୍ବ ପାଳନ କରାଯାଏ । ଗୃହ ଦେବାଦେବୀଙ୍କୁ ପୂଜା କରାଯାଏ । ଗ୍ରାମ ଦେବତୀଙ୍କ ନିକଟରେ କୁକୁଡ଼ା - ବୋଦା ବଳୀ ପକାଯାଇଥାଏ । | ପତ୍ର ଓ ଖଲି ଦୋନାକୁ ପୂଜା କାର୍ଯ୍ୟ ଓ ଖାଦ୍ୟ ସେବନରେ ବ୍ୟବହାର କରନ୍ତି । ଆଳୁକୁ ଖାଦ୍ୟ ରୂପେ ବ୍ୟବହାର କରନ୍ତି । | ଜାଳେଣୀ କାଠକୁ ରୋଷେଇ କାର୍ଯ୍ୟରେ ବାଉଁଶକୁ ଗୃହ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଇଥାଏ । | ପାଳୁଅ, ଝୁଣା, ମହୁ, ଖଲି ଓ ଦୋନାକୁ ସ୍ଥାନୀୟ ବେପାରୀ କିମ୍ବା ହାଟ ବଜାରରେ ବ  ିକ ୍ରୀ କରାଯାଇଥାଏ । | ଏହି ମାସରେ ପାଳୁଅ ଅଧିକ ମାତ୍ରାରେଜଙ୍ଗଲରୁ ସଂଗ୍ରହ କରାଯାଇଥାଏ । |

| ଓଡ଼ିଆ,ଲୋଧା ଓ ଇଂରାଜୀ ଭାଷାରେ ମାସର ନାମ | "ଲୋଧା" ବାର୍ଷିକ ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ | | | | | | |
|---|---|---|---|---|---|---|---|
| | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣୀ ଦେବାଦେବୀ ଓ ବଳୀ | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂଗୃହୀତ ବନଜାତ ଦ୍ରବ୍ୟର ବିପଣନ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | | ମୁଖ୍ୟ | ଗୌଣ | | |
| ମାଘ ମାଘ ଜାନୁୟାରୀ-ଫେବୃୟାରୀ | ଶାଳ ଓ ଶିଆଳୀ ପତ୍ର, ଜାଳେଣୀ କାଠ, ବିଭିନ୍ନ ପ୍ରକାର ଶାଗ । | ଦାନ୍ତକାଠି, ମହୁ, ଝୁଣା, ଛଣ । | ମାଘ ପୂଜା ଏହି ମାସରେ ପାଳିତ ହୁଏ । ଏଥିରେ ଜଙ୍ଗଲ ଦେବତାଙ୍କୁ ପୂଜା କରାଯାଏ । ମାଘପୂଜା ପରେ ଜଙ୍ଗଲରୁ କାଠ କଟା ଆରମ୍ଭ କରନ୍ତି । | ଶାଳପତ୍ରରେ ଖଲି, ଦୋନା ତିଆରି କରାଯାଏ ଓ ଏହାକୁ ଖାଦ୍ୟ ସେବନରେ ବ୍ୟବହାର କରନ୍ତି । ରୋଷେଇ କାର୍ଯ୍ୟରେ ଜାଳେଣୀ କାଠକୁ ବ୍ୟବହାର କରାଯାଇଥାଏ । | ମହୁ ଔଷଧ ରୂପରେ ବ୍ୟବହାର କରନ୍ତି । ଛଣରେ,ଘର ତିଆରି କରନ୍ତି। ଶତାବରୀ ଚେର ବାଖର ରୂପେ ହାଣ୍ଡିଆରେ ମିଶାଇଥାନ୍ତି। | ମହୁ, ଝୁଣା, ଖଲି, ଦୋନା, ଜାଳେଣୀ କାଠ ଦାନ୍ତକାଠି ବଜାରରେ ବିକ୍ରୀ କରାଯାଇଥାଏ । | ମାଘ ପୂଜା ପୂର୍ବରୁ ଜଙ୍ଗଲକୁ ଯିବା ଓ ଦ୍ରବ୍ୟ ସଂଗ୍ରହ କରିବା ନିଷେଧ । |
| ଫାଲଗୁନ ଫଗୁନ ଫେବୃୟାରୀ-ମାର୍ଚ୍ଚ | ଶାଳ ଓ ଶିଆଳୀ ପତ୍ର, ଶୁଖିଲା ଝଟା ଓ କଣ୍ଡା, ରାଇଫୁଲ, ଶାଳଫୁଲ, ଆମ୍ବ ଓ କେନ୍ଦୁ । | ଝୁଣା, କଣ୍ଡାଆଳୁ, ଦାନ୍ତକାଠି, ଜାଳେଣି କାଠ। | ଶାଳେଇ ପୂଜା କରାଯାଏ । ଶାଳଫୁଲ, ମହୁଲ ଫୁଲ, ଆମ୍ବକଷି ଇତ୍ୟାଦିକୁ ପୂଜା ଉପକରଣ ରୂପେ ଇଷ୍ଟ ଦେବତାଙ୍କ ନିକଟରେ ପୂଜା କରାଯାଇଥାଏ । | ଝୁଣା ପୂଜା ସମୟରେ ବ୍ୟବହାର କରନ୍ତି । ଛଣରେ ଘର ତିଆରି ହୁଏ । କଣ୍ଡାଆଳୁ ସିଝାଇ ମହୁ ସହିତ ଖିଆଯାଏ। | ଶାଳ ଓ ଶିଆଳୀ ପତ୍ର ପୂଜା କାର୍ଯ୍ୟରେବ୍ୟବହୃତ ହୁଏ । ଖାଦ୍ୟ ସେବନରେ ମଧ୍ୟ ବ୍ୟବହୃତ ହୁଏ । | ଖଲ ଓ ଦୋନାକୁ ବଜାରରେ ବିକ୍ରୟ କରାଯାଇଥାଏ । ମହୁଲ ଫୁଲ, ଶାଳଫୁଲ ଆଦିକୁ ମଧ୍ୟ ବେପାରୀଙ୍କୁ ବିକ୍ରୟ କରାଯାଏ । | ଶାଳେଇ ପୂଜା ପୂର୍ବରୁ କୌଣସି ନୂଆ ଫୁଲ ଫଳ ଖାଆନ୍ତି ନାହିଁ । |
| ଚୈତ୍ର ଚଇତ୍‌ ମାର୍ଚ୍ଚ- ଏପ୍ରିଲ | କାଠ,ବାଉଁଶ,ଝୁଣା, ଦାନ୍ତକାଠି, ପାଳୁଅ, ଆମ୍ବ, ପଣସ ଆଦି ସଂଗୃହିତ ହୁଏ । | ଖଟା ଶାଗ, ପିତା ଶାଗ, ଜାଳେଣୀ କାଠ, ଝୁଣା, ଖଜୁରୀ ଫଳ ରାଇକେଳି । | --- | ପତ୍ରରୁ ଖଲି, ଦୋନା ତିଆରି ହୁଏ ବିଭିନ୍ନ ପ୍ରକାର କାଠରୁ ଖୁଣ୍ଟ ରୁଅ, କୁଆଳୀ ତିଆରି କରାଯାଏ । | ରାଇକେଳି ଖିଆଯାଏ, ପିତାଶାଗ,ଚାରକୋଳି ଖାଆନ୍ତି । ଶାଳ ଓ ଖଜୁରୀ ମଞ୍ଜିରୁ ତେଲ ପ୍ରସ୍ତୁତ କରନ୍ତି । | ଖଲି, ଦୋନା ବଜାରରେ ବିକ୍ରୀ କରନ୍ତି । କାଠରୁ ଲଙ୍ଗଳ, ଇଷ, ମଇ, କୁଆଳୀ ତିଆରି କରି ବିକ୍ରୀ କରାଯାଏ । | — |

# ବାର୍ଷିକ
# ପର୍ବପର୍ବାଣି

## "ଲୋଧା" ବାର୍ଷିକ ପର୍ବପର୍ବାଣି ସାରଣୀ

| ଓଡ଼ିଆ,ଲୋଧା ଓ ବଙ୍ଗାଳୀ ଭାଷାରେ ମାସର ନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବୀଦେବୀ | ପୂଜାରୀ | ପୂଜା ସାମଗ୍ରୀ | ପୂଜାଉପଚାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|
| ବୈଶାଖ<br>ବୈଶାଖ୍<br>ଏପ୍ରିଲ୍-ମେ | ଧାନମୁଠ | ଧାନ ବୁଣିବା ପୂର୍ବରୁ ଧାନମୁଠି ପର୍ବ ପାଳନ କରାଯାଏ । ଏହା ଗୋଟିଏ ଦିନ ପାଳନ କରାଯାଏ । | ଇଷ୍ଟ ଦେବତା , ମୃତ୍ୟୁ ବୃଦ୍ଧ ବୃଦ୍ଧା ବାସକ, ବସୁମତୀ, ଧର୍ମଦେବତା, ସୂର୍ଯ୍ୟଦେବତା, କାଳୀ ଦେବତୀ | ଘରର ମୁଖିଆ ନିଜେ । | ଅରୁଆ ଚାଉଳ, ସିନ୍ଦୂର,ଇସିହାଣ୍ଡିଆ, ଶାଳପତ୍ର,ତୁଳସୀ ପତ୍ର, ଗୋବର । | ଧାନ ବୁଣିବା ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତି ନିଜ ଚାଷ ଜମିରେ ଏହି ଧାନ ମୁଠି ପୂଜା କରିଥାନ୍ତି । ଧାନ ଗଛ ଉତ୍ତମ ଭାବେ ହେବା ପାଇଁ ଇଷ୍ଟ ଦେବତାଙ୍କୁ ହାଣ୍ଡିଆ ଦେଇ ପୂଜା ଆରାଧନା କରିଥାନ୍ତି। ପ୍ରଥମେ ଘରର ମୁଖିଆ ସ୍ନାନ ତର୍ପଣ ପରେ ସଫା ଧଳା ଗାମୁଛା ପରିଧାନ କରି ଗୋବର ଲିପା ହୋଇଥିବା ଗୌଣୀ ଉପରେ ଚିତା ପକାଇ ତହିଁରେ ବିହନ ରଖାଯାଏ। ଇଷ୍ଟ ଦେବତାଙ୍କୁ ସ୍ମରଣ କରି ସିନ୍ଦୂର ଲଗାଇ ପୂଜା କରାଯାଏ । | ଏହି ପର୍ବରେ ଘରର ମୁଖିଆ ପଡ଼ୋଶୀ ଘରର ଲୋକଙ୍କୁ ଡାକି ହାଣ୍ଡିଆ ଦେଇ ମନ ସନ୍ତୁଷ୍ଟ କରିଥାନ୍ତି । | - |
| ଜ୍ୟେଷ୍ଠ<br>ଜ୍ୟେଷ୍ଠ<br>ମେ-ଜୁନ୍ | ରଜପର୍ବ | ଗ୍ରୀଷ୍ମ ଋତୁର ଶେଷ ଭାଗରେ ଏହି ପର୍ବପାଳନ କରାଯାଏ। | ଇଷ୍ଟ ଦେବତା, ମୃତ୍ୟୁ ବୃଦ୍ଧ, ବୃଦ୍ଧା । | ଘରର ମୁଖିଆ ନିଜେ | ଶାଳପତ୍ରରେ ତିଆରି ଦୋନା, ହାଣ୍ଡି ରସି | ଏହି ପର୍ବରେ ପ୍ରତ୍ୟେକ ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ ରସି ପୂଜାକରି ପିଠା ପଣା କରିଥାନ୍ତି ।ମାଆ ବସୁଧାଙ୍କୁ ତିନିଦିନ ପାଇଁ ବିଦାରଣ କରନ୍ତି ନାହିଁ । କାରଣ ଏହି ସମୟରେ ଧରିତ୍ରୀ ରଜବତୀ ହୋଇଥାଏ । | ଯୁବକ - ଯୁବତୀ ମାନେ ରଜ ଦୋଳି ଗୀତ ଗାଇ ଦୋଳି ଝୁଲନ୍ତି । | ଏହି ପର୍ବରେ ତିନିଦିନ ଧରି ଯୁବକ ଯୁବତୀ ମାନେ କାର୍ମ୍ମ ଦାମ ବନ୍ଦକରି ନିଜକୁ ଆନନ୍ଦ ଉଲ୍ଲାସରେ ହ ଜ । ଇ ଦେଇଥାନ୍ତି । |

| ଓଡ଼ିଆ,ଲୋଧା ଓ ଇଂରାଜୀ ଭାଷାରେ ମାସର ନାମ | "ଲୋଧା" ବାଷିକ ପର୍ବପର୍ବାଣି ସାରଣୀ | | | | | | | |
|---|---|---|---|---|---|---|---|---|
| | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା ସାମଗ୍ରୀ | ପୂଜାଉପଚାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
| ଆଷାଢ଼ ଆଷାଢ଼୍ ଜୁନ୍-ଜୁଲାଇ | ଅଷାଢ଼ ପୂଜା ଚିତାଉ ପର୍ବ । | ଅଷାଢ଼ରପହିଲି ଦିବସରେ ଏହି ପର୍ବ ପାଳନ କରାଯାଏ । ଅଷାଢ଼ ମାସରଅମାବାସ୍ୟା ତିଥିରେ ଚିତାଉ ପୂଜା ରାତିରେ ପାଳନ କରାଯାଏ । | ଜାହିରାଠାରେ ଗ୍ରାମ ଦେବୀ- ଦେବୀଙ୍କ ଉଦେଶ୍ୟରେ ପୂଜା କରନ୍ତି । ପୂର୍ବ ପୁରୁଷଙ୍କୁ ମଧ୍ୟ ଏହି ପର୍ବ ମାନଙ୍କରେ ପୂଜା କରାଯାଏ । | ଗ୍ରାମଦେହୁରୀ ଘରରମୁଖିଆ | ଅରୁଆଚାଉଳ ଚୂନା, କୁକୁଡ଼ା ଅଣ୍ଡା, ଶାଳପତ୍ର, ରସି | ସାମୂହିକ ଭାବରେ ଏହି ପର୍ବ ପାଳନ କରନ୍ତି । ଗ୍ରାମ ଦେହୁରୀ ପୂଜା କରନ୍ତି ଓ ଗ୍ରାମ ଦେବତାଙ୍କ ନିକଟରେ କୁକୁଡ଼ା,କୁକୁଡ଼ା ଅଣ୍ଡା ଇତ୍ୟାଦି ପୂଜାହୁଏ । ଗ୍ରାମ ଦେବାଦେବୀଙ୍କୁ ସନ୍ତୁଷ୍ଟ କରି ବର୍ଷାପାଇଁ ଏହି ପର୍ବ ପାଳନ କରନ୍ତି । | ଚିତାଉ ପର୍ବରେ ଯୁବକ ଯୁବତୀ କରମ ଗୀତ ନାଚରେ ରାତି ପାହିବା ପର୍ଯ୍ୟନ୍ତ ନାଚିଥାନ୍ତି । ନାଚ ସମୟରେ ମାଦଳ ବଜାଇଥାନ୍ତି । | ଅଷାଢ଼ିଆ ପୂଜା ସମୟରେ ଜମିକୁ କେହି ଯିବାକୁ ନିଷେଧ । ଏହି ନିୟମ ଲଂଘନ କହେ ତାକୁ ଜୋରିମନା କରାଯାଏ । |
| ଶ୍ରାବଣ ଶ୍ରାବଣ୍ ଜୁଲାଇ-ଅଗଷ୍ଟ | ଗହ୍ମାପର୍ବ | ଶ୍ରାବଣ ମାସର ପୂର୍ଣ୍ଣମା ତିଥିରେ ଏହା ପାଳନ କରାଯାଏ । | ପୂର୍ବପୁରୁଷଙ୍କୁ ପୂଜା କରାଯାଏ । | ଘରର ମୁଖିଆ | ଶାଳପତ୍ର ଓ ହାଣିଆ ରସି । | ଏହି ପର୍ବକୁ ବ୍ୟକ୍ତିଗତ ଭାବେ ପାଳନ କରାଯାଏ । ଏହି ପର୍ବରେ ପୂର୍ବପୁରୁଷଙ୍କ ଉଦେଶ୍ୟରେରସିପୂଜା କରି ପିଠା ପଣା କରିଥାନ୍ତି । ଭାଇ ଭଉଣୀର ସ୍ନେହ-ମମତାକୁ ରକ୍ଷା କରିବା ପାଇଁ ଏହା ପାଳନ କରାଯାଏ। ଗେଣ୍ଡା ପିଠା, ଗେଣ୍ଡା ଖେଚୁଡ଼ି କରି ହାଣିଆ ଓ ରସି ସହିତ ଖାଇଥାନ୍ତି । | ଏହି ପର୍ବରେ ଉଭୟ ଯୁବକ ଓ ଯୁବତୀ ରାତିସାରା କରମ ଓ ନାଚରେ ନିଜକୁ ହଜାଇ ଦେଇଥାନ୍ତି । | |

| ଓଡ଼ିଆ,ଲୋଧା ଓ ଇଂରାଜୀ ଭାଷାରେ ମାସର ନାମ | "ଲୋଧା" ବାର୍ଷିକ ପର୍ବପର୍ବାଣି ସାରଣୀ | | | | | | |
|---|---|---|---|---|---|---|---|
| | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା ସାମଗ୍ରୀ | ପୂଜାଉପଚାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
| ଭାଦ୍ରବ ଭଦ୍ ଅଗଷ୍ଟ-ସେପ୍ଟେମ୍ବର | ନୂଆଖିଆ ପର୍ବ | ଭାଦ୍ରବ ମାସର ଚନ୍ଦ୍ରଦର୍ଶନ ପରେ ଏହି ପାଳନ କରାଯାଏ । | ଗୃହର ଇଷ୍ଟ ଦେବାତା | ଘରର ମୁଖିଆ | ନୂଆ ଧାନରୁ ପ୍ରସ୍ତୁତ ଅରୁଆ ଚାଉଳ, ନୂଆ ଚୂଡ଼ା, ଗୁଡ଼, ଶାଳପତ୍ର, ରସି | ଏହି ପର୍ବକୁ ବ୍ୟକ୍ତିଗତ ଭାବେ ପାଳନ କରାଯାଏ । ଜମିରୁ ଅମଦାନୀ ହୋଇଥିବା ନୂତନ ଶସ୍ୟକୁ ଇଷ୍ଟ ଦେବତାଙ୍କ ନିକଟରେ ପୂଜା କରି ନୂଆ ଶସ୍ୟକୁ ଖିଆଯାଇଥାଏ । ଘରର ମୁଖିଆ ନୂତନ ବସ୍ତ୍ର ପରିଧାନ କରି ନୂଆ ଧାନର ଚୂଡ଼ା ଗୁଡ଼କୁ ଚକଟି ପୂଜା କରିଥାନ୍ତି । ତା ପରେ ପରିବାରର ସମସ୍ତେ ଖାଇଥାନ୍ତି । | ଏହି ପର୍ବରେ ଉଭୟ ଯୁବକ ଓ ଯୁବତୀ ମାନେ ମାଦଳ ବଜାଇ ନୃତ୍ୟ-ଗୀତରେ ରାତି କଟାଇଥାନ୍ତି । | ନୂଆଖିଆ ପର୍ବ ପାଳନ ପୂର୍ବରୁ କୌଣସି ବ୍ୟକ୍ତି ଉତ୍ପନ୍ନ କରିଥିବା ନୂତନ ଶସ୍ୟକୁ ଭକ୍ଷଣ କରିବେ ନାହିଁ । |
| ଆଶ୍ୱିନ ଅଶିଣ୍ ସେପ୍ଟେମ୍ବର-ଅକ୍ଟୋବର | ଦଶହରା ପର୍ବ ବା ପାରବଣ ପର୍ବ | ଆଶ୍ୱିନ ମାସର ୩ୟା ତିଥି ଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ସାତ ଦିନ ଧରି ଏହି ପର୍ବ ପାଳନ କରାଯାଏ । | ଦେବୀ ଦୁର୍ଗା | ଘରର ମୁଖିଆ | ଅରୁଆ ଚାଉଳ, ଲାଉ, କଖାରୁ, ସିନ୍ଦୁର, ରସି, ଶାଳପତ୍ର ଇତ୍ୟାଦି । | ଏହି ପର୍ବକୁ ସାମୂହିକ ଭାବେ ପାଳନ କରାଯାଏ । ଦେବୀଙ୍କର ପୂଜା ସକାଶେ ପ୍ରତ୍ୟେକ ଗ୍ରାମରୁ ଭିକ୍ଷା କରନ୍ତି । କାମ୍ୟ ଗୁରୁଙ୍କ ଉଦ୍ଦେଶ୍ୟ ପରିପୂରଣ ସକାଶେ ତାଙ୍କର ଦେହାନ୍ତ ପରେ ଦେବୀ ଦୁର୍ଗାଙ୍କ ବିଧିମତେ ପୂଜା ଆରାଧନା କରାଯାଏ । ଏହି ପୂଜା ଗ୍ରାମର ମଝିରେ ହୋଇଥାଏ। | ଏହି ପର୍ବରେ ପୁରୁଷ-ମାନେ ଦେବୀ ଦୁର୍ଗାଙ୍କର ବେଶ ସାଜି ଭିନ୍ନ ଭିନ୍ନ ବାଦ୍ୟ ବଜାଇ ଗାଁ ଗାଁ ବୁଲିଥାନ୍ତି । ଦଶମୀ ପୂଜାରେ ପୁଅ - ଝିଅମାନେ ନୂଆ ଲୁଗାପଟା ପିନ୍ଧି ହାଣ୍ଡିଆ, ରସ ପିଇ ଆନନ୍ଦକୁ ଉପଭୋଗ କରିଥାନ୍ତି । | ଏହି ପର୍ବ ସମ୍ବନ୍ଧରେ କଥିତ ଆସାମପ୍ରବେଶର ଶିଷ୍ୟମାନଙ୍କୁ ମନ୍ତ୍ର ଶିକ୍ଷା ଉଦ୍ଦେଶ୍ୟରେ ଦେବୀ ଦୁର୍ଗାଙ୍କୁ ପୂଜା ଆରାଧନା କରୁଥିଲେ । |

| ଓଡ଼ିଆ,ଲୋଧା ଓ ଇଂରାଜୀ ଭାଷାରେ ମାସର ନାମ | "ଲୋଧା" ବାର୍ଷିକ ପର୍ବପର୍ବାଣି ସାରଣୀ | | | | | | |
|---|---|---|---|---|---|---|---|
| | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା ସାମଗ୍ରୀ | ପୂଜାଉପଚାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
| କାର୍ତ୍ତିକ କାର୍ତ୍ତିକ୍ ଅକ୍ଟୋବର-ନଭେମ୍ବର | ବନ୍ଦନା ପୂଜା | କାର୍ତ୍ତିକ ପୂର୍ଣ୍ଣମା ତିଥି | ଇଷ୍ଟ ଦେବତା | ଘରର ମୁଖିଆ | ଅରୁଆ ଚାଉଳ, ସିନ୍ଦୁର, ପଞ୍ଚବର୍ଣ୍ଣୀ, ଝୁଣା, ଧୂପ, ଦୀପ | କାର୍ତ୍ତିକ ମାସ ପୂର୍ଣ୍ଣମୀ ତିଥିରେ ଗୃହକର୍ତ୍ତା ଘରର ଇଷ୍ଟ ଦେବତାଙ୍କୁ ଧୂପ, ଦୀପ ଇତ୍ୟାଦି ପୂଜାପୋକରଣ ଦ୍ୱାରା ପୂଜାକରନ୍ତି।ଇଷ୍ଟଦେବତାଙ୍କ ଉଦେଶ୍ୟରେ ଦୀପ ଜାଳି ପୂଜା କରିଥାନ୍ତି । | — | ଏହି ମାସରେ ଶୀତର ଆଗମନ ହେତୁ ସାଧାରଣତଃ ଲୋକେ ଶୀତବସ୍ତ୍ରର ବ୍ୟବହାର କରନ୍ତି । |
| ମାର୍ଗଶିର ମାର୍ଗଶିର୍ ନଭେମ୍ବର-ଡିସେମ୍ବର | ଶିକାର ଠାକୁରାଣୀ ପୂଜା | ମାର୍ଗଶୀର ମାସର ଯେକୌଣସି ଦିନ ସକାଳ ବେଳା | ଶିକାର ଦେବତା | ଗାଁଦେହୁରୀ ଓ ଗୃହକର୍ତ୍ତା | କୁକୁଡ଼ା, ଶାଳପତ୍ର, ଝୁଣା, ଧୂପ, ପଞ୍ଚବର୍ଣ୍ଣୀ | ପ୍ରଥମେ ଗ୍ରାମ ଦେହୁରୀ ପୂଜା କରି ସାରିବା ପରେ ପ୍ରତ୍ୟେକ ଗୃହକର୍ତ୍ତା ଘରେ ଘରେ ମଧ୍ୟ ପୂଜା କରିଥାନ୍ତି । | — | ଶୀକାର ଦେବା ଦେବୀଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଏହି ପୂଜାର ଆୟୋଜନ କରାଯାଇଥାଏ । |
| ପୌଷ ପୁଷ ଡିସେମ୍ବର-ଜାନୁୟାରୀ | ମକର ପର୍ବ | ପୌଷ ମାସର ସଂକ୍ରାନ୍ତି ଦିନ ସହିତ ଏହାର ପୂର୍ବ ଓ ପରଦିନ | ଇଷ୍ଟ ଦେବତା ସହିତ ଶୀକାର ଦେବତା | ଗୃହକର୍ତ୍ତା ଓ ଦେହୁରୀ | ଶାଳପତ୍ର, ଶିଆଳୀ ପତ୍ର, ଧୂପ, ଝୁଣା, ଅରୁଆ ଚାଉଳ, ପଞ୍ଚବର୍ଣ୍ଣୀ | ପ୍ରତ୍ୟେକ ଗୃହକର୍ତ୍ତା ବ୍ୟକ୍ତିଗତ ଭାବରେ ଏହି ପୂଜା କରିଥାନ୍ତି । ଧୂପ, ଝୁଣା, ଆଦି ପୂଜାପୋକରଣ ଦ୍ୱାରା ଇଷ୍ଟ ଦେବତାଙ୍କୁ ସନ୍ତୁଷ୍ଟ କରାଯାଇଥାଏ । ଦେହୁରୀ ଗ୍ରାମ ଦେବା-ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ମଧ୍ୟ ପୂଜା କରିଥାନ୍ତି । | ଏହି ପର୍ବରେ ପ୍ରତ୍ୟେକ ଘରେ ଘରେ ହାଣ୍ଡିଆକରାଯାଇଥାଏ ଓ ନାଚ ଗୀତର ଆୟୋଜନ ମଧ୍ୟ କରାଯାଇଥାଏ । | ଖୁବ୍ ଯାକଜମକରେ ଏହି ପର୍ବକୁ ପାଳନ କରାଯାଇଥାଏ । ନୂଆ ଲୁଗାପଟା ପରିଧାନ କରି ନାଚ-ଗୀତରେ ନିଜକୁ ହଜାଇ ଦେଇଥାନ୍ତି । |

| ଓଡ଼ିଆ,ଲୋଧା ଓ ଇଂରାଜୀ ଭାଷାରେ ମାସର ନାମ | "ଲୋଧା" ବାର୍ଷିକ ପର୍ବପର୍ବାଣି ସାରଣୀ | | | | | | | |
|---|---|---|---|---|---|---|---|---|
| | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା ସାମଗ୍ରୀ | ପୂଜାଉପଚାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
| ମାଘ<br>ମାଘ୍<br>ଜାନୁୟାରୀ-ଫେବୃୟାରୀ | ମାଘ ପୂଜା | ମାଘ ମାସର ଅମାବାସ୍ୟା ପରେ ଏହା ପାଳିତ ହୁଏ । | ଇଷ୍ଟ ଦେବତା | ଗ୍ରାମଦେହୁରୀ ଓ ଗୃହକର୍ତ୍ତା | ଧୂପ,ଝୁଣା,ପଞ୍ଚବର୍ଣ୍ଣୀ, ଶାଳପତ୍ର, ସିନ୍ଦୁର, ଅରୁଆ ଚାଉଳ । | ପ୍ରତ୍ୟେକ ଗୃହକର୍ତ୍ତା ଇଷ୍ଟଦେବା - ଦେବୀଙ୍କୁ ପୂଜା କରିଥାନ୍ତି ଓ ଗାଁ ଦେହୁରୀ ଗ୍ରାମ ନିକଟରେ ଥିବା ଶାଳଗଛ ମୂଳେ ପୂଜା କରିଥାନ୍ତି । | — | ମାଘ ପୂଜା ପୂର୍ବରୁ କୌଣସି ବ୍ୟକ୍ତି ଜଙ୍ଗଲକୁ ଯିବାପାଇଁ ନିଷେଧ ଥାଏ । |
| ଫାଲଗୁନ<br>ଫାଲଗୁନ<br>ଫେବୃୟାରୀ-ମାର୍ଚ୍ଚ | ଫୁଲପୂଜା | ଫାଲଗୁନ ମାସର ଚନ୍ଦ୍ର ଦର୍ଶନ ଦିନ ଏହି ପର୍ବ ପାଳିତ ହୁଏ । | ଇଷ୍ଟ ଦେବତା | ଗୃହକର୍ତ୍ତା ଓ ଗାଁ ଦେହୁରୀ | ଅରୁଆ ଚାଉଳ, ଧୂପ,ଝୁଣା,ପଞ୍ଚବର୍ଣ୍ଣୀ, ଶାଳପତ୍ର,ଶାଳଫୁଲ, ଆମ୍ବ । | ଏହି ପୂଜାରେ ଗୃହକର୍ତ୍ତା ନିଜର ଇଷ୍ଟ ଦେବତାଙ୍କୁ ପୂଜା କରିବା ସହିତ ଗାଁରେ ସାମୂହିକ ଭାବେ ଦେହୁରୀଙ୍କ ଦ୍ୱାରା ଗ୍ରାମ ଦେବା-ଦେବୀଙ୍କୁ ପୂଜା କରାଯାଏ । | ସନ୍ଧ୍ୟା ସମୟରେ ଗାଁରେ ଯୁବକ-ଯୁବତୀମାନେ ହାଣିଆ ସେବନ କରି ନାଚ ଗୀତ କରିଥାନ୍ତି । | — |
| ଚୈତ୍ର<br>ଚଇତ<br>ମାର୍ଚ୍ଚ- ଏପ୍ରିଲ୍ | — | — | — | — | — | — | — | — |

# ଶ୍ରମ ସହଯୋଗ

ମଣିଷ ସାମାଜିକ ପ୍ରାଣୀ ହିସାବରେ ସମାଜରେ ରହି ଜୀବନଯାପନ କରେ । ଯାହା କିଛି ଅଭାବ ପୂରଣ କରିବା ପାଇଁ ଅନ୍ୟ ଉପରେ ନିର୍ଭର କରି ଚଳିଥାଏ । ଅନ୍ୟର ବିନା ସହାୟତାରେ ଚଳିବା ଅସମ୍ଭବ । ସହଯୋଗ ମନୋଭାବ ନେଇ ପ୍ରତ୍ୟେକ ପରସ୍ପରର ସାହାଯ୍ୟ ଲୋଡିଥାନ୍ତି । ସର୍ବଦା ପରସ୍ପର ସହଯୋଗରେ କାର୍ଯ୍ୟ ସରଳ ଓ ସମ୍ପୂର୍ଣ୍ଣ ହୋଇପାରେ ।

## ଶ୍ରମ ସହଯୋଗର ଅର୍ଥ :

କୌଣସି କାର୍ଯ୍ୟକୁ କେତେକ ଏକତ୍ରିତ ହୋଇ ସହଯୋଗ ମନୋଭାବ ନେଇ ଶ୍ରମଦାନ ମାଧ୍ୟମରେ କାର୍ଯ୍ୟଟି ସମ୍ପାଦନ କରିପାରିଲେ ତାହାକୁ ସାଧାରଣତଃ ଶ୍ରମ ସହଯୋଗ  କୁହାଯାଏ । ଏହା ଲୋଧାମାନଙ୍କ ମତରେ ପରସ୍ପର ମିଳିମିଶି କାର୍ଯ୍ୟଟି ସୂଚାରୁରୂପେ ସମାପ୍ତ କରିପାରିଲେ ଏହାକୁ ଶ୍ରମ ସହଯୋଗ କୁହାଯାଏ । କୌଣସି ଲୋକକୁ ତାର କାମରେ ଅନ୍ୟମାନେ ମିଳିମିଶି ସହଯୋଗ କଲେ କାମଟି ସହଜରେ ସମାପ୍ତ ହୋଇଥାଏ ।

## ପ୍ରତ୍ୟେକ ପରିବାରରୁ ଜଣେ ସଦସ୍ୟଙ୍କୁ ଶ୍ରମ ସହଯୋଗ :

କୌଣସି କାର୍ଯ୍ୟରେ କେହି ଜଣେ ବ୍ୟକ୍ତିକୁ ସହଯୋଗ କରିବା ପାଇଁ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ଶ୍ରମଦାନ କରି ସେହି କାର୍ଯ୍ୟଟି ସମ୍ପାଦନ କରିଥାନ୍ତି । କୌଣସି ବ୍ୟକ୍ତିର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି ସେହି ବ୍ୟକ୍ତିକୁ ସଂପୃକ୍ତ କାର୍ଯ୍ୟରେ ସହଯୋଗ କରିଥାନ୍ତି । ବିହୁଡ଼ା ପରେ ଘାସ ବାଛିବା କାର୍ଯ୍ୟରେ ସହଯୋଗ କରି କାର୍ଯ୍ୟଟି ସମ୍ପାଦନ କରିଥାନ୍ତି । ଧାନ ଅମଳ ପରେ କର୍ମକର୍ତ୍ତାଙ୍କ କାର୍ଯ୍ୟରେ ସହଯୋଗ କରିଥିବା ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ପାରିଶ୍ରମିକ ମୂଲ୍ୟ ବାବଦକୁ ଧାନ ଦିଆଯାଏ । ସହଯୋଗୀ ବ୍ୟକ୍ତିମାନେ ନିଜେ ନିଜର ଖାଦ୍ୟ ନେଇଥାନ୍ତି । ଏହି ସମୟରେ ସଂପୃକ୍ତ କର୍ମକର୍ତ୍ତାଙ୍କୁ ପାରିଶ୍ରମିକ ବାବଦ କିଛି ଦେବାକୁ ପଡିଥାଏ । ଋଷକାର୍ଯ୍ୟ ମଧ୍ୟରେ ହଳ କରିବା, ଜମିର ହୁଡା ସଜାଡିବା, ଧାନ କାଟିବା, ନଡା ବିଡା ବୋହିବା ଇତ୍ୟାଦି କାର୍ଯ୍ୟରେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି ସଂପୃକ୍ତ ବ୍ୟକ୍ତିର ଋଷ କାର୍ଯ୍ୟରେ ସହଯୋଗ କରିଥାନ୍ତି । ସୁତରାଂ ପରବର୍ତ୍ତୀ ସମୟରେ କୌଣସି ପର୍ବପର୍ବାଣିରେ ଗୃହକର୍ତ୍ତା ସଦଯୋଗୀ ବ୍ୟକ୍ତିମାନଙ୍କୁ ପାରିଶ୍ରମିକ ମୂଲ୍ୟ ବାବଦକୁ ୫୦୦ ଗ୍ରାମ ମାଂସ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଜଣଙ୍କ

ପିଛା ଦୁଇବେଲା ହାଣ୍ଡିଆ ପ୍ରଦାନ କରିଥାନ୍ତି । ଏଥି ସହିତ ପ୍ରତ୍ୟେକଙ୍କୁ ମାଂସ ଖଣ୍ଡ ଖାଇବା ପାଇଁ ମଧ୍ୟ ଦେଇଥାନ୍ତି । ଗ୍ରାମର କୌଣସି ବ୍ୟକ୍ତିଙ୍କ ପାଇଁ ନିଆଁ ପାଣି ବନ୍ଦ ଥିଲେ ପଡୋଶୀ ଗ୍ରାମରୁ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ଆସି ବିବାହ, ମୃତ୍ୟୁ, ଶୁଦ୍ଧିକ୍ରିୟାରେ ସହଯୋଗ କରିଥାନ୍ତି । ଏଥିପାଇଁ କର୍ମକର୍ତ୍ତାଙ୍କୁ ପାରିଶ୍ରମିକ ବାବଦ କୌଣସି ପାଉଣା ଦେବାକୁ ପଡି ନଥାଏ । କେବଳ ଖାଇବାପାଇଁ ମାଂସ, ଭାତ ଓ ହାଣ୍ଡିଆ ପ୍ରଦାନ କରିଥାଆନ୍ତି । ବିଧବା ସ୍ତ୍ରୀର ଘର ଛପର ପାଇଁ ପ୍ରତ୍ୟେକ ବର୍ଷ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି ସଂପୃକ୍ତ କାର୍ଯ୍ୟରେ ସହଯୋଗ କରି କାର୍ଯ୍ୟଟି ସମାପ୍ତ କରିଥାଆନ୍ତି । ଏଥିପାଇଁ ବିଧବା ମହିଳାଙ୍କୁ ପାରିଶ୍ରମିକ ମୂଲ୍ୟ ବାବଦକୁ କିଛି ଦେବାକୁ ପଡି ନଥାଏ । କେବଳ ସହଯୋଗକାରୀ ବ୍ୟକ୍ତିଙ୍କୁ ହାଣ୍ଡିଆ ପାନ ପାଇଁ ମୂଲ୍ୟ ପ୍ରଦାନ କରିଥାଆନ୍ତି । କୌଣସି ଯୁବକ ଓ ଯୁବତୀର ବିବାହ କାର୍ଯ୍ୟ ଏବଂ କୌଣସି ବ୍ୟକ୍ତିର ମୃତ୍ୟୁ ପରେ ଶୁଦ୍ଧିକ୍ରିୟା କ୍ଷେତ୍ରରେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ପୁରୁଷ ଜାଳେଣୀ ପାଇଁ ଜଙ୍ଗଲରୁ କାଠ ସଂଗ୍ରହ କରି ସଂପୃକ୍ତ ଗୃହକର୍ତ୍ତାଙ୍କୁ ସହଯୋଗ କରିଥାନ୍ତି । ଏଥି ସକାଶେ ଗୃହକର୍ତ୍ତା ସହଯୋଗୀ ମାନଙ୍କୁ କୌଣସି ପାରିଶ୍ରମିକ ମୂଲ୍ୟ ପ୍ରଦାନ କରିନଥାନ୍ତି । ସହଯୋଗୀମାନଙ୍କୁ କେବଳ ହାଣ୍ଡିଆ, ମଦ ପାନ କରିବାକୁ ଦେଇଥାନ୍ତି । ବିଧବା ମହିଳାଙ୍କ ଘର ତିଆରି ନିମନ୍ତେ ପ୍ରତି ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି ଘର ତିଆରି ସରଂଜାମ ଜଙ୍ଗଲରୁ ସଂଗ୍ରହ କରି କାର୍ଯ୍ୟରେ ସହଯୋଗ କରିଥାନ୍ତି । ପାରିଶ୍ରମିକ ବାବଦକୁ କିଛି ଦିଅନ୍ତି ନାହିଁ । କେବଳ ଖୁସିରେ ହାଣ୍ଡିଆ ପ୍ରଦାନ କରାଯାଇଥାଏ । ସାଂଘାତିକ ରୋଗ ବା ଜ୍ୱରରେ ପ୍ରପୀଡିତ ବ୍ୟକ୍ତିଙ୍କୁ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି ଆଶୁ ଆରୋଗ୍ୟ ପାଇଁ ଡାକ୍ତରଖାନା ନେଇଥାନ୍ତି । ଏଥିପାଇଁ ପାରିଶ୍ରମିକ ବାବଦରେ କିଛି ନିଆଯାଇ ନଥାଏ । ଭୂତପ୍ରେତ ଭୟରୁ ରକ୍ଷା ପାଇବା ପାଇଁ ସଂପୃକ୍ତ ପରିବାରକୁ, ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି ରାତ୍ରିସାରା ସଂପୃକ୍ତ ବ୍ୟକ୍ତିର ଘରେ ପହରା ଦେଇଥାନ୍ତି । ଏଥି ନିମନ୍ତେ ପାରିଶ୍ରମିକ ବାବଦକୁ କୌଣସି ପାଉଣା ଦିଆଯାଏ ନାହିଁ । ପୁତ୍ରହୀନ ବିଧବା ମହିଳାଙ୍କୁ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି ସହଯୋଗ ଶ୍ରମ ମାଧ୍ୟମରେ ଶିକାର କରି ଆଣିଥିବା ଶିକାର ମାଂସର କିଛି ଅଂଶକୁ ବିଧବା ମହିଳାଙ୍କୁ ଦେଇଥାନ୍ତି । ପାରିଶ୍ରମିକ ବାବଦକୁ ପ୍ରତ୍ୟେକଙ୍କୁ ମହୁଲ ମୁଠିଏ ମୁଠିଏ ଦେଇଥାନ୍ତି ।

କୌଣସି ବ୍ୟକ୍ତିର କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ପ୍ରତ୍ୟେକ ପରିବାରରୁ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ଶ୍ରମଦାନ ମାଧ୍ୟମରେ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ବିବାହ କାର୍ଯ୍ୟରେ ଗୃହକର୍ତ୍ତା ନିଜେ ପ୍ରତ୍ୟେକ ପରିବାରର ମୁଖ୍ୟଙ୍କୁ ଆମନ୍ତ୍ରଣ କରିଥାନ୍ତି । ଆମନ୍ତ୍ରିତ ପରିବାରର ମୁଖ୍ୟ ବିବାହ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟଟି ସୁରୁଖୁରୁରେ

ସମ୍ପାଦନ କରିଥାନ୍ତି । ଗୃହକର୍ତ୍ତା ମନଖୁସିରେ ସହଯୋଗୀ ପରିବାରର ମୁଖ୍ୟ ବ୍ୟକ୍ତିଙ୍କୁ ମାଂସ ଓ ହାଣ୍ଡିଆ ପ୍ରଦାନ କରିଥାନ୍ତି । ଗ୍ରାମର କୌଣସି ବ୍ୟକ୍ତି ମୃତ୍ୟୁ ବରଣ କଲେ ମୃତବ୍ୟକ୍ତିଙ୍କ ଶବଦାହ ନିମନ୍ତେ ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣେ ଜଣେ ଉପସ୍ଥିତ ରହି ଉକ୍ତ କାର୍ଯ୍ୟ ପାଇଁ ସାହାଯ୍ୟ ଲୋଡୁଥିବା ଗୃହକର୍ତ୍ତାଙ୍କୁ ସାହାଯ୍ୟ କରନ୍ତି । ପ୍ରତ୍ୟେକ ପରିବାରର ମୁଖ୍ୟ ଏଭଳି କାର୍ଯ୍ୟରେ ସାମିଲ ହୋଇ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଗ୍ରାମର କୌଣସି ପରିବାରରେ ଭାଇ ଭାଇ ମଧ୍ୟରେ ସମ୍ପତ୍ତି ବଣ୍ଟନ ସମୟରେ ପ୍ରତ୍ୟେକ ପରିବାରର ମୁଖିଆଙ୍କୁ ଗୃହକର୍ତ୍ତା ଆହ୍ୱାନ କରିଥାନ୍ତି । ପ୍ରତ୍ୟେକ ଯଥା ସ୍ଥାନରେ ଉପସ୍ଥିତ ହୋଇ ସମ୍ପତ୍ତି ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥାନ୍ତି । ଏଥିପାଇଁ ସହଯୋଗୀ ପରିବାରର ମୁଖ୍ୟ ମାନଙ୍କୁ ମାଂସ ଭାତ, ହାଣ୍ଡିଆ ଓ ମଦର ବ୍ୟବସ୍ଥା କରାଯାଇଥାଏ । ମୃତ ବ୍ୟକ୍ତିର ଶୁଦ୍ଧିକ୍ରିୟା ସମୟରେ ପ୍ରତ୍ୟେକ ପରିବାରର ମୁଖ୍ୟ ମାନଙ୍କୁ ଗୃହକର୍ତ୍ତା ନିମନ୍ତ୍ରଣ କରିଥାନ୍ତି । ସେମାନେ ଭୋଜି ଆୟୋଜନ ପାଇଁ ସଂପୂର୍ଣ୍ଣ ସହଯୋଗ କରିଥାନ୍ତି । କୌଣସି ପରିବାରରେ ସନ୍ତାନ ପ୍ରସବ ସମୟରେ ପ୍ରତ୍ୟେକ ପରିବାରରୁ ବୟସ୍କ ମହିଳାମାନେ ସେଠାକୁ ଆମନ୍ତ୍ରିତ ହୋଇଥାନ୍ତି । ପ୍ରସବ ଯନ୍ତ୍ରଣା ଉପଶମ ପାଇଁ ଆଶ୍ୱାସନା ଦେଇଥାନ୍ତି । ସନ୍ତାନ ପ୍ରସବ ପରେ ସେମାନଙ୍କୁ ଭୋଜି ଭାତ ଦିଆଯାଇଥାଏ । ଏହିଭଳି ଭାବରେ ପରିବାରରୁ ନିର୍ବାଚିତ ବ୍ୟକ୍ତି ଶ୍ରମଦାନ କରି ଜଣଙ୍କ କାର୍ଯ୍ୟ ସମ୍ପାଦନରେ ସାହାଯ୍ୟ କରନ୍ତି ।

## ବାଳିକାମାନଙ୍କ ଶ୍ରମଦାନ:

ବାଳିକା ସଦସ୍ୟାମାନେ ସମୟ ସମୟରେ ମିଳିମିଶି ତାଙ୍କ ସାଙ୍ଗସାଥୀମାନଙ୍କର ବିବାହୋତ୍ସବରେ ଯୋଗ ଦେଇ ବିବାହ କାର୍ଯ୍ୟ ସମ୍ପନ୍ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରନ୍ତି । ବିବାହ ଦିନ ଉକ୍ତ ସାଙ୍ଗକୁ ଗାଧୋଇ ଦେବା, ତେଲ, ହଳଦୀ ଲଗାଇଦେବା, ରଙ୍ଗ ଅଳତା ଲଗାଇ ସଜାଇ ଦେବା ସହିତ ସାଙ୍ଗଙ୍କ ଘରକୁ ସଫାସୁତୁରା କରିଦେବା, ଘରର କାନ୍ଥରେ ଚିତା ଆଙ୍କିବା କାର୍ଯ୍ୟରେ ସହଯୋଗ କରନ୍ତି ।

## ବଂଶୱାରୀ ଶ୍ରମଦାନ:

କେତେକ କ୍ଷେତ୍ରରେ ପ୍ରତ୍ୟେକ ବଂଶରୁ ଜଣେ ଲେଖାଏଁ ବ୍ୟକ୍ତି ଶ୍ରମଦାନ ମାଧ୍ୟମରେ କାର୍ଯ୍ୟରେ ସହଯୋଗ କରି ଅନ୍ୟ ବ୍ୟକ୍ତିଙ୍କ କାର୍ଯ୍ୟ ସମ୍ପାଦନ କରିଥାନ୍ତି । କୌଣସି ପରିବାରରେ ବିବାହ କାର୍ଯ୍ୟରେ କୌଣସି ବ୍ୟକ୍ତିର ମୃତ୍ୟୁ ପରେ ଶୁଦ୍ଧିକ୍ରିୟାରେ, କରମାପୂଜାରେ ଓ ବିଚାର କାର୍ଯ୍ୟରେ ପ୍ରତ୍ୟେକ ବଂଶରୁ ଜଣେ ଲେଖାଏଁ ପୁରୁଖା ଲୋକ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନରେ ସହଯୋଗ କରନ୍ତି ।

## ଯୁବକମାନଙ୍କ ଶ୍ରମ ସହଯୋଗ:

ପ୍ରତ୍ୟେକ ପରିବାରରୁ ଜଣେ ଜଣେ ଯୁବକ ଏକତ୍ରିତ ହୋଇ ଶ୍ରମଦାନ ମାଧ୍ୟମରେ ଅନ୍ୟ ବ୍ୟକ୍ତିଙ୍କ କାର୍ଯ୍ୟରେ ସହଯୋଗ କରି କାର୍ଯ୍ୟଟି ସମ୍ପାଦନ କରିଥାନ୍ତି । ଚାଷ କାର୍ଯ୍ୟ କ୍ଷେତ୍ରରେ ହଳ କରିବା, ଶସ୍ୟ ବୁଣିବା, ହୁଡା ପ୍ରସ୍ତୁତ କରିବା, ଜମିରେ ପାଣି ମଡାଇବା, ଘାସ ବାଛିବା, ବିହୁଡା କରିବା, ଶସ୍ୟ କାଟିବା, ଅମଳ କାର୍ଯ୍ୟ କରିବା, ଇତ୍ୟାଦି କାର୍ଯ୍ୟ କୃଷି କାର୍ଯ୍ୟରେ ପଛୁଆ ଥିବା ଚାଷୀମାନଙ୍କୁ ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ଯୁବକ ଶ୍ରମଦାନ କରି କୃଷିକାର୍ଯ୍ୟକୁ ସମ୍ପାଦନ କରିଥାନ୍ତି । ଶସ୍ୟ ଅମଳ ପରେ ସଂପୃକ୍ତ ବ୍ୟକ୍ତି ସହଯୋଗୀ ଶ୍ରମିକ ମାନଙ୍କୁ ଶ୍ରମଦାନ ବାବଦରେ ଧାନ କିମ୍ବା ପର୍ବପର୍ବାଣିରେ ମାଂସ ଦେଇଥାନ୍ତି । ବିବାହ କ୍ଷେତ୍ରରେ ରୋଷେଇ ପାଇଁ ଜଳ ଯୋଗାଇବା, ଅତିଥି ମାନଙ୍କ ପାଇଁ ଖାଇବାର ବନ୍ଦୋବସ୍ତ କରିବା, ବାଦ୍ୟ ବଜାଇବା ପାଇଁ ମଧ୍ୟ ସହଯୋଗ କରିଥାନ୍ତି । କୌଣସି କାରଣରୁ ଗ୍ରାମ ଗ୍ରାମ ମଧ୍ୟରେ ବିବାଦ ସୃଷ୍ଟି ହେଲେ ଗ୍ରାମରୁ ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ଯୁବକ ଗଣ୍ଡଗୋଳର ମୁକାବିଲା ପାଇଁ ସମ୍ମୁଖୀନ ହୋଇଥାନ୍ତି । କୌଣସି ଲୋକଙ୍କ ଅନ୍ୟ ଗ୍ରାମ ଲୋକଙ୍କ ସହିତ ଜମିଜମା ସଂକ୍ରାନ୍ତୀୟ ବିବାଦ ଉପୁଜିଲେ ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ଯୁବକ ଶ୍ରମଦାନ କରି ନିଜ ଗ୍ରାମର ଲୋକଙ୍କୁ ସହଯୋଗ କରିଥାନ୍ତି । ଶସ୍ୟ ଅମଳ ପରେ ସଂପୃକ୍ତ ବ୍ୟକ୍ତି ସହଯୋଗୀ ଯୁବକମାନଙ୍କୁ ପାରିଶ୍ରମିକ ବାବଦକୁ ଧାନ କିମ୍ବା ପର୍ବପର୍ବାଣିରେ ପ୍ରତ୍ୟେକ ଯୁବକଙ୍କୁ ମାଂସ ଦେଇଥାନ୍ତି । ଏଥି ସହିତ ହାଣ୍ଡିଆ ଓ ମଦ ସେବନ କରିବାକୁ ଦେଇଥାନ୍ତି । ଗ୍ରାମ ଗ୍ରାମ ମଧ୍ୟରେ ବିବାଦ ସୃଷ୍ଟି ହେଲେ ପରିବାରର ପ୍ରତ୍ୟେକଘରୁ ଜଣେ ଲେଖାଏଁ ଯୁବକ ଗଣ୍ଡଗୋଳର ମୁକାବିଲା ପାଇଁ ସମ୍ମୁଖୀନ ହୋଇଥାନ୍ତି ।

## ଅନ୍ୟାନ୍ୟ ସହଯୋଗ ଶ୍ରମ:

ଅନ୍ୟାନ୍ୟ ସହଯୋଗ ଶ୍ରମପାଇଁ ସଂପୃକ୍ତ ଯୁବକ ଓ ଯୁବତୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥାନ୍ତି । ଗ୍ରାମ୍ୟ ରାସ୍ତା ମରାମତି କ୍ଷେତ୍ରରେ ସାମୁହିକ ଭାବରେ ଶ୍ରମଦାନ କରି କାର୍ଯ୍ୟ ସମାପ୍ତ କରିଥାନ୍ତି । ଏଥିପାଇଁ କୌଣସି ପାରିଶ୍ରମିକ କାହାରିକୁ ଦିଆଯାଇ ନଥାଏ । ଗ୍ରାମର ବିଭିନ୍ନ ପ୍ରକଳ୍ପରେ ସହଯୋଗ କରିବା ପାଇଁ ପ୍ରତ୍ୟେକ ଶ୍ରମଦାନ କରିଥାନ୍ତି । ନିଜ ଗ୍ରାମ ପାଇଁ କୂଅ ଖୋଳିବା, ଛୋଟ ପୋଖରୀ ବା ଗଡିଆ ଖନନ ଓ ଉଦ୍ଧାର କାର୍ଯ୍ୟ ଶ୍ରମଦାନ ଦ୍ୱାରା ସମ୍ଭବ ହୋଇଥାଏ । ସହଯୋଗ ଶ୍ରମଦାନ ମାଧ୍ୟମରେ ଗ୍ରାମର ଦାଣ୍ଡ ପରିଷ୍କାର ପରିଚ୍ଛନ୍ନ ହୋଇଥାଏ । ଗ୍ରାମ ଲୋକମାନଙ୍କ ଦ୍ୱାରା ପ୍ରସ୍ତୁତ ବାଦ୍ୟଯନ୍ତ୍ରର ପୁନଃ ମରାମତି ମଧ୍ୟ ସହଯୋଗ ଶ୍ରମ ଦ୍ୱାରା ସମ୍ଭବ ହୋଇଥାଏ ।

## ସହଯୋଗ ଶ୍ରମ ଦ୍ୱାରା ସମ୍ପାଦିତ କାର୍ଯ୍ୟ:

ଗ୍ରାମରେ ସହଯୋଗ ଶ୍ରମ ମାଧ୍ୟମରେ ଋଷ କାର୍ଯ୍ୟରେ ପଛୁଆ ଥିବା ବ୍ୟକ୍ତିଙ୍କ ଜମିରେ ହଳ କରିବା, ଖତ ଲଗାଇବା ପୂର୍ବରୁ ଜମିରୁ ଦୂଡା ସଜାଡିବା, ଶସ୍ୟ ବୁଣିବା, ଜମିରୁ ଅନାବନା ଘାସ ବାଛିବା, ବିହୁଡା କାର୍ଯ୍ୟ କରିବା, ଜମିରେ ପାଣି ମଡାଇବା ଇତ୍ୟାଦି କାର୍ଯ୍ୟ ସମ୍ପାଦନ ହୋଇଥାଏ । ଶିଶୁ ଜନ୍ମ ସମୟରେ, ନାମ କରଣ ସମୟରେ, ଜନ୍ମଦିନ ଉତ୍ସବରେ, ବିବାହ ଉତ୍ସବରେ, କୌଣସି ବ୍ୟକ୍ତିର ମୃତ୍ୟୁ ସମୟରେ ଓ ଶୁଦ୍ଧିକ୍ରିୟା କ୍ଷେତ୍ରରେ ମଧ୍ୟ ସହଯୋଗୀ ଶ୍ରମଦାନ ମାଧ୍ୟମରେ କାର୍ଯ୍ୟଗୁଡିକ ସମ୍ପାଦିତ ହୋଇଥାଏ । ବିଧବା ମହିଳାଙ୍କ ଘରଛପର କାର୍ଯ୍ୟରେ, ବିବାହତ୍ସୋବରେ, ଶୁଦ୍ଧିକ୍ରିୟା କାର୍ଯ୍ୟରେ ସ୍ତ୍ରୀଲୋକମାନେ ଜଙ୍ଗଲରୁ ପତ୍ର ସଂଗ୍ରହ କରି ଖଲି ଓ ଦନା ତିଆରି କରିବା, ପୁରୁଷମାନେ ଜାଳେଣୀ ସକାଶେ ଜଙ୍ଗଲରୁ ଜାଳକାଠ ସଂଗ୍ରହ କରିବା କାର୍ଯ୍ୟ ମଧ୍ୟ ସହଯୋଗୀ ଶ୍ରମଦାନ ମାଧ୍ୟମରେ ପରସ୍ପରକୁ ସାହାଯ୍ୟ କରାଯାଇଥାଏ । ବିଧବା ସ୍ତ୍ରୀର ଘର ତିଆରି ପାଇଁ ଜଙ୍ଗଲରୁ ଗୃହୋପକରଣ ସଂଗ୍ରହ, ରୋଗ ପ୍ରପୀଡିତ ବ୍ୟକ୍ତିଙ୍କୁ ପୂର୍ଣ୍ଣ ସହଯୋଗ, ପୁତ୍ରହୀନ ବିଧବା ମହିଳାଙ୍କୁ ଜଙ୍ଗଲର୍ ଶୀକାର କରି ଆଣିଥିବା ମାଂସ ପ୍ରଦାନ କରିବା ଇତ୍ୟାଦି ସହଯୋଗୀ ଶ୍ରମ ମାଧ୍ୟମରେ ସମ୍ପାଦିତ ହୋଇଥାଏ । ମୃତ ବ୍ୟକ୍ତିଙ୍କ ଶବଦାହ, ସ୍ତ୍ରୀ ପ୍ରସବ, ବିବାହୋତ୍ସବ ସହଯୋଗ ଶ୍ରମ ମାଧ୍ୟମରେ ସମ୍ଭବ ହୋଇଥାଏ । ଗଣ୍ଡଗୋଳ ମୁକାବିଲା କ୍ଷେତ୍ରରେ, ରାସ୍ତାର ମରାମତି, କୂଅ ଖନନ, ପୋଖରୀ ଗଡିଆରୁ ପଙ୍କ ଉଦ୍ଧାର, ଗ୍ରାମ ରାସ୍ତା ମରାମତି, ଇତ୍ୟାଦି କାର୍ଯ୍ୟ ସହଯୋଗ ଶ୍ରମ ଦ୍ୱାରା ସମ୍ଭବ ହୋଇଥାଏ ।

## ସହଯୋଗ ଶ୍ରମର ପାଉଣା :

ସହଯୋଗ ଶ୍ରମ ପ୍ରତିବଦଳରେ ପ୍ରତ୍ୟେକ କ୍ଷେତ୍ରରେ ପାରିଶ୍ରମିକ ଦିଆଯାଇ ନଥାଏ । କୌଣସି ବ୍ୟକ୍ତିର ଋଷ କାର୍ଯ୍ୟରେ ସହଯୋଗ ଶ୍ରମ ପ୍ରତି ବଦଳରେ ଶସ୍ୟ ଅମଳ ପରେ ପାରିଶ୍ରମିକ ବାବଦକୁ ମଜୁରି ହିସାବରେ ଧାନ କିମ୍ବା କୌଣସି ପର୍ବପର୍ବାଣିରେ କିଛି କିଛି ମାଂସ ଦେଇଥାନ୍ତି । ବିଧବା ମହିଳାଙ୍କ ଘର ଛପର ପାଇଁ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ଯୁବକ ଶ୍ରମଦାନ କରି କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଏଥି ସକାଶେ ସହଯୋଗୀ ବ୍ୟକ୍ତିମାନଙ୍କୁ କେବଳ ହାଣ୍ଡିଆ ଦିଆଯାଇଥାଏ । କରମାପୂଜାରେ ସହଯୋଗ ଶ୍ରମ ପ୍ରତି ବଦଳରେ ଭାତ, ମାଂସ ଓ ହାଣ୍ଡିଆ ପାନ କରିବାକୁ ଦିଆଯାଇଥାଏ । ଭାଇଭାଇ ମଧ୍ୟରେ ସମ୍ପତ୍ତି ବଣ୍ଟନ କାର୍ଯ୍ୟରେ ଶ୍ରମଦାନ କରି ସହଯୋଗ କରିଥିବାରୁ ସହଯୋଗୀମାନଙ୍କୁ ମାଂସ,ଭାତ, ହାଣ୍ଡିଆ, ମଦପ୍ରଦାନ କରାଯାଇଥାଏ । ପ୍ରସବ ସମୟରେ

ଉପସ୍ଥିତ ସହଯୋଗୀମାନଙ୍କୁ ସାଧାରଣ ଭାବରେ ଭାତ ଓ ତରକାରୀ ପ୍ରଦାନ କରାଯାଇଥାଏ । କୌଣସି ଯୁବତୀର ବିବାହ ସମୟରେ ସହଯୋଗ ଶ୍ରମ ପ୍ରଦାନ କରିଥିବା ଯୁବତୀମାନଙ୍କୁ ଶ୍ରମ ପ୍ରତିବଦଳରେ ଭାତ, ମାଂସ ପ୍ରଦାନ କରାଯାଇଥାଏ ଏବଂ ହାଣ୍ଡିଆ, ମଦ ମଧ୍ୟ ପ୍ରଦାନ କରାଯାଇଥାଏ ।

## ସହଯୋଗୀ ଶ୍ରମିକମାନଙ୍କ ପାଇଁ ଖାଦ୍ୟ ବନ୍ଦୋବସ୍ତ:

କୌଣସି ପରିବାରର ପୁଅ ବା ଝିଅ ବାହାଘର ସମୟରେ ସହଯୋଗୀ ଶ୍ରମିକମାନଙ୍କ ପାଇଁ ଭୋଜିଭାତର ବ୍ୟବସ୍ଥା କରାଯାଇଥାଏ । ଏହା ସହିତ ହାଣ୍ଡିଆ ଓ ମଦର ମଧ୍ୟ ସେବନ ପାଇଁ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା ହୋଇଥାଏ । ଏତଦ୍ ବ୍ୟତୀତ ଶୁଦ୍ଧିକ୍ରିୟା ସମୟରେ, କରମପୂଜାରେ, ସ୍ତ୍ରୀ ପ୍ରସବ ସମୟରେ, ସମସ୍ତ ସହଯୋଗୀ ଶ୍ରମିକ୍‌ମାନଙ୍କୁ ଗୃହକର୍ତ୍ତା ସାଦରେ ନିମନ୍ତ୍ରଣ ଜଣାଇ କେଉଁ ସମୟରେ ଉପସ୍ଥିତ ହେବେ, ତାହା କହିଆସିଥାନ୍ତି । ସେମାନେ ଆସିବା ପରେ ସେମାନଙ୍କୁ ବସିବା ପାଇଁ ଆସନ କିମ୍ବା ପଟିଆ ଦିଆଯାଇଥାଏ । ତତ୍ ପରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଭାତ, ହାଣ୍ଡିଆ, ମାଂସ ଓ ମଦ ପ୍ରଦାନ କରାଯାଇଥାଏ ।

## ବିନା ପାଉଣାରେ ସହଯୋଗ ଶ୍ରମ:

କେତେକ କ୍ଷେତ୍ରରେ ସହଯୋଗୀ ଶ୍ରମିକମାନେ ବିନା ପାଉଣାରେ ଅନ୍ୟପାଇଁ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ରୋଗରେ ପୀଡିତ କୌଣସି ବ୍ୟକ୍ତିକୁ ଡାକ୍ତରଖାନାକୁ ନେବାପାଇଁ କୌଣସି ଲୋକଙ୍କର ସହଯୋଗ ନେଲେ, ତାଙ୍କୁ ଶ୍ରମ ବାବଦରେ ପାଉଣା ଦେବାକୁ ପଡି ନଥାଏ । କୌଣସି ବ୍ୟକ୍ତିଙ୍କ ମୃତ୍ୟୁପରେ ଶବ ସତ୍କାର କ୍ଷେତ୍ରରେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ଉପସ୍ଥିତ ରହି ସତ୍କାର କାର୍ଯ୍ୟରେ ସହଯୋଗ କରିଥାନ୍ତି । ଏହି ସହଯୋଗ ଶ୍ରମ ପାଉଣା ମୁକ୍ତ ଥାଏ । ଗ୍ରାମ ପୋଖରୀରୁ ପଙ୍କ ଉଦ୍ଧାର କରିବା, କୂପ ଖନନ କରିବା, ରାସ୍ତା ମରାମତି କରିବା, ଗ୍ରାମଦାଣ୍ଡକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଇତ୍ୟାଦି କାର୍ଯ୍ୟ ସହଯୋଗ ଶ୍ରମ ମାଧ୍ୟମରେ ସମ୍ଭବ ହୋଇଥାଏ । ଏହି କାମ ପାଇଁ କୌଣସି ପାଉଣା ଦେବାନେବାର ପ୍ରଶ୍ନ ନଥାଏ । ସମସ୍ତେ ଏଥିରେ ମାଗଣାରେ ଶ୍ରମଦାନ କରିଥାନ୍ତି । ଜଳସେଚନର ସୁବିଧା ପାଇଁ ପୁରୁଣା ବନ୍ଧ ମରାମତି କାର୍ଯ୍ୟରେ ମଧ୍ୟ ବିନା ପାରିଶ୍ରମିକରେ ସହଯୋଗ ଶ୍ରମଦାନ କରି କାର୍ଯ୍ୟଟି ସମ୍ପାଦନ କରିଥାନ୍ତି ।

କୌଣସି କାର୍ଯ୍ୟ ଶୀଘ୍ର ଶେଷ ହେବାପାଇଁ ସହଯୋଗୀ ଶ୍ରମିକଦଳମାନଙ୍କ ମଧ୍ୟରେ କେତେକ କ୍ଷେତ୍ରରେ ପ୍ରତିଯୋଗୀତା ହୋଇଥାଏ । ଫଳରେ ଶ୍ରମିକମାନେ କାର୍ଯ୍ୟକରିବାରେ ତତ୍ପରତା ପ୍ରକାଶ କରିଥାନ୍ତି । ପ୍ରତିଯୋଗୀତା କ୍ଷେତ୍ରରେ ସେମାନଙ୍କୁ ମଦ, ହାଣ୍ଡିଆ

ପ୍ରଦାନ କରାଯିବା ସହିତ ସେମାନଙ୍କର ମଜୁରିକୁ ମଧ୍ୟ ବଢାଇ ଦିଆଯାଇଥାଏ । ଚାଷକାର୍ଯ୍ୟରେ ହଳକରିବା, ହୁଡା ସଜାଡିବା, ଶସ୍ୟ ବୁଣିବା, ଘାସ ବାଛିବା, ବିହୁଡାକାର୍ଯ୍ୟ ସମ୍ପାଦନ କରିବା, ଶସ୍ୟ କାଟିବା ଓ ଶସ୍ୟ ଅମଳ କରିବା କ୍ଷେତ୍ରରେ ସହଯୋଗୀ ଶ୍ରମିକଦଳମାନଙ୍କ ମଧ୍ୟରେ ପ୍ରତିଯୋଗୀତା ହୋଇଥାଏ । କର୍ମକର୍ତ୍ତା ସେହି ପ୍ରତିଯୋଗୀ ଶ୍ରମିକମାନଙ୍କ ପାଇଁ ପାରିଶ୍ରମିକ ବୃଦ୍ଧି କରିଥାନ୍ତି । ଏଥି ସହିତ ଚାଖଣା ପାଇଁ ମାଂସକୁ ଉପହାର ହିସାବରେ ପ୍ରଦାନ କରାଯାଇଥାଏ । କେତେକ କ୍ଷେତ୍ରରେ କୌଣସି କାର୍ଯ୍ୟଟିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବା ତା' ପୂର୍ବରୁ ଶେଷ କରିବା ପାଇଁ ସହଯୋଗୀ ଶ୍ରମିକମାନଙ୍କ ମଧ୍ୟରେ ପ୍ରତିଯୋଗୀତା ହୋଇଥାଏ । ସେଥିସକାଶେ ସହଯୋଗୀ ପ୍ରତିଯୋଗୀମାନଙ୍କୁ ପିନ୍ଧିବା ପାଇଁ ଗଂଜି ଦିଆଯାଇଥାଏ ଏବଂ ମହିଳା ଶ୍ରମିକମାନଙ୍କୁ ବ୍ଲାଉଜ୍ ପିନ୍ଧିବା ପାଇଁ ଦିଆଯାଇଥାଏ ।

## ସହଯୋଗ ଶ୍ରମ ପାଇଁ ଲୋକଙ୍କ ମନୋବୃତ୍ତି:

ସହଯୋଗମୂଳକ ଶ୍ରମଦାନ କରିବା ପାଇଁ ପ୍ରତ୍ୟେକଙ୍କ ଆଗ୍ରହ ହୋଇଥାଏ । ପରସ୍ପରର କାର୍ଯ୍ୟରେ ସହଯୋଗ କରିବା ପାଇଁ ପ୍ରତ୍ୟେକ ଆଗଭର ହୋଇଥାନ୍ତି । ତେଣୁ କାର୍ଯ୍ୟଟି ଅତି ସହଜରେ ଓ ଅତି ସରଳରେ ସମ୍ପାଦିତ ହୋଇଥାଏ । ସହଯୋଗୀ ଶ୍ରମଦାନ କରିବା ପାଇଁ ସହଯୋଗ ମନୋଭାବ ଦୃଢୀଭୂତ ହୋଇଥାଏ । ପରସ୍ପର ଏକତ୍ରିତ ହେବା ସୁଯୋଗ ମଧ୍ୟ ମିଳିଥାଏ । ପରସ୍ପର ମୁକ୍ତ ଭାବରେ ଭାବର ଆଦାନ ପ୍ରଦାନ କରିଥାନ୍ତି । ମନଲୋଭା କଥା ମଧ୍ୟ ଅନ୍ୟ ଆଗରେ ପ୍ରକାଶ କରିପାରନ୍ତି । ସହଯୋଗୀ ଶ୍ରମ ଫଳରେ କାର୍ଯ୍ୟ ସୁଗମ ହୁଏ । କୌଣସି ଲୋକ ପାଇଁ ସହଯୋଗ ଶ୍ରମ ମାଧ୍ୟମରେ କାର୍ଯ୍ୟ କରିଲେ ସେହି ଲୋକ ମଧ୍ୟ ଅନ୍ୟମାନଙ୍କ ପାଇଁ କାର୍ଯ୍ୟରେ ସହଯୋଗ କରିପାରିବେ । ସାମୂହିକ ମଙ୍ଗଳ ପାଇଁ ସହଯୋଗ ଶ୍ରମ ଏକାନ୍ତ ପ୍ରୟୋଜନ ।

## ବର୍ତ୍ତମାନ ପରିସ୍ଥିତିରେ ସହଯୋଗ ଶ୍ରମ :

ବର୍ତ୍ତମାନ ପରିସ୍ଥିତିରେ ଚାଲିଥିବା ସହଯୋଗ ଶ୍ରମ ଦ୍ୱାରା ଅନେକ ଗୁଡିଏ କାର୍ଯ୍ୟ ସମ୍ପାଦିତ ହୋଇଥାଏ । ଏପରିକି କୌଣସି ପରିବାରର ଜମିରେ ହଳ କରିବା, ହୁଡା ସଜାଡିବା, ଶସ୍ୟ ବୁଣିବା, ଘାସ ବାଛିବା, ଶସ୍ୟ କାଟିବା ଓ ଶସ୍ୟ ଅମଳ କରିବା ଇତ୍ୟାଦି କାର୍ଯ୍ୟରେ ଅନ୍ୟ ପରିବାରର ଲୋକମାନେ ସହଯୋଗମୂଳକ ଶ୍ରମ ଦାନ କରୁଛନ୍ତି । ଏଥି ସହିତ ଶିଶୁ ଜନ୍ମ ସମୟରେ, ଜନ୍ମଦିନ ଉତ୍ସବରେ, ବିବାହ ଉତ୍ସବରେ, ଶୁଦ୍ଧିକ୍ରିୟା ସମୟରେ ପରସ୍ପର ସହଯୋଗ ଶ୍ରମଦାନ ମାଧ୍ୟମରେ କାର୍ଯ୍ୟ ସମ୍ପାଦିତ ହେଉଛି । କିନ୍ତୁ ଗ୍ରାମାଞ୍ଚଳ ଭଳି ସହରାଞ୍ଚଳରେ ସହଯୋଗ ଶ୍ରମଦାନ ପ୍ରଥା ଆଦୌ ଦେଖାଯାଏ ନାହିଁ କିମ୍ବା ଆଦର ମଧ୍ୟ ନାହିଁ ।

## ପାରମ୍ପରିକ ସହଯୋଗ ଶ୍ରମରେ ପରିବର୍ତ୍ତନ:

ପାରମ୍ପରିକ ସହଯୋଗ ଶ୍ରମଦାନରେ କେତେକାଂଶରେ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ପାରମ୍ପରିକ ସହଯୋଗ ଶ୍ରମଦାନ ମାଧ୍ୟମରେ ଗ୍ରାମର ରାସ୍ତା ମରାମତି, ରାସ୍ତା ତିଆରି, କୂପ ଖନନ, ପୋଖରୀ ବା ଗଡିଆ ଖନନ, ପୋଖରୀରୁ ପଙ୍କ ଉଦ୍ଧାର ଇତ୍ୟାଦି କାର୍ଯ୍ୟ ସହଯୋଗ ଶ୍ରମଦାନରେ ସମ୍ପାଦିତ ହେଉଥିବା ବେଳେ ବର୍ତ୍ତମାନ ଉପରୋକ୍ତ କାର୍ଯ୍ୟ ସରକାରୀ ଲୋକମାନେ ପାରିଶ୍ରମିକ ପ୍ରଦାନ କରି କାର୍ଯ୍ୟ ସମ୍ପାଦନ କରୁଥିବା ଦେଖାଯାଉଛି । ଚାଷ କାର୍ଯ୍ୟରେ ପଛୁଆ ଥିବା ବ୍ୟକ୍ତିଙ୍କ ପାଇଁ ସହଯୋଗ ଶ୍ରମଦାନ କରି ଗ୍ରାମରୁ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ତାହା ବାଧାପ୍ରାପ୍ତ ହୋଇଛି । ଏହି କାର୍ଯ୍ୟ ବର୍ତ୍ତମାନ କେବଳ ପରିବାରର ବ୍ୟକ୍ତିମାନଙ୍କର ମିଳିତ ସହାୟତାରେ ସମ୍ପାଦିତ ହେଉଛି । ଉପରୋକ୍ତ କାର୍ଯ୍ୟ ସମ୍ପାଦନ ପାଇଁ ସହଯୋଗ ଶ୍ରମରେ ପରିବର୍ତ୍ତନ ଘଟିଛି ।

## ଅନ୍ୟ କିଛି:

ଉପରୋକ୍ତ ସହଯୋଗୀ ଶ୍ରମ ବା ଶ୍ରମ ସହଯୋଗିତାରୁ ଏହି ଶିକ୍ଷା ମିଳେ ଯେ ପରସ୍ପର ପୂର୍ଣ୍ଣ ସହଯୋଗ ଦ୍ୱାରା କାର୍ଯ୍ୟଟି ସୁରୁଖୁରୁରେ ସମ୍ପାଦିତ ହୋଇଥାଏ । ତେଣୁ ସହଯୋଗ ଶ୍ରମଦାନ ଅତି ଆବଶ୍ୟକ । କୌଣସି କାମ ଜଣେ କରିବା ପାଇଁ ଅକ୍ଷମ ପ୍ରକାଶ କଲେ ତାହା ସହଯୋଗ ଶ୍ରମ ମାଧ୍ୟମରେ ସମ୍ପାଦିତ ହୋଇଥାଏ । କୌଣସି ଅସମ୍ଭବ କାର୍ଯ୍ୟ ସହଯୋଗ ଶ୍ରମ ବା ସହଯୋଗିତା ମାଧ୍ୟମରେ ସମ୍ଭବ ହୋଇଥାଏ ।

# ପାରମ୍ପରିକ ଗ୍ରାମସଭା

ମନୁଷ୍ୟ ହିଁ ପୃଥିବୀର ସର୍ବଶ୍ରେଷ୍ଠ ପ୍ରାଣୀ । ଏହି ସମାଜରେ ମନୁଷ୍ୟ ଜନ୍ମ ହୁଏ। ଜୀବନଯାପନ କରେ ଓ ଦେହ ତ୍ୟାଗ କରେ । ଏହି ଜୀବନକାଳ ମଧ୍ୟରେ ସେ ସୁଖଦୁଃଖ, ଭଲମନ୍ଦ ଓ ଠିକ୍‌ଭୁଲ୍ ମଧ୍ୟ ଦେଇ ଗତି କରିଥାଏ । ମଣିଷ ବେଳେବେଳେ ହିତାହିତ ଜ୍ଞାନ ଶୂନ୍ୟ ହୋଇ ଭୁଲ୍ ମାର୍ଗରେ ଗତି କରିଥାଏ । ମଣିଷର ଏହି ଅପରିଣାମଦର୍ଶୀ କୁକାର୍ଯ୍ୟକୁ ବିଚାର କରି ସତ୍ୟାସତ୍ୟ ଅନୁସନ୍ଧାନ ପୂର୍ବକ କ୍ଷମା ବା ଦଣ୍ଡଦେବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡେ । ମନୁଷ୍ୟକୃତ ଭୁଲ୍ ପାଇଁ ଏହି ସମାଜରେ ଦଣ୍ଡ ବିଧାନ ଥାଏ । ପୂର୍ବେ ଗ୍ରାମସଭା ମାଧ୍ୟମରେ ଏହି ସବୁ କୁକର୍ମର ବିଚାର କରାଯାଇ ଦୋଷୀକୁ ଉପଯୁକ୍ତ ଦଣ୍ଡ ଦିଆଯାଉଥିଲା । ଲୋଧାମାନଙ୍କ ଏହି ଗ୍ରାମସଭା ବ୍ୟବସ୍ଥା କେଉଁ ଯୁଗରୁ ପ୍ରଚଳିତ ହୋଇଆସୁଅଛି ଓ ଅଦ୍ୟାବଧି ଏହାର ପାରମ୍ପରିକତା ରକ୍ଷା କରାଯାଇଛି ।

## ପାରମ୍ପରିକ ଗ୍ରାମସଭାର ଉତ୍ପତ୍ତି ଓ ଇତିହାସ:

ଲୋଧା ସମାଜରେ ପାରମ୍ପରିକ ଗ୍ରାମସଭା ଓ ରାଜନୈତିକ ସଙ୍ଗଠନର ଉତ୍ପତ୍ତି ଓ ଇତିହାସ ସମ୍ପର୍କରେ କିଞ୍ଚିତ ସୂଚନା ଜାଣିବାକୁ ପାଇଥାଉ । ସେମାନଙ୍କ ମତରେ ସୃଷ୍ଟିର ପ୍ରଥମ ପୁରୁଷ ହିସାବରେ ପିଲ୍‌ଚୁ ଓ ସ୍ତ୍ରୀ ହିସାବରେ ଗାଙ୍ଗୀକୁ ମାନ୍ୟତା ଦିଆଯାଇଥାଏ । ଏ ଦୁହେଁ ପ୍ରଥମେ ଥିଲେ ଭାଇଭଉଣୀ । ଏହି ଦୁଇ ଭାଇଭଉଣୀ ପରବର୍ତ୍ତୀ କାଳରେ ବିବାହ ଦ୍ୱାରା ବାନ୍ଧି ହୋଇ ସ୍ୱାମୀ ଓ ସ୍ତ୍ରୀର ସମ୍ପର୍କନେଇ ଚଳପ୍ରଚଳ ହେଲେ । ବିବାହଠାରୁ ତିନିବର୍ଷ ଲଗାତାର ଘୋର ଅନାବୃଷ୍ଟି ହୋଇଥିଲା ଓ ଅନାଟନର ସମୟ ଆସିଥିଲା । ଅନାବୃଷ୍ଟିର କାରଣ ଜାଣିବା ପାଇଁ ମର୍ତ୍ତ୍ୟକୁ ଆସିଥିବା ଦେବତାଗଣ ସ୍ୱର୍ଗରାଜ ଇନ୍ଦ୍ରଙ୍କୁ ଡକାଇ ଏକ ବୈଠକର ଆୟୋଜନ କରିଥିଲେ । ସେମାନେ ଜାଣିବାକୁ ପାଇଥିଲେ ଯେ ଭାଇଭଉଣୀ ମଧ୍ୟରେ ଅସଙ୍ଗତ ବିବାହ ଯୋଗୁଁ ତିନିବର୍ଷ ପର୍ଯ୍ୟନ୍ତ ହେଉନାହିଁ । ଇନ୍ଦ୍ରରାଜାଙ୍କ ନିର୍ଦ୍ଦେଶାନୁକ୍ରମେ ପିଲ୍‌ଚୁ ଓ ଗାଙ୍ଗୀ ଉଭୟଙ୍କ ଦକ୍ଷିଣ ହସ୍ତର କନିଷ୍ଠାଙ୍ଗୁଳିରୁ କିଛି ରକ୍ତ ଆଣିଲେ । ସେହି ରକ୍ତରେ ଅରୁଆ ଚାଉଳକୁ ମିଶ୍ରଣ କରି ଦେବରାଜ ଇନ୍ଦ୍ରଙ୍କ ନିକଟରେ ପୂଜା ଆରାଧନା କଲେ । ଏଭଳି ବିବାହର ବିଚାର ପାଇଁ ସେମାନେ ସଭା ଡକାଇ ଇନ୍ଦ୍ରଙ୍କୁ ପୂଜା ଅର୍ଚ୍ଚନା କରିଥିଲେ । ଜଙ୍ଗଲର ବଡ ଠାକୁରାଣୀଙ୍କ ସଭାପତିତ୍ୱରେ ଏହି ସଭାକାର୍ଯ୍ୟ ସମାପନ ହୋଇଥିଲା । ପୂଜାରେ ଦେବରାଜ ଇନ୍ଦ୍ର ସନ୍ତୁଷ୍ଟ ହୋଇ ପୃଥିବୀପୃଷ୍ଠରେ ବର୍ଷା କରାଇଥିଲେ । ଦଣ୍ଡସ୍ୱରୂପ ପିଲ୍‌ଚୁ ଓ ଗାଙ୍ଗୀଠାରୁ ରକ୍ତ ସଂଗ୍ରହ କରାଯାଇଥିଲା । ଏହିଭଳି ଭାବରେ ସମସ୍ୟା ନିରାକରଣ ପାଇଁ ପୁରାତନ ରାଜନୈତିକ ସଙ୍ଗଠନ ସୃଷ୍ଟି ହୋଇଥିଲା ।

## ଗ୍ରାମସଭାର ଗଠନ:

ଗ୍ରାମସଭା ଗଠନ ପାଇଁ ଗ୍ରାମରେ ସଭାପତି, ଉପ-ସଭାପତି, ସମ୍ପାଦକ, ଛାଟିଆ ପ୍ରଭୃତି ପଦବୀଧାରୀ ବ୍ୟକ୍ତିଙ୍କ ସମେତ ସଭାରେ ଉପସ୍ଥିତ ଗ୍ରାମବାସୀଙ୍କୁ ନେଇ ଗ୍ରାମସଭା ଗଠନ କରାଯାଇଥାଏ । ଗ୍ରାମସଭା ପାଇଁ ବୈଠକ ସାଧାରଣତଃ ବୈଠକ ଗୃହରେ ଅନୁଷ୍ଠିତ ହୋଇଥାଏ । ଯଦି କୌଣସି ଗ୍ରାମରେ ଏହି ବୈଠକଗୃହ ନଥାଏ, ତେବେ ଗ୍ରାମର ଯେ କୌଣସି ପ୍ରଶସ୍ତ ସ୍ଥାନ କିମ୍ବା ବୃକ୍ଷମୂଳରେ ଏହି ବୈଠକ ବସିବା ସ୍ଥିରୀକୃତ ହୋଇଥାଏ । ସେହିଠାରେ ଗ୍ରାମବାସୀମାନଙ୍କ ଭଲମନ୍ଦ, ସୁବିଧା ଅସୁବିଧା ପ୍ରତ୍ୟେକ ବିଷୟକୁ ବିଚାର କରାଯାଇ ଲୋକମାନଙ୍କୁ ଉଚିତ୍ ନ୍ୟାୟ ଦିଆଯାଇଥାଏ । ଗ୍ରାମସଭାର ବୈଠକରେ ଗ୍ରାମବାସୀ ଏକତ୍ର ବସି ନିଜର ମନଖୋଲା କଥା ପ୍ରକାଶ କରନ୍ତି । ପ୍ରତ୍ୟେକଙ୍କୁ ନିଜର ମତାମତ ଜଣାଇବାକୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଇଥାଏ । ଆଲୋଚନା ସମୟଟି ସେମାନଙ୍କୁ ଉତ୍ସାହିତ କରେ ।

## ପାରମ୍ପରିକ ଗ୍ରାମସଭାର ସଦସ୍ୟମାନଙ୍କ ନିର୍ବାଚନ ପ୍ରଣାଳୀ:

ଗ୍ରାମସ୍ତରରେ ଗ୍ରାମଶାସନ ପାଇଁ ସଭାପତି,ଉପ-ସଭାପତି, ସମ୍ପାଦକ, ସହ-ସମ୍ପାଦକ ଓ ଡାକୁଆ ଇତ୍ୟାଦି ପଦବୀଧାରୀ ବ୍ୟକ୍ତିଙ୍କୁ ଗ୍ରାମବାସୀ ନିର୍ବାଚିତ କରିଥାନ୍ତି ଓ ଗ୍ରାମସଭା ପରିଚାଳନା ପାଇଁ ଏମାନଙ୍କୁ ଅଖଣ୍ଡ କ୍ଷମତା ପ୍ରଦାନ କରିଥାନ୍ତି । ଲୋଧା ସମାଜରେ ଗ୍ରାମର ମୁଖିଆଙ୍କୁ ଦେହୁରୀ କୁହାଯାଏ । 'ଦେହୁରୀ' ପଦର ପ୍ରସ୍ଥିତି ଓ ସମ୍ମାନ ଖୁବ୍ ଉଚ୍ଚରେ । ତେଣୁ ଦେହୁରୀଙ୍କୁ ସାଧାରଣତଃ ଗ୍ରାମର ସଭାପତି କରାଯାଇଥାଏ । କିନ୍ତୁ ତାଙ୍କ ନିର୍ବାଚନ ମୌଖିକ ଭାବେ ଆଲୋଚନା ହୋଇ ଗ୍ରାମସଭାରେ ଗୃହୀତ ହୋଇଥାଏ । ପ୍ରଥମେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏକ ବୈଠକ ଆହ୍ୱାନ କରାଯାଇଥାଏ । ଏହି ବୈଠକରେ ଗ୍ରାମବାସୀ ଏକଜୁଟ ହୋଇ ପରସ୍ପର ମଧ୍ୟରେ ଆଲୋଚନା କରିଥାନ୍ତି । ସେମାନଙ୍କ ମଧ୍ୟରୁ କେହିଜଣେ ଠିଆ ହୋଇ ଗ୍ରାମର ମୁଖିଆ ବା 'ଦେହୁରୀ'ଙ୍କୁ ସଭାପତି ହେବା ପାଇଁ ପ୍ରସ୍ତାବ ଆଗତ କରନ୍ତି । ଅନ୍ୟ ଜଣେ ସେହି ପ୍ରସ୍ତାବକୁ ସମର୍ଥନ କରିଥାନ୍ତି । ଏହି ପ୍ରସ୍ତାବକୁ ଉପସ୍ଥିତ ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ସମ୍ମତି ପ୍ରଦାନ କରନ୍ତି ଓ ତାଙ୍କୁ ସଭାପତି ରୂପେ ମନୋନୀତ କରାଯାଇଥାଏ । ସଭାପତି ମନୋନୟନ ପରେ ଉପ-ସଭାପତି ମନୋନୟନ ପ୍ରସ୍ତାବଟି ଉପସ୍ଥିତ ବ୍ୟକ୍ତି ମାନଙ୍କ ଗହଣରେ ଆଲୋଚନା କରାଯାଇଥାଏ । ଉପସଭାପତିଙ୍କୁ ସଭାରେ ଉପସ୍ଥିତ ବ୍ୟକ୍ତିଙ୍କ ସମ୍ମତିକ୍ରମେ ମନୋନୟନ କରାଯାଇଥାଏ । ସମ୍ପାଦକ ପଦବୀ ନିମନ୍ତେ ସଭାର ଉପସ୍ଥିତ କୌଣସି ବ୍ୟକ୍ତିଙ୍କର ନାମକୁ ଯଦି ସମର୍ଥନ କରାଯାଏ ଏବଂ ଗୃହୀତ ହୁଏ ତେବେ ଶେଷରେ

ସଭାର ସଭାପତି ସେହି ବ୍ୟକ୍ତିଙ୍କର ନାମକୁ ଘୋଷଣା କରିଥାନ୍ତି । ସେହିଭଳି ଡାକୁଆ ପଦ ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ କରାଇ ତାଙ୍କୁ ବଚ୍ଛାଯାଏ । ଯଦି କୌଣସି କର୍ମକର୍ତ୍ତାଙ୍କ ଅକାଳ ବିୟୋଗ ହୁଏ, ତେବେ ସେହି କ୍ଷେତ୍ରରେ ପୁନର୍ବାର ନିର୍ବାଚନ ଆବଶ୍ୟକ ହୋଇଥାଏ । ପାରମ୍ପରିକ ରାଜନୈତିକ ସଙ୍ଗଠନର କର୍ମକର୍ତ୍ତା ମନୋନୟନ ପୂର୍ବରୁ ଗ୍ରାମବାସୀଙ୍କ ତରଫଂରୁ ପୂର୍ବକାଳରେ କେତେକ ହିତବାଣୀ ଶୁଣାଇଥାନ୍ତି । ଶେଷରେ ମନୋନୀତ ବ୍ୟକ୍ତିଙ୍କୁ କେତେକ ପ୍ରଶ୍ନ ପଚାରିଥାନ୍ତି । ସେମାନେ ଏହି ପଦବୀରେ ଅଭିଷିକ୍ତ ହେବେ କି ନାହିଁ ଶ୍ଳୋକ ମାଧ୍ୟମରେ ପଚାରିଥାନ୍ତି । ଏହି ନିର୍ବାଚନ ପ୍ରଣାଳୀକୁ ଆଧାର କରି ଲୋଧାମାନେ ସେମାନଙ୍କ ପାରମ୍ପରିକ ଗ୍ରାମସଭା ପାଇଁ ସଦସ୍ୟମାନଙ୍କୁ ନିର୍ବାଚିତ କରିଥାନ୍ତି ।

## ଗ୍ରାମସଭା ସଦସ୍ୟମାନଙ୍କ ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ଅନ୍ୟାନ୍ୟ ଗୁଣ:

ପାରମ୍ପରିକ ରାଜନୈତିକ ସଙ୍ଗଠନର କର୍ମକର୍ତ୍ତା ମନୋନୟନ ପାଇଁ ବ୍ୟକ୍ତିଙ୍କର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ, ମର୍ଯ୍ୟାଦା ଏବଂ କେତେକ ଭଲ ଗୁଣଥିବା ଦରକାର । ସଭାପତି ପଦ ପାଇଁ ଗ୍ରାମର ଦେହୁରୀ ହିଁ ପ୍ରମୁଖ ବ୍ୟକ୍ତି, କେବଳ ସେ ହିଁ ଏହି ପଦରେ ଆସୀନ ହୋଇଥାନ୍ତି । ତାଙ୍କର ଦେବଦେବୀଙ୍କ ପ୍ରତି ବିଶ୍ୱାସ ଓ ଅନ୍ୟମାନଙ୍କ ପ୍ରତି ବିଶ୍ୱାସ ଥିବା ଦରକାର । ଗ୍ରାମର ସମସ୍ତ ବ୍ୟକ୍ତିମାନଙ୍କ ପ୍ରତି ସମାନ ଦୃଷ୍ଟି ରହିବା ଉଚିତ । ଗାଁର ପ୍ରତ୍ୟେକ ଲୋକ ତାଙ୍କୁ ମାନୁଥିବା ଦରକାର । ସାମାଜିକ ନୀତିନିୟମ ବିଷୟରେ ତାଙ୍କର ଧାରଣା ଥିବା ଦରକାର । ଏହି ସବୁ ଗୁଣ ସଭାପତିଙ୍କର ରହିଥିବା ବାଞ୍ଛନୀୟ । ଉପସଭାପତି ମଧ୍ୟ ସଭାପତିଙ୍କ ପରି ସମସ୍ତ ଗୁଣବତ୍ତା ଓ ବ୍ୟକ୍ତିତ୍ୱ ସମ୍ପନ୍ନ ହୋଇଥିବା ବିଧେୟ । ଉପସଭାପତିଙ୍କର ମଧ୍ୟ ଗଭୀର ଈଶ୍ୱର ବିଶ୍ୱାସ, ସମସ୍ତଙ୍କ ପ୍ରତି ସମଦୃଷ୍ଟି, ନ୍ୟାୟବନ୍ତ, ପରୋପକାରୀ ଗୁଣ ରହିବା ଆବଶ୍ୟକ । ସେହିପରି ସମ୍ପାଦକ ପଦପାଇଁ କେତେକ ସ୍ୱତନ୍ତ୍ର ଗୁଣବତ୍ତା ଓ ବ୍ୟକ୍ତିତ୍ୱ ସମ୍ପନ୍ନ ବ୍ୟକ୍ତିଙ୍କୁ ବଚ୍ଛାଯାଇଥାଏ । ଯେଉଁ ବ୍ୟକ୍ତି ପରର ସୁଖଦୁଃଖ ବୁଝିପାରୁଥିବେ, ସାମାଜିକ ନୀତିନିୟମ ଜାଣିଥିବ, ସମସ୍ତଙ୍କୁ ସମାନ ଚକ୍ଷୁରେ ଦେଖିପାରୁଥିବେ ଓ ଧର୍ମବିଶ୍ୱାସ ବିଷୟରେ ଧାରଣା ରହିଥିବା ଆବଶ୍ୟକ । ଏହି ସବୁ ଗୁଣ ଥିବା ବ୍ୟକ୍ତିଙ୍କୁ ସମ୍ପାଦକ ପଦରେ ନିୟୋଜିତ କରାଯାଇ ପାରିବ । 'ଡାକୁଆ' ବା 'ଛାଟିଆ' ପଦଟିକୁ ସାଧାରଣତଃ ଜଣେ ଆଜ୍ଞାବଦ୍ଧ, ବିଶ୍ୱସ୍ତ ଲୋକଙ୍କୁ ବଚ୍ଛାଯାଇଥାଏ । ଯେ ଗରିବ ଶ୍ରେଣୀୟ ବ୍ୟକ୍ତି ହୋଇଥିବେ, ସମସ୍ତଙ୍କୁ ଉପଯୁକ୍ତ ସମ୍ମାନ ଜଣାଇ ପାରୁଥିବ, ସମସ୍ତଙ୍କର ଆଜ୍ଞା ଆଦେଶ ପାଳନ କରିପାରୁଥିବେ ଓ ଗ୍ରାମର ସୁରକ୍ଷା ଦାୟୀତ୍ୱ ତୁଲାଇ ପାରୁଥିବା ଭଳି ଯୋଗ୍ୟ ବ୍ୟକ୍ତିଙ୍କୁ ଏହି ପଦବୀରେ ନିଯୁକ୍ତ କରାଯାଇଥାଏ । ଗ୍ରାମର

କୌଣସି ବିଚାର ପୂର୍ବରୁ ଡାକୁଆ ବା ଛାଟିଆ ଗ୍ରାମର ସମସ୍ତଙ୍କୁ ବ୍ୟକ୍ତିଗତ ଭାବେ ଜଣାଇଥାନ୍ତି । ବୈଠକରେ ସମସ୍ତେ ଉପସ୍ଥିତ ହୋଇ ବିଷୟ ସମ୍ବନ୍ଧରେ ଆଲୋଚନା କରି ମନୋନୀତ ସଦସ୍ୟଙ୍କ ମଧ୍ୟରେ ସମାଧାନ କରିଥାନ୍ତି । ଗ୍ରାମର ପ୍ରତ୍ୟେକ ସମସ୍ୟା ସଭାପତି, ଉପସଭାପତି, ସମ୍ପାଦକ, ଛାଟିଆ ସମେତ ଗ୍ରାମବାସୀଙ୍କ ମଧ୍ୟରେ ନିଷ୍ପତ୍ତି ନିଆଯାଇ ସମାଧାନ କରାଯାଇଥାଏ ।

## ଗ୍ରାମସଭାକୁ ନିର୍ବାଚିତ ସଦସ୍ୟମାନଙ୍କର କାର୍ଯ୍ୟକଳାପ:

ଗ୍ରାମସଭାକୁ ନିର୍ବାଚିତ ହୋଇଥିବା ସଦସ୍ୟମାନେ ଗ୍ରାମର ସମସ୍ୟାଗୁଡିକ ବୈଠକରେ ଆଲୋଚନା କରି ସମାଧାନ କରିଥାନ୍ତି । ଗ୍ରାମର ମୁଖ୍ୟ ବିଚାରପତି ବା ସଭାପତି ହିସାବରେ ସେ ସମସ୍ତ ସମସ୍ୟାଗୁଡିକ ସମାଧାନ କରିଥାନ୍ତି । ଗ୍ରାମରେ ପାଳିତ କୌଣସି ପର୍ବପର୍ବାଣୀ ଓ ବିଭିନ୍ନ ପୂଜା କାର୍ଯ୍ୟରେ ସଭାପତି ଏହି ସମୟରେ ମୁଖ୍ୟ ପୁରୋହିତ ବା ଦେହୁରୀର କାର୍ଯ୍ୟ କରିଥାନ୍ତି । କୌଣସି ବିଚାରର ଶେଷ ନିଷ୍ପତ୍ତି ସଭାପତି ନେଇଥାନ୍ତି । ଅନ୍ତିମ ରାୟ ପରେ କୌଣସି ଦୋଷୀକୁ ସଭାପତି ନିଜେ ଦଣ୍ଡବିଧାନ ଆଦେଶ କରିଥାନ୍ତି । ଗ୍ରାମର ସମସ୍ତ ବୈଠକରେ ସେ ପୌରହିତ୍ୟ କରନ୍ତି । ସଭାପତିଙ୍କ ଅନୁପସ୍ଥିତିରେ ଉପସଭାପତି ସଭାପତି କାର୍ଯ୍ୟ ସମ୍ପାଦନ କରିଥାନ୍ତି । କୌଣସି ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ମନୋମାଳିନ୍ୟ କିମ୍ବା ଝଗଡା ହେଲେ ସଭାପତିଙ୍କ ଦ୍ୱାରା ତାହା ସମାଧାନ ହୁଏ ।

ପାରମ୍ପରିକ ରାଜନୈତିକ ପରିଷଦର ମୁଖ୍ୟ କର୍ତ୍ତା ହିସାବରେ ସଭାପତି, ଉପସଭାପତି, ସମ୍ପାଦକ, ଡାକୁଆ ଯେଉଁ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାନ୍ତି, ସେଗୁଡିକ ମଧ୍ୟରେ

- ଗ୍ରାମର ସମସ୍ତ ବିଚାରରେ ସମସ୍ତେ ସକ୍ରିୟ ଅଂଶ ଗ୍ରହଣ କରି ବିଚାରଟିର ଚୂଡାନ୍ତ ରାୟ ପ୍ରଦାନ ପର୍ଯ୍ୟନ୍ତ ତତ୍ତ୍ୱାବଧାନ କରିଥାନ୍ତି ।
- ବିଚାର ପୂର୍ବରୁ ସାକ୍ଷୀମାନଙ୍କଠାରୁ ଜମାନବନ୍ଦୀ ଆଦାୟ କରନ୍ତି ।
- କୌଣସି ମକଦ୍ଦମା ବିଚାର ପରେ ଶେଷ ନିଷ୍ପତ୍ତି ନିଜେ ସଭାପତି ନେଇଥାନ୍ତି ।
- ଗ୍ରାମରେ ପାଳିତ କୌଣସି ପର୍ବପର୍ବାଣିରେ ଏବଂ ବିଭିନ୍ନ ପୂଜାରେ ସଭାପତି ନିଜେ ପୂଜା କରିଥାନ୍ତି । ଶ୍ରେଷ୍ଠ ପୂଜକ ହିସାବରେ ସେ କାର୍ଯ୍ୟ କରିଥାନ୍ତି ।
- ସମ୍ପାଦକ କୌଣସି କାରଣରୁ ଉପସ୍ଥିତ ନ ରହିଲେ ମନୋନୀତ ଭଦ୍ରବ୍ୟକ୍ତି ତାଙ୍କ କାର୍ଯ୍ୟ ସମ୍ପାଦନ କରିଥାନ୍ତି ।
- କୌଣସି କାରଣରୁ ପରିବାରର ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଝଗଡା ହୋଇଥିଲେ ତାହା ସଭାପତିଙ୍କ ଦ୍ୱାରା ସମାଧାନ କରାଯାଏ ।

- ଗ୍ରାମରେ କୌଣସି ମାରାତ୍ମକ ରୋଗବ୍ୟାଧି ବ୍ୟାପିଲେ ତାହାର ପ୍ରତିକାର ପାଇଁ ଉପାୟ ସ୍ଥିର କରାଯିବା ଗ୍ରାମସଭାର କାର୍ଯ୍ୟ ।
- ଯଦି କୌଣସି କାରଣରୁ କନ୍ୟାସୁନା ପେଂରସ୍ତ ଦେବାକୁ ପଡେ ତେବେ ଗ୍ରାମସଭା ଡକାଯାଇ ଏହା ମାଧ୍ୟମରେ ପେଂରସ୍ତ ଦେବାକୁ ପଡେ ।
- ଦୋଷୀ ନିଜର ଦୋଷ ସ୍ୱୀକାର କରି ସାରିବା ପରେ ପୁନର୍ବାର ଦୋଷ ନକରିବା ପାଇଁ ଗ୍ରାମସଭା ତାକୁ ଶପଥପାଠ କରାଏ ।
- ଚୋରୀ କରିବା, ଗାଳିଗୁଲଜ କରିବା, ଗୁଣିଗାରେଡି କରି ଅନ୍ୟକୁ ବଶୀଭୂତ କରିବା, ପର ସ୍ତ୍ରୀ /ଝିଅ ଉପରେ କୁଦୃଷ୍ଟି ରଖିବା, ବିବାହ ପରେ ଝିଅକୁ ହଇରାଣ କରିବା ଇତ୍ୟାଦି ସମସ୍ତ ବିଷୟର ଆମୁଳଚୂଳ ଆଲୋଚନା ଗ୍ରାମସଭାରେ ହୋଇ ଶେଷ ସିଦ୍ଧାନ୍ତ ସଭାପତି ନେଇଥାନ୍ତି ।
- ମକଦ୍ଦମା ବିଚାର କ୍ଷେତ୍ରରେ ମୁଦାଲା ଓ ମୁଦେଇ ସମେତ ସାକ୍ଷୀମାନଙ୍କୁ ସଭାମଧ୍ୟକୁ ଡାକି ସେମାନଙ୍କୁ ଜେରା କରାଯାଇଥାଏ ।
- ବୈଠକ ପାଇଁ ବ୍ୟବହୃତ ବିଭିନ୍ନ ଜିନିଷ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ସଭାପତିଙ୍କ ତରଫରୁ ଡାକୁଆଙ୍କୁ ଏହି ଦାୟୀତ୍ୱ ଦିଆଯାଇଥାଏ ।
- ସଭାରେ ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ସମେତ ଗ୍ରାମର ଗ୍ରାମବାସୀ ସମସ୍ତଙ୍କ ପାଇଁ ପାନୀୟର ବନ୍ଦୋବସ୍ତ କରାଯାଇଥାଏ ।
- ଗ୍ରାମସଭାରେ ଉପସ୍ଥିତ ପ୍ରଥମ ପକ୍ଷ କିମ୍ବା ଦ୍ୱିତୀୟପକ୍ଷ ମହିଳାଲୋକ ହୋଇଥିଲେ ସେମାନଙ୍କୁ ସେମାନଙ୍କ ଘରେ ଛାଡି ଆସିବା ଦାୟୀତ୍ୱ ସଭାପତି ଡାକୁଆଙ୍କୁ ଦେଇଥାନ୍ତି ।

## ଗ୍ରାମସଭାରେ ନିଷ୍ପତ୍ତି କରାଯାଉଥିବା ବିଭିନ୍ନ କେସ/ମାମଲା:

ଗ୍ରାମସଭାରେ ଗ୍ରାମର ବିଭିନ୍ନ ପ୍ରକାର ମକଦ୍ଦମା ବିଚାର କରାଯାଇଥାଏ । ଏଠାରେ ନିଷ୍ପତ୍ତି ନିଆଯାଉଥିବା ବିଭିନ୍ନ ପ୍ରକାର କେସ୍ ଗୁଡିକ ହେଲା –

- ପରିବାରରେ କୌଣସି କାରଣରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗିଲେ ତାହା ଗ୍ରାମସଭାରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥାଏ ।
- କୌଣସି ସ୍ତ୍ରୀକୁ ତା'ର ସ୍ୱାମୀ ବିନା କାରଣରେ ଘରୁ ତଡିଦେବା ବିଷୟରେ ବିଚାର କରାଯାଏ ।
- ପରିବାରର ଘର ଜ୍ୱାଇଁଙ୍କୁ ଘରୁ ବାହାର କରିଦେବା ବିଷୟର ବିଚାର କରାଯାଇଥାଏ ।

- କୌଣସି ପରିବାରରେ ପୁତ୍ର ଯଦି ନିଜ ବୃଦ୍ଧପିତାମାତାଙ୍କ ଭରଣପୋଷଣ ଦାୟିତ୍ୱ ନବୁଝେ ସେଭଳି ସମସ୍ୟା ଗ୍ରାମସଭାରେ ଆଲୋଚନା ହୋଇ ନିଷ୍ପତ୍ତି ନିଆଯାଏ ।
- କୌଣସି ବ୍ୟକ୍ତି ଅନ୍ୟଘରୁ ଧନସମ୍ପତ୍ତି ଏବଂ ଘରର ଅନ୍ୟାନ୍ୟ ଜିନିଷ କିମ୍ବା ଗୋରୁଗାଈ ଚୋରି କରିନେଲେ ଏହି ପ୍ରକାର ଚୋରି କେସ୍ ଗ୍ରାମସଭାରେ ବିଚାରକୁ ଆସିଥାଏ ।
- ଜଣେ ଯୁବକ ଅନ୍ୟ ଏକ ଯୁବତୀକୁ ଜୋରଜବରଦସ୍ତି କରି ନେବାକୁ ଚାହୁଁଥିଲେ କିମ୍ବା ଚେଷ୍ଟା କରୁଥିଲେ ଉକ୍ତ ବିଷୟ ଗ୍ରାମସଭାରେ ଆଗତ ହୋଇ ବିଚାର କରାଯାଏ ।
- ଗୋଟିଏ ପରିବାରରେ ବଡଭାଇ ସାନଭାଇର ସ୍ତ୍ରୀ ସହ ପ୍ରେମ ବିଷୟରେ କଥୋପକଥନ ହେଉଥିବାର ଅଭିଯୋଗ ହେଲେ ଗ୍ରାମସଭା ଆହ୍ୱାନ କରାଯାଇ ତାହାର ବିଚାର କରାଯାଇଥାଏ ।
- କୌଣସି କାରଣରୁ ବଡଭାଇ ସାନଭାଇର ସ୍ତ୍ରୀକୁ ଛୁଇଁଲେ ଏବଂ ଭଣଜାର ସ୍ତ୍ରୀକୁ ମାମୁଁ ଛୁଇଁଲେ କିମ୍ବା ବସାଉଠା କଲେ ଉକ୍ତ ବିଷୟ ଗ୍ରାମସଭାର ବିଚାରକୁ ନିଆଯାଇଥାଏ ।
- ଅନ୍ୟମାନଙ୍କର ଅନିଷ୍ଟ କରୁଥିବା ଗୁଣିଆ ଗୁଣି କରୁଥିବାର ଯଦି ପ୍ରମାଣ ମିଳେ ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରାମସଭା ମାନଙ୍କରେ ଆଲୋଚନା କରାଯାଇଥାଏ ।
- ଶୀକାର ମାଂସ ବଣ୍ଟନ କ୍ଷେତ୍ରରେ ଉଭୟ ପକ୍ଷ ମଧ୍ୟରେ ଯଦି ଗଣ୍ଡଗୋଳ ଉପୁଜିଥାଏ ତେବେ ସେହି ପ୍ରକାର ବିବାଦ ଗ୍ରାମସଭାରେ ଆଗତ ହୋଇ ସମାଧାନ ହୋଇଥାଏ ।
- କୌଣସି ଅବିବାହିତ ଯୁବକ ଏବଂ ଅବିବାହିତା ଯୁବତୀଙ୍କ ନାମରେ ମିଥ୍ୟା ଅପବାଦ ଲଗାଇ ପ୍ରଚାର କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ବିଚାରପାଇଁ ଗ୍ରାମସଭାରେ ଉକ୍ତ ବିଷୟ ଉପସ୍ଥାପିତ ହୁଏ ।
- କେହି ଜଣେ ସ୍ତ୍ରୀଲୋକ କ୍ଷେତରେ ହଳ କରୁଥିବା ଦେଖାଯାଇଥିଲେ ଉକ୍ତ ସ୍ତ୍ରୀଲୋକ ବିରୋଧରେ ଗ୍ରାମସଭାରେ ବିଚାର ନିମନ୍ତେ ଗ୍ରହଣ କରାଯାଇଥାଏ ।
- କୌଣସି ସୀମାନ୍ତରେ ଗଛକାଟିବା କ୍ଷେତ୍ରରେ ଉଭୟ ପକ୍ଷ ମଧ୍ୟରେ ବିବାଦ ସୃଷ୍ଟି ହେଲେ ତାହାର ବିଚାର ଗ୍ରାମସଭାରେ ସ୍ଥାନ ପାଇଥାଏ ।

- ହାଣ୍ଡିଆଭାଟି ସ୍ଥାନ ଅଧିକାର ସମ୍ବନ୍ଧରେ ପରସ୍ପର ମଧ୍ୟରେ ଗଣ୍ଡଗୋଳ ଉପୁଜିଲେ ପରସ୍ପରଙ୍କୁ ଗ୍ରାମସଭାରେ ଉପସ୍ଥିତ କରାଇ ବିଚାର ହୋଇଥାଏ ।
- ଅଭାବ ସମୟରେ କୌଣସି ବ୍ୟକ୍ତିଠାରୁ କରଜ କରି ଠିକ୍ ସମୟରେ ଯଦି ପରିଶୋଧ କରିନଥାନ୍ତି ତେବେ ଉକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଗ୍ରାମସଭାରେ ବିଚାର ନିମନ୍ତେ ଗ୍ରହଣ କରାଯାଇଥାଏ ।

## ଗ୍ରାମସଭା ପରିଚାଳନା ପଦ୍ଧତି:

ଗ୍ରାମସଭାରେ ସଦସ୍ୟମାନଙ୍କ ମୁଖ୍ୟ ସଭାପତି ଦେହୁରୀ ମଧ୍ୟଭାଗରେ, ତାଙ୍କ ବାମପାର୍ଶ୍ୱରେ ଗ୍ରାମର ମୁଖିଆ ଉପସଭାପତି ଆସନ ଗ୍ରହଣ କରିଥାନ୍ତି । ଉପସଭାପତିଙ୍କ ବାମ ପାର୍ଶ୍ୱରେ ସମ୍ପାଦକ, ତାର ବାମପାର୍ଶ୍ୱରେ ସହ୍‌ସମ୍ପାଦକ ଉପବେଶନ କରିଥାନ୍ତି । ସର୍ବଶେଷରେ ସହ୍‌ସମ୍ପାଦକଙ୍କ ବାମପାର୍ଶ୍ୱରେ ଚ୍ଛାଟିଆ ଆସନ ଗ୍ରହଣ କରିଥାନ୍ତି । ଏହିଭଳି ସମସ୍ତେ ବୃତ୍ତାକାର ଭାବରେ ବସିଥାନ୍ତି କିନ୍ତୁ ମଧ୍ୟଭାଗଟି ଖାଲି ରହିଥାଏ । ସଭାର ଚତୁଃପାର୍ଶ୍ୱରେ ଗ୍ରାମବାସୀବୃନ୍ଦ ଏବଂ ଆହୂତ ଭଦ୍ରବ୍ୟକ୍ତିଗଣଙ୍କ ଉପବେଶନର ବ୍ୟବସ୍ଥା ଥାଏ । ବୈଠକରେ ବସିବା ପାଇଁ ଦରି କିମ୍ବା ପଟିଆ ଅଭାବ ଯୋଗୁଁ ସମ୍ପୂର୍ଣ୍ଣ ଖାଲି ଭୂଇଁରେ ବସିଥାନ୍ତି । ସଭାରେ ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଥାଏ । ନିମନ୍ତ୍ରିତ ଭଦ୍ରବ୍ୟକ୍ତିଙ୍କ ପାଇଁ ଧୂଆଁପତ୍ର ବା ଦୁକ୍ତା ଏବଂ ଚୂନର ବ୍ୟବସ୍ଥା କରାଯାଇଥାଏ । ସଭାପତିଙ୍କ ବିନା ନିର୍ଦ୍ଦେଶରେ ସଭାକାର୍ଯ୍ୟ ଆରମ୍ଭ ହୋଇନଥାଏ । ସହ୍‌ସମ୍ପାଦକ ସମ୍ପାଦକଙ୍କୁ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରଶ୍ନପଚାରି ବୁଝିଥାନ୍ତି । ତାହାର ଉଦ୍ଦେଶ୍ୟ କେବଳ ସଭାପତି ସଠିକ୍ ଭାବରେ ଧାରଣା ଦେଇଥାନ୍ତି । ସଭାପତିଙ୍କ ଅନୁମତି କ୍ରମେ ପ୍ରସ୍ତାବମାନ ଆଗତ ହୋଇଥାଏ । ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ମୁକ୍ତ କଣ୍ଠରେ ନିଜ ନିଜର ମତାମତ ବ୍ୟକ୍ତ କରିବାର ସୁଯୋଗ ଦିଆଯାଇ ନଥାଏ । ସଂପୃକ୍ତ ଆସାମୀଙ୍କର ନାମ ସଭାପତି ଘୋଷଣା ପରେ ବିଚାର ନିମନ୍ତେ ରାଜନୈତିକ ପରିଷଦର ପରିସର ମଧ୍ୟକୁ ଆସିଥାଏ ।

## ଆଲୋଚନା, ନିଷ୍ପତ୍ତି ଓ ଘୋଷଣା:

ବିଚାର ପ୍ରାରମ୍ଭରେ ପ୍ରଥମପକ୍ଷ ଆସାମୀଙ୍କଠାରୁ ଜମାନବନ୍ଦୀ ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ସମ୍ମୁଖରେ ସହ୍‌ସମ୍ପାଦକ ଜମାନବନ୍ଦୀ ନେଇଥାନ୍ତି । ତା'ପରେ ଦ୍ୱିତୀୟ ମୁଦ୍ଦେଇ ବା ଆସାମୀଠାରୁ ଜମାନବନ୍ଦୀ ନେଇଥାନ୍ତି । ଏହାପରେ ଉଭୟ ପକ୍ଷର ସମସ୍ତ ବିବରଣୀକୁ ସମ୍ପାଦକଙ୍କୁ ପାଠ କରିବାକୁ ନିର୍ଦ୍ଦେଶ ଦିଆଯାଇଥାଏ । ବିବରଣୀ ପାଠ ଶୁଣାଣୀ ପରେ ପୁନର୍ବାର ସଭାପତି ତାହାକୁ ଉପସ୍ଥିତ ଭଦ୍ରମଣ୍ଡଳୀ,

ବିଚାରକଙ୍କଠାରେ ବିଚାର ପାଇଁ ଉପସ୍ଥାପନ କରନ୍ତି । ବିଚାର ସମୟରେ ଉଭୟପକ୍ଷ ପ୍ରଦାନ କରିଥିବା ବୟାନରେ ଯଦି ବିଚାରକମଣ୍ଡଳୀର ସମ୍ୟକ ସନ୍ଦେହ ଜାତ ହୁଏ ତେବେ ପୁନର୍ବାର ସଭାପତିଙ୍କ ନିର୍ଦ୍ଦେଶାନୁଯାୟୀ ସମ୍ପାଦକ ଉଭୟ ମୁଦାଲା ଓ ମୁଦାୟୀଙ୍କଠାରୁ ଜମାନବନ୍ଦୀ ଆଦାୟ କରିଥାନ୍ତି । ଘଟଣାର ସତ୍ୟାସତ୍ୟ ଜାଣିସାରିବା ପରେ ଉପସ୍ଥିତ ଭଦ୍ର ଏବଂ ବିଚାରକମଣ୍ଡଳୀ ଦୋଷୀ ସାବ୍ୟସ୍ତ କରିଥାନ୍ତି । ପ୍ରଥମେ ବିଚାରକମାନେ ଆଲୋଚନାର ନିଷ୍ପତ୍ତି ପ୍ରଦାନ କରନ୍ତି । ଆଲୋଚନା ପରେ ଉପଯୁକ୍ତ ସିଦ୍ଧାନ୍ତରେ ଉପନୀତ ହୋଇ ପ୍ରକୃତ ଦୋଷୀ ସାବ୍ୟସ୍ତ ହୋଇଥାଏ । ଏହାପରେ ପୁନର୍ବାର ସଂପୃକ୍ତ ଦୋଷୀଙ୍କୁ ନିଜର ଦୋଷ ସ୍ୱୀକାର ପାଇଁ କୁହାଯାଏ । ସେତେବେଳେ ଯଦି ଦୋଷୀଠାରୁ କୌଣସି ପ୍ରକାର ସନ୍ତୋଷଜନକ ଉତ୍ତର ପାଇନଥାନ୍ତି ତେବେ ଉକ୍ତ ବ୍ୟକ୍ତି ସମ୍ପୂର୍ଣ୍ଣ ଦୋଷୀ ବୋଲି ପ୍ରମାଣିତ ହୁଏ । ପ୍ରକୃତ ଦୋଷୀ ସାବ୍ୟସ୍ତ ହେବା ପରେ ଦୋଷୀଙ୍କ ଉପରେ ଜୋରିମନା ଧାର୍ଯ୍ୟ କରାଯାଏ । ସଭାରେ ଉପସ୍ଥିତ ବ୍ୟକ୍ତିଙ୍କ ସମ୍ମୁଖରେ ସଭାପତି ଏହି ପ୍ରକୃତ ଦୋଷୀର ନାମ ଘୋଷଣା କରନ୍ତି । ଦୋଷର ମାତ୍ରାନୁଯାୟୀ ସଭାପତି ଜୋରିମନା ବା ଦଣ୍ଡ ଘୋଷଣା କରନ୍ତି । ସଭାପତି ଦୋଷୀପାଇଁ ଜୋରିମନା ଦଣ୍ଡାଦେଶ କରିଥାନ୍ତି । ଏହି ସମୟରେ ଦୋଷୀ ତାହାର ଦଣ୍ଡକୁ ପରିବର୍ତ୍ତନ କରିବାକୁ ସଭାପତିଙ୍କୁ ଆବେଦନ କଲେ ସଭାପତି ତାହାକୁ ପରିବର୍ତ୍ତନ କରିପାରନ୍ତି । ସଭାପତି ରାୟ ଘୋଷଣା କରିବା ସମୟରେ ଆଗତ ଭବିଷ୍ୟତକୁ ଲକ୍ଷ୍ୟ କରି ରାୟ ପ୍ରଦାନ କରିଥାନ୍ତି । ଦୋଷୀଠାରୁ ଜୋରିମନା ଆଦାୟ କରି ତାକୁ ଦୋଷମୁକ୍ତ କରନ୍ତି । ତାହାପରେ ସମସ୍ତଙ୍କ ପାଇଁ ଏକ ଭୋଜିର ବ୍ୟବସ୍ଥା ହୋଇଥାଏ । ଭୋଜିରେ ଉପସ୍ଥିତ ଭଦ୍ରମଣ୍ଡଳୀ ସମେତ ଉଭୟପକ୍ଷଙ୍କୁ ସାମିଲ କରନ୍ତି । ଭୋଜି ସମାପନ ହେବାପରେ ସଭାପତିଙ୍କୁ ଉପସ୍ଥିତ ଭଦ୍ରମଣ୍ଡଳୀ ହାତଯୋଡି ପ୍ରଣାମ ଜଣାଇଥାନ୍ତି । ଏହିଭଳି ଭାବରେ ପାରମ୍ପରିକ ରାଜନୈତିକ ସଙ୍ଗଠନର ନ୍ୟାୟ ବିଚାର କାର୍ଯ୍ୟ ସମ୍ପାଦନ କରାଯାଇଥାଏ ।

## ବିଭିନ୍ନ ପ୍ରତିଜ୍ଞା ଓ ପରୀକ୍ଷା:

ଅପରାଧୀ ନିଜର ଦୋଷ ସ୍ୱୀକାର କରି ସାରିବା ପରେ ପୁନର୍ବାର ସେହି ଦୋଷ ନ କରିବାପାଇଁ ସଭାରେ ସମସ୍ତଙ୍କ ସମ୍ମୁଖରେ ଶପଥ କରିଥାନ୍ତି । ନିଜ ପୁଅ, ଝିଅ, ସ୍ତ୍ରୀ କିମ୍ବା ଗ୍ରାମଦେବତାଙ୍କ ରାଣ ଖାଇ ପ୍ରତିଜ୍ଞା କରିବାକୁ ହୁଏ । ପୁନର୍ବାର ସେହି ଭୁଲ୍ କଲେ ଦୁଇଗୁଣ ଅଧିକ ଜୋରିମନା ଦେବା ନିମନ୍ତେ ପ୍ରତିଶ୍ରୁତି ଦେଇଥାନ୍ତି । ଏପରି ପ୍ରତିଜ୍ଞା କରି ସେ ପୁନର୍ବାର ସମସ୍ତଙ୍କ ପ୍ରିୟଭାଜନ ହେବାକୁ ଚେଷ୍ଟା କରନ୍ତି ।

## ଦଣ୍ଡବିଧି :

ଶାରିରୀକ, ଆର୍ଥିକ ଓ ନୈତିକ ପରିଷଦକୁ ବିଭିନ୍ନ ପ୍ରକାର ବିଚାର ଆସିଥାଏ । ବିଚାର ପରେ ପ୍ରକୃତ ଦୋଷୀକୁ ଉଚିତ ଦଣ୍ଡ ପ୍ରଦାନ କରିବା ବ୍ୟବସ୍ଥା ରହିଛି । ବିଭିନ୍ନ ପ୍ରକାର ଦଣ୍ଡ ମଧ୍ୟରେ ଶାରୀରିକ, ଆର୍ଥିକ ଓ ସାମାଜିକ ଦଣ୍ଡ ପ୍ରଧାନ । ଯେକୌଣସି ବିବାହିତ କିମ୍ବା ଅବିବାହିତ ପୁରୁଷ ନିଜ ବଂଶର ଭଉଣୀ, ଭାଣିଜୀ, ଝିଆରୀ, ମାଉସୀଙ୍କ ସହିତ ଯଦି ଯୌନ ସମ୍ପର୍କ ରଖିଥାଏ, ଏହା ଲୋକଲୋଚନକୁ ଆସିଲେ ଉଭୟ (ପୁରୁଷ ଓ ସ୍ତ୍ରୀ)ଙ୍କୁ ସମାଜରୁ ଅନ୍ତର କରାଯାଏ କିମ୍ବା ଚଉତାଲ ନାମକ ଶାରୀରିକ ଦଣ୍ଡରେ ଦଣ୍ଡିତ କରାଯାଏ । ପ୍ରଥମେ ଦୋଷୀ ଦ୍ୱୟଙ୍କୁ ପିନ୍ଧିଥିବା ଲୁଗାକୁ ଦେହରୁ କାଢି ସୂତା ନିର୍ମିତ ପୁରୁଣା ଚିରିତା ଜାଲ ପିନ୍ଧାଇ ଦିଆଯାଏ । ତାପରେ ତାଙ୍କ ନାମରେ ଦୁଇଟି ପ୍ରତିମୂର୍ତ୍ତି ନଡାରେ ତିଆରି କରାଯାଇ ଉଭୟଙ୍କ ହାତରେ ଧରାଇ ଦିଆଯାଏ । ପ୍ରସ୍ତୁତ ଗୋବର ପାଣି, ଲଙ୍କାଗୁଣ୍ଡ, ଚୂନପାଣି ପ୍ରଭୃତି ସ୍ତ୍ରୀଲୋକମାନେ ଦୋଷୀଦ୍ୱୟଙ୍କ ଉପରକୁ ଫିଙ୍ଗନ୍ତି । ଗ୍ରାମବାସୀ ପୁରୁଷମାନେ ଟିଣରେ ବାଜା ବଜାଇ ଗ୍ରାମ ପରିକ୍ରମା କରିଥାନ୍ତି । ଏହିପରି ୩ରୁ ୫ ଥର ଗ୍ରାମ ପରିକ୍ରମା କରାଯାଏ । ପରିଶେଷରେ ଦୁଇଟି କୁକୁଡା (ରଙ୍ଗୁଆ ଓ ଧଳା)କୁ ବଳି ଦେଇ ଭୋଜି କରନ୍ତି । ଭୋଜିରେ ଦୋଷୀ ଦ୍ୱୟଙ୍କୁ ଅଣ୍ଟାକୁ ଅଣ୍ଟା ଗାମୁଚ୍ଛା କିମ୍ବା ଦଉଡିରେ ବନ୍ଧାଥିବା ଅବସ୍ଥାରେ ଖାଇବାକୁ ଦିଆଯାଏ ।

## ଆର୍ଥିକ ଦଣ୍ଡ:

ବିଚାର ନିଷ୍ପତ୍ତି ପରେ ପ୍ରକୃତ ଦୋଷୀକୁ ଉପଯୁକ୍ତ ଆର୍ଥିକ ଦଣ୍ଡ ଦେବାର ସ୍ଥିର କରାଯାଇଥାଏ । ମୁଦାଲା ଓ ମୁଦାୟୀ ଉଭୟ ଦୋଷୀକୁ ସମାନ ଦଣ୍ଡ ଦିଆଯାଇନଥାଏ । ଦୋଷୀର ଦୋଷ ଅନୁଯାୟୀ ଦଣ୍ଡ ବିଧାନ କରାଯାଇଥାଏ । ପରିବାରରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ କୌଣସି ଝଗଡା ହୋଇଥିଲେ ତାଙ୍କଠାରୁ ଆର୍ଥିକ ଦଣ୍ଡ ସ୍ୱରୁପ ଏକ ହାଣ୍ଡି ହାଣ୍ଡିଆ ସହିତ ଏକ କିଲୋ ଓଜନର କୁକୁଡା କିମ୍ବା କୁକୁଡା ବଦଳରେ ପଚାଶ ଟଙ୍କା ଆଦାୟ କରାଯାଇଥାଏ । ଗାଁରେ ଲୋକମାନଙ୍କ ମଧ୍ୟରେ ସାଧାରଣ ଭାବରେ ଝଗଡା ହୋଇଥିଲେ ଦୁଇବୋତଲ ମଦ ସହିତ ପଚାଶ ଟଙ୍କା ସେମାନଙ୍କଠାରୁ ଆଦାୟ କରାଯାଇଥାଏ । ଯଦି ସେମାନଙ୍କ ମଧ୍ୟରେ ଗୁରୁତର ଭାବରେ ଝଗଡା ହୋଇଥାଏ ତେବେ ସେମାନଙ୍କଠାରୁ ପ୍ରାୟ ବାରଶହ ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ଜୋରିମନା ଆଦାୟ କରାଯାଇଥାଏ ।

## ସାମାଜିକ ଦଣ୍ଡ:

କେତେକ ବିଚାରରେ ଉପଯୁକ୍ତ ଦୋଷୀଙ୍କୁ ସାମାଜିକ ଦଣ୍ଡ ଦିଆଯାଇଥାଏ । ଗ୍ରାମବାସୀଙ୍କ ପ୍ରତି ଅବମାନନା, କୌଣସି ନୀତି ନିୟମକୁ ନମାନିବା ଏବଂ ମୁଖ୍ୟ

ସଭାପତି ଦେହୁରୀଙ୍କୁ ଖାତିର ନକରିବା ବ୍ୟକ୍ତିଙ୍କ ପ୍ରତି ସାମାଜିକ ଦଣ୍ଡାଦେଶ ଦିଆଯାଇଥାଏ । ଗାଁର ନିଆଁ ପାଣି ବାସନ୍ଦ କରିବା, କାହାରି ସହିତ କଥାବାର୍ତ୍ତା ନକରିବା, କୌଣସି କାର୍ଯ୍ୟକ୍ରମରେ ନମିଶାଇବା, ହାଟବାଟ ଓ ଜଙ୍ଗଲକୁ ସାଙ୍ଗରେ ନନେବା ପ୍ରଭୃତି ସାମାଜିକ ଦଣ୍ଡ ଦିଆଯାଇଥାଏ । ସଂପୃକ୍ତ ବ୍ୟକ୍ତି ସହିତ ଗୁପ୍ତଭାବରେ କଥାବାର୍ତ୍ତା ହେଉଥିବା ଲୋକଲୋଚନକୁ ଆସିଲେ ଗ୍ରାମସଭାରେ ତାଙ୍କ ବିରୁଦ୍ଧରେ ବିଚାର ହୋଇ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମନା କରାଯାଇଥାଏ ।

## ଆଧ୍ୟାତ୍ମିକ ଦଣ୍ଡ:

ଅନେକ ସମୟରେ ସାକ୍ଷୀ ଓ ପ୍ରମାଣ ଅଭାବରୁ ଦୋଷୀର ଦୋଷ ପ୍ରମାଣିତ ହୋଇପାରେ ନାହିଁ । ଏହି ସମୟରେ ସଂପୃକ୍ତ ବ୍ୟକ୍ତିକୁ ଈଶ୍ୱର ଦଣ୍ଡ ଦେବେ ବୋଲି ଗ୍ରାମସଭାରେ ବିବେଚନା କରାଯାଇଥାଏ । ଏହା ହିଁ ଲୋଧା ସମାଜର ଆଧ୍ୟାତ୍ମିକ ଦଣ୍ଡ ।

## ଗ୍ରାମସଭାର ଗଠନ ଓ କାର୍ଯ୍ୟକଳାପରେ ପରିବର୍ତ୍ତନ:

ଗ୍ରାମସଭାର ଗଠନରେ ମୁଖ୍ୟ ସଭାପତି, ଦେହୁରୀ, ଗ୍ରାମର ମୁଖିଆ, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ ଏବଂ ଛାଟିଆ ଇତ୍ୟାଦି ସଦସ୍ୟମାନେ ରହିଥାନ୍ତି । ଏହି ପଦପାଇଁ ଉତ୍ତରାଧିକାର ସୂତ୍ରରେ ବଛାଯାଇଥାନ୍ତି । ଏହି ପରିପ୍ରେକ୍ଷୀରେ କୌଣସି ପରିବାରରେ ଯଦି ଉତ୍ତରାଧିକାର ନୀତିରେ ପରିବାରରେ ପୁରୁଷ ଲୋକ ନଥିବେ ତେବେ ଗ୍ରାମର ଅନ୍ୟ କେହି କେତେଜଣଙ୍କ ସମର୍ଥନରେ ଉକ୍ତ ପଦରେ ନିଯୁକ୍ତ ହୋଇଥାନ୍ତି । କିନ୍ତୁ ବର୍ତ୍ତମାନ ଗ୍ରାମସଭାରେ ଉପସ୍ଥିତ ଲୋକଙ୍କ ମଧ୍ୟରୁ ଅଧାରୁ ଅଧିକ ଲୋକ ସମର୍ଥନରେ ଉପରୋକ୍ତ ପଦବୀରେ କର୍ମକର୍ତ୍ତାମାନଙ୍କୁ ବଛା ଯାଉଅଛି । ବର୍ତ୍ତମାନ ଗ୍ରାମସଭାର ବିଚାର ସମୟରେ ଗ୍ରାମର ୱାର୍ଡମେମ୍ବର ଏବଂ ସରପଞ୍ଚ ଅଂଶଗ୍ରହଣ କରିଥାନ୍ତି । ବର୍ତ୍ତମାନ ଗ୍ରାମରେ ପଞ୍ଚାୟତ ଶାସନ ବ୍ୟବସ୍ଥା ପ୍ରଚଳିତ ହେବାରୁ ପାରମ୍ପରିକ ଗ୍ରାମସଭା ସମୟାନୁକ୍ରମେ ଏହାର ଗୁରୁତ୍ୱ ହରାଉଛି ।

## ପାରମ୍ପରିକ ଗ୍ରାମସଭାର ଅତୀତ ଓ ବର୍ତ୍ତମାନ:

ପୂର୍ବେ ପ୍ରତ୍ୟେକ ମାମଲା ବିଚାର କେବଳ ଗ୍ରାମ ସଭାରେ ହେଉଥିଲା । କିନ୍ତୁ ବର୍ତ୍ତମାନ ଗ୍ରାମସଭାରେ ନହୋଇ ଗ୍ରାମ ପଞ୍ଚାୟତ କିମ୍ବା ସିଧାସଳଖ କଥା ଥାନାରେ ଅଭିଯୋଗ କରାଯାଉଛି । ପୂର୍ବକାଳର ରାଜନୈତିକ ପରିଷଦର ବ୍ୟବସ୍ଥା ଯେଉଁଭଳି ଆକାରରେ ପରିଚାଳିତ ହେଉଥିଲା ତାହା ବର୍ତ୍ତମାନ ସାମାନ୍ୟ ପରିବର୍ତ୍ତନ ହୋଇଛି । ସେ ସମୟରେ ସଭାପତିଙ୍କ ବାମ ପାର୍ଶ୍ୱରେ ଯଥାକ୍ରମେ ଉପସଭାପତି, ସମ୍ପାଦକଲ ସହସମ୍ପାଦକ ସଭାଗୃହର ମଧ୍ୟଭାଗରେ ବସୁଥିଲେ । ମଝିରେ ଖାଲି ସ୍ଥାନ ରହୁଥିଲା ।

କିନ୍ତୁ ବର୍ତ୍ତମାନ ପରିଷଦ ସଦସ୍ୟମାନେ ସଭାର ଯେ କୌଣସି ସ୍ଥାନରେ ବସି ପାରୁଛନ୍ତି ରାଜନୈତିକ ପରିଷଦର ଥିବା ପଞ୍ଚମୁଖ୍ୟଙ୍କୁ ପଚରା ଉଚୁରା ନକରି ସିଧାସଳଖ ଥାନା ସହିତ ସମ୍ପର୍କ ରକ୍ଷା କରୁଛନ୍ତି ।

## ୧୦ଗୋଟି ବିଭିନ୍ନ ମାମଲା:

ଲୋଧାମାନଙ୍କ ପାରମ୍ପରିକ ଗ୍ରାମସଭା ମାନଙ୍କରେ ବିଭିନ୍ନ ପ୍ରକାର ମାମଲାର ସମାଧାନ କରାଯାଇ ପାରୁଅଛି । ବିଭିନ୍ନ ପ୍ରକାରର ମାମଲା ମଧ୍ୟରୁ ୧୦ଗୋଟି ମାମଲା ନିମ୍ନରେ ବର୍ଣ୍ଣିତ ହେଲା :

- କୌଣସି ପରିବାରରେ କୌଣସି କାରଣରୁ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଉପୁଜୁଥିବା ବିବାଦର ସମାଧାନ କରିବା ।
- କୌଣସି ଯୁବକ ନିଜ ଭାଉଜଙ୍କ ସହ ପ୍ରେମ ସମ୍ପର୍କ ରଖିବା ଆଦି ମାମଲାର ସମାଧାନ କରିବା ।
- କୌଣସି ସ୍ତ୍ରୀକୁ ତାର ସ୍ୱାମୀ ପ୍ରତାରିତ କରି ବାହାର କରିଦେବା ବିଷୟ ବିଚାର କରିବା ।
- କୌଣସି କାରଣରୁ ଯଦି ଜନ୍ମିତ ପୁତ୍ର ନିଜ ବାପା ମାଆଙ୍କୁ ଶାରୀରିକ କିମ୍ବା ମାନସିକ ଯନ୍ତ୍ରଣା ଦେଇଥାଏ ତାହା ମଧ୍ୟ ବିଚାର କରାଯାଇଥାଏ ।
- କୌଣସି ବ୍ୟକ୍ତି ଅନ୍ୟ ଘରୁ ଧନ ସମ୍ପତ୍ତି ଏବଂ ପାଳିତ ପଶୁଙ୍କୁ ଚୋରି କରିନେଲେ ଏହି ବିଷୟ ବିଚାରକୁ ଆସିଥାଏ ଓ ଏହାର ସମାଧାନ ଏଠାରେ ହୋଇଥାଏ ।
- କୌଣସି ଯୁବକ ଯଦି ଅନ୍ୟ ଏକ ଯୁବତୀକୁ ବଳତ୍କାର ଉଦ୍ୟମ କରିଥାଏ ତେବେ ଉକ୍ତ ବିଷୟ ମଧ୍ୟ ପରିଷଦରେ ବିଚାର ହୋଇଥାଏ ।
- କୌଣସି ପରିବାରରେ ବଡଭାଇ ଯଦି ସାନଭାଇର ସ୍ତ୍ରୀ ସହ ପ୍ରେମ ସମ୍ପର୍କିତ ବାର୍ତ୍ତାଳାପ କରିଥାନ୍ତି ଉକ୍ତ ବିଷୟର ବିଚାର ଗ୍ରାମସଭାରେ ହୋଇଥାଏ ।
- କୌଣସି ଜମିର ସୀମା ନର୍ଦ୍ଧାରଣ କ୍ଷେତ୍ରରେ ଯଦି କୌଣସି ଗଣ୍ଡଗୋଳ ଉପୁଜେ ତେବେ ତାହାର ବିଚାର ହୋଇଥାଏ ।
- ଯେ କୌଣସି ସୀମାନ୍ତର ଥିବା ଗଛ କାଟିବା କ୍ଷେତ୍ରରେ ଉଭୟପକ୍ଷ ମଧ୍ୟରେ ଗଣ୍ଡଗୋଳ ଉପୁଜିଲେ, ଏ ସଂକ୍ରାନ୍ତୀୟ ବିବାଦ ମଧ୍ୟ ବିଚାର ପାଇଁ ପରିଷଦରେ ସ୍ଥାନ ପାଇଥାଏ ।
- ଭାଇ ଭାଇ ମଧ୍ୟରେ ଘର, ଜମି ଇତ୍ୟାଦି ଭାଗ ବଣ୍ଟନ କ୍ଷେତ୍ରରେ ଉପୁଜୁଥିବା ଗଣ୍ଡଗୋଳ ବିଷୟ ମଧ୍ୟ ବିଚାର କରାଯାଇଥାଏ ।

# ଗୁଣିଗାରେଢ଼ି ଓ ଧର୍ମୀୟ କାର୍ଯ୍ୟନିର୍ବାହୀ

ମନୁଷ୍ୟ ସମାଜ ଉପରେ ଧର୍ମର ପ୍ରଭାବ ରହିଛି । ଧର୍ମ ହେଉଛି ସାମ୍ୟ,ମୈତ୍ରୀ, ଶାନ୍ତି, ସଦ୍ଭାବ, କରୁଣା, କର୍ମ ଓ ନ୍ୟାୟର ସମ୍ମିଶ୍ରଣର ଏକ ପ୍ରତ୍ୟୟ ଯାହା ସମାଜରେ ଶୃଙ୍ଖଳା ଓ ପ୍ରଗତି ସୃଷ୍ଟି କରିଥାଏ । ଧର୍ମ ପ୍ରଧାନ ଭାରତବର୍ଷରେ ଧର୍ମର ପ୍ରଭାବ ପ୍ରତ୍ୟେକ ଲୋକଙ୍କୁ ଆଚ୍ଛନ୍ନ କରି ରଖିଛି । ପ୍ରତ୍ୟେକ ଗୋଷ୍ଠୀ ନିଜ ନିଜର ଆରାଧ୍ୟ ଦେବତା ତଥା ବିଭିନ୍ନ ପର୍ବପର୍ବାଣିରେ ସଂପୃକ୍ତ ଦେବଦେବୀଙ୍କୁ ଧର୍ମୀୟ କର୍ମକର୍ତ୍ତାଙ୍କ ମାଧ୍ୟମରେ ପୂଜା ଆରାଧନା କରିଥାନ୍ତି ।

## ଗ୍ରାମ/ଗୋଷ୍ଠୀ ସ୍ତରରେ ଗୁଣିଗାରେଢ଼ି ଓ ଧର୍ମୀୟ କାର୍ଯ୍ୟନିର୍ବାହୀ :

ଲୋଧା ସମ୍ପ୍ରଦାୟରେ ଗ୍ରାମସ୍ତରରେ ଧର୍ମୀୟ କର୍ମକର୍ମାଣିର ପରିଚାଳନା ପାଇଁ ଜଣେ ମୁଖ୍ୟ ବ୍ୟକ୍ତି ରହିଥାନ୍ତି । ତାଙ୍କୁ ଗ୍ରାମର ଦେହୁରୀ ବୋଲି କୁହାଯାଇଥାଏ । ସେ ଗ୍ରାମର ଦେବଦେବୀଙ୍କୁ ବିଭିନ୍ନ ପର୍ବପର୍ବାଣିରେ ପୂଜାପାଠ କରିଥାନ୍ତି । ଗ୍ରାମର ସେ ଜଣେ ସମ୍ମାନୀୟ ଓ ଆଦରଣୀୟ ବ୍ୟକ୍ତି ବୋଲି ବିବେଚିତ ହୋଇଥାନ୍ତି ।

## ଦେହୁରୀ ପଦବୀ:

ଗ୍ରାମର ମୁଖ୍ୟ ବା ଦେହୁରୀ ଉତ୍ତରାଧିକାର ସୂତ୍ରରେ ବଚ୍ଛାଯାଇଥାନ୍ତି । ଯଦି ସେ ହଠାତ୍ କୌଣସି କାରଣରୁ ମୃତ୍ୟୁ ବରଣ କରନ୍ତି କିମ୍ବା ବୃଦ୍ଧ ହୋଇଯାନ୍ତି ଉତ୍ତରାଧିକାରୀ ସୂତ୍ରରେ ତାଙ୍କ ପୁତ୍ର କିମ୍ବା ବଂଶ ମଧ୍ୟରୁ ଜନୈକ ବ୍ୟକ୍ତିଙ୍କୁ ଗ୍ରାମବାସୀମାନେ ବାଛିଥାନ୍ତି । ଯଦି ତାଙ୍କ ବଂଶଧର ନଥାନ୍ତି ତାହା ହେଲେ ଗ୍ରାମସଭାରେ ଆଲୋଚନା କରି ଜଣେ ବୟସ୍କ ବ୍ୟକ୍ତିଙ୍କୁ ଉକ୍ତ ପଦବୀରେ ରଖାଯାଏ । ଏଥିପାଇଁ ଅର୍ଦ୍ଧାଧିକ ସଂଖ୍ୟକ ଗ୍ରାମବାସୀଙ୍କ ସମର୍ଥନ ରହିଥିବା ଆବଶ୍ୟକ ।

## ଗୁଣିଗାରେଢ଼ି ଓ ଧର୍ମୀୟ କାର୍ଯ୍ୟନିର୍ବାହୀମାନଙ୍କ ଗୁଣାବଳୀ :

ଗୁଣିଗାରେଢ଼ି ଓ ଧର୍ମୀୟ କର୍ମକର୍ତ୍ତା (ଦେହୁରୀ) ଗ୍ରାମର ପ୍ରତ୍ୟେକ ଲୋକଙ୍କୁ ସମ୍ମାନ ଦେଇ ଆପଣାର କରିପାରିବା ଦରକାର । ଈଶ୍ୱରଙ୍କ ପ୍ରତି ସମ୍ପୂର୍ଣ୍ଣ ଭକ୍ତି ଓ ବିଶ୍ୱାସ ଥିବା ଦରକାର । ନିସ୍ୱାର୍ଥପର ଏବଂ ଦେବଦେବୀଙ୍କ ନାମଜାଣି ଥିବା ଦରକାର । ବିଭିନ୍ନ ଧର୍ମ ସମ୍ବନ୍ଧରେ ଜ୍ଞାନ, ନୀତନିୟମ ଜାଣିଥିବା ଆବଶ୍ୟକ । ଏପରି ଗୁଣଥିବା ବ୍ୟକ୍ତିଙ୍କୁ ପ୍ରତ୍ୟେକ ଲୋକ ସମ୍ମାନ ପ୍ରଦର୍ଶନ କରିଥାନ୍ତି ଓ ଦେହୁରୀ ବୋଲି ମାନିଥାନ୍ତି ।

## ସ୍ୱତନ୍ତ୍ର ତାଲିମ :

ଲୋଧା ଗୋଷ୍ଠୀର ମୁଖ୍ୟ ପୂଜାରୀ ବା ଦେହୁରୀ ସମସ୍ତପ୍ରକାର ପୂଜା ପାଠ ବିଷୟରେ ତାଙ୍କର ପୂର୍ବତନ ଦେହୁରୀଙ୍କ ଠାରୁ ତାଲିମ ଗ୍ରହଣ କରିଥାନ୍ତି । ବିଶେଷ କରି ଶିକାରି ଦେବତା, ଗ୍ରାମଦେବତାଙ୍କ ପୂଜାବିଧି, ନୀତିନିୟମ, ବଳି ଦାନ ଇତ୍ୟାଦି ସମ୍ବନ୍ଧରେ ସମ୍ପୂର୍ଣ୍ଣ ତାଲିମ ଗ୍ରହଣ କରିଥାନ୍ତି । ପୂର୍ବ ଦେହୁରୀଙ୍କଠାରୁ ତାଲିମ ଶିକ୍ଷା ନିମିତ୍ତ ନୂତନ ଭାବରେ କରୁଥିବା ଦେହୁରୀ ଉପହାର ହିସାବରେ ଦେହୁରୀଙ୍କୁ ନୂଆ ଧଳା ରଙ୍ଗର ଧୋତି ଏବଂ ଦେହୁରୀଙ୍କ ଧର୍ମପତ୍ନୀଙ୍କୁ ଧଳା ରଙ୍ଗର ନୂଆ ଶାଢୀ ଅର୍ପଣ କରିଥାନ୍ତି । ଏତଦ୍ ବ୍ୟତୀତ ଗ୍ରାମବାସୀମାନଙ୍କୁ ଦୁଇ ହାଣ୍ଡି ହାଣ୍ଡିଆ ଉପହାର ସ୍ୱରୂପ ମଧ୍ୟ ଅର୍ପଣ କରିଥାନ୍ତି ।

## ଦେହୁରୀଙ୍କ କାର୍ଯ୍ୟକଳାପ:

ଦେହୁରୀ ଗ୍ରାମଦେବତା ଓ ଶିକାର ଦେବଦେବୀଙ୍କ ପୂଜାପାଠ ପାଇଁ ବର୍ଷ ମଧ୍ୟରେ ତିନୋଟି ପର୍ଯ୍ୟାୟରେ ପୂଜା କରିଥାନ୍ତି । ପ୍ରଥମ ପର୍ଯ୍ୟାୟରେ ମାଘରେ ଶଳେଇ ପୂଜାରେ ଗ୍ରାମ ଦେବଦେବୀଙ୍କୁ ପୂଜା କରାଯାଏ । ଦ୍ୱିତୀୟ ପର୍ଯ୍ୟାୟରେ ନୂଆଖିଆ ପୂଜାରେ ଗ୍ରାମ ଦେବଦେବୀଙ୍କୁ ଗୋଟିଏ କାଳିଆ କୁକୁଡା ଓ ଅନ୍ୟଟି ରଙ୍ଗୁଆ କୁକୁଡା ବଳିଦେବା ସହିତ ନୂଆ ଧାନର ଅରୁଆ ଚାଉଳ ଜାହେରାରେ ପୂଜା କରନ୍ତି । ତୃତୀୟ ପର୍ଯ୍ୟାୟ ଭାଦ୍ରଃ ଏକାଦଶୀରେ(କରମ ପୂଜା) ପୂଜାରେ ଶିକାର ଦେବାଦେବୀଙ୍କୁ ପୂଜା କରିଥାନ୍ତି । ଯେ କୌଣସି ସମୟରେ ଗ୍ରାମରେ ସଂକ୍ରାମକ ରୋଗ ବ୍ୟାପିଲେ ସଙ୍ଗେ ସଙ୍ଗେ ଗ୍ରାମର ଦେହୁରୀ ମାନସିକ କରନ୍ତି ଓ ଗ୍ରାମ ଦେବଦେବୀଙ୍କୁ ପୂଜା କରନ୍ତି । ବର୍ଷ ଶେଷରେ ଗ୍ରାମ ଦେବଦେବୀଙ୍କୁ ଛେଳି, କୁକୁଡା ବଳି ପକାଇ ପୂଜା କରନ୍ତି । ଗ୍ରାମର କୌଣସି ପରିବାରର ପୁଅ କିମ୍ବା ଝିଅର ବିବାହ ପୂର୍ବଦିନ ଠାକୁରାଣୀ ସ୍ଥାନକୁ ଯାଇ ଠାକୁରାଣୀଙ୍କୁ ନୂଆଲୁଗା, ଘଟ, ଧନୁଶର ନିଆଯାଇ ଦେହୁରୀ ପୂଜା କରିଥାନ୍ତି ।

## ଦେହୁରୀଙ୍କ ପ୍ରତି ନିଷେଧାଜ୍ଞା:

ଯେ କୌଣସି ପୂଜା ପାଳନ ସମୟରେ କେତେକ ଖାଦ୍ୟ ଗ୍ରହଣ କରିଥାନ୍ତି ଓ କେତେକ ଖାଦ୍ୟକୁ ଗ୍ରହଣ କରିନଥାନ୍ତି । ନଖାଇବା ଖାଦ୍ୟ ମଧ୍ୟରେ ଆମିଷ ଦ୍ରବ୍ୟ ପ୍ରଧାନ । ଏତଦ୍ ବ୍ୟତୀତ ହାଣ୍ଡିଆ, ରସି, ମଦ, ତୋରାଣୀ ଇତ୍ୟାଦି ଗ୍ରହଣ କରିନଥାନ୍ତି । ଶାଳେଇ ପୂଜା ପୂର୍ବରୁ ଆମ୍ବ ଖାଆନ୍ତି ନାହିଁ । ନୂଆଖିଆ ପର୍ବରେ ପୂଜାପାଠ ପୂର୍ବରୁ ନୂଆଶସ୍ୟରୁ ପ୍ରସ୍ତୁତ ଖାଦ୍ୟ ବ୍ୟବହାର କରନ୍ତି ନାହିଁ । ପୂଜାପାଠ ଦିନ ଦେହୁରୀ ସ୍ତ୍ରୀ ସହିତ ସହବାସ କରିବାକୁ ନିଷେଧ । ଗର୍ଭବତୀ ସ୍ତ୍ରୀ ପୂଜାରେ ବଳି ଦିଆଯାଇଥିବା ପଶୁ ଓ ପକ୍ଷୀର ମୁଣ୍ଡ କିମ୍ବା ମାଂସ ଆହାର କରିବାକୁ ଦିଆଯାଏ ନାହିଁ ।

## ଲୋକମାନଙ୍କ ମନୋଭାବ ଓ ବ୍ୟବହାର :

ଗ୍ରାମର ମୁଖ୍ୟ ଧର୍ମୀୟ କର୍ମକର୍ତ୍ତା (ଦେହୁରୀ)ଙ୍କୁ ଗ୍ରାମବାସୀ ସମସ୍ତେ ସମ୍ମାନ ଓ ବିଶ୍ୱାସ କରନ୍ତି । ଗ୍ରାମ ଦେବଦେବୀ ଓ ଶିକାର ଦେବଦେବୀଙ୍କୁ ପୂଜାପାଠ କରି ଗ୍ରାମରେ ଓ ଜଙ୍ଗଲ ବିଚରଣରେ ଶାନ୍ତିରେ କାଳାତିପାତ କରିଥାନ୍ତି ବୋଲି ଗ୍ରାମବାସୀ ଦେହୁରୀଙ୍କୁ ଏହି ଦାୟିତ୍ୱ ଦେଇଥାନ୍ତି । ଗ୍ରାମବାସୀ ପ୍ରତ୍ୟେକ କାର୍ଯ୍ୟରେ କର୍ମକର୍ତ୍ତାଙ୍କୁ ସାହାଯ୍ୟ କରିଥାନ୍ତି ଓ ତାଙ୍କଠାରୁ ପରାମର୍ଶ ନେଇଥାନ୍ତି । କୌଣସି ପର୍ବପର୍ବାଣିରେ ସମ୍ମାନର ସହିତ ଘରକୁ ଡାକିନେଇ ଭଲ ପାତ୍ରରେ ରସି ବା ମଦ ପାନକରିବାକୁ ଦିଅନ୍ତି ।

ଗ୍ରାମବାସୀମାନେ ଦେହୁରୀଙ୍କୁ ସବୁକ୍ଷେତ୍ରରେ ଉତ୍ତମ ସମ୍ମାନ ପ୍ରଦର୍ଶନ କରିଥାନ୍ତି । ପର୍ବପର୍ବାଣି ଦିନ ମାନଙ୍କରେ ତାଙ୍କୁ ନିମନ୍ତ୍ରଣ ଜଣାଇ ଘରକୁ ଆସିବାକୁ କହିଥାନ୍ତି । ଆସିବା ପରେ ତାଙ୍କୁ ଗୋଡ ଧୋଇବା ପାଇଁ ପାଣି ଓ ବସିବା ପାଇଁ ଖଟ କିମ୍ବା ମସିଣା ଦେଇଥାନ୍ତି । ହାଣ୍ଡିଆ, ରସି, ମଦ ପ୍ରଭୃତି ପାନ କରିବାକୁ ଦେଇଥାନ୍ତି । ଭାତ ଓ ମାଂସ ମଧ୍ୟ ପ୍ରଦାନ କରାଯାଇଥାଏ । ବିବାହ, ଶୁଦ୍ଧକ୍ରିୟା କାର୍ଯ୍ୟକ୍ରମରେ ନିମନ୍ତ୍ରଣ ଜଣାଇ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିଥାନ୍ତି ।

## କାର୍ଯ୍ୟନିର୍ବାହୀମାନଙ୍କର ପୋଷାକ, ପରିଚ୍ଛେଦ ଓ ପରିପାଟୀ :

ପୂଜାପାଠ ସମୟରେ ଦେହୁରୀ ସାଧାରଣତଃ ୬/୭ ହାତ ବିଶିଷ୍ଟ ଧଳା ରଙ୍ଗର ଧୋତି ପରିଧାନ କରନ୍ତି । କିନ୍ତୁ ଅନ୍ୟ ସମୟରେ ପାରମ୍ପରିକ ବସ୍ତ୍ର ଯଥା ଧୋତି କିମ୍ବା ଗାମୁଛା ପିନ୍ଧିଥାନ୍ତି ।

## ଦେହୁରୀ ପାଉଣା:

କୌଣସି ପୂଜା ଗ୍ରାମରେ ଅନୁଷ୍ଠିତ ହେଲେ ପୂଜାରେ ବଳି ଦିଆଯାଉଥିବା ପଶୁ ଓ ପକ୍ଷୀ ମୁଣ୍ଡକୁ ପାଉଣା ବାବଦରେ ତାଙ୍କୁ ପ୍ରଦାନ କରାଯାଇଥାଏ । ଏଥି ସହିତ ସଂଗୃହିତ ପାନୀୟ ଯଥା- ମଦ, ରସି, ହାଣ୍ଡିଆ ପାନ କରିବାକୁ ଦିଆଯାଇଥାଏ । ଗ୍ରାମର ବିବାହ କାର୍ଯ୍ୟରେ ଦେହୁରୀଙ୍କୁ ଦଶହାତର ଏକ ଧଳା ଧୋତି ଓ ତାଙ୍କ ଧର୍ମ ପତ୍ନୀଙ୍କୁ ଦଶ ହାତର ଧଳା ଶାଢୀ ଦିଆଯାଇଥାଏ ।

## ନିଷ୍ପତ୍ତି ନେବାର ଭୂମିକା:

ଗ୍ରାମ ସଭାରେ ଦେହୁରୀ ସଭାପତି ଆସନ ଗ୍ରହଣ କରିଥାନ୍ତି । ତାଙ୍କ ଅନୁମତିରେ ସଭାକାର୍ଯ୍ୟ ଆରମ୍ଭ ହୁଏ । ସଭାପତି ଦାୟିତ୍ୱରେ ରହି ବିଭିନ୍ନ ମାମଲାର ବିଚାର କରି ରାୟ ଦିଅନ୍ତି । ଦୋଷ ପ୍ରତି ଦଣ୍ଡବିଧାନ ମଧ୍ୟ ସେ କରିଥାନ୍ତି ।

## ଦେହୁରୀଙ୍କ ନିମନ୍ତେ ଉପହାର ଓ ସୁଯୋଗ:

ଲୋଧା ସମାଜରେ ଦେହୁରୀଙ୍କୁ ମାଘପୂଜା ସମୟରେ ବଳି ଦିଆଯାଇଥିବା ପଶୁପକ୍ଷୀ ମୁଣ୍ଡକୁ ଓ ମାଂସ ଦୁଇ ଭାଗରୁ ଏକ ଭାଗ ଉପହାର ସ୍ୱରୂପ ଦିଆଯାଇଥାଏ । କୌଣସି ପରିବାରରେ ନବଜାତ ଶିଶୁର ନାମକରଣ ସମୟରେ ସ୍ୱତନ୍ତ୍ର ଭାବରେ ଦେହୁରୀଙ୍କୁ ନିମନ୍ତ୍ରଣ କରାଯାଏ ପୁଣି ମାଂସ ଭାତ ଓ ପାନୀୟ ଦେଇ ସନ୍ତୁଷ୍ଟ କରାଯାଏ ।

ଗ୍ରାମର କେବଳ ଦେହୁରୀଙ୍କୁ ଶୀକାର ସମୟରେ ସ୍ୱତନ୍ତ୍ର ସୁଯୋଗ ଦିଆଯାଇଥାଏ । ଏହି ସମୟରେ ଶିକାର ହୋଇଥିବା ପଶୁର ମୁଣ୍ଡକୁ ତଥା ଗୋଟିଏ ଫଂଳିକୁ ଦେହୁରୀଙ୍କୁ ଦିଆଯାଇଥାଏ ।

## ଗୁଣିଗାରେଡ଼ି ଓ ଧର୍ମୀୟ କର୍ମକର୍ତ୍ତା:

ଲୋଧା ସମାଜରେ ପରିବାର ସ୍ତରରେ ପୂଜକ ସାଧାରଣତଃ ପରିବାରର ମୁଖ୍ୟ ହୋଇଥାନ୍ତି । ତାଙ୍କୁ ମଧ୍ୟ ଦେହୁରୀ କୁହାଯାଏ । ଉତ୍ତରାଧିକାରୀ ସୂତ୍ରରେ ସେ ପରିବାରର ପୂଜକ ହୁଅନ୍ତି । ଏହା ବ୍ୟତୀତ ବ୍ୟକ୍ତିଗତ ଭାବରେ ଗାଁର କେହି କେହି ମନ୍ତ୍ର ତନ୍ତ୍ର ବିଦ୍ୟା ହାସଲ କରି ପୂଜା କାର୍ଯ୍ୟ କରିଥାନ୍ତି । ତାଙ୍କୁ ଗୁଣିଆ କୁହାଯାଏ । ଗୁଣିଆ ସମୟ ସମୟରେ ସାମାଜିକ ଗୋଷ୍ଠୀ ସ୍ତରରେ ମନ୍ତ୍ରତନ୍ତ୍ର ବିଦ୍ୟା ପ୍ରୟୋଗ କରି ଫଂଳ ପ୍ରଦାନ କରିଥାନ୍ତି ।

ଘରର ମୁଖିଆ ସାଧାରଣତଃ ସରଳ, ଧର୍ମପରାୟଣ ହୋଇଥାନ୍ତି । ନିଜ ଘରର ସମସ୍ତ ପୂଜାକାର୍ଯ୍ୟ ସେ ସମ୍ପାଦନ କରିଥାନ୍ତି । ତାଙ୍କୁ ପରିବାରର ମୁଖ୍ୟ ବୋଲି ଗାଁରେ ସମସ୍ତେ ସମ୍ମାନ ଜଣାଇଥାନ୍ତି ।

## ସ୍ୱତନ୍ତ୍ର ତାଲିମ ଓ କାର୍ଯ୍ୟ:

ଗୃହକର୍ତ୍ତା ନିଜର ବ୍ୟକ୍ତିଗତ ପୂଜାପାଠ ପଦ୍ଧତି ନିଜ ପିତାଙ୍କଠାରୁ ହିଁ ଶିଖିଥାଆନ୍ତି । ଏହି ତାଲିମ ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନଥାଏ । ତାଲିମରୁ ବିଭିନ୍ନ ମନ୍ତ୍ର, ଦେବଦେବୀଙ୍କ ପୂଜାପାଠ ଇତ୍ୟାଦି ବିଷୟରେ ଜ୍ଞାନ ଅର୍ଜନ କରିଥାନ୍ତି ।

ପରିବାରର ସମସ୍ତ ଧର୍ମ କର୍ମକର୍ମାଣିରେ ଗୃହକର୍ତ୍ତା ପୂଜା କାର୍ଯ୍ୟ କରିଥାନ୍ତି । ଏହା ବ୍ୟତୀତ ଯଦି ପରିବାରର କୌଣସି ବ୍ୟକ୍ତିଙ୍କୁ ଭୂତପ୍ରେତ ଲାଗେ କିମ୍ବା ଜ୍ୱର, ଝାଡା, ବାନ୍ତି ଲାଗିରହେ ତେବେ ପ୍ରଥମ ପ୍ରତିକାର ସ୍ୱରୂପ ଗୃହକର୍ତ୍ତା ପୂଜାପାଠ ମାଧ୍ୟମରେ ଭୂତପ୍ରେତଙ୍କୁ ସନ୍ତୁଷ୍ଟ କରିଥାନ୍ତି । ତଦ୍ୱାରା ରୋଗ ଭଲ ହୋଇଯାଇଥାଏ ବୋଲି ଏମାନଙ୍କ ଧାରଣା ।

## କାର୍ଯ୍ୟନିର୍ବାହୀମାନଙ୍କ ପ୍ରତି ନିଷେଧାଜ୍ଞା :

ଗ୍ରାମରେ ପୂଜାପାଠ କରିବା ସମୟରେ ମାଛ, ମାଂସ, ଅଣ୍ଡା ପ୍ରଭୃତି ଆମିଷ ଦ୍ରବ୍ୟ ବ୍ୟତୀତ ହାଣ୍ଡିଆ, ମଦ ପ୍ରଭୃତି ପାନୀୟ ମଧ୍ୟ ପାନ କରାଯାଏ ନାହିଁ । ପୂଜା ପରେ ଏସବୁ ଭକ୍ଷଣ କରିବାରେ କିଛି ଅସୁବିଧା ନାହିଁ । କର୍ମକର୍ତ୍ତାଙ୍କ ସ୍ତ୍ରୀ ଗର୍ଭବତୀ ହୋଇଥିଲେ ବଳି ଦିଆଯାଇଥିବା ପଶୁ ପକ୍ଷୀଙ୍କ ମୁଣ୍ଡକୁ ଖାଇବାକୁ ଦିଆଯାଏ ନାହିଁ । ପୂଜାଦିନ କର୍ମକର୍ତ୍ତାଙ୍କ ସ୍ତ୍ରୀ ସହ ସହବାସ ନିଷେଧ । ଲୋଧାମାନେ କୌଣସି ଦେବତା ବା ଭୂତପ୍ରେତ ଦ୍ୱାରା ଆକ୍ରାନ୍ତ ହୋଇଥିବା ସମୟରେ କର୍ମକର୍ତ୍ତାଙ୍କୁ ବଳି ପାଇଁ କୁକୁଡା ଦେଇଥାନ୍ତି । ପୂଜା ପରେ ବଳି ପଡ଼ିଥିବା କୁକୁଡା ମୁଣ୍ଡ ସହିତ ଅରୁଆ ଚାଉଳକୁ ପତୁଆ କରି ମଦ ଓ ରସି ସହିତ ଖାଇଥାନ୍ତି ।

## କାର୍ଯ୍ୟନିର୍ବାହୀମାନଙ୍କ ପ୍ରତି ସମ୍ମାନ, ଶଦ୍ଧା ଓ ସ୍ୱତନ୍ତ୍ର ବ୍ୟବହାର :

ଗ୍ରାମର ଲୋକମାନେ ଦେହୁରୀଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରିଥାନ୍ତି । ପୂଜାପାଠ ସମୟରେ ଗ୍ରାମବାସୀ ତାଙ୍କୁ ସାହାଯ୍ୟ କରିଥାନ୍ତି । କୌଣସି ପରିବାରରେ ବିବାହ ଉତ୍ସବ, ଶୁଦ୍ଧିକ୍ରିୟା ଓ ନବଜାତ ଶିଶୁର ନାମକରଣ ସମୟରେ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରାଯାଇଥାଏ । ସମ୍ମାନର ସହ ଭୋଜିଭାତ, ମଦ, ମାଂସ, ରସି ଖାଇବାକୁ ଦିଆଯାଇଥାଏ ।

## କାର୍ଯ୍ୟନିର୍ବାହୀମାନଙ୍କ ପୋଷାକ ପରିଚ୍ଛଦ :

ପରିବାରରେ ପୂଜାପାଠ ସମୟରେ ଗୃହକର୍ତ୍ତା (ଦେହୁରୀ) ସ୍ୱତନ୍ତ୍ର ଧଳା ରଙ୍ଗର ନଅ ହାତ ଧୋତି ପରିଧାନ କରିଥାନ୍ତି । ପୂଜାପରେ ପାରମ୍ପରିକ ପୋଷାକ ବ୍ୟବହାର କରିଥାନ୍ତି ।

## କାର୍ଯ୍ୟନିର୍ବାହୀଙ୍କ ପାଉଣା :

ଲୋକମାନେ ଜ୍ୱର, ବ୍ୟାଧି,ଭୂତପ୍ରେତ ଦ୍ୱାରା ଆକ୍ରାନ୍ତ ଥିବା ବେଳେ ମାନସିକ କରି ଶାନ୍ତି ପାଇଥାନ୍ତି । ମାଘ ମାସରେ ପୂଜାପାଠ କରାଇ କର୍ମକର୍ତ୍ତାଙ୍କୁ ଧଳାରଙ୍ଗର ଧୋତି ଓ ତାଙ୍କ ସ୍ତ୍ରୀଙ୍କୁ ଧଳା ରଙ୍ଗର ଶାଢୀ ପାଉଣା ହିସାବରେ ପ୍ରଦାନ କରାଯାଇଥାଏ । ଏହା ବ୍ୟତୀତ ବଳି ଦିଆଯାଇଥିବା ପଶୁପକ୍ଷୀର ମୁଣ୍ଡକୁ ମଧ୍ୟ ପାଉଣା ସ୍ୱରୂପ ପ୍ରଦାନ କରାଯାଇଥାଏ । ଆର୍ଥିକ ପାଉଣା ପ୍ରଦାନ କରିବା ପରମ୍ପରା ଲୋଧା ସମାଜରେ ପ୍ରଚଳିତ ଥିବା ଜଣାଯାଏ ନାହିଁ ।

## ମାମଲାରେ ନିଷ୍ପତ୍ତି ନେବାର ଭୂମିକା:

ପ୍ରତ୍ୟେକ ଗୃହକର୍ତ୍ତା ପରିବାରର ତଥା ସାମାଜିକ ଗୋଷ୍ଠୀ ସ୍ତରରେ ଜଣେ ଜଣେ ସମ୍ମାନୀୟ ବ୍ୟକ୍ତି । ଗ୍ରାମର କୌଣସି ମାମଲାରେ ଯଦିଓ ଶେଷ ରାୟ ଗ୍ରାମର ମୁଖ୍ୟ ସଭାପତି (ଦେହୁରୀ) ନେଇଥାନ୍ତି । ତଥାପି ପ୍ରତ୍ୟେକ ଘରର ମୁଖିଆଙ୍କ ଉକ୍ତି ଓ ଚିନ୍ତାଧାରାକୁ ଦେହୁରୀ ବିଚରକୁ ନେଇଥାନ୍ତି ଯାହାକି ମୁଖ୍ୟ ପୁରୋହିତ (ଦେହୁରୀ)ଙ୍କ ନିଷ୍ପତ୍ତି ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ ।

## ଗ୍ରାମସ୍ତରରେ ଯାଦୁ ଧର୍ମୀୟ କାର୍ଯ୍ୟନିର୍ବାହୀଙ୍କ ସହାୟକ:

ଗ୍ରାମସ୍ତରରେ ଗ୍ରାମର ମୁଖ୍ୟ ପୁରୋହିତ ଦେହୁରୀଙ୍କୁ ତାଙ୍କ କାର୍ଯ୍ୟରେ ସହଯୋଗ କରିବାପାଇଁ ଗୁଣିଆ ମାନେ ରହିଥାନ୍ତି । ପ୍ରତ୍ୟେକ ବର୍ଷ ମାଘମାସରେ ପୂଜା ସମୟରେ ଗୁଣିଆମାନଙ୍କୁ ମନୋନୀତ କରିଥାନ୍ତି ।

ସେମାନଙ୍କ ପାଇଁ କୌଣସି ବାରଣ ନାହିଁ । ସାଧାରଣତଃ ଯାହାଙ୍କର ମନ୍ତ୍ରତନ୍ତ୍ର ସମ୍ବନ୍ଧୀୟ ଜ୍ଞାନ ଥାଏ, ତାହାଙ୍କୁ ଗୁଣିଆ ଭାବରେ ମନୋନୀତ କରାଯାଇଥାଏ । ସେମାନେ ତାଲିମ ପାଇଥାନ୍ତି ନିଜର ଗୁରୁଙ୍କଠାରୁ, ଗୁଣି କରିବା, ମନ୍ତ୍ରତନ୍ତ୍ର କରିବା ଇତ୍ୟାଦି କାର୍ଯ୍ୟ ସେ ସୁଚାରୁ ରୂପେ କରିପାରୁଥିବା ଆବଶ୍ୟକ । ଏମାନଙ୍କର କାର୍ଯ୍ୟକଳାପ ମଧ୍ୟରେ ଏମାନେ ନିମନ୍ତ୍ରିତ ହୋଇ ଗ୍ରାମର ଯେ କୌଣସି ଲୋକଙ୍କ ଘରକୁ ଯାଇଥାନ୍ତି ଓ ଗୁଣି କାର୍ଯ୍ୟ କରି ଅନ୍ୟମାନଙ୍କର ଉଦ୍ଦେଶ୍ୟ ସାଧନରେ ସହାୟତା କରିଥାନ୍ତ ।

## କାର୍ଯ୍ୟନିର୍ବାହୀମାନଙ୍କ ପ୍ରତି ନିଷେଧାଜ୍ଞା :

ସହାୟକ କର୍ମକର୍ତ୍ତା (ଗୁଣିଆ)ମାନଙ୍କ ପାଇଁ କୌଣସି କ୍ଷେତ୍ରରେ କୌଣସି ନିଷେଧ ନାହିଁ । ସେମାନେ ଯେ କୌଣସି ଖାଦ୍ୟଗ୍ରହଣ କରିପାରନ୍ତି । ସ୍ତ୍ରୀ ସଙ୍ଗ ମଧ୍ୟ କରିପାରନ୍ତି ।

ସହାୟକ କର୍ମକର୍ତ୍ତା (ଗୁଣିଆ)ଙ୍କୁ ଲୋକମାନେ ସମ୍ମାନ ଜଣାଇଥାନ୍ତି । ତାଙ୍କ କଥାକୁ ସମସ୍ତେ ପ୍ରାୟ ମାନନ୍ତି ଓ ଆଦର କରନ୍ତି । ଦେହୁରୀଙ୍କୁ ସହାୟତା କରୁଥିବା ସମୟରେ ଗୁଣିଆ ସାଧାରଣତଃ ସଫା ହୋଇଥିବା ଲୁଗାପଟା ପରିଧାନ କରନ୍ତି । ମୁଖ୍ୟ ପୁରୋହିତଙ୍କୁ ସହାୟତା କରୁଥିବା ସମୟରେ ସେମାନଙ୍କୁ କୌଣସି ପାଉଣା ପ୍ରଦାନ କରାଯାଉଥିବା ଦୃଷ୍ଟାନ୍ତ ନାହିଁ ।

## ବିଭିନ୍ନ ମାମଲାରେ ନିଷ୍ପତ୍ତି ନେବା ଭୂମିକା :

ସହାୟକ ଧର୍ମୀୟ କର୍ମକର୍ତ୍ତାମାନେ କୌଣସି ମାମଲାରେ ନିଷ୍ପତ୍ତି ନେଇପାରନ୍ତି ନାହିଁ । କେବଳ ମୁଖ୍ୟ ପୁରୋହିତଙ୍କ ନିଷ୍ପତ୍ତି ପ୍ରକ୍ରିୟାକୁ ପ୍ରଭାବିତ କରିଥାନ୍ତି ।

ସହାୟକ କର୍ମକର୍ତ୍ତାମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ପୁରସ୍କାର, ଉପହାର ବା ପାଉଣା କିମ୍ବା ସ୍ୱତନ୍ତ୍ର ସୁଯୋଗ ଏମାନଙ୍କୁ ଦିଆଯାଏ ନାହିଁ ।

## ଗୁଣିଆ ଚୟନ:

ଲୋଧା ଗୋଷ୍ଠୀରେ ତାନ୍ତ୍ରିକ ବିଦ୍ୟାଶିକ୍ଷା କରିଥିବା ବ୍ୟକ୍ତି ରହିଥାନ୍ତି । ଏମାନଙ୍କୁ ଗୁଣିଆ ନାମରେ ନାମିତ କରାଯାଏ । ଏମାନେ ସାଧାରଣତଃ ଉତ୍ତରାଧିକାର ସୂତ୍ରରେ ମନୋନୀତ ହୋଇଥାନ୍ତି । କୌଣସି ସ୍ଥାନରେ ଅଦୃଶ୍ୟ ଭୂତପ୍ରେତଙ୍କୁ ଅକ୍ଳେଶରେ ଆୟତ୍ତ କରିବା, ପାହାଡ ପର୍ବତର ଦେବଦେବୀଙ୍କୁ ସ୍ଥାପନ କରି ସେମାନଙ୍କୁ ସନ୍ତୁଷ୍ଟ କରିବା ଇତ୍ୟାଦି କାର୍ଯ୍ୟ କରିଥାନ୍ତି । ଉତ୍ତରାଧିକାର ସୂତ୍ରରେ ବଂଶ ପରମ୍ପରା କ୍ରମେ ଏହି ବିଦ୍ୟା ଗ୍ରହଣ କରିବାକୁ ସମସ୍ତେ ବାଧ୍ୟ ନୁହଁନ୍ତି ।

## ତାନ୍ତ୍ରିକ ଓ ଗୁଣିଆ:

ତନ୍ତ୍ର ଓ ଗୁଣିଗାରେଡ଼ି ଶିକ୍ଷାଲାଭ କରୁଥିବା ଓ କରିଥିବା କର୍ମକର୍ତ୍ତାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ଅନ୍ୟାନ୍ୟ ଗୁଣବତ୍ତା ଆବଶ୍ୟକ ନଥାଏ । ଯେ କୌଣସି ବୟସ୍କ ବ୍ୟକ୍ତି ଇଚ୍ଛା କଲେ ଯେ କୌଣସି ଗୁରୁଙ୍କଠାରୁ (ନିଜ ଗ୍ରାମରୁ ବା ଅନ୍ୟ ଗ୍ରାମ) ଏହି ବିଦ୍ୟା ଶିକ୍ଷାଲାଭ କରିପାରିବେ । ଏମାନେ ସାଧାରଣତଃ ଗ୍ରାମବାସୀଙ୍କ ଉପକାରରେ ଆସିଥାନ୍ତି । କୌଣସି ଲୋକଙ୍କୁ ଭୂତପ୍ରେତ ଡାହାଣୀ ଲାଗିଲେ ମନ୍ତ୍ରତନ୍ତ୍ର ପ୍ରୟୋଗ କରି ତାହାକୁ ଆରୋଗ୍ୟ କରିବା ଏମାନଙ୍କ କାମ । ଏମାନଙ୍କୁ କେତେକ ଖାଦ୍ୟ ଦ୍ରବ୍ୟ ଖାଇବାକୁ ବାରଣ କରିଥାନ୍ତି । ପୂଜାଦିନ ଭାତ, ମାଛ,ମାଂସ, ହାଣ୍ଡିଆ, ମଦ, ରସି ଇତ୍ୟାଦି ଭୋଜନ କରିବାକୁ ନିଷେଧ ହୋଇଥାଏ । ପୂଜାଦିନ ଓ ପୂର୍ବଦିନ ସ୍ତ୍ରୀ ସହିତ ସହବାସ କରିବାକୁ ତଥା ଅନ୍ୟ କେହି ପ୍ରସ୍ତୁତ କରିଥିବା ଖାଦ୍ୟ ଦ୍ରବ୍ୟ ଭୋଜନ କରିବାକୁ ମଧ୍ୟ ବାରଣ କରାଯାଇଥାଏ ।

## ତାନ୍ତ୍ରିକ ଓ ଗୁଣିଆମାନଙ୍କ ପ୍ରତି ଲୋକମାନଙ୍କ ମନୋଭାବ:

ତାନ୍ତ୍ରିକ ଓ ଗୁଣିଆ (ଦିଆସି)ଙ୍କ ପ୍ରତି ଗ୍ରାମବାସୀଙ୍କ ମିଶ୍ରିତ ମନୋଭାବ ଦେଖାଯାଏ । ଅନେକ ସମୟରେ ତାଙ୍କୁ ପ୍ରଶଂସା କରାଯାଏ । କାରଣ କୌଣସି ଲୋକଙ୍କୁ ଭୂତପ୍ରେତ ଡାହାଣୀ ଲାଗିଥିଲେ ଏମାନେ ମନ୍ତ୍ରତନ୍ତ୍ର ବିଦ୍ୟା ପ୍ରୟୋଗ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆରୋଗ୍ୟ କରନ୍ତି । ସମୟ ସମୟରେ ଦିଆସିଙ୍କୁ ପ୍ରଶଂସା ପରିବର୍ତ୍ତେ ଘୃଣା ମଧ୍ୟ କରାଯାଇଥାଏ ।

କାରଣ ଅନେକ ସମୟରେ ମଧ୍ୟ ସେମାନେ ଅନ୍ୟର ଅନିଷ୍ଟ ଓ ଅମଙ୍ଗଳ କରିଥାନ୍ତି । କେତେକ କ୍ଷେତ୍ରରେ ମଧ୍ୟ ତାଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରିଥାନ୍ତି । କୌଣସି ପରିବାରରେ ଜ୍ୱର କିମ୍ବା ଭୂତପ୍ରେତ, ଡାହାଣୀଙ୍କ ଦ୍ୱାରା ଆକ୍ରାନ୍ତ ଥିବାବେଳେ ଝଡ଼ାଫୁଙ୍କା କରି ଲୋକଙ୍କୁ ଆରୋଗ୍ୟ କରିଥାନ୍ତି । ସେଥିପାଇଁ ତାଙ୍କୁ ପ୍ରସ୍ତୁତ ହୋଇଥିବା ହାଣ୍ଡିଆ, ମଦ ଓ ରସି ପାନ କରିବାକୁ ପ୍ରଦାନ କରିଥାନ୍ତି । ଭାତ ଓ ମାଂସ ମଧ୍ୟ ଖାଇବାକୁ ଦିଆଯାଇଥାଏ । ଦିଆସି ଯେତେବେଳେ ପୂଜା ପାଠ କରନ୍ତି ସେତେବେଳେ ସେ ଧଳା ରଙ୍ଗର ଗୋଟିଏ ଧୋତି କଚ୍ଛାମାରି ପିନ୍ଧି ବାମଗୋଡ ଖାଲି ଭୂଇଁରେ ଆଣ୍ଠୁ ମାଡି ପୂଜାପାଠ କରିଥାନ୍ତି । ପୁଣି ପୂର୍ବଦିଗକୁ ମୁହଁ କରି ପୂଜାରମ୍ଭ କରିଥାନ୍ତି । ଅନ୍ୟ ସମୟରେ ସେ ପାରମ୍ପରିକ ପୋଷାକ ପରିଧାନ କରନ୍ତି । ଗ୍ରାମରେ କୌଣସି ପରିବାରର ମଙ୍ଗଳ ଉଦ୍ଦେଶ୍ୟରେ ପୂଜାପାଠ କାର୍ଯ୍ୟ କଲେ ସେମାନେ ଦିଆସିଙ୍କୁ ପାଉଣା ବାବଦରେ ଦୁଇଶତରୁ ପାଞ୍ଚଶତ ଟଙ୍କା ପ୍ରଦାନ କରିଥାନ୍ତି । ଅନ୍ୟ ପକ୍ଷରେ କାହାର ଅମଙ୍ଗଳ ଉଦ୍ଦେଶ୍ୟରେ କେହି ତାଙ୍କୁ ପୂଜାକାର୍ଯ୍ୟ କରାଇଲେ ତାଙ୍କଠାରୁ ପାଞ୍ଚ ଶହରୁ ଏକ ହଜାର ଟଙ୍କା ପାଉଣା ଆକାରରେ ଗ୍ରହଣ କରୁଥିବା ଜଣାଯାଏ ।

## ମାମଲା ନିଷ୍ପତ୍ତି ଓ ପ୍ରାପ୍ତ ସୁଯୋଗଃ

ଲୋଧା ସମାଜରେ ବିଭିନ୍ନ ପ୍ରକାର ଅନିଷ୍ଟକାରୀ ପୂଜାକାର୍ଯ୍ୟ ନିମିତ୍ତ ବିଚାର ପାଇଁ ଗ୍ରାମରେ ସଭା ବସିଥାଏ । ସଭାର ଆଲୋଚନା କରିବା ପରେ ଯଦି ଉପଯୁକ୍ତ ପ୍ରମାଣ ମିଳେ, ତେବେ ସଂପୃକ୍ତ ଦିଆସିଙ୍କୁ ଓ ଦିଆସିଙ୍କୁ ପ୍ରବର୍ତ୍ତାଇଥିବା ବ୍ୟକ୍ତିଙ୍କୁ ଆର୍ଥିକ ଦଣ୍ଡ ସ୍ୱରୂପ ପାଞ୍ଚ ଶହ ଟଙ୍କା ଓ ଦୁଇଟି କୁକୁଡା ଜୋରିମନା ଆକାରରେ ଆଦାୟ କରାଯାଇଥାଏ ।

ଗ୍ରାମକୁ ଶାନ୍ତିରେ ରଖିବା, ଲୋକମାନଙ୍କ ମଙ୍ଗଳ କାମନା ଉଦ୍ଦେଶ୍ୟରେ ଦିଆସିଙ୍କୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରାଯାଇ ପ୍ରସ୍ତୁତ ହୋଇଥିବା ମଦ, ହାଣ୍ଡିଆ, ରସି, ମାଂସ, ଭାତ ଖାଇବାକୁ ଦିଆଯାଇଥାଏ । ଏତଦ୍ ବ୍ୟତୀତ ତାଙ୍କୁ ଅଧିକ ସନ୍ତୁଷ୍ଟ କରିବା ପାଇଁ ଗୋଟିଏ ଧଳା ରଙ୍ଗ ବିଶିଷ୍ଟ ସାତ ହାତ ମାପର ଧୋତି ଉପହାର ସ୍ୱରୁପ ପ୍ରଦାନ କରାଯାଇଥାଏ । ଏହାଛଡା ଗ୍ରାମକୁ ଲାଗି ରହିଥିବା ଓ ଗ୍ରାମ ଦେହୁରୀଙ୍କ ଅଧିକାରରେ ଥିବା କେତେଗୁଡିଏ ପାହାଡ ଜଙ୍ଗଲ ମଧ୍ୟରୁ ଦିଆସିଙ୍କୁ ଦୁଇ ବା ତିନୋଟି ପାହାଡ ଜଙ୍ଗଲ ସ୍ୱତନ୍ତ୍ର ଭାବେ ଅଧିକାର କରିବା ସୁଯୋଗ ଗ୍ରାମ ସ୍ତରରେ ପ୍ରଦାନ କରାଯାଇଥାଏ । ଦିଆସୀ ଅଧିକାରରେ ଥିବା ପାହାଡ ଜଙ୍ଗଲରେ ଶିକାର କରାଗଲେ ଦିଆସୀଙ୍କୁ ଶିକାର ହୋଇଥିବା ପଶୁପକ୍ଷୀଙ୍କ ମୁଣ୍ଡ ଓ ଫଡ଼ିଆକୁ ଦିଆଯାଇଥାଏ ।

## ମହିଳା ଗୁଣିଆ:

ଲୋଧା ସମାଜରେ ସାଧାରଣତଃ ବିଧବା ମହିଳାମାନେ ଲୋକମାନେ ଡାହାଣୀ ବିଦ୍ୟାଶିକ୍ଷା କରି ଲୋକମାନଙ୍କର ଅଙ୍ଗପ୍ରତ୍ୟଙ୍ଗକୁ ବିକଳାଙ୍ଗ କରିବା ସହିତ ଜୀବନ ନଷ୍ଟ କରିଥାନ୍ତି । ଡାହାଣୀ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଗ୍ରାମର କେତେକ ମହିଳାଲୋକ ଓ ଛୋଟ ବାଳିକାମାନଙ୍କୁ ଡାହାଣୀ ବିଦ୍ୟାରେ ଗୁପ୍ତ ଭାବରେ ଗୀତ ଆକାରରେ ଶିକ୍ଷା ଦେଇଥାନ୍ତି । ଏହାଦ୍ୱାରା ସ୍ତ୍ରୀର ଶରୀର ରକ୍ତ ଓ ଖାଦ୍ୟାଭାବ ପୂରଣ ଦିଗରେ ବିଶେଷ ସହାୟକ ହୋଇଥାଏ । ଏଥିପାଇଁ ସ୍ତ୍ରୀ ଶିକ୍ଷାଗୁରୁଙ୍କୁ ଗୋଟିଏ ଶାଢୀ ଉପହାର ଦେଇଥାନ୍ତି ।

## ମନୋନୟନ ପଦ୍ଧତି ଓ ସ୍ୱତନ୍ତ୍ର ତାଲିମ୍:

ଲୋଧା ଗ୍ରାମରେ କେତେକ ବିଧବା ମହିଳା ଓ ସଧବା ମହିଳା ଡାହାଣୀ ବିଦ୍ୟା ଶିକ୍ଷା କରି ଲୋକମାନଙ୍କ ଅନିଷ୍ଟ କରିଥାନ୍ତି । ଗ୍ରାମମାନଙ୍କରେ ଥିବା ଡାହାଣୀମାନେ ଗୁପ୍ତଭାବରେ ସଂଘ ଗଠନ କରନ୍ତି । ଗଠିତ ସଂଘ ମାଧ୍ୟମରେ ଏବଂ ଉତ୍ତରାଧିକାରୀ ସ୍ତରରେ ଗୁପ୍ତରେ ଅନ୍ୟ ଏକ ନିର୍ଜନ ସ୍ଥାନରେ ନିର୍ବାଚିତ ହୋଇଥାନ୍ତି । ଇଚ୍ଛୁକ ସ୍ତ୍ରୀମାନଙ୍କୁ ସଂଘରେ ଉପସ୍ଥିତ କରାଇ ମୁଖ୍ୟ ଡାହାଣୀଙ୍କ ମାଧ୍ୟମରେ ମନୋନୀତ କରିଥାନ୍ତି । ମନୋନୀତ ନୂତନ ଡାହାଣୀମାନେ ଡାହାଣୀ ସଂଘରେ ସାମିଲ ହୋଇ କୌଣସି ଡାହାଣୀ ବିଦ୍ୟା ସାଧନ କରିଥିବା ଡାହାଣୀଗୁରୁଙ୍କଠାରୁ ଶିକ୍ଷା ଆରମ୍ଭ କରିଥାନ୍ତି । ପ୍ରାୟ ଦୁଇ ସପ୍ତାହ ମଧ୍ୟରେ ସମସ୍ତ ବିଦ୍ୟା ହାସଲ କରିଥାନ୍ତି । ଏହାପରେ ପୂର୍ଣ୍ଣିମା ଓ ଅମାବାସ୍ୟା ରାତି ଅଧରେ ବସ୍ତ୍ର ବର୍ଜନ କରି ଖୋଲା ଦେହରେ ବୁଲିଥାନ୍ତି ।

ଲୋକମାନେ ଏହି ମହିଳା ଡାହାଣୀ ଅନିଷ୍ଟକାରୀ ଲୋକମାନଙ୍କପ୍ରତି ଅନାଦର, ଘୃଣା ଓ ତିକ୍ତ ମନୋଭାବ ପୋଷଣ କରିଥାନ୍ତି । କାରଣ ଏମାନେ ଅନ୍ୟର ଅନିଷ୍ଟ କରିବାରେ ବ୍ୟସ୍ତ ଥାଆନ୍ତି । ରାତ୍ରିରେ ଏମାନେ ଡାହାଣୀ ହୋଇ ଘୁରିବୁଲୁଥିବା ଅବସ୍ଥାରେ ଉଲଗ୍ନ ହୋଇ ବୁଲୁଥାନ୍ତି । ଏହି ଅବସ୍ଥାରେ କୌଣସି ଲୋକଙ୍କୁ ଭେଟିଲେ ତାଙ୍କ ଜୀବନ ମନ୍ତ୍ରଦ୍ୱାରା ନେଇଯାଇପାରନ୍ତି । କୌଣସି ପାଉଣା ଏମାନଙ୍କୁ ଦିଆଯାଇ ନଥାଏ ।

ଲୋଧା ସମାଜରେ ଥିବା ଡାହାଣୀମାନଙ୍କ ଗୁପ୍ତ ସଂଘ ଅନୁଷ୍ଠିତ ହୋଇଥାଏ । ଗୁପ୍ତ ସଂଘରେ ଡାହାଣୀଙ୍କ ମଧ୍ୟରେ ବୟସ୍କ ସ୍ତ୍ରୀଲୋକଙ୍କୁ ଡାହାଣୀ ମାନଙ୍କରେ ମୁଖିଆ ବୋଲି ବିବେଚନା କରାଯାଏ । ସମୟ ସମୟରେ ସେମାନଙ୍କ ମଧ୍ୟରେ କୌଣସି ବିଷୟକୁ ନେଇ ଆଲୋଚନା ହୁଏ ଓ ମୁଖ୍ୟ ଡାହାଣୀଙ୍କ ନିଷ୍ପତ୍ତିକୁ ଗ୍ରହଣ କରାଯାଇଥାଏ ।

## ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦ୍ରବ୍ୟ:

ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା ଦ୍ରବ୍ୟ ମାନଙ୍କ ମଧ୍ୟରେ ଧୂପ, ଝୁଣା, ପଞ୍ଚବର୍ଣ୍ଣୀ, ଶାଳପତ୍ର, ସିନ୍ଦୂର ଇତ୍ୟାଦି ଓ ଭୋଗ ଆକାରରେ ବାଡି ଘରୁ ମିଳୁଥିବା ଫଂଳମୂଳ, ହାଣ୍ଡିଆ, କୁକୁଡା, ଛେଳି ଇତ୍ୟାଦି ଭୋଗ ଓ ବଳି ଆକାରରେ ଚଢାଯାଇ ଯଥାବିଧି ଭକ୍ଷଣ କରାଯାଇଥାଏ ।

## କର୍ମକର୍ମାଣି ପଦ୍ଧତି:

ବିଭିନ୍ନ କର୍ମକର୍ମାଣିରେ ଗ୍ରାମର ଲୋକେ ପୂଜାସ୍ଥଳୀରେ ଉପସ୍ଥିତ ରହି ଅଂଶ ଗ୍ରହଣ କରନ୍ତି । ଗ୍ରାମ ମୁଖ୍ୟ ପୁରୋହିତ (ଦେହୁରୀ) ବର୍ଷର ସମସ୍ତ ପର୍ବପର୍ବାଣିରେ, ଅମାବାସ୍ୟା ଓ ପୂର୍ଣ୍ଣିମା ତିଥିରେ ଜାହିରାଠାରେ ଆବଶ୍ୟକ ପୂଜାପୋକରଣ ନେଇ ଗ୍ରାମଦେବତା/ଦେବତୀଙ୍କୁ ଏବଂ ଜଙ୍ଗଲ ଦେବତା/ଦେବତୀଙ୍କୁ ପୂଜାଅର୍ଚ୍ଚନା କରି ସେମାନଙ୍କୁ ସନ୍ତୁଷ୍ଟ କରନ୍ତି । ଗ୍ରାମର ସମସ୍ତ ବାସିନ୍ଦାଙ୍କର ସୁଖ ମନାସି ସୁଖ ଶାନ୍ତିରେ ସମସ୍ତେ ରହିବାପାଇଁ ଦେବଦେବୀଙ୍କୁ ନିବେଦନ କରନ୍ତି ।

## ସାମ୍ପ୍ରତିକ ପରିବର୍ତ୍ତନ:

ବର୍ତ୍ତମାନର ଧାରାରେ ବିଶେଷ ପରିବର୍ତ୍ତନ ଲକ୍ଷ୍ୟ କରାଯାଇନାହିଁ । ପୂର୍ବରୁ ପ୍ରଚଳିତ ସମସ୍ତ ରୀତିନୀତି ଯଥାବିଧି ନିଷ୍ଠାର ସହିତ ପାଳନ କରାଯାଉଛି । ଲୋଧାମାନେ ସାଧାରଣତଃ ପରମ୍ପରା ପ୍ରିୟ । ତେଣୁ ସେମାନେ ପୂର୍ବରୁ ପ୍ରଚଳିତ ପରମ୍ପରାକୁ ଭଙ୍ଗ କରିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ଗ୍ରାମର ଅଳ୍ପ କିଛି ଲୋକ ପଶୁପକ୍ଷୀ ବଳିଦେବା ନୀତିକୁ ବିରୋଧ କରୁଥିଲେ ମଧ୍ୟ ସେଭଳି ଯୁକ୍ତିକୁ ଅଗ୍ରାହ୍ୟ କରିଦିଆଯାଇଥାଏ । କାରଣ ମୁଖ୍ୟ ପୂଜକ ଦେହୁରୀଙ୍କ ବଳିଷ୍ଠ ମତ ପଶୁପକ୍ଷୀଙ୍କୁ ବଳିଦେବା ସପକ୍ଷରେ ରହିଛି । ପୂଜାପାର୍ବଣ ତଥା ସମସ୍ତ କର୍ମକର୍ମାଣିରେ ଦେହୁରୀଙ୍କ ପ୍ରାଧାନ୍ୟ ଏବେ ମଧ୍ୟ ଅତୁଟ ରହିଥିବାରୁ ସବୁକିଛି ପାରମ୍ପରିକ ସୂତ୍ରରେ ଚାଲିଛି ।

# ପାରମ୍ପରିକ ଚାରୁକଳା ଓ ହସ୍ତଶିଳ୍ପ

କଳାରେ ଉତ୍କର୍ଷତା ପାଇଁ ଓଡିଶାର ପୂର୍ବ ନାମ ଥିଲା ଉତ୍କଳ । କଳା ହେଉଛି ଚିତ୍ତବିନୋଦନର ଏକ ପ୍ରକୃଷ୍ଟ ମାଧ୍ୟମ ଏବଂ ଆନନ୍ଦ ପ୍ରଦାନ ହେଉଛି ଏହାର ଉଦ୍ଦେଶ୍ୟ । କଳା ହେଉଛି ଏକ ଈଶ୍ୱରୀୟ ଶକ୍ତି । କଳାକୁ ନେଇ ମଣିଷ ତା'ର ଜୀବନକୁ ସାର୍ଥକ କରି ଗଢି ତୋଳିଥାଏ । କଳାକୁ ନେଇ ଉତ୍କଳର ପ୍ରାୟ ପ୍ରତ୍ୟେକ ଗୋଷ୍ଠୀର ଏକ ସ୍ୱତନ୍ତ୍ରତା ରହିଛି । ତା ମଧ୍ୟରେ ଲୋଧାମାନେ ନିଜ କଳା ନୈପୁଣ୍ୟକୁ ବଞ୍ଚାଇ ରଖିବାରେ ସମର୍ଥ ହୋଇଛନ୍ତି । ଆପଣାର କଳାକୃତି ପାଇଁ ସେମାନଙ୍କ ସ୍ୱାତନ୍ତ୍ର୍ୟ ଉଲ୍ଲେଖନୀୟ ।

## କଳା ଓ ଶିଳ୍ପ ସମ୍ବନ୍ଧରେ ଧାରଣା ଓ ଉତ୍ପତ୍ତି:

ସାଧାରଣତଃ ଲୋଧାମାନେ କଳାପ୍ରେମୀ । ପ୍ରତିଟି ଜିନିଷରେ କଳାର ଉନ୍ମେଷ ପ୍ରଦର୍ଶନ କରାଇଥାନ୍ତି । ଲୋଧାମାନଙ୍କ ଜୀବନ ଧାରା ସହିତ ଚାରୁକଳା ଓ ହସ୍ତଶିଳ୍ପର ଏକ ଅତୁଟ ସମ୍ପର୍କ ରହିଛି । ପ୍ରକୃତିରୁ ହିଁ ଏହି କଳା ଜ୍ଞାନର ଉତ୍ପତ୍ତି ହେଲା । ଦୈନନ୍ଦିନ ଜୀବନର ଅନୁଭୂତିକୁ ସେମାନେ କଳାରେ ପ୍ରକାଶ କରିଥାନ୍ତି । ଲୋଧା ସମାଜ କଳାକୁ ସେମାନଙ୍କ ଜୀବନ ଯାତ୍ରାର ଅଙ୍ଗସ୍ୱରୁପ ଗ୍ରହଣ କରିଥାନ୍ତି ।

## ଚାରୁକଳା ଓ ହସ୍ତଶିଳ୍ପ :

### ଶିକାର ଉପକରଣ:

ଲୋଧା ଲୋକମାନେ ନିଜର ଦୈନନ୍ଦିନ ଜୀବନରେ ଶିକାର ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଥାନ୍ତି । ଜଙ୍ଗଲରେ ଶିକାର କରିବା ସେମାନଙ୍କ ମୁଖ୍ୟପନ୍ଥା ହିସାବରେ ଗ୍ରହଣ କରାଯାଇଥାଏ । ଲୋଧାମାନଙ୍କ ବିଭିନ୍ନ ଶିକାର ଉପକରଣ ମଧ୍ୟରେ ଧନୁଶର, ଫାର୍ସା, ଟାଙ୍ଗିଆ, ଡୁଇଲା ଇତ୍ୟାଦି ଅନ୍ୟତମ । ଧନୁ ଓ ଡୁଇଲା ସେମାନେ ନିଜେ ବାଉଁଶରେ ତିଆରି କରିଥାନ୍ତି । ଡୁଇଲା ବାଉଁଶ ଗଣ୍ଠିରେ ତିଆରି କରି କେବଳ ପକ୍ଷୀ ଶୀକାରରେ ବ୍ୟବହାର କରାଯାଏ । ବାଉଁଶ ଫାଳରେ ଧନୁ ତିଆରି କରାଯାଏ । ଏହାର ଲମ୍ବ ଗୋଡରୁ ନାକ ପର୍ଯ୍ୟନ୍ତ ରଖି ମଝି ଅଂଶ ମୋଟା ଏବଂ ଅଗ୍ର ଭାଗ କ୍ରମଶଃ ସରୁ ହୋଇ ଦୁଇ ମୁଣ୍ଡରେ ଗଣ୍ଠି ଥାଏ । ଉଭୟ ମୁଣ୍ଡରେ ଗଣ୍ଠି ଥିବା ସ୍ଥାନରେ ଶିଆଳୀ ଦଉଡି ରହିବା ଭଳି ଖାପ କରାଯାଏ । ବାଉଁଶର ଗୁଣ ତିଆରି କରି ଉଭୟ ପାର୍ଶ୍ୱରେ ଅଳ୍ପ ଖାପ କରାଯାଇ ଶିଆଳୀ ଦଉଡି ଖଞ୍ଜାଯାଏ ଓ ଭଲଭାବରେ ବନ୍ଧାଯାଏ । ଗୁଣର ମଧ୍ୟଭାଗରେ ବା ହାତ ଧରିବା ସ୍ଥାନରେ ସୂତାରେ ବନ୍ଧାହୋଇଥିବାରୁ ଟାଣିବା ସମୟରେ ହାତକୁ କୋମଳ ଓ ସହଜ ଲାଗିଥାଏ । ତୀରଟିର ଲମ୍ବ ଦୁଇଫୁଟ ଏବଂ ଅଗ୍ରଭାଗରେ ଲୁହାର ତ୍ରିଶୂଳ ସଦୃଶ ପଦାର୍ଥ ଲାଗିଥାଏ, ଯାହାକୁ ଚିଆଡ ବୋଲି କୁହାଯାଏ । ତୀରଟିର ନିମ୍ନଭାଗକୁ ସୁନ୍ଦର ଦେଖାଯିବା ପାଇଁ ମୟୂର ପର କିମ୍ବା ଶାଗୁଣା ପର ବନ୍ଧାଯାଇ କଇଁଚିରେ ସାଇଜ୍ କରି କଟାଯାଇଥାଏ । ଲୁହାର ଚିଆଡଟି ତିନି ଇଞ୍ଚ ଲମ୍ବ ଓ ଦୁଇ ଇଞ୍ଚ

ଓସାର ହୋଇଥାଏ । ବିଭିନ୍ନ ପ୍ରକାର ତୀର ମଧ୍ୟରେ ଆପାଳୀ ତୀର, ଗୋଲ ତୀର ଏବଂ କେଉଁଝର ତୀର ଆଦି ନାମରେ ନାମିତ କରାଯାଇଥାଏ । ଏହିପରି ତାଙ୍କ ଶିକାର ଉପକରଣରେ କଳାର ସ୍ପର୍ଶ ରହିଥାଏ ।

**ମାଛ ଧରିବା ଜାଲ:**

ଲୋଧାମାନେ ସାଧାରଣତଃ ପର୍ବପର୍ବାଣୀରେ ନଦୀଗଣ୍ଡରେ ମାଛ ଧରିବାର ଦେଖାଯାଏ । ମାଛ ଧରିବା ଉପକରଣ ମଧ୍ୟରେ ଜାଲ, ଖଇଁଚି, ଅନ୍ଧୁଲୀ ଇତ୍ୟାଦି ବ୍ୟବହାର କରିଥାନ୍ତି । ବାଉଁଶକୁ ଚିରି ତାହାକୁ ସରୁସରୁ ଆକାରରେ କାଟି ପ୍ଲାଷ୍ଟିକ ସୂତାରେ ବୁଣିଥାନ୍ତି । ବ୍ୟବହୃତ ଜାଲ ମଧ୍ୟରେ ମଥା ଭଉଁରୀ ଜାଲ, ଘରିଗୋଡିଆ ଜାଲ ପ୍ରଧାନ । ଏତଦ୍ ବ୍ୟତୀତ ଚ୍ଛୋଟବଡ ଫାଂଶ ଜାଲ ବୁଣାଯାଇ ବ୍ୟବହାର କରିଥାନ୍ତି । ଉକ୍ତ ଜାଲମାନଙ୍କରେ ଲୋଧାମାନେ କଳାର ସ୍ପର୍ଶ ଦେଇ ସୁନ୍ଦରଭାବରେ ତିଆରି କରିଥାନ୍ତି ।

**କୃଷି ଉପକରଣ/ଯନ୍ତ୍ରପାତି:**

ଲୋଧାମାନେ କିଞ୍ଚିତ୍ ଚାଷକାର୍ଯ୍ୟ କରିଥାନ୍ତି । ଚାଷ କାର୍ଯ୍ୟ କରୁଥିବା ଲୋଧାମାନେ କେତେକ କୃଷି ଉପକରଣ ବ୍ୟବହାର କରିଥାନ୍ତି । କୋଦାଳ,ଲଙ୍ଗଳ, ଫାଳ, ଜୁଆଳୀ, ମଇ ଇତ୍ୟାଦି । ଲଙ୍ଗଳ, ମଇ ଏବଂ ଜୁଆଳୀ କାଠରେ ତିଆରି କରିଥାନ୍ତି । ଇଶକୁ ଶିଶୁକାଠରେ ସୁନ୍ଦର ଭାବରେ ତିଆରି କରାଯାଇଥାଏ ।

**ଗୃହ ଉପକରଣ:**

ଲୋଧାମାନେ ବିଭିନ୍ନ ପ୍ରକାର ଗୃହ ଉପକରଣ ବ୍ୟବହାର କରିଥାନ୍ତି । ଭାତ ରାନ୍ଧିବା ପାଇଁ ମାଟିର ହାଣ୍ଡି, ପାଣି ରଖିବା ପାଇଁ ମାଟିର କଳସୀ ବ୍ୟବହାର କରନ୍ତି । ଏତଦ୍ ବ୍ୟତୀତ ପନିକି, କଟୁରୀ, ଶାବଳ, ଚଟୁ, ବେଲା ଇତ୍ୟାଦି ବ୍ୟବହାର କରିଥାନ୍ତି । ସମୟ ସମୟରେ ଏମାନେ ପଡୋଶୀ ଗୋଷ୍ଠୀଙ୍କ ଘରୁ କଂସା ବାସନ, କଂସା ତାଟିଆ, ଗ୍ଲାସ୍ ଆଦି ମାଗି ଆଣିଥାନ୍ତି ଓ ଏହାକୁ ବ୍ୟବହାର କରୁଥିବାର ଦେଖାଯାଏ । ସାଧାରଣତଃ ଏହି ଦ୍ରବ୍ୟଗୁଡିକ ସେମାନଙ୍କ ନିଜସ୍ୱ ପ୍ରସ୍ତୁତି ନୁହେଁ । ହାଟ ବଜାର କିମ୍ବା ପଡୋଶୀଙ୍କ ଠାରୁ ଏହା ସେମାନେ କ୍ରୟ କରି ଆଣିଥାନ୍ତି ।

**ବ୍ୟକ୍ତିଗତ ଆସବାବ ପତ୍ର:**

ଲୋଧାମାନେ ବ୍ୟବହାର କରୁଥିବା ବ୍ୟକ୍ତିଗତ ଆସବାବପତ୍ର ମଧ୍ୟରେ ଚପଲ, ଠେଙ୍ଗା, ନାଶଦାନୀ, ପିକା ଦାନୀ, ପାନ ଡବା, ପାନିଆ, ନିଜର ଲୁଗାପଟା ଇତ୍ୟାଦି ପ୍ରଧାନ । ଏହି ଆସବାବପତ୍ର ସବୁରେ କିଞ୍ଚିତ୍ କଳା ନୈପୁଣ୍ୟ ପରିଲକ୍ଷିତ ହୋଇଥାଏ ।

**ପୋଷାକ ପତ୍ର/ବସ୍ତ୍ର:**

ଲୋଧାମାନେ ବିଭିନ୍ନ ପ୍ରକାର ପୋଷାକ ପରିଧାନ କରନ୍ତି । ସ୍ତ୍ରୀଲୋକେ ରଙ୍ଗବେରଙ୍ଗର ଶାଢୀ ଓ ପୁରୁଷମାନେ ଗାମୁଛା, ଧୋତି ବ୍ୟବହାର କରିଥାନ୍ତି । ବିବାହିତା

ମହିଳାମାନେ ମୁଣ୍ଡରେ ଓଢଣୀ ଓ ପୁରୁଷମାନେ ମୁଣ୍ଡରେ ଗାମୁଚ୍ଛା ପଗଡି ଦିଅନ୍ତି । ଯୁବତୀମାନେ ସାଧାରଣତଃ ଶାଢୀ ସହିତ ସାୟା ବ୍ଲାଉଜ୍ ବ୍ୟବହାର କରିଥାନ୍ତି । ଏହି ପୋଷାକ ପତ୍ର ଓ ଲୁଗାପଟା ମାନଙ୍କରେ ବିଭିନ୍ନ ପ୍ରକାରର ଫୁଲଚିତ୍ର, ପଶୁପକ୍ଷୀଙ୍କ ଚିତ୍ର, ଗଛଲତା ଚିତ୍ର ହୋଇଥିଲେ ତାହା ପିନ୍ଧିବାକୁ ଅଧିକ ପସନ୍ଦ କରିଥାନ୍ତି । ବିଧବା ସ୍ତ୍ରୀ ଧଳା ଥାନ ବ୍ୟବହାର କରିଥାନ୍ତି ।

**ଗହଣା/ଅଳଙ୍କାର:**

ଶରୀରର ସୌନ୍ଦର୍ଯ୍ୟ ବଢାଇବା ପାଇଁ ଲୋଧାମାନେ ବିଭିନ୍ନ ପ୍ରକାର ଅଳଙ୍କାର ବା ଗହଣା ପିନ୍ଧିଥାନ୍ତି । ସ୍ତ୍ରୀ ଲୋକେ ବେକରେ ରୂପାମାଳ ପିନ୍ଧିଥାନ୍ତି । ରୂପାରେ ତିଆରି ପଇସାମାଳ, ଗୋଡିଆ ମାଳ ବେକରେ ପିନ୍ଧିଥାନ୍ତି । ଗୋଡରେ ରୂପାର ଗୋଲାକାର ଏବଂ ବକ୍ର ଖଡୁ ବ୍ୟବହାର କରିଥାନ୍ତି । ନାକରେ ପିନ୍ଧିବା ପାଇଁ ତାରା ସଦୃଶ ମଧ୍ୟ ଭାଗରେ ଖିଲଥିବା ତମ୍ବାର ନାକଫୁଲ ବ୍ୟବହାର କରିଥାନ୍ତି । କାନଫୁଲର ସାଧାରଣତଃ ପାନ ପତ୍ର ଆକୃତିର ହୋଇଥାଇ ତଳପାର୍ଶ୍ୱରେ ରୂପାର ଝରା ଲଗାଇଥିବା କାନଫୁଲ ବ୍ୟବହାର କରିଥାନ୍ତି । ହାତ ଓ ଗୋଡ ଆଙ୍ଗୁଳିରେ ରୂପାର ମୁଦି ବ୍ୟବହାର କରିଥାନ୍ତି । ବିବାହ ଉତ୍ସବରେ ଯୁବତୀମାନେ ରୂପାର ବେଣୀଫୁଲ ବ୍ୟବହାର କରିଥାନ୍ତି । ସାଧାରଣ ଦେବଦେବୀଙ୍କୁ ଅର୍ପଣ କରାଯାଇଥାଏ ।

**ବାଦ୍ୟଯନ୍ତ୍ର:**

ଲୋଧା ଲୋକମାନେ ଅବସର ସମୟରେ ତଥା ବିବାହୋତ୍ସବ ଓ ପର୍ବପର୍ବାଣିମାନଙ୍କରେ ନାଚଗୀତର ଆସରରେ ବାଦ୍ୟଯନ୍ତ୍ର ବ୍ୟବହାର କରିଥାନ୍ତି । ନୃତ୍ୟ ସମୟରେ କେବଳ ମାଦଳ ବାଦ୍ୟଯନ୍ତ୍ର ବ୍ୟବହାର କରିଥାନ୍ତି । ଶିକାର ସମୟରେ ଗୟଳ ଶିଙ୍ଗ, ବିବାହୋତ୍ସବରେ ଶଙ୍ଖ ଏବଂ ବଂଶୀ ବ୍ୟବହାର କରିଥାନ୍ତି । ବଂଶୀକୁ ଲୋଧାମାନେ ସୁନ୍ଦରଭାବରେ ବିଭିନ୍ନ ପକ୍ଷୀର ପର ସାହାଯ୍ୟରେ ସଜାଇଥାନ୍ତି । ମାଦଳଟି ମୋଚି ପାଖରୁ କିଣି ଆଣିବା ପରେ ତହିଁ ଉପରେ ଚିତ୍ରବିଚିତ୍ର କନା ଦ୍ୱାରା ଛୁକଛୁକ ପକାଇ ବାନ୍ଧି ଦିଆଯାଇଥାଏ । ମାଦଳର ଉପର ଭାଗ ମାଙ୍କଡ ଚମଡାରେ ଆଚ୍ଛାଦନ କରାଯାଏ । ଉପର ଭାଗଟିକୁ ଅଧିକ ମଜଭୁତ କରିବା ପାଇଁ ଚମଡାକୁ ସରୁସରୁ ଆକାରରେ କାଟି କାଠର ମାଦଳ ହାଣ୍ଡି ଉପରେ ଛୁକ ଛୁକ ପକାଇ ବାନ୍ଧି ଦିଆଯାଏ । ଏହା ଦ୍ୱାରା ମାଦଳଟି ସୁନ୍ଦର ଦେଖାଯାଏ ।

**ଦେବୀ /ଦେବ ମୂର୍ତ୍ତିରେ ଚିତ୍ର:**

ବିଭିନ୍ନ କାଠ ନିର୍ମିତ ଠାକୁରଙ୍କୁ ଲୋଧାମାନେ ପୂଜା କରିଥାନ୍ତି । ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ତାରିଣୀ, ଅମ୍ବିକା ଇତ୍ୟାଦି ଦେବଦେବୀଙ୍କୁ ପୂଜାପାଠ କରୁଥିବା ଦେଖାଯାଏ । ଏହାଦ୍ୱାରା ସେମାନଙ୍କର ମନସ୍କାମନା ପୂରଣ ହୋଇଥାଏ । ଏହି ଦେବଦେବୀଙ୍କ ପ୍ରତିମୂର୍ତ୍ତି ଗୁଡିକୁ ବଢେଇ ନିକଟରୁ କିଣି ଆଣିବା ପରେ ରଙ୍ଗବେରଙ୍ଗର ଚିତ୍ର କରି ପୂଜାପାଠ କରାଯାଇଥାଏ ।

**କାଷ୍ଠ ଖୋଦନ:**

ଲୋଧାମାନେ ତାଙ୍କ ଘରର କବାଟରେ ମୟୁର, ଶୁଆ, ଘୋଡା, ହାତୀ ସମେତ ସୂର୍ଯ୍ୟମୁଖୀ ଫୁଲର ଚିତ୍ର ଆଙ୍କିଥାନ୍ତି । ଏହା ଛଡା କବାଟ ବନ୍ଧରେ ଯୋଡିଏ ଘୋଡା କାଠରେ ତିଆରି କରି ସ୍ଥାପନ କରିଥାନ୍ତି । ଶିକାର ଦୃଶ୍ୟ, ବିଭିନ୍ନ ଫୁଲର ଦୃଶ୍ୟ କବାଟବନ୍ଧରେ ଖୋଦନ କରିଥାନ୍ତି । ବ୍ୟବହୃତ ହେଉଥିବା ଖଟ ଖୁରାରେ କାଠକୁ ବିଭିନ୍ନ ଆକୃତିରେ ଖୋଳି କାଠ ଖୋଦେଇ କାରୁକାର୍ଯ୍ୟରେ ନମୁନା ପ୍ରଦର୍ଶନ କରିଥାନ୍ତି ।

**ମୃତ୍ତିକା ଶିଳ୍ପ:**

ଲୋଧା ସମ୍ପ୍ରଦାୟର ଲୋକ ମୃର୍ତ୍ତିକା ଶିଳ୍ପ କାମ ଜାଣିଥିବା ଦେଖାଯାଏ, ଉଭୟ ପୁରୁଷ ଓ ମହିଳା ମାଟିରେ ହାତୀ, ଘୋଡା, କୁମ୍ଭୀର, କଇଁଛ କରମପୂଜା ସମୟରେ ତିଆରି କରି ପୂଜାପାଠ କରିଥାନ୍ତି । ଗଣେଶ, ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ମାଟିରେ ତିଆରି କରିଥାନ୍ତି । ମୂର୍ତ୍ତିଗୁଡିକ ଅଧିକ ସୁନ୍ଦର ଦେଖାଯିବା ପାଇଁ ବିଭିନ୍ନ ରଙ୍ଗର ବ୍ୟବହାର କରିଥାନ୍ତି । ଏଥିପାଇଁ ଅଧିକ ପରିଶ୍ରମ ଓ ଯତ୍ନବାନ ହେବାକୁ ପଡିଥାଏ । ପରିଶେଷରେ ମୃତ୍ତିକା ଶିଳ୍ପରେ ସେମାନେ ନିଜର ଶିଳ୍ପ ପରାକାଷ୍ଠା ପ୍ରଦର୍ଶନରେ ସମର୍ଥ ହୋଇଥାନ୍ତି ।

**ଘାସ ଓ ପତ୍ରରୁ ନିର୍ମିତ ଦ୍ରବ୍ୟ:**

ଲୋଧାମାନେ ଘାସରୁ ନିର୍ମିତ ବ୍ୟବହାର ଉପଯୋଗୀ ଦ୍ରବ୍ୟ ଓ ପତ୍ରରୁ ନିର୍ମିତ ବିଭିନ୍ନ ପ୍ରକାର ବ୍ୟବହାର ଉପଯୋଗୀ ସାମଗ୍ରୀ ତିଆରି କରିଥାନ୍ତି । ସବାଇ ଘାସରୁ ଦଉଡି ତିଆରି କରି ଖଟ ବୁଣିଥାନ୍ତି ଓ ଗୃହ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିଥାନ୍ତି । ଏକ ପ୍ରକାର ବେଣା ଘାସରେ ଛାଞ୍ଚୁଣି ଓ ଖାଳୀ ନାମକ (ମାଛ ରଖିବା ପାଇଁ ଦ୍ରବ୍ୟ) ଦ୍ରବ୍ୟ ତିଆରି କରି ଶୁଖିଲା ମାଛ ରଖିବା ପାତ୍ର ହିସାବରେ ବ୍ୟବହୃତ କରିଥାନ୍ତି । ଶାଳପତ୍ର, ଶିଆଳି ପତ୍ର, କେନ୍ଦୁ ପତ୍ରରୁ ଖଲି ଓ ଦନା ପ୍ରସ୍ତୁତ କରିଥାନ୍ତି । ଶିଆଳୀ ପତ୍ରରୁ ମଧ୍ୟ ଛତା ତିଆରି କରାଯାଇଥାଏ । ଶାଳ ଓ କେନ୍ଦୁପତ୍ରକୁ ବିଡି ପାଇଁ ସମୟ ସମୟରେ ବ୍ୟବହାର କରନ୍ତି ।

**ତନ୍ତୁ ନିର୍ମିତ ଦ୍ରବ୍ୟ:**

ଲୋଧାମାନେ ଜଙ୍ଗଲକୁ ଯାଇ ତନ୍ତୁ ବୃକ୍ଷରୁ ତନ୍ତୁ ସଂଗ୍ରହ କରି ତାହାକୁ ସାତ ଦିନ ପାଣିରେ ପଚାଇ ଦିଅନ୍ତି । ତାହା ପଚିବା ପରେ ପରିଷ୍କାର ପାଣିରେ ଧୋଇଦେଇ ସଫା କରନ୍ତି । ପରିଶେଷରେ ତାହାକୁ ଦଉଡି ଆକାରରେ ବଳି ଖଟ ବୁଣିବା, ଗୋରୁଗାଈଙ୍କ ପାଇଁ ପଘା ତିଆରି କରିବା କାର୍ଯ୍ୟରେ ବ୍ୟବହାର କରନ୍ତି ।

**ବାଉଁଶ ଓ ବେତ ନିର୍ମିତ ଦ୍ରବ୍ୟ :**

ବାଉଁଶରେ ବିଭିନ୍ନ ପ୍ରକାର ଉପକରଣ ଲୋଧାମାନେ ତିଆରି କରିଥାନ୍ତି । ଗୃହ ନିର୍ମାଣରେ, ବାଡ ବୁଜିବା ସମୟରେ, ହାତରେ ଧରିବା ପାଇଁ ଠେଙ୍ଗା, ମାଛ ଧରିବା

ପାଇଁ ଅନ୍ଧୁଲା, ଖଇଚି ଓ ଚୁଙ୍ଗା ଇତ୍ୟାଦି ତିଆରି କରିଥାନ୍ତି । ବେତରୁ ଗଉଣୀ, କୋଠା, ଟୋକେଇ ଇତ୍ୟାଦି ତିଆରି କରି ବ୍ୟବହାର କରିଥାନ୍ତି ।

**ପର, ନଖ ଓ ହାଡ଼ରୁ ନିର୍ମିତ ଦ୍ରବ୍ୟ:**

ବିଭିନ୍ନ ପକ୍ଷୀର ପରରେ ଅନେକ ଦ୍ରବ୍ୟ ତିଆରି ହୋଇଥାଏ । ଶାଗୁଣା ପରରେ ଧନୁଟୀର ତିଆରିରେ ଲଗାଯାଇଥାଏ । ମୟୂର ପରରେ ଗୁଣିଆ ମନ୍ତ୍ରତନ୍ତ୍ର ଝାଡିବା କାର୍ଯ୍ୟରେ ଲଗାଇଥାନ୍ତି । ଲୋଧା ଯୁବକମାନେ ବାଘ ନଖରେ ଲକେଟ୍ ତିଆରି କରି ହାର ହିସାବରେ ବ୍ୟବହାର କରନ୍ତି । ଗୁଣିଆ କେତେକ ପଶୁପକ୍ଷୀଙ୍କ ହାଡକୁ ମନ୍ତ୍ରତନ୍ତ୍ର କାର୍ଯ୍ୟରେ ବ୍ୟବହାର କରିଥାନ୍ତି ।

**ପଥର ଖୋଦେଇ:**

ପାହାଡ ଜଙ୍ଗଲରେ ଥିବା ଖଡି ପଥର ସଂଗ୍ରହ କରି ଶିଳ ଓ ଶିଳପଟା ତିଆରି କରି ମସଲା ବଟାବଟି କାର୍ଯ୍ୟରେ ବ୍ୟବହାର କରିଥାନ୍ତି । ସେହି ପଥରକୁ ମଧ୍ୟ ଗାତ କରାଯାଇ ଛୋଟ ଛୋଟ ଗାଟିଆ ଓ ଲୁଣ ରଖିବା ପାତ୍ର ହିସାବରେ ବ୍ୟବହାର କରିଥାନ୍ତି । ରୋଷେଇ ଘରେ ବସିବା ପାଇଁ ପିଢା ସ୍ୱରୂପ ପଥରକୁ ଖୋଦନ କରି ବ୍ୟବହାର କରିଥାନ୍ତି ।

**ଲେଖା ପଢା ଦ୍ରବ୍ୟ:**

ମୟୂର ପରକୁ ନିବ୍ ସଦୃଶ ଅଗ୍ରଭାଗକୁ ମୁନିଆ କରି ସମାନ ଦୁଇଭାଗଟ ହେବା ଭଳି ମଝିରେ କଟାଯାଇ ଥାଏ । କାଳି ଦୁଆତରେ ବୁଡାଇ କାଗଜରେ ଲେଖାଲେଖି ପୂର୍ବକାଳରେ କରୁଥିଲେ । ଚଟଶାଳୀ ବିଦ୍ୟାଳୟରେ ଶୁଆ ପକ୍ଷୀଆ ଖଡିରେ ଭୂଇଁରେ ଫଂଳା ବା ବର୍ଣ୍ଣ ଶିକ୍ଷା ଆରମ୍ଭ କରୁଥିଲେ । ପୂର୍ବରୁ ଅଧିକାଂଶ ସମୟରେ କାଠ ଉପରେ, ଘର କାନ୍ଥ ଉପରେ, ଟିଣ ଉପରେ ଲେଖା ଉପକରଣ ଦ୍ରବ୍ୟ ହିସାବରେ ବ୍ୟବହାର କରୁଥିଲେ । ତାଳପତ୍ରରେ ଲେଖା ପୋଥି ମଧ୍ୟ ଲୋଧାଙ୍କ ସମେତ ଅନ୍ୟ ଗୋଷ୍ଠୀରେ ପ୍ରଚଳିତ ଥିବା ଜଣାଯାଏ ।

**ପାନିଆ:**

ମୁଣ୍ଡ କୁଣ୍ଡାଇବା ପାଇଁ ବିଭିନ୍ନ ପ୍ରକାର ପାନିଆ ବ୍ୟବହାର କରିଥାନ୍ତି । ସାଧାରଣତଃ କାଠ ଓ ଶିଙ୍ଗ ପାନିଆ ବ୍ୟବହାର କରିବାକୁ ଅଧିକ ପସନ୍ଦ କରିଥାନ୍ତି । କେତେକ ପାନିଆ ମୋଟା ଓ କେତେକ ପତଳା ହୋଇଥାଏ । ଉକୁଣୀ ପାଇଁ ସ୍ୱତନ୍ତ୍ର ପାନିଆ ବ୍ୟବହାର କରିଥାନ୍ତି । ପାନିଆ ଗୁଡିକ ପ୍ରାୟ ୫-୬ ଇଞ୍ଚ ଲମ୍ବ ମଧ୍ୟରେ ସୀମିତ ଥାଏ । କାଠ ପାନିଆର ଉଭୟ ପାର୍ଶ୍ୱରେ ଲମ୍ବ ଭାବରେ ଗାର କରାଯାଇଥାଏ । ଶିଙ୍ଗ ପାନିଆରେ ବିଭିନ୍ନ ପକ୍ଷୀର ଚିତ୍ର ଖୋଦେଇ କରାଯାଇଥାଏ ।

# ଔଷଧ ଓ ଭେଷଜଜ୍ଞ

ମଣିଷ ନିଜକୁ ରୋଗ ନିକଟରେ ନିତାନ୍ତ ଅସହାୟ ମନେ କରେ ଓ ଏହାକୁ ଏଡାଇବା ତା ପକ୍ଷେ ଦୁଷ୍କର ହୋଇପଡେ । ରୋଗ ମନୁଷ୍ୟର ଚିର ସହଚର । ରୋଗ ବ୍ୟାଧିରୁ ରକ୍ଷା ପାଇବାକୁ ମଣିଷ ଅହରହ ଚେଷ୍ଟିତ । ଏଥିପାଇଁ ଔଷଧ ମଣିଷ ପକ୍ଷେ ଏକାନ୍ତ ଅନିବାର୍ଯ୍ୟ । ତେଣୁ ଔଷଧ ପାଇଁ ମଣିଷ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ପ୍ରକୃତି ଉପରେ ନିର୍ଭର କରିଥାଏ । ପ୍ରକୃତି ହେଉଚ୍ଛି ଔଷଧର ଭଣ୍ଡାର । ଲୋଧାମାନେ ଜଙ୍ଗଲ ସମ୍ପଦ ଉପରେ ଅଧିକ ନିର୍ଭରଶୀଳ ହେଉଥିବାରୁ ଔଷଧ ପାଇଁ ମଧ୍ୟ ଏଥିରୁ ସେମାନେ ବୃକ୍ଷ, ଲତା, ଗୁଳ୍ମ, ଚେରମୂଳି, ଡାଳ, ପତ୍ର, ଫୁଲ ଇତ୍ୟାଦି ସଂଗ୍ରହ କରନ୍ତି ।

## ଔଷଧୀୟ ପଦାର୍ଥ :

### ତୃଣ:

ଲୋଧାମାନେ ତୃଣରୁ ବିଭିନ୍ନ ପ୍ରକାର ଔଷଧ ତିଆରି କରି ତାହାକୁ ରୋଗ ନିରାକରଣ ନିମନ୍ତେ ବ୍ୟବହାର କରିଥାନ୍ତି । ବିଭିନ୍ନ ପ୍ରକାର ତୃଣ ଓ ଘାସରୁ ଔଷଧ ପ୍ରସ୍ତୁତ କରାଯାଇଥାଏ । ମୁଥାଘାସର ମୂଳ ଓ ପତ୍ର ସହିତ ପାଞ୍ଚଟି ଗୋଲମରିଚ, ଦୁଇଟି ଶୁଣ୍ଠି ଓ ପିପଳୀକୁ ଭଲଭାବେ ଗୁଣ୍ଡ କରି ମହୁ ସହିତ ମିଶାଇ ଖାଇଲେ କାଶ ଭଲ ହୋଇଥାଏ । ଦୂବଘାସ ସହିତ ମିଶ୍ରି ଚିନି ସହିତ ବାଟି ଗୁଣ୍ଡ କରି ରକ୍ତସ୍ରାବ ସ୍ଥାନରେ ପ୍ରଲେପ କଲେ ରକ୍ତସ୍ରାବ ବନ୍ଦ ହୋଇ ଘାଆ ମଧ୍ୟ ଶୀଘ୍ର ଶୁଖିଯାଏ ।

### ଗୁଳ୍ମ:

ଜଙ୍ଗଲରୁ ମିଳୁଥିବା ପାଳୁଅକୁ ସଂଗ୍ରହ କରିଥାନ୍ତି । ପାଳୁଆ ବୁଦାକୁ ପଥରରେ ବାରମ୍ବାର ଘସି ରସ ବାହାର କରାଯାଏ । ପୁଣି ସେହି ରସକୁ ଖରାରେ ଶୁଖାଇ ଦିଆଯାଏ । ଶୁଖିଲାପରେ ପାଳୁଅ ପ୍ରସ୍ତୁତ ହୋଇ ପେଟ ଗରମ ସମୟରେ ପାଣି ସହିତ ମିଶାଇ ପାନ କଲେ ପେଟ ଗରମ ହୋଇଯାଇଥାଏ । କାମଳ ରୋଗ ଥିଲେ ମଧ୍ୟ ଯଥା ଶୀଘ୍ର ଉପଶମ ହୋଇଥାଏ ।

### ପତ୍ର:

ତୁଳସୀ ପତ୍ର ରସ ସହିତ ଅଳ୍ପ ମହୁ ମିଶାଇ ଖାଇଲେ ଥଣ୍ଡା ସର୍ଦ୍ଦି କାଶରୁ ରକ୍ଷା ମିଳେ । ବେଲପତ୍ର ଓ ତୁଳସୀ ପତ୍ର ଏକତ୍ର ବାଟି ପିଇଲେ ପେଟ ବେମାର ଭଲ ହୋଇଯାଏ । ବାସଙ୍ଗ ପତ୍ର ଓ କଦଳୀପତ୍ରକୁ ପୋଡି ତାର ପାଉଁଶ ପାଣିରେ ଗୋଳାଇ ବ୍ୟବହାର କଲେ ଉକୁଣୀ ନିପାତ ହୋଇଥାନ୍ତି । ପଶାରୁଣୀ ପତ୍ର ସହିତ ବିରି, ଚାଉଳ ଓ ଚୂନା ପିଠାକରି ଖାଇଲେ କୋଷ୍ଠକାଠିନ୍ୟ ରୋଗ ଭଲ ହୋଇଥାଏ ।

**କାଣ୍ଡ:**

ବିଭିନ୍ନ ବୃକ୍ଷର ଡାଳରେ ମଲାଙ୍ଗ /ମଦାଙ୍ଗ ସୃଷ୍ଟି ହୋଇଥାଏ । ବିଭିନ୍ନ ପ୍ରକାର ମଦାଙ୍ଗ ବିଭିନ୍ନ ପ୍ରକାର ଔଷଧ କାର୍ଯ୍ୟରେ ବ୍ୟବହାର କରାଯାଇଥିବାର ଦେଖାଯାଏ । ବିଭିନ୍ନ ମଦାଙ୍ଗ ମଧ୍ୟରେ ଭାଲିଆ, ତୁଳସୀ, କେନ୍ଦୁ ଓ କୁଚିଲା ମଦାଙ୍ଗ ଇତ୍ୟାଦି ଲୋଧାମାନେ ଜଙ୍ଗଲରୁ ସଂଗ୍ରହ କରିଥାନ୍ତି । ଭାଲିଆ ଓ ତୁଳସୀ ଗଛର ଡାଳରୁ ସଂଗୃହିତ ମଦାଙ୍ଗର ଗୁଣ୍ଡ ଡେଉଁରିଆ କରି ବ୍ୟବହାର କଲେ ଭୂତପ୍ରେତ ଦାଉରୁ ରକ୍ଷା ମିଳିଥାଏ । ପାତାଳ ଗରୁଡ କାଣ୍ଡକୁ ବାଟି ପିଇଲେ ସର୍ପ କାମୁଡା ଜ୍ୱାଳାରୁ ମୁକ୍ତି ମିଳେ ।

**ଚେରମୂଳି:**

ସୁନାରୀ ଗଛର ଚେର ଆଣି ନାକରୁ ରକ୍ତ ପଡିବା ସମୟରେ ଶରୀରର କୌଣସି ଅଙ୍ଗରେ ବାନ୍ଧିଲେ ନାକରୁ ରକ୍ତ ପଡିବା ବନ୍ଦ ହୋଇଥାଏ । ଅରଖ ଚେରକୁ ବାଟି ପାନ କଲେ କୁକୁର କିମ୍ବା ବିଲୁଆ କାମୁଡିଥିବା ଜ୍ୱାଳାରୁ ମୁକ୍ତି ମିଳେ । ପାତାଳ ଗରୁଡ ଗଛର ଚେର ବାଟି ପାନ କଲେ ସର୍ପଦଂଶନ ଜ୍ୱାଳାରୁ ମୁକ୍ତି ମିଳେ ।

**ତନ୍ତୁ:**

ମୁଣ୍ଡବ୍ୟଥା ସମୟରେ ଚୁଡୁରାଗଛର ତନ୍ତୁ ଅଳ୍ପ ସମୟ ପାଇଁ ବାନ୍ଧି ରଖିଲେ ମୁଣ୍ଡବ୍ୟଥା ଚାଲିଯାଏ । କୌଣସି ବ୍ୟକ୍ତିର ଏକଶିରା ରୋଗ ହୋଇଥିଲେ ଚୁଡୁରା ଗଛ ତନ୍ତୁ ଗୋଟିଏ ଦିନ ପାଇଁ ଜଂଘରେ ବାନ୍ଧିଲେ ଏକଶିରା ରୋଗ ଭଲ ହୋଇଥାଏ ।

**ମଞ୍ଜି:**

ସମରାଜ ମଞ୍ଜିକୁ ଗୁଣ୍ଡ କରି ସେଥିରେ ସାମାନ୍ୟ ଚାଉଳ ଭଜା ମିଶାଇ ଖାଇଲେ ପେଟ ବ୍ୟଥା ଭଲହେବା ସହିତ କ୍ଷୁଧା ଭଲ ଦେଖାଇଥାଏ ।

**ଫୁଲ:**

ଦୁଦୁରା ଫୁଲ ସଂଗ୍ରହ କରି ଖରାରେ ଶୁଖାଇ ଗୁଣ୍ଡକରି ଉକ୍ତ ଗୁଣ୍ଡକୁ ମହୁରସ ସହିତ ପ୍ରାୟ ପନ୍ଦରଦିନ ସେବନ କଲେ ମହିଳାଙ୍କ ବନ୍ଧ୍ୟା ଦୋଷ ଭଲ ହୋଇ ଗର୍ଭ ସଂଚାର ହୋଇଥାଏ । ଗେଣ୍ଡୁଫୁଲର ରସ କାନରେ ପକାଇଲେ କାନ ବ୍ୟଥା ଭଲ ହୋଇଥାଏ । ନାଲି ମନ୍ଦାର ଫୁଲ ସହିତ ନାଲି ପଦ୍ମଫୁଲକୁ ବାଟି ସାତ ଦିନ ସେବନ କଲେ ମହିଳା ରଜୋବତୀ ହୋଇଥାନ୍ତି ।

**ବକଳ/ଛେଲି :**

ସାଲମା, ଆମ୍ବ ଓ ଶାଳ ଗଛର ଛେଲିକୁ ପଥରରେ ଛେଚି ରସ ବାହାର କରାଯାଇ ଉକ୍ତ ରସ ସହିତ କଲିଚୂନ ମିଶାଇ ଚରଳ ଝାଡା ଓ ନାଲରକ୍ତ ଝାଡା

ରୋଗୀକୁ ପିଇବାକୁ ଦେଲେ ରୋଗୀ ସମ୍ପୂର୍ଣ୍ଣ ଭଲ ହୋଇଯାଇଥାଏ । ନିମ୍ବ ଗଛର ଛେଲିକୁ ପାଣିରେ ଫୁଟାଇ ସେହି ପାଣିରେ କାଛୁକୁଣ୍ଡିଆ ରୋଗୀ ଗାଧୋଇଲେ ତାହା ଭଲ ହୋଇଯାଏ । ତାଳଶାଗ ଗଛର ଛେଲିକୁ ଖରାରେ ଶୁଖାଇ ଗୁଣ୍ଡ କରି ଉକ୍ତ ଗୁଣ୍ଡକୁ ପୁରୁଣା କଟା ଘାଆ ସ୍ଥାନରେ ପ୍ରୟୋଗ କଲେ ଅଳ୍ପଦିନ ମଧ୍ୟରେ ଘାଆ ଶୁଖି ଭଲ ହୋଇଯାଏ । ଶରୀରର କୌଣସି ଅଙ୍ଗରେ ଯାଦୁ ହୋଇଥିଲେ ଚୁଡୁରା ଗଛର ଛେଲି ସହିତ ଅଳ୍ପ ଲୁଣ ସହିତ ବାଟି ଯାଦୁ ହୋଇଥିବା ସ୍ଥାନରେ ସାମାନ୍ୟ ଲେପଦେଲେ ଯାଦୁ ସମ୍ପୁର୍ଣ୍ଣ ଭଲ ହୋଇଯାଇଥାଏ ।

## ଚେରମୂଳି:

ପାଳୁଅ ବୁଦାରୁ ପାଳୁଅ ସଂଗ୍ରହ କରାଯାଇଥାଏ । ମନ୍ଦାର ଫୁଲ, ଅରଖ ଫୁଲ, ଦୁଦୁରା ଫୁଲ ଓ ସୂର୍ଯ୍ୟମୁଖୀ ଫୁଲ ସଂଗ୍ରହ କରି ଗୁଣ୍ଡ କରି ରଖାଯାଇଥାଏ । ଏହି ଗୁଣ୍ଡକୁ ସାଧାରଣତଃ ଶୁଖିଲା ଘାଆରେ, ସ୍ତ୍ରୀ ବନ୍ଧ୍ୟା ଦୋଷ ଦୂର କରିବାରେ, ଦନ୍ତ ମଞ୍ଜନ ପ୍ରସ୍ତୁତ କରାଯାଇଥାଏ ଓ ଉପରୋକ୍ତ ରୋଗରୁ ମୁକ୍ତି ମିଳିଥାଏ । କଳାବିଚ୍ଛୁଆତି ଚେର, ଘକୁଣ୍ଡା ଗଛର ଚେର ଏବଂ ବବୁଲ ଗଛର ଚେର ସଂଗ୍ରହ କରି ଭୂତପ୍ରେତ ଭୟରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ତେଉଁରିଆରେ ଭର୍ତ୍ତିକରି ଅଣ୍ଟାରେ ବନ୍ଧା ଯାଇଥାଏ । ଲହ ଲାଙ୍ଗୁଡିଆ ଚେର ସଂଗ୍ରହ କରି ଅଣ୍ଟାରେ ବାନ୍ଧିଲେ ଗର୍ଭ ଶୀଘ୍ର ହୋଇଥାଏ । ଦୁବଘାସକୁ ଚିନି ସହିତ ବାଟି ରକ୍ତସ୍ରାବ ହେଉଥିବା ସ୍ଥାନରେ ପ୍ରଲେପ ଦିଆଯାଏ । ଅରଖ ଚେରକୁ ବାଟି କୁକୁର ଓ ବିଲୁଆ କାମୁଡା କ୍ଷତସ୍ଥାନରେ ମଲମ ରୂପେ ଲଗାଯାଇଥାଏ । ବାଇଡଙ୍କ ଚେରକୁ ବାଟି ସାମାନ୍ୟ ଗରମ କରି ବର୍ଷାଦିନରେ ବାଲି ଖାଇଥିବା ପାଦ ଆଙ୍ଗୁଠି ସନ୍ଧିରେ ପ୍ରଲେପ ଦିଆଯାଏ । ଗୟଶ ପତ୍ରର ରସକୁ ପତଳାଖଣ୍ଡ ବା ତରଳ ଆକାରରେ ସେବନ କଲେ ପାଟିଘାଆ ଭଲ ହୋଇ ଯାଇଥାଏ । ପେଟ ରୋଗ ପାଇଁ ବେଲପତ୍ର, ଗନ୍ଧାରୀ ପତ୍ର ରସ ପାନ କଲେ ପେଟ ରୋଗ ଭଲ ହୋଇଯାଇଥାଏ ।

## ପ୍ରୟୋଗ ପ୍ରଣାଳୀ:

### ଚୋଷ୍ୟ:

ଜ୍ୟେଷ୍ଠମଧୁ ପ୍ରସ୍ତୁତ ଔଷଧକୁ ଚୋଷି କରି ଖିଆ ଯାଇଥାଏ । ଏହା ଦ୍ୱାରା ପେଟ ପରିଷ୍କାର ରହେ ଓ ଝାଡା ମଧ୍ୟ ଭଲ ହୋଇଥାଏ ।

### ଲେହ୍ୟ:

ସାପ କାମୁଡା ରୋଗୀର ଆରୋଗ୍ୟ ପାଇଁ ପାତାଳ ଗରୁଡ ଚେରକୁ ବାଟି ଘଟି ଘଟି ଖିଆଯାଏ । ଦୁଦୁରା ଫୁଲକୁ ଖରାରେ ଶୁଖାଇ ଗୁଣ୍ଡ କରି ଉକ୍ତ ଗୁଣ୍ଡ ସହିତ ମହୁକୁ ମିଶାଇ ବନ୍ଧ୍ୟା ଦୋଷ ଥିବା ସ୍ତ୍ରୀଲୋକ ଘଟି ଘଟି ୧୦/୧୨ ଦିନ ପର୍ଯ୍ୟନ୍ତ ଖିଆଯାଇଥାଏ । ଏହା ଦ୍ୱାରା ସେମାନଙ୍କର ବନ୍ଧ୍ୟାଦୋଷ ଦୂର ହୋଇଥାଏ ।

### ପେୟ:

ପାତାଳ ଗରୁଡ ଚେରକୁ ବାଟି ପାନ କଲେ ସର୍ପଦଂଶନର ବିଷ ନଷ୍ଟ ହୋଇ ଯାଇଥାଏ । ଶିମୁଳୁ ଫୁଲ ଓ ପଳାଶ ଫୁଲ ଶୁଖାଇ ଗୁଣ୍ଡ କରି କ୍ଷୀର ସହିତ ପାନ କଲେ ବାଧକ ଶୂଳ ରୋଗ ଭଲ ହୋଇଥାଏ । ଅରଖ ଚେରକୁ ବାଟି ପାନକଲେ କୁକୁର ଓ ବିଲୁଆ କାମୁଡା ବିଷ ଦୂର ହୋଇଥାଏ ।

### ଅନ୍ୟାନ୍ୟ ଜିନିଷ ସାଙ୍ଗରେ ଖାଇବା:

ଶତାବରୀ ଗଚ୍ଛର ଚେର ଏବଂ ପଇଶୀରା ଲତାର ଚେର ସହିତ ଭୂଇଁ କଖାରୁକୁ ବାଟି ସେଥିରେ ମିଶ୍ରି /ଚିନି ମିଶାଇ ସେବନ କଲେ ଧାତୁକ୍ଷୟ ରୋଗ ଭଲ ହୋଇଥାଏ । ଦୁଦୁରା ଫୁଲ ଖରାରେ ଶୁଖାଇ ଗୁଣ୍ଡ କରି ମହୁ ସହିତ କିଛି ଦିନ ସେବନ କଲେ ବନ୍ଧ୍ୟା ଦୋଷ ରୋଗ ଭଲ ହୋଇ ନୂତନ ଗର୍ଭ ସଂଚାର ହୋଇଥାଏ ।

### ସ୍ଥାନ ବିଶେଷରେ ଔଷଧୀୟ ବୃକ୍ଷ/ ଲତା ନିରୂପଣ:

କେତେକ ନିର୍ଦ୍ଦିଷ୍ଟ ସ୍ଥାନରୁ ଏହି ଔଷଧୀୟ ବୃକ୍ଷଲତାକୁ ସାଧାରଣତଃ ସଂଗ୍ରହ କରାଯାଇଥାଏ । ଝରଣା କୂଳରୁ ପାଳୁଅ ଗଛ ସଂଗ୍ରହ କରାଯାଇଥାଏ । ଏହାର ମୂଳ ଅଂଶକୁ ବାଟି ଚହିଁରେ ରସ ସେବନ କଲେ ପେଟ ଗରମ ଭଲ ହୋଇଥାଏ । ଝରଣାକୂଳରୁ ମଧ୍ୟ କିଆ ଗଛର ଚେର ଔଷଧୀୟ ପାଇଁ ସଂଗ୍ରହ କରାଯାଇଥାଏ । ଏହି ଚେରକୁ ବାଟି ତାର ରସକୁ ପିଇଲେ ପାଟି ଘାଆ ଭଲ ହୋଇଥାଏ ।

ପାହାଡରୁ ମଧ୍ୟ କେତେକ ଚେର ଓ ଲତା ସଂଗ୍ରହ କରାଯାଇଥାଏ । ଗାଇଶୀରା ଓ ସତାବରୀ ଲତାର ଚେର ଏବଂ ଭୂଇଁ କଖାରୁ ଏକତ୍ର ବାଟି ଧାତୁକ୍ଷୟ ରୋଗପାଇଁ ଔଷଧ ପ୍ରସ୍ତୁତ କରାଯାଇଥାଏ । ଏହି ଚେର କେବଳ ପାହାଡର ଶୀର୍ଷ ସ୍ଥାନରେ ମିଳିଥାଏ ।

ସନ୍ତସନ୍ତିଆ ସ୍ଥାନରୁ ସୁନୁସୁନିଆ ଶାଗ, ଥାଲକୁଡି ପତ୍ର ମିଳିଥାଏ । ଏହା ଶରୀରକୁ ଲୌହସାର ଶକ୍ତି ଯୋଗାଇବା ସହିତ ପେଟରୋଗ ଭଲ କରିଥାଏ । ଗେଣ୍ଡୁଫୁଲ ଓ ଦୁଦୁରାଫୁଲ ଗଛ ମଧ୍ୟ ଏହି ସ୍ଥାନରୁ ମିଳିଥାଏ । ଗେଣ୍ଡୁଫୁଲ ରସକୁ କାନବ୍ୟଥାରେ ଓ ଦୁଦୁରାଫୁଲରୁ ପ୍ରସ୍ତୁତ ଔଷଧକୁ ବନ୍ଧ୍ୟା ଦୋଷ ଉପଚାରରେ ବ୍ୟବହୃତ ହୋଇଥାଏ ।

### କାଳ ଅନୁସାରେ ଔଷଧ ସଂଗ୍ରହ:

ମିଳୁଥିବା ଔଷଧୀୟ ଦ୍ରବ୍ୟକୁ ବିଭିନ୍ନ ସ୍ଥାନରୁ ବିଭିନ୍ନ କାଳରେ ସଂଗ୍ରହ କରାଯାଇଥାଏ । ସକାଳ ସମୟରେ ମନ୍ଦାର ଫୁଲ, ଅରଖଫୁଲ, ଶିମିଳି ଫୁଲ ସଂଗ୍ରହ କରାଯାଏ । ଗାଈଶୀରା, ଲାଜକୁଳି ଲତା ଚେର, ପାତାଳ ଗରୁଡ ଚେର, ଅରଖ ଚେର ମଧ୍ୟାହ୍ନରେ ସଂଗ୍ରହ କରାଯାଇଥାଏ । ତେନ୍ତୁଳି ଗଛର ଚେର ସଂଗ୍ରହ ସମୟରେ ଦକ୍ଷିଣ ଦିଗକୁ ଯାଇଥିବା ଚେର ଏକ ନିଶ୍ୱାସରେ ବାମ ହାତରେ ଟାଣି

ବାହାର କରାଯାଇଥାଏ । ଏହା ସ୍ତ୍ରୀର ପ୍ରସବ ସମୟରେ ଦରକାରରେ ଆସେ । ସନ୍ଧ୍ୟା ସମୟରେ ଜ୍ୱରପାଇଁ ଗଙ୍ଗଶିଉଳି ପତ୍ର, ପାଟି ଘାଆ ପାଇଁ ଗୟଶ ପତ୍ର, ପେଟ ରୋଗ ପାଇଁ ବେଲପତ୍ର ଓ ଗମ୍ଭାରୀପତ୍ର ସଂଗ୍ରହ କରାଯାଇଥାଏ । ଲହ ଲାଙ୍ଗୁଡିଆ ଚେର ମଧ୍ୟରାତ୍ରରେ ସଂଗ୍ରହ କରି ଗର୍ଭବତୀ ସ୍ତ୍ରୀର ମୁଣ୍ଡଚୁଟିରେ ବାନ୍ଧିଲେ ପ୍ରସବ ଶୀଘ୍ର ହୋଇଥାଏ । ଝକୁଣ୍ଡା ଗଛର ଚେର ଓ ବବୁଲ ଗଛର ଚେର ଜହ୍ନରାତିରେ ସଂଗ୍ରହ କରି ତେଉଁରିଆ ପ୍ରସ୍ତୁତ କରି ଦେହରେ ଲଗାଇଲେ ଭୂତପ୍ରେତ ଭୟରୁ ରକ୍ଷା ମିଳେ । ଅଣ୍ଡିରା କୁସୁମ ଗଛର ଗଣ୍ଡିରେ ଥିବା କଙ୍କଡା ଶୃଙ୍ଗ ଅନ୍ଧାର ରାତ୍ରରେ ସଂଗ୍ରହ କରି ବାଟି ଗୁଣ୍ଡ କରି ସାମାନ୍ୟ ଗରମ କରି ଦେହରେ ଲେପ ଦେଲେ ଜଳାପୋଡା ଭଲ ହୋଇଯାଏ ।

### ବିଭିନ୍ନ ଲୋକଙ୍କ ସାହାଯ୍ୟରେ ଔଷଧ ପ୍ରସ୍ତୁତ ଓ ପ୍ରୟୋଗ:

କୌଣସି ବ୍ୟକ୍ତିକୁ ସାପ କାମୁଡିଲେ ବାର ବର୍ଷ ବୟସର ପୁଅ ପିଲାଙ୍କ ପରସ୍ରା ପିଆଇଲେ ସାପବିଷ ନଷ୍ଟ ହୋଇ ଯାଇଥାଏ । ଅବିବାହିତା ବାଳିକା ଅଧୁଆ ମୁହଁରେ ଅସାମାରଙ୍ଗ ଚେର ଏକ ନିଶ୍ୱାସରେ ଉଠାଇ ଆଣି ପାଳି ଜ୍ୱରରେ ପୀଡିତ ବ୍ୟକ୍ତିର ବେକରେ ବାନ୍ଧିଲେ ପାଳିଜ୍ୱର ଭଲ ହୋଇଯାଏ । ନବଜାତ ଶିଶୁର ମାଆର କ୍ଷୀର ହେଉ ନଥିଲେ ଗର୍ଭବତୀ ମହିଳା ଟଗର ଗଛର ଚ୍ଛେଲି ସଂଗ୍ରହ କରି ତାହାକୁ ବାଟି ପାନ କଲେ ମାଆର କ୍ଷୀର ଯଥାଶୀଘ୍ର ଆସିଥାଏ । କୌଣସି ବ୍ୟକ୍ତିର ଆଖି ଧରିଥିଲେ ଦୁଗ୍ଧଦାତ୍ରୀ ମାଆର କ୍ଷୀର ଆଖିରେ ତିନିଟୋପା ପକାଇଦେଲେ ଆଖିଧରା ରୋଗ ଆରୋଗ୍ୟ ହୋଇଥାଏ । ନବଜାତ ଶିଶୁର ମୁଣ୍ଡରେ ଖାଲ ହୋଇଥିଲେ ତାହାକୁ ତାଳୁକା ବୋଲି କୁହାଯାଏ । କୋଚିଲାଖାଇ ପକ୍ଷୀର ବସାରେ ଥିବା ମାଟି ବୃଦ୍ଧା ସ୍ତ୍ରୀ ସଂଗ୍ରହ କରି ମୁଣ୍ଡରେ ପ୍ରଲେପ କଲେ ପିଲାଟିର ତାଳୁକା ରୋଗ ଭଲ ହୋଇଯାଏ । ପିମ୍ପୁଡି ବୋହିନେଉ ଥିବା ଧାନରୁ ତିନିଗୋଟି ଧାନର ଚାଉଳ ଚ୍ଛୋଟି ସ୍ତ୍ରୀଲୋକ ସଂଗ୍ରହ କରି ବାନ୍ତି ହେଉଥିବା ଶିଶୁକୁ ବାଟି ପାନ କରିବାକୁ ଦେଲେ ବାନ୍ତି ବନ୍ଦ ହୋଇଯାଏ ।

### କୀଟପତଙ୍ଗ ଓ ପକ୍ଷୀ:

ଘରଚଟିଆ ମାଂସକୁ ଖାଇଲେ ଯୌନ ଶକ୍ତି ବୃଦ୍ଧି ଘଟିଥାଏ । ଅରଖ ପତ୍ରରେ ଥିବା ପୋକକୁ ସଂଗ୍ରହ କରି ଖରାରେ ଶୁଖାଇ ଗୁଣ୍ଡକରି ଶୁଙ୍ଘିଲେ ଅପସ୍ମାର ରୋଗରୁ ରକ୍ଷା ମିଳେ । ଗୋବରରେ ଥିବା ଧଳା ପୋକକୁ ମାରି ଖରାରେ ଶୁଖାଇ ଗୁଣ୍ଡକରି ନାକରେ ଶୁଙ୍ଘିଲେ ନାକରୁ ରକ୍ତ ପଡିବା ବନ୍ଦ ହୋଇଯାଏ ।

**ଝିଟିପିଟି:** ଝିଟିପିଟିକୁ ମାରି ତାର ମାଂସ ସହିତ ସପ୍ତପେଂଣୀ ସିଝୁର ରସକୁ ଏକତ୍ର ସିଝାଇ ଘୁମାରୋଗରେ ଆକ୍ରାନ୍ତ କୁକୁଡାକୁ ଖାଇବାକୁ ଦେଲେ ଆରୋଗ୍ୟ ହୋଇଥାନ୍ତି ।

ଶ୍ୱାସରୋଗରେ ଆକ୍ରାନ୍ତ ଘୁଷୁରୀକୁ ସେହି ମାଂସ ଖାଇବାକୁ ଦେଲେ ଶ୍ୱାସରୋଗ ଭଲ ହୋଇଥାଏ ।

**ପକ୍ଷୀ:** ପାରା ମାଂସ ଖାଇଲେ ଶ୍ୱାସରୋଗ ଭଲ ହୋଇଥାଏ । କୋଚିଲାଖାଇ ପକ୍ଷୀର ମାଂସ ଖାଇଲେ ଗଣ୍ଠିବାତ ଭଲ ହୋଇଥାଏ ।

**ଚମଡା:** ବାଦୁଡି ଚମଡା ଅଣ୍ଟାରେ ବାନ୍ଧିଲେ ମ୍ୟାଲେରିଆ ଜ୍ୱର ଭଲ ହୋଇଯାଇଥାଏ । ପୁନଶ୍ଚ ଭାଲୁ ଶୀକାର କରି ତାହାର ଚୁଟି ଓ ଚମଡା ସଂଗ୍ରହ କରି ଅଣ୍ଟାରେ ବାନ୍ଧିଲେ କମ୍ପ ଜ୍ୱର ତୁରନ୍ତ ଛାଡିଯାଏ ।

**ପଥର:** ଚଡକ ପଥରକୁ ଘୋରି ତାହାର ଗୁଣ୍ଡରେ ସାମାନ୍ୟ ପାଣି ମିଶାଇ ମୁଣ୍ଡବ୍ୟଥା ହେଉଥିଲେ କପାଳରେ ଲଗାଯାଏ, ଫଳରେ ତୁରନ୍ତ ଉପଶମ ମିଳେ ।

**ଗେଣ୍ଡା:** ନଦୀ, ବନ୍ଧ, ପୋଖରୀ,ବିଲ ଇତ୍ୟାଦିରେ ଗେଣ୍ଡା ବହୁ ପରିମାଣରେ ଦେଖାଯାଇଥାଏ । ଗେଣ୍ଡା ଓ କୁଜି ଗେଣ୍ଡାରୁ ମାଂସ ବାହାର କରି ତରକାରୀ କରି ଖାଇଲେ ଦୃଷ୍ଟିଶକ୍ତି ବୃଦ୍ଧି ପାଇଥାଏ ତଥା ବେରୀବେରୀ ରୋଗରୁ ମୁକ୍ତି ମିଳିଥାଏ ।

**ଶାମୁକା:** ଗେଣ୍ଡାଖୋଳ ଓ ଶାମୁକା ଖୋଳ ଏକତ୍ର ଗୁଣ୍ଡକରି ପାରାଗୁଡି ଏଥିରେ ମିଶାଇ ଶିଳରେ ବାଟି ବଥ ଉପରେ ପ୍ରଲେପ ଦେଲେ ବଥ ପାଚି ଫାଟିଯାଇଥାଏ ।

## ଭେଷଜଜ୍ଞ:

### ବ୍ୟକ୍ତିତ୍ୱ:

ଗ୍ରାମାଞ୍ଚଳରେ ଥିବା ଭେଷଜଜ୍ଞ /ବୈଦ୍ୟମାନଙ୍କୁ ଲୋଧମାନେ ସମ୍ମାନ ଏବଂ ଆଦର କରିଥାନ୍ତି । ସେମାନେ ସରଳ, ଧର୍ମ ପରାୟଣ ଏବଂ ଈଶ୍ୱର ବିଶ୍ୱାସୀ ବ୍ୟକ୍ତି ହୋଇଥାନ୍ତି । ପ୍ରତ୍ୟେକ ରୋଗୀ ଔଷଧ ପ୍ରଦାନ କରି ଆରୋଗ୍ୟ କରିଥାନ୍ତି । ଲୋଧାମାନେ ବୈଦ୍ୟଙ୍କୁ 'ବୈଦକ୍' ବୋଲି କହିଥାନ୍ତି । ତାଙ୍କର ବିଭିନ୍ନ ପ୍ରକାର ଔଷଧ ଜ୍ଞାନ ଓ ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧରେ ବିଶେଷ ଦକ୍ଷତା ଥାଏ । ନିର୍ଭୁଲ ଭାବରେ ରୋଗୀମାନଙ୍କୁ ଔଷଧ ପ୍ରଦାନ କରୁ ସେମାନେ ଖୁବ୍ ଲୋକ ପ୍ରିୟ ହୋଇଥାନ୍ତି । ସର୍ବଗୁଣ ସମ୍ପନ୍ନ ବ୍ୟକ୍ତି ହିସାବରେ ସମାଜରେ ସେମାନଙ୍କ ସ୍ୱତନ୍ତ୍ର ସ୍ଥାନ ଥାଏ ।

### ପ୍ରଶିକ୍ଷଣ:

ସେ ସ୍ୱତନ୍ତ୍ର ଅଭିଜ୍ଞ ବୈଦ୍ୟଙ୍କଠାରୁ ନିର୍ଦ୍ୱନ୍ଦରେ ତାଲିମ ଗ୍ରହଣ କରିଥାନ୍ତି । ପ୍ରତ୍ୟେକ ଔଷଧ ସମ୍ବନ୍ଧରେ ଚିହ୍ନଟ, ରୋଗର ନିରାକରଣ, ପ୍ରତିଷେଧକ, ପ୍ରସ୍ତୁତି ପ୍ରଣାଳୀ, ସେବନ ପ୍ରଣାଳୀ, ପ୍ରୟୋଗ ପ୍ରଣାଳୀ ସମ୍ବନ୍ଧରେ ସ୍ୱତନ୍ତ୍ରଭାବରେ ତାଲିମ ନିଅନ୍ତି । ଏକ ବର୍ଷ ମଧ୍ୟରେ ସମସ୍ତ ବିଷୟରେ ତାଲିମ ଗ୍ରହଣ କରିବା ପରେ କବିରାଜ ବା ବୈଦ୍ୟଙ୍କୁ ଉପହାର ସ୍ୱରୂପ ଆଠ ହାତ ବିଶିଷ୍ଟ ଧଳା ରଙ୍ଗର ଧୋତି ପ୍ରଦାନ କରିଥାନ୍ତି ।

**ଈଶ୍ୱରଦତ୍ତ ଗୁଣ:**

କୌଣସି ବ୍ୟକ୍ତି ଅନ୍ୟ ଉପରେ ନିର୍ଭର ନକରି ଆପେ ଆପେ ବୈଦ୍ୟ ଗୁଣ ହାସଲ କରିବାରେ ସମର୍ଥ ହୋଇଥାନ୍ତି । ତାହା ଈଶ୍ୱରଦତ୍ତ ଗୁଣ ବୋଲି କୁହାଯାଏ । ଈଶ୍ୱରଙ୍କ ଆଶୀର୍ବାଦରେ ସଂପୃକ୍ତ ବ୍ୟକ୍ତି ସର୍ବଶ୍ରେଷ୍ଠ କବିରାଜ ହିସାବରେ ଖ୍ୟାତି ଅର୍ଜନ କରିଥାନ୍ତି । ପରନ୍ତୁ କେତେକ କବିରାଜ ଈଶ୍ୱରଦତ୍ତ ଗୁଣ ପାଇବାରୁ ବଞ୍ଚିତ ହୋଇଥାନ୍ତି । ଈଶ୍ୱରଦତ୍ତ ଗୁଣପ୍ରାପ୍ତ ରାଜଙ୍କ ଠାରେ ପ୍ରତିଦିନ ରୋଗୀମାନେ ଉପସ୍ଥିତ ହୋଇ ବିଭିନ୍ନ ପ୍ରକାର ଔଷଧ ଗ୍ରହଣ କରିବା ପାଇଁ ଭିଡ ଜମାଇଥାନ୍ତି । ତାଙ୍କୁ ପ୍ରାୟ ପ୍ରତ୍ୟେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସା କରିଥାନ୍ତି ।

**ସୃଜନଶୀଳତା:**

କବିରାଜ ବିଭିନ୍ନ ପ୍ରକାର ଔଷଧ ବ୍ୟବହାର କରି ନୂତନ ଜ୍ଞାନ ପ୍ରାପ୍ତ ହୋଇ ଔଷଧ ପ୍ରସ୍ତୁତି ପ୍ରଣାଳୀ ଓ ଅନୁପାନରେ ପରିବର୍ତ୍ତନ କରିଥାନ୍ତି । ନିଜର ଅଭିଜ୍ଞତା ବଳରେ ଏକାଧିକ ଔଷଧ ମିଶାଇ ପୁନର୍ବାର ନୂତନ ଔଷଧ ସେବନ କରନ୍ତି । ତୁଳସୀ ପତ୍ର ରସ ସହିତ ମହୁ ରସ ପାନକଲେ ମଧ୍ୟ ଥଣ୍ଡା ସର୍ଦ୍ଦି ଭଲ ହୁଏ । ବାଇଡଙ୍କ ମଞ୍ଜି, ଅଶ୍ୱଗନ୍ଧା ଏବଂ ତ୍ରିଫଳା ସହିତ ମିଶ୍ରୀ /ଚିନି ଏକତ୍ର ବାଟି ଗୁଣ୍ଡ କରି ଏକ ଗିଲାସ ପାଣିରେ ମିଶାଇ ପାନ କଲେ ଧାତୁକ୍ଷୟ ରୋଗ ଆରୋଗ୍ୟ ହୋଇଥାଏ । ତା ପରିବର୍ତ୍ତେ ଅଧଗିଲାସ ପାଣିରେ କଦଳୀ ମଞ୍ଜାକୁ ଚେଚି ତାର ରସରେ ମିଶ୍ରୀ /ଚିନି ମିଶାଇ ପାନ କଲେ ଧାତୁକ୍ଷୟ ରୋଗ ଆରୋଗ୍ୟ ହୋଇଥାଏ ।

**ଅଭିଜ୍ଞତା:**

ବୈଦ୍ୟମାନଙ୍କ କେତେକ ସାଧାରଣ ଅଭିଜ୍ଞତା ଥିବା ପରିଲକ୍ଷିତ କରାଯାଏ F ରୋଗୀର ନାଡି, ମଳମୂତ୍ର ପରୀକ୍ଷା କରିବା ଅଭିଜ୍ଞତା, ଔଷଧ ବୃକ୍ଷଲତାର ଚେର ପତ୍ର ଫଳ ଫୁଲ ଚିହ୍ନଟ, ଔଷଧ ପ୍ରସ୍ତୁତି ସମ୍ପର୍କରେ ଏବଂ ପ୍ରୟୋଗ ତଥା, ସେବନ ସମ୍ପର୍କରେ ଅଭିଜ୍ଞତା, ଏହା ବ୍ୟତୀତ ମନ୍ତ୍ର ପାଠର ଅଭିଜ୍ଞତା ମଧ୍ୟ ବୈଦ୍ୟ ମାନଙ୍କର ଥିବା ଜଣାଯାଏ ।

**ଦକ୍ଷତା:**

କବିରାଜମାନଙ୍କର ବିଭିନ୍ନ ରୋଗ ପାଇଁ ବିଭିନ୍ନ ଔଷଧ ସମ୍ପର୍କରେ ଅଭିଜ୍ଞତା ଥାଇ ମାରାତ୍ମକ ରୋଗର ନିରାକରଣ ସମ୍ପର୍କରେ ଦକ୍ଷତା ହାସଲ କରିଛନ୍ତି । କୁଷ୍ଠ, ଶ୍ୱାସ, ବସନ୍ତ ଇତ୍ୟାଦି ମାରାତ୍ମକ ରୋଗର ନିରାକରଣ ପାଇଁ ସେମାନଙ୍କ ଦକ୍ଷତା ରହିଅଛି । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ରୋଗ ଭଲ କରିବାରେ ମଧ୍ୟ ଦକ୍ଷତା ରହିଅଛି । ପ୍ରତ୍ୟେକ ରୋଗର ନିରାକରଣର ଉପାୟ ସିଦ୍ଧିଲାଭ କରିଛନ୍ତି । କୌଣସି

ଔଷଧର ପ୍ରୟୋଗ ଓ ପ୍ରସ୍ତୁତି ଓ ସେବନ ସମ୍ପର୍କରେ ଓ ଔଷଧର ଅନ୍ୟାନ୍ୟ ଗୁଣ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଦକ୍ଷତା ନଥିଲେ କିବାରାଜ ରୋଗୀ ସେବା କରିବାରେ ଅସମର୍ଥ ହୋଇପଡିବେ ।

**ବ୍ୟବହାର ପ୍ରଣାଳୀ:**

କବିରାଜ ରୋଗୀଙ୍କୁ ଆଦର ଓ ସ୍ନେହ କରିଥାନ୍ତି । ଔଷଧ ନିୟମିତ ସେବନ କରିବାକୁ ଉପଦେଶ ଦେଇଥାନ୍ତି । ରୋଗୀଙ୍କୁ ହତାସ ବା ନିରାଶ ନକରି ଉତ୍ସାହିତ କରାଇ ଯଥାଶୀଘ୍ର ଆରୋଗ୍ୟ ହେବାକୁ ମନ୍ତବ୍ୟ ଦେଇଥାନ୍ତି ।

**ଉପବାସ:**

ବୈଦେକ୍ କବିରାଜମାନେ ସପ୍ତାହରେ ଦୁଇଦିନ ଗୁରୁବାର ଓ ରବିବାର ଉପବାସ ରହନ୍ତି । ସେବା କରୁଥିବା ଦେବଦେବୀଙ୍କୁ ସେହିଦିନ ସେମାନେ ପୂଜା କରିବା ଦ୍ୱାରା ରୋଗୀର ଆଶୁ ଉପଶମରେ ସହାୟକ ହୋଇଥାଏ । ଅମାବାସ୍ୟା, ପୂର୍ଣ୍ଣିମା ଏବଂ ଚନ୍ଦ୍ରଗ୍ରହଣ ସମୟରେ କବିରାଜ ଉପବାସ ରହି ଔଷଧୀୟ ବୃକ୍ଷ ସଂଗ୍ରହ କରିଥାନ୍ତି ଏବଂ ଗର୍ଭଣା ସଂକ୍ରାନ୍ତିରେ ମଧ୍ୟ ସେ ଉପବାସ ରହି କେତେକ ଔଷଧ ସଂଗ୍ରହ କରିସାରିବା ପରେ ଭୋଜନ କରିଥାନ୍ତି । ଉପବାସ ରହିଲେ କେତେକ ସଂଗୃହିତ ଔଷଧ ଆସୁ ଫଳପ୍ରଦ ହୋଇଥାଏ ।

**ନିଷିଦ୍ଧ ଖାଦ୍ୟ:**

କବିରାଜ ଗୁରୁବାର ଓ ରବିବାର  ଏହି ଦୁଇଦିନ ଉପବାସ ରହିବା ସମୟରେ ଖଟା, ମାଛ, ମାଂସ, ନିଶାଦ୍ରବ୍ୟ ଭୋଜନ କରି ନଥାନ୍ତି । ଅନ୍ୟାନ୍ୟ ଦିନ ଗୁଡିକରେ ଉପବାସ  ଥିବା ସମୟରେ  ଖଟା, ମାଛ, ମାଂସ ବ୍ୟବହାର କରିଥାନ୍ତି । ଔଷଧ ପ୍ରସ୍ତୁତି ସମୟରେ ମଧ୍ୟ ନିଶାଦ୍ରବ୍ୟ, ମାଛ, ମାଂସ, ଖଟା ଇତ୍ୟାଦି ବ୍ୟବହାର କରିବା ନିଷେଧ ।

**ସ୍ତ୍ରୀ ସହବାସ ବର୍ଜନ:**

ପ୍ରତ୍ୟେକ କବିରାଜ କେତେକ ଦିନଗୁଡିକରେ ସ୍ତ୍ରୀ ସହବାସ ବର୍ଜନ କରିଥାନ୍ତି । ଗୁରୁବାର ଓ ରବିବାର ରାତି, ଅମାବାସ୍ୟା, ପୂର୍ଣ୍ଣିମା, ଚନ୍ଦ୍ରଗହଣ, ସୂର୍ଯ୍ୟପରାଗ ଏବଂ ଗର୍ଭଣା ସଂକ୍ରାନ୍ତିରେ ସ୍ତ୍ରୀ ସହବାସ ବର୍ଜନ କରିଥାନ୍ତି । ଅନ୍ୟ ଦିନ ଗୁଡିକରେ ଔଷଧ ସଂଗ୍ରହ କରିବା ସହିତ ଦେବଦେବୀଙ୍କ ଉଦ୍ଦେଶ୍ୟରେ ପୂଜାପାଠ ହୋଇଥାଏ ।

**ଅନ୍ୟାନ୍ୟ ନିଷେଧାଜ୍ଞା:**

କବିରାଜଙ୍କ ସ୍ତ୍ରୀ ରଜବତୀ ଥିବା ସମୟରେ ଔଷଧ ଛୁଇଁବା ବାରଣ ଏବଂ ସ୍ତ୍ରୀଙ୍କ ଠାରୁ କୌଣସି ମୃତ ବ୍ୟକ୍ତିଙ୍କ ଜିନିଷ ଗ୍ରହଣ କରିବା ବାରଣ, ପଡୋଶୀଙ୍କ କୌଣସି ମୃତବ୍ୟକ୍ତି ଘରକୁ ଯିବା, ଶୁଦ୍ଧକ୍ରିୟା ପୂର୍ବ ଦିନରେ ଯିବା ଏବଂ ନବଜାତ ଶିଶୁଙ୍କୁ ଜନ୍ମକରିଥିବା ଘରକୁ ଯିବା ସମ୍ପୂର୍ଣ୍ଣ ନିଷେଧ ।

## ପୋଷାକ:

ପ୍ରତିଦିନ କବିରାଜମାନେ ସ୍ୱତନ୍ତ୍ର ଧଳାରଙ୍ଗର ସାତହାତ ଲମ୍ବର ଗାମୁଛା ପିନ୍ଧନ୍ତି । ତିନିହାତ ଲମ୍ବର ଧଳାରଙ୍ଗର ଗାମୁଛା ଦେହରେ ପକାଇଥାନ୍ତି । ଅନ୍ଧାର ରାତିରେ ଭୂତପ୍ରେତ ଦାଉରୁ ରକ୍ଷା ପାଇବା ପାଇଁ ପାଞ୍ଚ ଫୁଟ ଉଚ୍ଚ ବିଶିଷ୍ଟ ବେତବାଡି ଧରିଥାନ୍ତି । ଚନ୍ଦ୍ରଗ୍ରହଣ ସୂର୍ଯ୍ୟପରାଗ ଏବଂ ଗର୍ଭଣା ସଂକ୍ରାନ୍ତିରେ କବିରାଜମାନେ ଉଲଗ୍ନ ହୋଇ ଔଷଧ ସଂଗ୍ରହ କରିଥାନ୍ତି ।

ଉଭୟ ଧଳାରଙ୍ଗର ଗାମୁଛା ପରିଧାନ କରିବା କବିରାଜଙ୍କ ମହତ୍ତ୍ୱ । ଅମାବାସ୍ୟା, ପୂର୍ଣ୍ଣିମା, ଗର୍ଭଣା ସଂକ୍ରାନ୍ତିରେ, ଚନ୍ଦ୍ରଗ୍ରହଣ, ସୂର୍ଯ୍ୟପରାଗରେ କବିରାଜମାନେ ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ଔଷଧ ବୃକ୍ଷ ଏବଂ ଚେରମୂଳି ଇତ୍ୟାଦି ସଂଗ୍ରହ କରିଥାନ୍ତି । ଭୂତପ୍ରେତ ମାନଙ୍କଠାରୁ ରକ୍ଷା ନିମନ୍ତେ ପାଞ୍ଚହାତ ବିଶିଷ୍ଟ ଲମ୍ବର ବେତବାଡି ହାତରେ ଧରି ରାତିରେ ବୁଲନ୍ତି ।

## ସ୍ୱତନ୍ତ୍ର ଜ୍ଞାନ:

କବିରାଜ ଔଷଧୀୟ ବୃକ୍ଷ ଏବଂ ରୋଗ ସମ୍ବନ୍ଧୀୟ ଜ୍ଞାନ ଅର୍ଜନ କରିଥାନ୍ତି । ଏହା ବ୍ୟତୀତ ବେତ ଖଡି, ତେଲୁ ଖଡି, ପଥର ଘୋରା ଖଡି ଇତ୍ୟାଦି ଖଡି ବିଷୟରେ ଜ୍ଞାନ ଅର୍ଜନ କରିଥାନ୍ତି । ଦେବଦେବୀ, ଡାହାଣୀ ଯୋଗିଣୀ ଇତ୍ୟାଦିଙ୍କୁ ବଶିଭୂତ କରିବା ଜ୍ଞାନ ଥାଏ । ସେମାନେ କୌଣସି ଜିନିଷ ହଜିଲେ ମନ୍ତ୍ରପାଠ ଦ୍ୱାରା ପୁନର୍ବାର ମିଳିବା ଉପାୟ ଜାଣିଥାନ୍ତି ।

କବିରାଜ ଖଡିକାରେ କିମ୍ବା ବେତ ଖଡିରେ ଖଡି କରିବା ସମୟରେ ରୋଗୀଙ୍କୁ ଗୋଟିଏ ନଦୀର ନାମ ଗୋଟିଏ ଫୁଲର ନାମ ପଚାରି ଖଡି ପକାଇବା ଆରମ୍ଭ କରିଥାନ୍ତି । ପୁଣି କାଠି ଦ୍ୱାରା ମାଟିରେ ଚିହ୍ନ ମାରିଥିବା ସ୍ଥାନରେ କାଠିକୁ ରଖିବା ପାଇଁ ରୋଗୀଙ୍କୁ କହି ପତ୍ରରେ ତେଲ ପକାଇ ଖଡି ଆରମ୍ଭ କରିଥାନ୍ତି । ବିଭିନ୍ନ ଉପାୟରେ ରୋଗୀଙ୍କ ରୋଗ ନିରୂପଣ କରିଥାନ୍ତି ଏବଂ ରୋଗ ହେବା କାରଣ ବିଭିନ୍ନ ଉପାୟରେ ଜାଣିପାରନ୍ତି ।

## ରୋଗ ନିର୍ଣ୍ଣୟ:

କବିରାଜମାନେ ରୋଗୀମାନଙ୍କର ନାଡି ଧରି, ମଳମୂତ୍ର ପରୀକ୍ଷା କରି ଆଖି ଜିଭ ଦେଖି ରୋଗ ନିରୂପଣ କରନ୍ତି । ରୋଗ ଅନୁସାରେ ଔଷଧ ରୋଗୀଙ୍କୁ ଦେଇଥାନ୍ତି ଏବଂ ନିୟମିତ ଔଷଧ ଖାଇବା ପାଇଁ ବତାଇଥାନ୍ତି ।

## ଔଷଧୀୟ ଜ୍ଞାନ :

ସେମାନେ ରୋଗ ନିର୍ଣ୍ଣୟ ଅନୁସାରେ ଔଷଧ ପ୍ରୟୋଗ କରିବା ଜ୍ଞାନ ଅର୍ଜନ କରିଥାନ୍ତି । ଯଥାବିଧି ରୋଗୀର ମଳମୂତ୍ର ପ୍ରୟୋଗ କରିବା ଜ୍ଞାନ ଆଖି ଓ ଜିଭ ଦେଖି

ରୋଗ ଚିହ୍ନିବା ଉପାୟ ସମ୍ବନ୍ଧରେ ସ୍ୱତନ୍ତ୍ର ତାଲିମ ପାଇ ଜ୍ଞାନ ଅର୍ଜନ କରିଥାନ୍ତି । ପ୍ରତ୍ୟେକ ରୋଗପାଇଁ ଔଷଧ ପ୍ରୟୋଗ କରିବା ଓ ପ୍ରସ୍ତୁତ କରିବା ଦକ୍ଷତା ଅର୍ଜନ କରିଥାନ୍ତି ।

## ସମାଜରେ ତାଙ୍କ ସମ୍ମାନ:

ଲୋଧା ସମାଜରେ କବିରାଜମାନେ ରୋଗୀଙ୍କୁ ଆରୋଗ୍ୟ କରୁଥିବାରୁ ବିଶେଷ ଭାବରେ ସମ୍ମାନିତ ହୋଇଥାନ୍ତି । ଦୁଃଖ ବିପଦ ସମୟରେ ରୋଗୀଙ୍କ ପାଖରେ ଉପସ୍ଥିତ ହୋଇଥାନ୍ତି । ସଦାସର୍ବଦା ରୋଗୀଙ୍କ ସେବାରେ ମନ ନିବେଶ କରିଥାନ୍ତି । ସୁତରାଂ କବିରାଜମାନଙ୍କୁ ପ୍ରତ୍ୟେକ ଲୋକ ଭଲ ପାଇବା ସଙ୍ଗେ ସଙ୍ଗେ ପସନ୍ଦମଧ୍ୟ କରିଥାନ୍ତି । ବିଭିନ୍ନ ମାରାତ୍ମକ ରୋଗରୁ ରୋଗୀଙ୍କୁ ଆରୋଗ୍ୟ କରୁଥିବାରୁ ଲୋଧା ସମାଜରେ କବିରାଜମାନେ ଖ୍ୟାତି ଅର୍ଜନ କରିଥାନ୍ତି ।

## ତାଙ୍କ ପ୍ରତି ଲୋକମାନଙ୍କ ମନବୃତ୍ତି ଓ ବ୍ୟବହାର :

କବିରାଜ ମାନେ ଲୋକଙ୍କର ଆଖି, ଦେହ, ଜିଭ ଦେଖି ରୋଗ ନିର୍ଣ୍ଣୟ କରିପାରୁଥିବା ଯୋଗୁଁ ଯେ କୌଣସି ସମୟରେ ରୋଗୀମାନଙ୍କୁ ଆଖି, ଜିଭ ଏବଂ ନାଡି ଦେଖି ପରୀକ୍ଷା କରନ୍ତି । ମଳ ମୁତ୍ର ମଧ୍ୟ ସଙ୍ଗେ ସଙ୍ଗେ ପରୀକ୍ଷା କରି ଔଷଧ ସେବନ ପାଇଁ ରୋଗୀଙ୍କୁ କହିଥାନ୍ତି । ଲୋକମାନେ କବିରାଜମାନଙ୍କୁ ଆପଣାର ଲୋକ ଭାବି ରୋଗ ବିଷୟରେ ଖୋଲାଖୋଲି କହିଥାନ୍ତି । କବିରାଜ ରୋଗ ସମ୍ପର୍କରେ ଲୋକମାନଙ୍କୁ ମଧୁର କଥା କହି ପଚାରନ୍ତି । ସେମାନେ ରୋଗ ନିର୍ଣ୍ଣୟ କରି ଔଷଧ ଦେଇ ରୋଗୀଙ୍କୁ ଆରୋଗ୍ୟ କରିଥାନ୍ତି । ଲୋକମାନେ କବିରାଜଙ୍କୁ ଅଧିକ ପ୍ରଶଂସା କରିଥାନ୍ତି ।

## ବୈଦ୍ୟ ଏବଂ ବୈଦ୍ୟାଣୀ:

କବିରାଜ ବା ବୈଦ୍ୟମାନେ ପୁରୁଷ ରୋଗୀଙ୍କୁ ପ୍ରତ୍ୟକ୍ଷ ଭାବରେ ଚିକିତ୍ସା କରିଥାନ୍ତି । ଏଥିପାଇଁ ସ୍ୱତନ୍ତ୍ର ଘର ତିଆରି କରାଯାଏ । ସ୍ତ୍ରୀପୁରୁଷ ରୋଗୀଙ୍କ ଚିକିତ୍ସା ଅଲଗା କୋଠରୀରେ କରାଯାଏ । ଉଭୟ ବୈଦ୍ୟ ଏବଂ ବୈଦ୍ୟାଣୀ ସ୍ତ୍ରୀ ପୁରୁଷ ରୋଗୀମାନଙ୍କୁ ଚିକିତ୍ସା ଦାୟିତ୍ୱରେ ରହିଥାନ୍ତି । କୌଣସି ରୋଗୀ ଅସୁବିଧାର ସମ୍ମୁଖୀନ ହେଲେ ଉଭୟ ବୈଦ୍ୟ ଓ ବୈଦ୍ୟାଣୀ ରୋଗୀ ନିକଟରେ ଉପସ୍ଥିତ ହୋଇ ସମସ୍ତ ବିଷୟରେ ତଦନ୍ତ କରି ସାହାଯ୍ୟ ଓ ସହଯୋଗ କରିଥାନ୍ତି ।

ଲୋଧା ସମାଜରେ ସ୍ତ୍ରୀ ବୈଦ୍ୟମାନେ ମହିଳାମାନଙ୍କ ରୋଗ ନିର୍ଣ୍ଣୟ କରି ଖ୍ୟାତି ଅର୍ଜନ କରିଥାନ୍ତି । ସ୍ତ୍ରୀ ବୈଦ୍ୟ ନିଜ ବୁଦ୍ଧିରେ ଓ ଶକ୍ତିରେ ବିଭିନ୍ନ ଔଷଧ ସଂଗ୍ରହ କରି ମହିଳା ରୋଗୀଙ୍କୁ ସେବନ ପାଇଁ ଦେଇ ଆରୋଗ୍ୟ କରିଥାନ୍ତି । ପୁରୁଷ ବୈଦ୍ୟ ସେମାନଙ୍କୁ ସହଯୋଗ କରିଥାନ୍ତି । ଉଭୟ ସ୍ତ୍ରୀ ଓ ପୁରୁଷ ମିଳିତ ଭାବରେ ମଧ ରୋଗୀ ସେବା କରିଥାନ୍ତି ।

## ବୈଦ୍ୟ ଓ ଔଷଧ ବଗିଚା:

କବିରାଜମାନେ ଜଙ୍ଗଲରୁ ବିଭିନ୍ନ ଔଷଧ ବୃକ୍ଷ ସଂଗ୍ରହ କରି ବଗିଚାରେ ଲଗାଇଥାନ୍ତି । ଔଷଧ ଗଛ ଗୁଡିକ ଲଗାଇବା ପରେ ପ୍ରତିଦିନ ଯତ୍ନ ନେଇଥାନ୍ତି । ଖୁବ୍ କମ୍ ସମୟରେ ଏବଂ ଅତି ସହଜରେ ବିଭିନ୍ନ ଔଷଧ ମିଳିବା ଉଦ୍ଦେଶ୍ୟରେ ବିଭିନ୍ନ ଗଛ ଲଗାଇଥାନ୍ତି । କୌଣସି ରୋଗୀ ହଠାତ୍ ଅସୁବିଧାର ସମ୍ମୁଖୀନ ହେଲେ ସଙ୍ଗେ ସଙ୍ଗେ ବାଡି ବଗିଚାରୁ ଔଷଧ ସଂଗ୍ରହ କରି ରୋଗୀଙ୍କୁ ପ୍ରଦାନ କରିଥାନ୍ତି ଏବଂ ରୋଗୀ ଔଷଧ ସେବନ କରି ରୋଗମୁକ୍ତ ହୋଇଥାନ୍ତି ।

## ବୈଦ୍ୟଙ୍କ ପାଉଣା:

ବିଭିନ୍ନ ରୋଗୀଙ୍କୁ ଆରୋଗ୍ୟ କରି ବିଭିନ୍ନ ପ୍ରକାର ପାଉଣା ଗ୍ରହଣ କରନ୍ତି । ମାରାତ୍ମକ ରୋଗରୁ ଆରୋଗ୍ୟ କରିଥିଲେ ପ୍ରତ୍ୟେକ ରୋଗୀଠାରୁ ଜଣାଧିକେ ପଚାଶ ଟଙ୍କା ଏବଂ ଏକ କିଲୋଗ୍ରାମ ଚାଉଳ ବୈଦ୍ୟଙ୍କୁ ପ୍ରଦାନ କରିଥାନ୍ତି । ସାଧାରଣ ରୋଗରୁ ଆରୋଗ୍ୟ ହେଲେ ସେମାନେ କୋଡିଏ ଟଙ୍କା ପ୍ରଦାନ କରିଥାନ୍ତି ।  ସମୟ ସମୟରେ ଲୋକମାନେ ବୈଦ୍ୟଙ୍କୁ ନୂଆ ହାତ ଗାମୁଛା ସହିତ ପାଞ୍ଚ ଟଙ୍କା  ଅର୍ପଣ କରିଥାନ୍ତି ।

## ରୋଗୀ ଏବଂ ବୈଦ୍ୟ ସମ୍ପର୍କ:

ବୈଦ୍ୟ ରୋଗୀମାନଙ୍କୁ ପ୍ରତ୍ୟେକ୍ଷ ଚିକିତ୍ସା କରିବା ମୁଖ୍ୟ ଧର୍ମ ହିସାବରେ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ରୋଗୀମାନଙ୍କୁ ନିଜର ବୋଲି ଭାବି ସ୍ନେହ ଆଦର ବଳରେ ପ୍ରତ୍ୟକ୍ଷରେ ଚିକିତ୍ସା କରି ଆରୋଗ୍ୟ କରିଥାନ୍ତି । ପ୍ରତ୍ୟେକ ରୋଗୀ ବୈଦ୍ୟଙ୍କୁ ସମ୍ମାନ ପ୍ରଦର୍ଶନ କରିଥାନ୍ତି । କବିରାଜ ରୋଗୀଙ୍କୁ ମଧୁର ଭାଷାରେ ରୋଗ ବିଷୟରେ ପଚାରନ୍ତି । ପ୍ରତ୍ୟେକ ବ୍ୟକ୍ତି ରୋଗମୁକ୍ତ ହେଉଥିବାରୁ ରୋଗୀ ଓ ବୈଦ୍ୟ ମଧ୍ୟରେ ମଧୁର ସମ୍ପର୍କ ଥାଏ ।

### ବୈଦ୍ୟମାନଙ୍କ ଅତୀତ ଓ ବର୍ତ୍ତମାନ:

ପୂର୍ବେ ବୈଦ୍ୟମାନେ ରୋଗୀମାନଙ୍କୁ ସେବା କରିବା ପାଇଁ ରୋଗୀ ଘରକୁ ଯାଇ ଚିକିତ୍ସା କରୁଥିଲେ । ରୋଗୀର ନାଡି ଓ ଜିଭ ପରୀକ୍ଷା କରି ଦେଖିବା ପାଇଁ ପ୍ରତ୍ୟେକ ରୋଗୀ ଘରକୁ ଯାଇ ପରୀକ୍ଷା କରି ରୋଗ ନିରୂପଣ କରି ଔଷଧ ଦେଉଥିଲେ । ରୋଗୀ ଆରୋଗ୍ୟ ହେଲେ ତାହା ବାବଦରେ ପାଉଣା ଚାଉଳ ଏବଂ ପଇସା ପାଉଥିଲେ । କବିରାଜ ଆରୋଗ୍ୟ ହୋଇଥିବା ପ୍ରତ୍ୟେକ ରୋଗୀଙ୍କ ଘରକୁ ଯାଇ ଟଙ୍କା ଏବଂ ଚାଉଳ ପାଉଣା ଆକାରରେ ସଂଗ୍ରହ କରୁଥିଲେ ଏବଂ ରୋଗୀ କିପରି ଔଷଧ ସେବନ କରିବ ତାହା ବିଷୟରେ ବତାଇ ଦେଉଥିଲେ । କିନ୍ତୁ ବର୍ତ୍ତମାନ ଯୁଗରେ କବିରାଜ ରୋଗୀଙ୍କ ଘରକୁ ନଯାଇ ରୋଗୀମାନେ କବିରାଜଙ୍କ ଘରକୁ ଆସି ଚିକିତ୍ସିତ ହୋଇ ଆରୋଗ୍ୟ ହେଉଛନ୍ତି । ଏଥିପାଇଁ କବିରାଜ କଠିନ ପରିଶ୍ରମରୁ ରକ୍ଷା ପାଇ ସହଜରେ ରୋଗୀମାନଙ୍କୁ

ଆରୋଗ୍ୟ କରୁଛନ୍ତି । ରୋଗୀମାନେ ଆରୋଗ୍ୟ ହେବା ପରେ କବିରାଜ ପାଉଣା ପାଇଁ ରୋଗୀଙ୍କ ଘରକୁ ନଯାଇ ରୋଗୀମାନେ କବିରାଜଙ୍କ ଘରେ ପାଉଣା ଦେଉଛନ୍ତି । କବିରାଜଙ୍କ ଘରେ ରୋଗୀମାନେ ଉପସ୍ଥିତ ହୋଇ ନାଡି, ଆଖି ଜିଭ ଇତ୍ୟାଦି ଦେଖାଇ ଓ ମଳମୂତ୍ର ପରୀକ୍ଷା କରାଇ ଔଷଧ ନେଇ ପାଉଣା ଦେଉଛନ୍ତି କିମ୍ବା ପାଉଣା ଆରୋଗ୍ୟ ପରେ ଦେଉଛନ୍ତି । ଏଥିପାଇଁ ରୋଗୀମାନେ ବୈଦ୍ୟମାନଙ୍କୁ ପୁର୍ବ ଅପେକ୍ଷା ଅଧିକ ଚର୍ଚ୍ଚା କରୁଛନ୍ତି ।

## ଆଦିବାସୀ ବୈଦ୍ୟ:

ଗ୍ରାମାଞ୍ଚଳରେ ଅନ୍ୟାନ୍ୟ ଆଦିବାସୀ ଗୋଷ୍ଠୀର ବୈଦ୍ୟ ରହିଛନ୍ତି । ସେମାନେ ରୋଗୀ ମାନଙ୍କର ନାଡ଼ି, ଜିଭ, ଆଖି, ମଳମୂତ୍ର ଇତ୍ୟାଦି ପରୀକ୍ଷା କରି ରୋଗ ନିର୍ଣ୍ଣୟକରି ସେହି ଅନୁସାରେ ଔଷଧ ଦେଇଛନ୍ତି । ରୋଗୀ ଆରୋଗ୍ୟ ହେବା ପରେ ତାଙ୍କଠାରୁ ଟଙ୍କା ଓ ଚାଉଳ ପାଉଣା ଆକାରରେ ନେଉଛନ୍ତି । କୌଣସି ରୋଗୀର ଅସୁବିଧା ହେଲେ ଘରକୁ ଯାଇ ଚିକିତ୍ସା କରୁଛନ୍ତି । ତେଣୁ ଆଦିବାସୀ ବୈଦ୍ୟମାନେ ସମାଜରେ ଖ୍ୟାତି ଅର୍ଜନ କରିଛନ୍ତି । ଆଦିବାସୀ ବୈଦ୍ୟମାନେ ରୋଗୀ ଚିକିତ୍ସା ପାଇଁ ସ୍ୱତନ୍ତ୍ର ତାଲିମ ଗ୍ରହଣ କରି ଔଷଧୀୟ ବୃକ୍ଷ, ରୋଗର ଲକ୍ଷଣ, ମଳମୂତ୍ର ଇତ୍ୟାଦି ପରୀକ୍ଷା ସମ୍ବନ୍ଧୀୟ ଜ୍ଞାନ ଅର୍ଜନ କରି ରୋଗୀ ଚିକିତ୍ସାରେ ନିଜର ମନ ନିବେଶ କରିଥାନ୍ତି ।

# ବସତି ସ୍ଥାପନ

ମଣିଷ ପ୍ରକୃତିର ସନ୍ତାନ । କେଜାଣି କେତେ ସହସ୍ର ବର୍ଷ ହେଲାଣି ପ୍ରକୃତି ସହ ସଂଗ୍ରାମ କରି ସେ ଆଜି ଏହି ଅବସ୍ଥାକୁ ଆସିଅଛି । ପ୍ରତ୍ୟେକ ଗୋଷ୍ଠୀର ଲୋକମାନେ ଭଲ ଜୀବନଯାପନ ପାଇଁ ବାସଗୃହ ଉତ୍ତମ ପରିବେଶରେ ସ୍ଥାପନ କରିବାକୁ ଇଚ୍ଛାପ୍ରକାଶ କରିଥାନ୍ତି । ଲୋଧାମାନେ ସେମାନଙ୍କ ଏହି ଆବଶ୍ୟକତାକୁ କେଉଁ ଆଦିମ କାଳରୁ ଉପଲବ୍ଧି କରି ପାହାଡତଳ ଅଂଚଳ ମାନଙ୍କରେ ବସତି ସ୍ଥାପନ କରି ରହି ଆସୁଛନ୍ତି ।

## ବସତି ସମ୍ବନ୍ଧୀୟ ଧାରଣା:

ମଣିଷ ଏକ ସାମାଜିକ ପ୍ରାଣୀ । ସମାଜ ବିନା ଜୀବନଯାପନ କରିବା ତା'ପକ୍ଷେ ଅସମ୍ଭବ । ସେଥିପାଇଁ ସୁଖଶାନ୍ତିରେ ଜୀବନକୁ ଅତିବାହିତ କରିବାକୁ ଲାଳାୟିତ ଥାଇ ବାସଗୃହଟିଏ ଆବଶ୍ୟକ କରିଥାଏ । ଖାଦ୍ୟ, ବସ୍ତ୍ର ଓ ବାସଗୃହ ଉତ୍ତମ ଜୀବନଯାପନର ପ୍ରଧାନ ସହାୟକ । ଖାଦ୍ୟ ଓ ବାସଗୃହ ଅଭାବରେ ପୁରାତନ କାଳରେ ମନୁଷ୍ୟକୁ ଯାଯାବର ଜୀବନଯାପନ କରିବାକୁ ପଡୁଥିଲା । ଲୋଧାମାନଙ୍କ ବସତିସ୍ଥାପନର ଉତ୍ପତ୍ତି ଓ ଇତିହାସ ସମ୍ବନ୍ଧରେ ବର୍ତ୍ତମାନ ସେମାନେ ପ୍ରାୟ ଅଜ୍ଞ । ତେବେ କେତେକଙ୍କ ମତରେ ସମ୍ବଲପୁର ଜିଲ୍ଲା ନିକଟରେ ଥିବା ଗନ୍ଧମାର୍ଦ୍ଦନ ପର୍ବତ ପାଦଦେଶରେ ପ୍ରଥମେ ବସତି ସ୍ଥାପନ କରିଥିଲେ ବୋଲି ଜଣାଯାଏ । ସେମାନେ କୌଣସି ଏକ ପରିବାରର ସ୍ତ୍ରୀ ପୁରୁଷଙ୍କ ମଧ୍ୟରେ ଖାଦ୍ୟାଭାବ ଦେଖାଦେବାରୁ ପୁରୁଷ ବଣ ଛାଡି ଗାଁକୁ ଖାଦ୍ୟ ଅନ୍ୱେଷଣରେ ବାହାରିବା ବେଳେ ସ୍ତ୍ରୀ ଗାଁକୁ ଯିବାପାଇଁ ବାରଣ କରୁଥିବା ଏକ ଲୋଧାଭାଷାର ଗୀତରୁ ଜଣାଯାଏ । ଗୀତଟି ଏହିପରି:

"ସିରଇଲ ସିରାଲ ହାମାର
କନ୍ ବାଟେ ପାବ ଆହାର୍ ଦିନ୍
ନାଯାୟ ନାଯାୟ ଗାଁ ଏ ଦୁଆର
ଖାବାର୍ ଆଛେ ସବ୍ ବନେଦିନ୍ ॥"

ସମୟ କ୍ରମେ ସେମାନେ ପାହାଡଘେରା ଅଞ୍ଚଳରୁ ଆସି ଗାଁ ଅଭିମୁଖୀ ହୋଇଥିବା ଜଣାଯାଏ ।

## ବସତିର ଅବସ୍ଥିତି ଓ ବସତି ସ୍ଥାପନ:

ସାଧାରଣତଃ ପାହାଡ ଜଙ୍ଗଲ ପାଦଦେଶରେ ଥିବା ମାଳଭୂମି ଅଞ୍ଚଳରେ ସେମାନଙ୍କ ବସତି ଗଢିଉଠିଥିଲା । ବର୍ତ୍ତମାନ ସେମାନେ ସ୍ୱଚ୍ଛନ୍ଦରେ ଯେ କୌଣସି ସ୍ଥାନକୁ ଗମନ କରି ବସତି ସ୍ଥାପନ କରି ରହିଆସୁଛନ୍ତି । ସେମାନଙ୍କ ବସତି ସ୍ଥାପନ ପାଇଁ କୌଣସି ପୂଜା ବିଧି ଆବଶ୍ୟକ ହୋଇନଥାଏ । ପସନ୍ଦ ମୁତାବକ ଓ ଇଚ୍ଛା କରୁଥିବା ଅଞ୍ଚଳରେ ନୂତନ ଗୃହ ନିର୍ମାଣ କରିଥାନ୍ତି ଓ ବସବାସ କରି ରହିଥାନ୍ତି ।

## ବସତିର ଚତୁପାର୍ଶ୍ୱ:

ସେମାନେ ରହୁଥିବା ଏହି ବସ୍ତିଗୁଡିକ ଛୋଟ ଛୋଟ ବଣଜଙ୍ଗଲରେ ପରିପୂର୍ଣ୍ଣ । ବସତିର ଚତୁଃପାର୍ଶ୍ୱରେ ଅନ୍ୟାନ୍ୟ ଗ୍ରାମଗୁଡିକର ଅବସ୍ଥିତି ରହିଛି । ଏତଦ୍ ବ୍ୟତୀତ ଚତୁଃଦିଗକୁ ସବୁଜିମା ଭରା ବଣଜଙ୍ଗଲ, କୃଷି କ୍ଷେତ୍ର, ପାହାଡିଆ ଜମି ଇତ୍ୟାଦି ରହିଥାଏ ଏବଂ ଗ୍ରାମଠାରୁ କିଛି ଦୂରରେ ହାଟବଜାର ମଧ୍ୟ ରହିଥାଏ । ଗାଧୋଇବା ପୋଖରୀ, ନାଳ ଓ ଝରଣା, ଗୋଚର ଭୂଇଁ, ଡିପ ଜମି ଇତ୍ୟାଦି ଚତୁଃପାର୍ଶ୍ୱରେ ଘେରି ରହିଥାଏ ।

## ଲୋଧା ଗୃହ ଓ ବନ୍ଦୋବସ୍ତ:

ଲୋଧା ମାନଙ୍କର ଗୃହଗୁଡିକ ସାଧାରଣତଃ ପାଞ୍ଚଫୁଟ ଉଚ୍ଚ । କାନ୍ଥଗୁଡିକ ମାଟିରେ ହୋଇନଥାଏ । କାନ୍ଥଗୁଡିକ ଝାଟିମାଟିରେ ତିଆରି ତା' ଉପରେ ମାଟିକାଦୁଅରେ କାନ୍ଥ କରିଥାନ୍ତି । ଗୃହର ଭିତର ପାର୍ଶ୍ୱ ବେଶୀ ଓସାର ନହୋଇ ପ୍ରାୟ ଚାରିଫୁଟ ଓସାର ହୋଇଥାଏ ଓ ବାରଣ୍ଡା ସେହିପରି ଦେଢ ଫୁଟରୁ ଦୁଇଫୁଟ ଓସାର ହୋଇଥାଏ । ଘରର କୋଠରୀ ଗୋଟିଏ ବଖରା ବିଶିଷ୍ଟ ହୋଇଥାଏ । ଘରର ମଧ୍ୟଭାଗରେ ମୋଟା କାଠ କିମ୍ବା ବାଉଁଶର ଖୁଣ୍ଟ ପୋତିଥାନ୍ତି । ମଧ୍ୟଭାଗ ଖୁଣ୍ଟରେ ଘରକୁ ପ୍ରାୟ ଦୁଇଭାଗରେ ବିଭକ୍ତ କରିଥାନ୍ତି । ଘରଗୁଡିକ ଉତ୍ତର ଦକ୍ଷିଣରେ ଲମ୍ବ କରି ତିଆରି କରିଥାନ୍ତି ଏବଂ ପୂର୍ବଦିଗକୁ ଦ୍ୱାର କରିଥାନ୍ତି ।

## ଗୃହ ସଂଲଗ୍ନ ପନିପରିବା ବଗିଚା :

ଗୃହକୁ ଲାଗି ରହିଥିବା ଜାଗାକୁ ସେମାନେ ସାଧାରଣତଃ ଶୁଖିଲା ବାଡ଼ରେ ଆବଦ୍ଧ କରିଥାନ୍ତି ଓ ଉକ୍ତ ସ୍ଥାନକୁ ବିଭିନ୍ନ ପ୍ରକାରର ପନିପରିବା, ଯଥା- ବାଇଗଣ, ଭେଣ୍ଡି, କଲରା, ଜହ୍ନି ପ୍ରଭୃତି ପନିପରିବା ଋଷପାଇଁ ବ୍ୟବହାର କରିଥାନ୍ତି ।

## ଅନ୍ୟାନ୍ୟ ଗୋଷ୍ଠୀମାନଙ୍କ ବସତି:

ଲୋଧା ଲୋକମାନେ ବସବାସ କରୁଥିବା ଗ୍ରାମମାନଙ୍କରେ ଅନ୍ୟାନ୍ୟ ଗୋଷ୍ଠୀ ମାନଙ୍କ ବସତି ମଧ୍ୟ ଦେଖାଯାଇଥାଏ ଓ ଏମାନେ ହେଲେ ଖଡିଆ, ବାଥୁଡି, ମାଙ୍କିଡିଆ, ଓରାମ୍, ଶବର, ସାନ୍ତାଳ, ମୁଣ୍ଡା, ମାହାଲି, ପ୍ରଭୃତି ।

## ଗ୍ରାମର ଅନ୍ୟାନ୍ୟ ସଂରଚନା :

ଗ୍ରାମରେ ଥିବା ଗୋଟିଏ ପରିବାର ଘରର ଅଳ୍ପ ଦୂରରେ ଅନ୍ୟ ଏକ ପରିବାରର ଘର ରହିଥାଏ । ପରିବାର ଘରଗୁଡିକ ଗୋଟିଏ ଧାଡିରେ ନରହି ଅଳ୍ପ ଅଳ୍ପ ଛାଡି ଘରଗୁଡିକ ତିଆରି ହୋଇଥାଏ । ଘରର ଦ୍ୱାର ଗୁଡିକ ପୂର୍ବଦିଗକୁ ହୋଇଥାଏ । ଗ୍ରାମ ମୁଣ୍ଡରେ ଗୋଲାକାର ଭାବରେ ଗଛଗୁଡିକ ରଖିଥାନ୍ତି । ସେଠାରେ ଗ୍ରାମବାସୀମାନେ ଏକତ୍ରିତ ହୋଇ ପୂଜାପାଠ କରିଥାନ୍ତି । ତାହା ଜାହିରା ନାମରେ ସୁପରିଚିତ । ଗ୍ରାମର ଚର୍ତୁପାର୍ଶ୍ୱରେ ଢିପ ବା ମାଳଭୂମି ଥିବା ଦେଖାଯାଏ । ଅଧିକାଂଶ ଅଞ୍ଚଳରେ ସମତଳ ଭୂମି ମଧ୍ୟ ଦେଖାଯାଏ । ଗୋଟିଏ ପରିବାର ଅନ୍ୟ ଏକ ପରିବାରକୁ ଯିବା ପାଇଁ ସଂକୀର୍ଣ୍ଣ ପାଦଚଲା ରାସ୍ତା ରହିଥାଏ । ଗ୍ରାମ ମୁଣ୍ଡର ଏକ ପାର୍ଶ୍ୱରେ ନିର୍ଜନ ସ୍ଥାନରେ ଶ୍ମଶାନ କରିଥାନ୍ତି ।

## ଯୁବ ଶୟନାଗାର/ଗୋଷ୍ଠୀଗୃହ :

ଅନ୍ୟ ସମ୍ପ୍ରଦାୟ ମାନଙ୍କ ପରି ଲୋଧା ସମାଜରେ ଯୁବ ଶୟନାଗାର କିମ୍ୱା ଗୋଷ୍ଠୀଗୃହ ଦେଖାଯାଏ ନାହିଁ । ଅତ୍ୟାବଶ୍ୟକ ସମୟରେ କୌଣସି ଗଛମୂଳେ କିମ୍ୱା ଛକ ଯାଗାମାନଙ୍କରେ ଆଲୋଚନା କରାଯାଇଥାଏ ।

## ଗୁଣିଗାରେଡ଼ି ଗୃହ:

ଲୋଧା ସମାଜରେ ଗୁଣିଆମାନଙ୍କ ପାଇଁ ଗୋଟିଏ ଗୃହ ନିର୍ମାଣ କରାଯାଇଥିବା ଦେଖାଯାଇଥାଏ । ଗ୍ରାମର ମୁଖ୍ୟ ଧର୍ମୀୟ କର୍ତ୍ତା ଦେହୁରୀଙ୍କ ବାଡିରେ ମାଟିର ଏକ ପିଣ୍ଡି କରାଯାଇଥାଏ । ବାଉଁଶ ବତା ଦ୍ୱାରା ଉକ୍ତ ପିଣ୍ଡିଟିକୁ ଆବଦ୍ଧ କରାଯାଇଥାଏ । ପାଖରେ ଏକ ଛୋଟ ଚାଳିଆ କରାଯାଇଥାଏ । ଉକ୍ତ ସ୍ଥାନଟି ଓ ଛୋଟ ଚାଳିଆଟିକୁ ଗୁଣିଗାରେଡ଼ି ତଥା ଧର୍ମୀୟଗୃହ ବୋଲି ବିଚାର କରାଯାଇଥାଏ । ଗ୍ରାମ ଦେହୁରୀ ଉକ୍ତ ସ୍ଥାନରେ ତାଙ୍କ ଶିଷ୍ୟ ମାନଙ୍କୁ ତଥା ଗୁଣିଆମାନେ ମଧ୍ୟ ତାଙ୍କ ଚେଲାଙ୍କୁ ଏହିଠାରେ ମନ୍ତ୍ରତନ୍ତ୍ର ଓ ପୂଜାବିଧି ଶିକ୍ଷା ପ୍ରଦାନ କରିଥାନ୍ତି ।

## ଦେବପୀଠ :

ଗ୍ରାମମୁଣ୍ଡରେ ଥିବା ଶାଳଗଛ ଓ ଅନ୍ୟାନ୍ୟ ଗଛମୂଳେ ଗ୍ରାମ ଦେବଦେବୀ ଓ ଠାକୁର ଠାକୁରାଣୀମାନଙ୍କୁ ସ୍ଥାପନ କରାଯାଇଥାଏ । ମାଟିରେ ନିର୍ମିତ ଘୋଡାଙ୍କୁ ଦେବଦେବୀଙ୍କ ପ୍ରତିମୂର୍ତ୍ତି ଭାବି ସ୍ଥାପନ କରାଯାଇଥାଏ । ସେହି ପୀଠସ୍ଥଳୀକୁ ଜାହିରା କୁହାଯାଏ । ବିଭିନ୍ନ ପର୍ବପର୍ବାଣିରେ ଜାହିରା ଓ ଠାକୁର ଠାକୁରାଣୀଙ୍କୁ ଲୋଧା ସମାଜର ମୁଖ୍ୟ ଧର୍ମୀୟ କର୍ତ୍ତା ଦେହୁରୀ ପୂଜା କରିଥାନ୍ତି ।

## ଭୋଜିକେନ୍ଦ୍ର :

ଲୋଧାମାନେ ସ୍ୱତନ୍ତ୍ର ଭାବରେ ଗ୍ରାମରେ କୌଣସି ଭୋଜି ପାଇଁ ସ୍ୱତନ୍ତ୍ର ଘର ତିଆରି କରିନଥାନ୍ତି । ସାଧାରଣତଃ ଭୋଜି ହେଲେ କୌଣସି ଗଛମୂଳରେ କରାଯାଇଥାଏ । ସମୟ ସମୟରେ କୌଣସି ମାମଲାର ବିଚାର ହୋଇ ଦୋଷୀଠାରୁ ଜୋରିମନା ଆଦାୟ କରାଯାଇଥାଏ ଓ ସେହିଠାରେ (ସଭାସ୍ଥଳୀରେ) ଭୋଜିର ଆୟୋଜନ କରାଯିବା ବ୍ୟବସ୍ଥା ହୋଇଥାଏ ।

## ଅବସର ବିନୋଦନ କେନ୍ଦ୍ର:

ଲୋଧା ସମାଜରେ ଗ୍ରାମର କୌଣସି ଖୋଲା ପଡିଆ କିମ୍ବା ଗଛମୂଳରେ ଲୋକମାନେ ତାଙ୍କର ଅବସର ବିନୋଦନ ପାଇଁ ସମୟ କଟାଇଥାନ୍ତି । ଏଥିପାଇଁ ସ୍ୱତନ୍ତ୍ର ଘର ନିର୍ମାଣ କରାଯାଇ ନଥାଏ । ପୁରୁଷ, ସ୍ତ୍ରୀ, ବାଳକ, ବାଳିକା, ବୃଦ୍ଧ ଓ ବୃଦ୍ଧା ସମସ୍ତେ ପଡିଆକୁ ଯାଇ ନୃତ୍ୟ ଗୀତ ପରିବେଷଣ କରିଥାନ୍ତି, ନୃତ୍ୟ କେବଳ ମହିଳାମାନେ ପରିବେଷଣ କରିଥାନ୍ତି ଓ ପୁରୁଷମାନେ ମାଦଳ ବଜାଇ ଗୀତ ପରିବେଷଣ କରିଥାନ୍ତି ।

## ସଭାସ୍ଥାନ:

ଗ୍ରାମରେ ଅନୁଷ୍ଠିତ କୌଣସି ସଭା ଗଛମୂଳରେ  କିମ୍ବା ଖୋଲା ପଡିଆରେ ଗ୍ରାମବାସୀଙ୍କ ଉପସ୍ଥିତିରେ ଓ ଗ୍ରାମ ସଭାପତିଙ୍କ ପୌରୋହିତ୍ୟରେ ହୋଇଥାଏ । ଏଠାରେ ଗ୍ରାମର ବିଭିନ୍ନ ପ୍ରକାର ସମସ୍ୟାର ଆଲୋଚନା କରାଯାଏ ଓ ସମାଧାନର ମାର୍ଗ ନିର୍ଣ୍ଣୟ କରାଯାଇଥାଏ ।

## ଗ୍ରାମରେ ଥିବା ପାନୀୟ ଜଳର ଉତ୍ସ :

ଲୋଧା ମାନଙ୍କ ଗ୍ରାମଗୁଡିକ ସାଧାରଣତଃ ଜଙ୍ଗଲ ମଧ୍ୟରେ ବା ନିକଟରେ ଅବସ୍ଥିତ । ତେଣୁ କୌଣସି କୂଅ କିମ୍ବା କୂପ ସରକାର ତରଫରୁ ରାସ୍ତା ଓ ଗମନା ଗମନର ଅସୁବିଧା ଯୋଗୁଁ ଖନନ କରିବା କଷ୍ଟକର । ତେଣୁ ବାଧ୍ୟ ହୋଇ ଲୋକମାନେ ନିକଟସ୍ଥ ଝରଣା କିମ୍ବା ନଈପାଣିକୁ ପାନୀୟ ଜଳର ମୁଖ୍ୟ ଉତ୍ସ ବୋଲି ଧରିନେଇଥାନ୍ତି । ବର୍ଷଯାକ ସେମାନେ ଝରଣା ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରିଥାନ୍ତି ।

## ଗ୍ରାମ ମୁଖ୍ୟ ରାସ୍ତା:

ପଞ୍ଚାୟତ ତରଫରୁ ଗ୍ରାମ୍ୟରାସ୍ତା ନିର୍ମାଣ କରାଯାଇ ତାହାକୁ ମୁଖ୍ୟ ରାସ୍ତା ସହିତ ସଂଯୋଗ କରାଯାଇଛି । ମୁଖ୍ୟ ରାସ୍ତା ଗୁଡିକ ସମ୍ପୂର୍ଣ୍ଣ ସମତଳ ହୋଇଥାଏ । ରାସ୍ତାର ଉଭୟ ପାର୍ଶ୍ୱରେ ଛୋଟ ଛୋଟ ଅନାବନା ଗଛ ରହିଛି । ମୁଖ୍ୟ ରାସ୍ତାକୁ ବ୍ୟବହାର କରି ଗ୍ରାମବାସୀମାନେ ଅନ୍ୟାନ୍ୟ ଗ୍ରାମକୁ, ହାଟ ବଜାରକୁ, ପୂଜାପୀଠ ସ୍ଥଳୀକୁ ଓ ଝରଣାକୁ ଯାତାୟତ କରିଥାନ୍ତି ।

## ପାଦଚଲା ରାସ୍ତା:

ଗ୍ରାମ ଜମି ନିକଟକୁ ଯିବାପାଇଁ ଗ୍ରାମ ମଝିରୁ ଏକ ପାଦଚଲା ରାସ୍ତା ରହିଛି । ପାଦଚଲା ରାସ୍ତାରେ ଝରଣା ଓ ଜାହିରାକୁ ସହଜରେ ଓ ଶୀଘ୍ର ଯାତାୟତ ପାଇଁ ସୁବିଧା ହୋଇଥାଏ । ବଣ ଜଙ୍ଗଲକୁ ଯିବା ପାଇଁ ପାଦଚଲା ରାସ୍ତା ଲୋଧାମାନଙ୍କ ପକ୍ଷରେ ଅଧିକ ସୁବିଧାଜନକ ହୋଇଥାଏ ।

## ଗ୍ରାମ ପରିବେଶ :

ସାଧାରଣତଃ ଲୋଧାମାନଙ୍କ ବସତି ପାହାଡ ଜଙ୍ଗଲକୁ ଲାଗି ରହିଥାଏ । ଗ୍ରାମ ବାହାରେ ବଡ ବଡ ପଥର, ଚଟାଣ ଓ ମାଳଭୂମି ରହିଛି । ବଡ ବଡ ଶାଳଗଛ ଏବଂ ବିଭିନ୍ନ ଗଛ ଏବଂ ଘଞ୍ଚ ଜଙ୍ଗଲ ଦେଖାଯାଏ । ଗ୍ରାମର ଅନତି ଦୂରରେ ଚିରସ୍ରୋତା ଝରଣା କଳକଳ ନାଦରେ ଉପରୁ ତଳକୁ ବହିଯାଇଛି । ପୁନଶ୍ଚ କେତେକ ନଦୀ ଓ ଝରଣା ଗୁଡିକ ମିଶି ବଡ ସ୍ରୋତସ୍ୱିନୀରେ ପରିଣତ ହୋଇଥାଏ । ବଡ ବଡ ପାହାଡ ଗୁଡିକ ଆକାଶକୁ ଛୁଇଁଲା ଭଳି ଦେଖାଯାଏ । ଗ୍ରାମ ସହିତ ମିଶିକରି ପ୍ରାୟ ପାହାଡ, ପର୍ବତ ଗୁଡିକ ଥାଏ । ଉକ୍ତ ପାହାଡ, ପର୍ବତରୁ ଲୋଧାମାନେ ଜାଳେଣୀକାଠ, ପତ୍ର, ଝୁଣା, ମହୁ ଇତ୍ୟାଦି ସଂଗ୍ରହ କରିଥାନ୍ତି । ପାନୀୟ ଜଳ ପାଇଁ ଲୋଧାମାନେ ସର୍ବଦା ଝରଣା ଜଳ ଉପରେ ନିର୍ଭରଶୀଳ, ଝରଣାପାଣିରେ ମଧ୍ୟ ସେମାନେ ସ୍ନାନ କରିବା, ଧୁଆଧୋଇ ହେବା କାର୍ଯ୍ୟ କରିଥାନ୍ତି । ଏହି ଝରଣା ଗୁଡିକ ସାଧାରଣତଃ ଚୀରସ୍ରୋତା ହୋଇଥିବାରୁ ବର୍ଷଯାକ ଏମାନେ ସହଜରେ ପାଣି ପାଇପାରିଥାନ୍ତି । କୌଣସି କୌଣସି ଲୋଧା ଗ୍ରାମରେ ମଧ୍ୟ ସରକାରଙ୍କ ତରଫରୁ ନଳକୂପ ଓ କୂଅ ଖୋଳାଯାଇଛି ଓ ଗ୍ରାମବାସୀମାନେ ଏହାରି ମାଧ୍ୟମରେ ସହଜରେ ପାନୀୟ ଜଳ ପାଇପାରିଥାନ୍ତି । ବଣ ଜଙ୍ଗଲକୁ ଯିବା ପାଇଁ ପାଦଚଲା ରାସ୍ତା ଲୋଧାମାନଙ୍କ ପକ୍ଷରେ ଅଧିକ ସୁବିଧାଜନକ ହୋଇଥାଏ ।

## ପୂଜାସ୍ଥଳୀ/ଦେବୀ ପୀଠ :

ଗ୍ରାମର ମଧ୍ୟଭାଗ କିମ୍ବା ଶେଷ ଭାଗରେ କୌଣସି ଗଛ ମୂଳରେ ପାହାଡ ଠାକୁରାଣୀ ଏବଂ ଶିକାର ଦେବଦେବୀଙ୍କ ପୂଜାସ୍ଥଳୀ ରହିଥାଏ । ପୂଜାସ୍ଥଳୀଟି ଛପର କରାଯାଇନଥାଏ । ଗଛମୂଳରେ ଦେବଦେବୀଙ୍କୁ ସ୍ଥାପନ କରାଯାଇଥାଏ । ଏଥି ସହିତ ଦେବଦେବୀଙ୍କ ଉଦ୍ଦେଶ୍ୟରେ ତାଙ୍କ ପ୍ରତିରୂପ ସ୍ୱରୂପ ମାଟି ନିର୍ମିତ ଘୋଡା ଏବଂ ପ୍ରାୟ ଗୋଲାକାର ହୋଇଥିବା ଏକ ଫୁଟ ଉଚ୍ଚ ଥିବା ପଥରକୁ ସିନ୍ଦୂର ମାରି ପୂଜାସ୍ଥଳୀରେ ପୋତାଯାଇଥାଏ । ଲୋଧାମାନେ ଶିକାରକୁ ଯିବା ସମୟରେ ଏବଂ ଶିକାରରୁ ଫେରି

ପୂଜାସ୍ଥଳୀରେ ସଂପୃକ୍ତ ଦେବଦେବୀଙ୍କୁ ପୂଜାପାଠ କରିଥାନ୍ତି । ମାଘ ମାସରେ ମାଘପୂଜା, ଡାକ ସଂକ୍ରାନ୍ତିରେ ଡାକପୂଜା ଏବଂ ଅନ୍ୟାନ୍ୟ ପର୍ବପର୍ବାଣିରେ ଜାହିରାଠାରେ ଗାଁ ଦେହୁରୀ ପୂଜାପାଠ କରିଥାନ୍ତି ।

## ନୃତ୍ୟପୀଠ :

କୌଣସି ପର୍ବପର୍ବାଣିରେ କିମ୍ବା ଅବସର ସମୟରେ ଲୋଧାମାନେ ଖୋଲାଯାଗାରେ ଗୀତନୃତ୍ୟ ପରିବେଷଣ କରିଥାନ୍ତି । କେବଳ ମହିଳାମାନେ ନୃତ୍ୟରେ ଓ ପୁରୁଷମାନେ ସଂଗୀତରେ ଓ ବାଦ୍ୟଯନ୍ତ୍ର ବଜାଇବାରେ ଅଂଶ ଗ୍ରହଣ କରିଥାନ୍ତି । କୌଣସି ପରିବାରରେ କରମପୂଜା ଅନୁଷ୍ଠିତ ହେଲେ ତିନି ଚାରିଦିନ ଧରି ଗୀତନାଚ ପରିବେଷଣ ହୋଇଥାଏ ।

## ଶ୍ମଶାନ:

ଲୋଧାମାନେ ତାଙ୍କ ଶବକୁ ପୋତି ଦେଇଥାନ୍ତି । କେହି କେହି ଶବକୁ ପୋଡିବା ମଧ୍ୟ ଦୃଷ୍ଟିଗୋଚର ହୋଇଥାଏ । ଏଥିପାଇଁ ସ୍ଥାନ ସାଧାରଣତଃ ନିକଟସ୍ଥ ଜଙ୍ଗଲ ମଧ୍ୟସ୍ଥ କୌଣସି ଏକ ସ୍ଥାନକୁ ନିରୂପଣ କରାଯାଇଥାଏ । ଶ୍ମଶାନ ଅଞ୍ଚଳକୁ ଲୋକମାନେ ଅନ୍ୟ ଦିନମାନଙ୍କରେ ଯାତାୟତ କରନ୍ତି ନାହିଁ ।

## ଗୋଚର ଭୂମି:

ଲୋଧାମାନଙ୍କ ଗ୍ରାମର ଚତୁପାର୍ଶ୍ୱରେ ଗୋଚର ଭୂମି ଓ ସରକାରଙ୍କ ରିଜର୍ଭ ଜଙ୍ଗଲ ଦେଖାଯାଏ । ଗୋଚର ଭୂମିରେ ଗୋରୁମାନଙ୍କୁ ଘାସ ଚରା ଯାଇଥାଏ । କେହି କେହି ଗୋଚର ଭୂମିରେ ଥିବା ଗଛପତ୍ରକୁ ସଫା କରି ବାସଗୃହ ତିଆରି କରିଥାନ୍ତି ।

## ତଳିଆ ଜମି:

ପାହାଡ ପର୍ବତ ପାଦଦେଶରେ ଥିବା ଜମିକୁ ସାଧାରଣତଃ ତଳିଆ ଜମି କୁହାଇଥାଏ । ଲୋଧାମାନେ ଏହାକୁ ଦହ୍ଲା ବୋଲି କହନ୍ତି । ଏହି ପ୍ରକାର ଜମିରେ ସବୁବେଳେ ଘାସ ଜନ୍ମିଥିବାରୁ ଜଙ୍ଗଲର ପଶୁ ଘାସ ଚରିବାକୁ ଆସିଥାନ୍ତି । ଏହି ପ୍ରକାର ଜମିରେ ମଧ ଧାନ ଚାଷ କରାଯାଇଥାଏ ।

## ଢିପ ଜମି:

ଢିପଜମି ଜଙ୍ଗଲକୁ ଲାଗି ଦେଖାଯାଇଥାଏ । ଏହି ପ୍ରକାର ଜମି ଜାରା ଚାଷ ପାଇଁ ବିଶେଷ ଉପଯୋଗୀ ହୋଇଥିବାରୁ ଲୋଧାମାନେ ଜାରା ମଂଜି ବହୁ ପରିମାଣରେ ଲଗାଇବା ଦେଖାଯାଇଥାଏ । ଲଘୁ ଧାନ ମଧ୍ୟ ଏହି ଜମିରେ ଚାଷ କରାଯାଇଥାଏ ।

## ପୋଡୁଚାଷ ଜମି :

ପୋଡୁ ଚାଷ ଜମି ସାଧାରଣତଃ ଢିପ ଓ ତଳିଆ ନହୋଇ ଅଳ୍ପ ଗଡାଣିଆ ହୋଇଥାଏ । ଏହା ଗ୍ରାମର ଚତୁପାର୍ଶ୍ୱରେ ବିଶେଷ ଭାବରେ ଦେଖାଯାଇଥାଏ । ମାଣ୍ଡିଆ ଓ ମକା ପାଇଁ ଏହି ପ୍ରକାର ଜମି ବିଶେଷ ଉପଯୋଗୀ ହୋଇଥିବାରୁ ଏଗୁଡ଼ିକ ଚାଷ କରାଯାଇଥାଏ । ଏଥି ସହିତ ଆଶୁଧାନ, ବାଜରା, ମୁଗ, ବିରି ମଧ୍ୟ ଚାଷ କରାଯାଇଥାଏ ।

## ଗ୍ରାମ ପାଚେରୀ:

ଗ୍ରାମର ଚତୁପାର୍ଶ୍ୱକୁ ଲୋଧାମାନେ ପଥର ଦ୍ୱାରା ନିଜ ଗ୍ରାମର ସୀମା ନିର୍ଦ୍ଧାରଣ କରିଥାନ୍ତି । ଅଳ୍ପ ଉଚ୍ଚାରେ ଏହି ପଥର ସବୁ ପୋତାଯାଇଥାଏ ଓ କଣ୍ଟା ଝଟା ଦ୍ୱାରା ବାଡ ଆକାରରେ ବେଢାଯାଇଥାଏ ।

## ପାରମ୍ପରିକ ସୁରକ୍ଷା ବ୍ୟବସ୍ଥା :

ଲୋଧାମାନେ ତାଙ୍କ ଗ୍ରାମର ସୁରକ୍ଷା ପାଇଁ ପାରମ୍ପରିକ ନୀତିକୁ ଗ୍ରହଣ କରିଥାନ୍ତି । ଏଥିପାଇଁ ସେମାନେ ସାଧାରଣତଃ ଗୁଣିଆଙ୍କୁ ଏହି ଦାୟିତ୍ୱ ଦେଇଥାନ୍ତି । ଗୁଣିଆ ବିନ୍ଧାଣୀ ଦ୍ୱାରା ତିଆରି ଲୁହା କଣ୍ଟା ସମେତ ସୋରିଷକୁ ମନ୍ତ୍ରତନ୍ତ୍ର କରି ଗ୍ରାମ ଚାରିପାଖ ସୀମାକୁ ଲୁହାକଣ୍ଟା ପୋତା ଥାଆନ୍ତି ଓ ସୋରିଷ ବୁଣି ଥାଆନ୍ତି । ଅନ୍ୟ ଗ୍ରାମର ଅପଦେବତା ହଠାତ ଗ୍ରାମରେ ପ୍ରବେଶ କରିପାରନ୍ତି ନାହିଁ । ଗୁଣିଆ ବ୍ୟତୀତ ଗ୍ରାମର ଦେହୁରୀ ଦେବଦେବୀଙ୍କୁ ପୂଜାପାଠ କରି ଗ୍ରାମର ସୁରକ୍ଷା ଦାୟିତ୍ୱ ହାତକୁ ନେଇଥାନ୍ତି ।

## ବସତି ରକ୍ଷକ:

ବସତିର ରକ୍ଷଣାବେକ୍ଷଣ ସାଧାରଣତଃ ଗ୍ରାମର ଦେହୁରୀଙ୍କ ଉପରେ ନ୍ୟସ୍ତ । ଦେହୁରୀ ବସତି ସୁରକ୍ଷା ଦାୟିତ୍ୱ ନେଇ ସୀମାନ୍ତରେ ଦେବଦେବୀଙ୍କୁ ପୂଜା ପାଠ କରିଥାନ୍ତି । ଦେହୁରୀଙ୍କୁ ଗ୍ରାମବାସୀ ଅକୁଣ୍ଠ ସମର୍ଥନ କରିଥାନ୍ତି । ପଡୋଶୀ ଗ୍ରାମରୁ କୌଣସି ବିପଦ ଆସିବା ସୂଚନା ମିଳିଲେ ଦେହୁରୀଙ୍କ ନିର୍ଦ୍ଦେଶରେ ଗ୍ରାମର ଯୁବକମାନେ ମୁକାବିଲା ପାଇଁ ପ୍ରସ୍ତୁତ ହୋଇଯାଆନ୍ତି । ପଡୋଶୀ ଗ୍ରାମରେ ସଂକ୍ରାମକ ରୋଗ ବ୍ୟାପିଲେ ନିଜ ଗ୍ରାମକୁ ତାହା କବଳରୁ ରକ୍ଷା କରିବା ପାଇଁ ପୂଜାପାଠ ସହିତ ଯଥା ସମ୍ଭବ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିଥାନ୍ତି । ଗ୍ରାମର ସୁରକ୍ଷା ବ୍ୟବସ୍ଥାରେ ପ୍ରତ୍ୟେକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି । ଲୋଧା ଜନଜାତିର ସମସ୍ତ ବ୍ୟକ୍ତି ସାମୂହିକ ଭାବରେ ଗ୍ରାମ ସୁରକ୍ଷାରେ ଅଂଶ ଗ୍ରହଣ କରିଥାନ୍ତି ।

# ବାସଗୃହ

ମନୁଷ୍ୟ ବଞ୍ଚି ରହିବା ପାଇଁ ଅପରିହାର୍ଯ୍ୟ ତିନିଗୋଟି ଉପାଦାନ ମଧ୍ୟରୁ ବାସଗୃହ ଅନ୍ୟତମ । ଏହି ବାସଗୃହରେ ମଣିଷ ତାର ସାରା ଜୀବନ ବିତାଇଥାଏ । ଗ୍ରୀଷ୍ମ, ବର୍ଷା, ଶୀତ ଓ ହିଂସ୍ରଜନ୍ତୁ କବଳରୁ ରକ୍ଷା ପାଇବା ପାଇଁ ବାସଗୃହ ଏକାନ୍ତ ଅପରିହାର୍ଯ୍ୟ । ଲୋଧାମାନେ ପ୍ରଥମେ ଯାଯାବର ଜୀବନଯାପନ କରୁଥିଲେ କାଳକ୍ରମେ ଏହାକୁ ତ୍ୟାଗକରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବାସଗୃହ ନିର୍ମାଣ କରିବା ବ୍ୟବସ୍ଥାକୁ ଗ୍ରହଣ କରିଥିବା ଜଣାଯାଏ । ଏଥିପାଇଁ ସେମାନେ ପାହାଡ ପାଖ କୌଣସି ଗ୍ରାମର ସୀମାନ୍ତ ଅଞ୍ଚଳକୁ ଉପଯୁକ୍ତ ସ୍ଥାନ ବୋଲି ଗ୍ରହଣ କଲେ ।

## ପାରମ୍ପରିକ ଗୃହର ଦୃଶ୍ୟ:

ଲୋଧାମାନଙ୍କ ପାରମ୍ପରିକ ଗୃହ ଗୁଡିକ ଦୂରରୁ ଚତୁର୍ଭୁଜ ଆକାର ଦେଖାଯାଏ । ଗ୍ରାମର ଚତୁପାର୍ଶ୍ୱରେ ବିଭିନ୍ନ ବୃକ୍ଷ ରାଜିର ସମାହାର ପରିଲକ୍ଷିତ ହୋଇଥାଏ । ଅଳ୍ପ ଦୂରରେ ସବୁଜ ବନାନୀର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥାଏ । ନଡା ଦ୍ୱାରା ଛପର ହୋଇଥିବା ପ୍ରତ୍ୟେକ ଘର ଦୂରରୁ ଦେଖାଯାଇଥାଏ ।

ରାସ୍ତାର ଉଭୟ ପାର୍ଶ୍ୱରେ ଗୃହଗୁଡିକ ସମାନ୍ତରାଳ ଭାବରେ ଦଣ୍ଡାୟମାନ ହୋଇଥିବା ଜଣାପଡିଥାଏ । ମାଟିରେ ସାଧାରଣତଃ ଘର କାନ୍ଥଗୁଡିକ ତିଆରି ହୋଇଥାଏ । କେହି କେହି ଲୋକ ପତ୍ରକୁଡିଆ ଘରକରି ବସବାସ କରିଥିବା ଜଣାଯାଏ ।

## ବାସଗୃହର ଗଠନ:

ପଡୋଶୀ ସମାଜର ଘର ଗଠନଠାରୁ ଲୋଧାମାନଙ୍କ ଘରର ଗଠନ ସମ୍ପୂର୍ଣ୍ଣ ଅଲଗା । ସେମାନେ ପ୍ରାୟତଃ ଗରିବ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇଥିବାରୁ ମାଟି କାନ୍ଥ ଓ ନଡା ଛପର ଘର ତିଆରି କରିବା ବେଶୀ ଦେଖାଯାଇଥାଏ । ଘରଗୁଡିକ ବିନା ମାପରେ ତିଆରି କରିଥାନ୍ତି । ପ୍ରତ୍ୟେକ ଘରରେ କବାଟ ବ୍ୟତୀତ ଝରକା ନଥାଏ । ଘରର ଉଚ୍ଚତା ପାଞ୍ଚଫୁଟ ମଧ୍ୟରେ ହୋଇଥାଏ । ଘରର କବାଟ ବାଉଁଶ ପାଟିଆ ଓ ଶିଆଳୀ ପତ୍ରରେ ତିଆରି ହୋଇଥାଏ । ଘରର ଦେବତା ଘରୁ ବାହାରକୁ ବାହାରିବା ପାଇଁ ଓ ଘରର ନିଶ୍ୱାସ ପ୍ରଶ୍ୱାସ ବାୟୁ ବାହାରକୁ ବାହାରିବା ପାଇଁ କାନ୍ଥରେ ଗୋଲାକାର କ୍ଷୁଦ୍ର ରନ୍ଧ୍ର କରାଯାଇଥାଏ । ସେହି ରନ୍ଧ୍ର ଦେଇ ଗୃହର ଦେବଦେବୀ ଘୋଡା ଓ ହାତୀରେ ଚଢି ଯାତାୟାତର ସୁବିଧା ହୁଏ ବୋଲି ସେମାନେ ବିଶ୍ୱାସ କରିଥାନ୍ତି । ଏକ ପରିବାରର ଘର

କୌଣସି କାରଣରୁ ନଷ୍ଟ ହୋଇଗଲେ ଅନ୍ୟ ସ୍ଥାନରେ ଘର ତିଆରି କରି ରହିଥାନ୍ତି । ଘରର କୋଠରୀ ସଂଖ୍ୟା ପ୍ରାୟ ଗୋଟିଏ ହୋଇଥାଏ । କୋଠରୀଟିର ଓସାର ଚାରିଫୁଟରୁ ପାଞ୍ଚଫୁଟ ଓ ଲମ୍ବ ମଧ୍ୟ ଏହି ମାପରେ ହୋଇଥାଏ । ଘରର କବାଟଟିର ଲମ୍ବ ଚାରିଫୁଟ ଓ ଓସାର ଦୁଇ ଫୁଟ ଆକାର ବିଶିଷ୍ଟ ହୋଇଥାଏ । ଘରଟିରେ ଗୋଟିଏ ମାତ୍ର କବାଟ ଥାଏ । କେତେକ ପରିବାରର ଲୋକମାନେ ମଧ୍ୟ କବାଟ ବ୍ୟବହାର କରିନଥାନ୍ତି ।

## ବାସଗୃହର ନିର୍ମାଣ:

ଲୋଧା ସମ୍ପ୍ରଦାୟର ଲୋକେ ସେମାନଙ୍କର ଘରତିଆରି ପାଇଁ ସ୍ଥାନ ନିରୂପଣ କରିବା ପରେ ସିଧାସଳଖ ଭାବରେ ବିନା ମାପରେ ଗୃହ ନିର୍ମାଣ କରିଥାନ୍ତି । ଘରଗୁଡିକ ଅଳ୍ପ ଛାଡି ଛାଡି ତିଆରି କରିଥାନ୍ତି ।

## ଭିତ୍ତିଭୂମି ସ୍ଥାପନ ସଂପୃକ୍ତ ପୂଜାପାଠ:

ଲୋଧା ସମାଜରେ ଗୃହ ନିର୍ମାଣ ପାଇଁ ଓ ଏହାର ଭିତ୍ତିଭୂମି ସ୍ଥାପନ ପାଇଁ ଗୃହକର୍ତ୍ତା ସ୍ଥାନ ନିରୂପଣ କରିବା ପରେ ଗ୍ରାମର ଗୁଣିଆ ସିନ୍ଦୁର ଓ ଅରୁଆ ଚାଉଳ ଲଗାଇ ପୂଜାପାଠ କରିଥାନ୍ତି । ଗୁଣିଆଙ୍କ ଦ୍ୱାରା ପୂଜାପାଠ କରାଇବା ଦ୍ୱାରା ଭବିଷ୍ୟତରେ ଜଙ୍ଗଲର ହାତୀ ଆସି ଘରବାଡିକୁ ନଷ୍ଟ କରିପାରେ ନାହିଁ ବୋଲି ସେମାନଙ୍କ ବିଶ୍ୱାସ ।

## ଆବଶ୍ୟକ ଉପକରଣ:

ଘର ତିଆରି ପାଇଁ ବାଉଁଶ, ପାଞ୍ଚ-ସାତଟି କାଠଖୁଣ୍ଟ, କିଛି ରୁଅ, ବଟା, କିଛି ଶୁଖିଲା ଝାଟିମାଟି ଇତ୍ୟାଦି କଞ୍ଚାମାଲ ଆବଶ୍ୟକ ହୋଇଥାଏ । ଏହାବ୍ୟତୀତ ଘର ଛାଉଣୀ ପାଇଁ ନଡା ଓ ଶିଆଳୀ ପତ୍ର ଆବଶ୍ୟକ ହୋଇଥାଏ ।

## ନିର୍ମାଣ ପଦ୍ଧତି:

ଘର ନିର୍ମାଣ ପାଇଁ ଗୁଣିଆଙ୍କ ଦ୍ୱାରା ପୂଜାପାଠ କରାଯିବା ପରେ ସ୍ଥାନଟିକୁ ସଫାସୁତୁରା କରାଯାଇ ନିର୍ଦ୍ଦିଷ୍ଟ ଜାଗାରେ ଗାତ ଖୋଳାଯାଇ ଖୁଣ୍ଟ ପୋତାଯାଇଥାଏ । ଖୁଣ୍ଟକୁ ସଂଯୋଗ କରି ରୁଅ ଓ ବଟା ଯୋଡା ଯାଇଥାଏ । ମାଟିକୁ ମାଡି ଚକଟି କାଦୁଅ କରି କାନ୍ଥ କରାଯାଏ । କେତେକ ଘରର କାନ୍ଥ ପ୍ରଥମେ ଝଟାରେ ଆବଦ୍ଧ କରି ତହିଁ ଉପରେ କାଦୁଅର ଲେପନ ଦିଆଯାଇଥାଏ । ଘରର ଛପର ଓ କାନ୍ଥ ଦିଆଯିବା ପାଇଁ ଏହି କାର୍ଯ୍ୟରେ ଦକ୍ଷତା ଥିବା ଲୋକଙ୍କୁ ଡାକି କାର୍ଯ୍ୟରେ ଲଗାଯାଇଥାଏ ।

ଘର ନିର୍ମାଣ ସମ୍ବନ୍ଧରେ ଅଭିଜ୍ଞତା ଥିବା ମିସ୍ତ୍ରୀ ଦ୍ୱାରା ଘରର କାନ୍ଥ ଦିଆଯାଇଥାଏ । ମାଟିକୁ ହାଣିବା ପାଇଁ ଜଣେ ଲୋକ, କାଦୁଅ କରିବା ପାଇଁ ଦୁଇଜଣ ଲୋକ ଦରକାର ହୋଇଥାନ୍ତି । ଜଣେ ମାଟି ହାଣିବା ବେଳକୁ ଅନ୍ୟ ଦୁଇଜଣ କାଦୁଅ କରି କାନ୍ଥ ଦେବା,

ଛପର କରିବା, ଖୁଣ୍ଟ ପୋତିବା, ରୁଅ ଓ ବତାକୁ ସଂଯୋଗ କରିବା ଇତ୍ୟାଦି କାର୍ଯ୍ୟରେ ଲିପ୍ତ ଥିବା ବେଳେ ସ୍ତ୍ରୀଲୋକମାନେ ମାଟି କାଦୁଅରେ ଗୋବର ମିଶାଇ ତାକୁ ଚକଟି ଲିପାପୋଚ୍ଛା କରିବା ଓ ଘରର କାନ୍ଥକୁ ସଜାଇବା କାର୍ଯ୍ୟରେ ଶ୍ରମ ନିୟୋଜନ କରିଥାନ୍ତି ।

## ଘର ନିର୍ମାଣରେ ଧର୍ମୀୟ ବିଶେଷଜ୍ଞଙ୍କ ଭୂମିକା :

ଲୋଧା ଲୋକମାନେ ବିଭିନ୍ନ ଆକୃତିର ଘର ନିର୍ମାଣ କରିଥାନ୍ତି । ଘର ନିର୍ମାଣ ସମ୍ବନ୍ଧରେ କୌଣସି ଧର୍ମୀୟ ବିଶେଷଜ୍ଞଙ୍କ ପରାମର୍ଶ ନନେଇ ପ୍ରତ୍ୟେକ ନିଜ ନିଜ ଇଚ୍ଛାନୁଯାୟୀ ଘର ନିର୍ମାଣ କରିଥାନ୍ତି । କେବଳ ଗ୍ରାମର ଗୁଣିଆ କିମ୍ବା ଦେହୁରୀଙ୍କୁ ଘର ନିର୍ମାଣ ପୂର୍ବରୁ ପୂଜାପାଠ ପାଇଁ ଡାକିଥାନ୍ତି ଓ ଏହାପରେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥାଏ ।

## ସଂଯୁକ୍ତ ସାଜିକାନ୍ଥ ନିର୍ମାଣ ପଡ଼ୋଶୀଙ୍କ ଭୂମିକା:

ଘର ନିର୍ମାଣ ସମୟରେ ସାଜିକାନ୍ଥ ବା ସୀମାକାନ୍ଥ ଦୁଇ ପଡୋଶୀଙ୍କ ଘରକୁ ଘର ଲାଗି ରହିଥିବା ଦେଖାଯାଇଥାଏ । ସଂଯୁକ୍ତ ସାଜିକାନ୍ଥ ନିର୍ମାଣ ସମ୍ବନ୍ଧରେ ପଡୋଶୀଙ୍କ ସହିତ ଆଲୋଚନା କରାଯାଇଥାଏ । ପରସ୍ପର ମିଳିମିଶି ଉଭୟଙ୍କ ସୀମାରେ ଏବଂ ମଝିରେ ସାଜିକାନ୍ଥ କରାଯାଇଥାଏ । ଯଦି ସାଜିକାନ୍ଥ ପାଇଁ ଉଭୟ ପରିବାରର କର୍ତ୍ତାଙ୍କ ମଧ୍ୟରେ କିଛି ମତାନ୍ତର ଘଟେ, ତେବେ ଅନ୍ୟ ପଡୋଶୀଙ୍କ ସାହାଯ୍ୟ ନିଆଯାଇ ସମାଧାନ କରାଯାଇଥାଏ ।

## ଛପର କାମ:

ନୂତନ ଗୃହ ନିର୍ମାଣ କରିବା କିମ୍ବା ପୁରାତନ ଘରର ଛପର ଜାଣିଥିବା ଲୋକଙ୍କୁ କାର୍ଯ୍ୟରେ ନିୟୋଜନ କରାଯାଏ । ତାଙ୍କୁ ମଜୁରି ଦେଇ କାର୍ଯ୍ୟରେ ଲଗାଯାଇଥାଏ । ପ୍ରଥମେ ଖୁଣ୍ଟ ରୁଅ, ବତା ଲଗାଇବା ପରେ ଶୃଙ୍ଖଳା ଝଟା ବାନ୍ଧି କୁଟା ବା ନଡାରେ ଛପର କରାଯାଇଥାଏ । କେତେକ ଘର ନିର୍ମାଣରେ ନଡା ବ୍ୟତୀତ ଶିଆଳୀ ପତ୍ର ଆବଶ୍ୟକ ହୋଇଥାଏ । ସାଧାରଣତଃ ପ୍ରତ୍ୟେକ ବର୍ଷରେ ଥରେ ଛପର କରାଯାଇଥାଏ । ବର୍ଷାଦିନ ପୂର୍ବରୁ ଛପର କାର୍ଯ୍ୟ ସରିଥାଏ ।

## ଚିତ୍ର କରିବା:

ଘର ଗୁଡିକର କାନ୍ଥଗୁଡିକ ମାଟିରେ ତିଆରି ହୋଇଥାଏ କିମ୍ବା ଝାଟିମାଟିରେ ତିଆରି ହୋଇ ତହିଁ ଉପରେ ମାଟିର ପ୍ରଲେପ ଦିଆଯାଇଥାଏ । ମହିଳାମାନେ କାନ୍ଥକୁ ଲିପାପୋଚ୍ଛା କରି ମସୃଣ କରିଥାନ୍ତି । ଅନ୍ୟ କୌଣସି ଲାଲ ରଙ୍ଗ ମାଟିରେ କିମ୍ବା ନଡା

ପୋଡା କଳା ପାଉଁଶରେ ଲିପାପୋଚ୍ଛା ନକରି କେବଳ ଧଳା ରଙ୍ଗ ମାଟିରେ କାନ୍ଥକୁ ଲିପାପୋଚ୍ଛା କରାଯାଇଥାଏ । କାନ୍ଥରେ କୌଣସି ଚିତ୍ର ବିଚିତ୍ର କରିବା ଦେଖାଯାଇ ନଥାଏ ।

**ଗୁହାଳ:**

ସେମାନଙ୍କ ପାଇଁ ଗୁହାଳର ଆବଶ୍ୟକତା ନଥାଏ । ସେମାନେ ଗୃହପାଳିତ ପଶୁ ସାଧାରଣତଃ ପୋଷି ନଥାନ୍ତି । ତେବେ ବର୍ତ୍ତମାନ କେହି କେହି ଗୃହପାଳିତ ପଶୁମାନଙ୍କୁ ପୋଷୁଥିବା ପରିଲକ୍ଷିତ ହେଲାଣି । ଏହି ପଶୁମାନଙ୍କୁ ପୋଷୁଥିବା ଲୋକମାନେ ଏମାନଙ୍କ ପାଇଁ ଗୋଟିଏ ଗୁହାଳ ନିଜ ଘର ବାଡିରେ ଓ ଗୃହ ପାଖରେ ତିଆରି କରିଥାନ୍ତି ।

**ଘୁଷୁରୀ ଗୁହାଳ:**

ସେମାନେ ଘୁଷୁରୀ ପାଳନ କରନ୍ତି ନାହିଁ କିମ୍ବା ଘୁଷୁରୀ ମାଂସକୁ ଭକ୍ଷଣ କରନ୍ତି ନାହିଁ । ଘୁଷୁରୀ ମାଂସ ଆହାର କରିବାକୁ ଏମାନେ ସାଧାରଣତଃ ଘୃଣା କରିଥାନ୍ତି । ଅତଏବ ଏମାନେ ଘୁଷୁରୀ ପାଳନ କରନ୍ତି ନାହିଁ କିମ୍ବା ଏମାନଙ୍କ ପାଇଁ ଗୁହାଳ କରିବାର ଆବଶ୍ୟକତା ଉପଲବ୍ଧି କରନ୍ତି ନାହିଁ ।

**କୁକୁଡା ଘର/ଭାଡି :**

ଲୋଧାମାନେ ପର୍ବପର୍ବାଣିରେ ବିଭିନ୍ନ ପୂଜା ସମୟରେ ଦେବଦେବୀଙ୍କ ଉଦ୍ଦେଶ୍ୟରେ ବଳି ଦେଇଥାନ୍ତି । ପ୍ରତ୍ୟେକ କ୍ଷେତ୍ରରେ କୁକୁଡା ଆବଶ୍ୟକ ହେଉଥିବାରୁ କୁକୁଡା ପୋଷିଥାନ୍ତି ଏବଂ କୁକୁଡା ରହିବା ପାଇଁ ସେମାନଙ୍କ ପାଇଁ ସେମାନେ ସ୍ୱତନ୍ତ୍ର ଗୋଟିଏ ଘର ତିଆରି କରିନଥାନ୍ତି । ଘରର ଗୋଟିଏ କୋଣରେ ଭାଡି କରି ରଖିଥାନ୍ତି ।

## ଗୃହ ବିଭାଜନ ଓ ବ୍ୟବହାର:

ସାଧାରଣତଃ ଲୋଧାମାନେ କିଛି ଅନ୍ତରରେ ଗୋଟିଏ ଲେଖାଏଁ ଘର ତିଆରି କରି ରହିଥାନ୍ତି । ଘର ମଝିରେ ଗୋଟିଏ ପୋତା ଯାଇଥିବା ଖୁଣ୍ଟରୁ ଘରକୁ ଦୁଇ ଭାଗ କରାଯାଇଥାଏ । ଗୋଟିଏ ଭାଗକୁ ରୋଷେଇ ଘର ଅନ୍ୟ ଭାଗକୁ ଶୋଇବା ଘର ହିସାବରେ ବ୍ୟବହାର କରାଯାଏ । ଶୋଇବା ଘର କୋଣରେ କୁକୁଡା ଭାଡି କରାଯାଇଥାଏ ।

**ରୋଷେଇଶାଳ:**

ସାଧାରଣତଃ ରୋଷେଇ ଘର ମାଟିରେ ତିଆରି ହୋଇଥାଏ । ଚୁଲିର ମୁହଁ ପଶ୍ଚିମ ଦିଗକୁ ନକରି ପୂର୍ବ ଦିଗକୁ କରାଯାଇଥାଏ । ଚୁଲି ପାଖକୁ ଭାତହାଣ୍ଡି, ମାଟି କଳସୀ, ମାଟି ଆଟିକା, ସିଲଭର ଥାଳି, ତାଟିଆ, ଟୁକୁଣା, ବେଲା ଏବଂ ସାଳ ପତ୍ର

ଇତ୍ୟାଦି ରଖାଯାଇଥାଏ । ଗୋଟିଏ ଚୁଲିରେ ହାଣ୍ଡିଆ ପାଇଁ ଭାତରନ୍ଧା ଯାଇଥାଏ ଓ ମାଛ, ମାଂସ ଏବଂ ବିଭିନ୍ନ ପନିପରିବା କଟାଯାଏ । କାଠକୁ କାଠ ଘସି ନିଆଁ ବାହାର କରି ଚୁଲି ଜଳାନ୍ତି । ଅଗ୍ନି ଉତ୍ପାଦନ କାଠ ଚୁଲିପାଖରେ ସର୍ବଦା ଯତ୍ନରେ ରଖିଥାନ୍ତି । କୌଣସି ମହିଳାଙ୍କ ମାସିକ ଋତୁ ସମୟରେ ରୋଷେଇ କରିବାକୁ ନିଷେଧ । ମହିଳା ମାନେ ଅଗାଧୁଆରେ ରୋଷେଇ କାର୍ଯ୍ୟ କରିଥାନ୍ତି । ସ୍ତ୍ରୀର କୌଣସି ଅସୁବିଧା କିମ୍ବା ଜ୍ୱର ହେଲେ ପୁରୁଷମାନେ ରୋଷେଇ କାର୍ଯ୍ୟ କରିଥାନ୍ତି ।

**ଶୟନ କକ୍ଷ:**

ଲୋଧାମାନଙ୍କ ରୋଷେଇ ଘର ପାଖରେ ଅଳ୍ପ ଛାଡି ଶୋଇବା ପାଇଁ ବ୍ୟବସ୍ଥା ହୋଇଥାଏ । ସ୍ୱତନ୍ତ୍ର ଭାବରେ ଶୋଇବା ଘର ନିର୍ମାଣ କରାଯାଇନଥାଏ । ଗୋଟିଏ ଘରଭିତରେ ଶୋଇବା, ରୋଷେଇ କରିବା ଖାଇବା ଇତ୍ୟାଦି କରିଥାନ୍ତି । ସେମାନେ ଶୋଇବା ପାଇଁ ମଶିଣା ବା ସପ ବ୍ୟବହାର ନକରି ଖଜୁରି ପତ୍ରର ପଟିଆ ବ୍ୟବହାର କରନ୍ତି । ପୋଷାକ କାନ୍ଥରେ ଦେଇଥିବା କାଠ କିଳାରେ ଟାଙ୍ଗିଥାନ୍ତି । ଶିଶୁ ଜନ୍ମ ହେଲେ ଶୋଇବା ଘରେ ପଟିଆରେ ଶୁଆଇଥାନ୍ତି । କୌଣସି ଅତିଥି ଆସିଲେ ମଧ୍ୟ ସେହି ଘରେ ଶୋଇଥାନ୍ତି ଏବଂ ପୋଷାକ ମଧ୍ୟ ସେହି ଘରେ ରଖିଥାନ୍ତି ।

**ଭଣ୍ଡାର ଘର:**

ଜଙ୍ଗଲରୁ ମିଳୁଥିବା ତୁଙ୍ଗା ଏବଂ ପିତା ଆଳୁ ସେମାନଙ୍କ ପ୍ରଧାନ ଖାଦ୍ୟ ହିସାବରେ ସଂଗ୍ରହ କରି ଭଣ୍ଡାର ଘରେ ମହଜୁଦ କରି ରଖିଥାନ୍ତି । ତଦ୍ ସଙ୍ଗେ ବାଡି ବଗିଚାରେ କରିଥିବା ମକା, ଭେଣ୍ଡି,ଜହ୍ନି ଏବଂ ପନିପରିବା ଇତ୍ୟାଦି ଭଣ୍ଡାର ଘରେ ରଖିଥାନ୍ତି । ଦୈନନ୍ଦିନ ଜୀବନରେ ବ୍ୟବହୃତ ସାବୁନ, ଟାଙ୍ଗିଆ, କଟୁରି, କୁରାଢି ଏବଂ ଧନୁଶର, ଅସ୍ତ୍ରଶସ୍ତ୍ର ଏହିଘରେ ରଖାଯାଏ । ଶୋଇବା ଘରର ଏକ କୋଣରେ ଭଣ୍ଡାର ଘର ଥାଏ ।

**ଅତିଥି କକ୍ଷ:**

ଅତିଥି ଓ ବନ୍ଧୁବାନ୍ଧବ ମାନଙ୍କ ପାଇଁ ସ୍ୱତନ୍ତ୍ର ଅତିଥି କକ୍ଷ ନିର୍ମାଣ କରିଥାନ୍ତି । ଶୟନ ନିମନ୍ତେ ଖଟ ନଥିବା ବେଳେ ଖଜୁରୀ ପଟିଆରେ ପରିବାର ସହିତ ସମସ୍ତେ ଗୋଟିଏ ଘର ଭିତରେ ଶୋଇଥାନ୍ତି । ପଟିଆ ଅଭାବରେ ଲୁଗା ବିଛାଇ ଦେଇଥାନ୍ତି ।

**ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ ପ୍ରକୋଷ୍ଠ:**

ସାଧାରଣତଃ ଲୋଧାମାନେ ଗୋଟିଏ କୋଠରୀ ଥିବା ଘର ତିଆରି କରିଥାନ୍ତି । ସେହି ଘର ଭିତରେ ବିଭିନ୍ନ କାର୍ଯ୍ୟ- ରୋଷେଇ କରିବା, ଖାଇବା, ପନିପରିବା ରକ୍ଷଣବେକ୍ଷଣ କରିବା ଇତ୍ୟାଦି କାର୍ଯ୍ୟ ସମ୍ପାଦନ କରାଯାଏ । କିନ୍ତୁ ସ୍ୱତନ୍ତ୍ର ଉଦ୍ଦେଶ୍ୟ

ପାଇଁ ପ୍ରକୋଷ୍ଠ ନିର୍ମାଣ କରାଯାଇ ଥାଏ। ନୂତନ ବିବାହିତ ପୁତ୍ର କନ୍ୟା ମଧ୍ୟ ସେହି ଘରେ ଶୋଇଥାନ୍ତି । ଏହି ଘରେ ଗୋଟିଏ କୋଣରେ ସୁବିଧା ଅନୁଯାୟୀ ଇଷ୍ଟ ଦେବଦେବୀଙ୍କ ପୀଠସ୍ଥଳୀ ସ୍ଥାପନ କରାଯାଇଥାଏ ଏବଂ ଏହି ସ୍ଥାନରେ ପର୍ବପର୍ବାଣିରେ ପୂଜାପାଠ କରାଯାଏ ।

**ବାରଣ୍ଡା:**

ଘର ବାହାର ପାଖରେ କାନ୍ଥକୁ ଲାଗି ଦୁଇରୁ ତିନିହାତ ଓସାରରେ ବାରଣ୍ଡା କରିଥାନ୍ତି । ପରିବାରର ଅତିଥି ଓ ବନ୍ଧୁବାନ୍ଧବ ମାନେ ବାରଣ୍ଡାରେ ବସିବା ପାଇଁ ବ୍ୟବସ୍ଥା କରିଥାନ୍ତି । ସେଠାରେ ବସାଉଠା, ଶୋଇବା ଓ ମାଛମାଂସ କଟାକଟି କରିଥାନ୍ତି । ରାତିରେ ଖଜୁରୀ ପଟିଆ ପିଣ୍ଡାରେ ପକାଇ ବାରଣ୍ଡାରେ ମଧ ଶୋଇଥାନ୍ତି ।

**ଗୃହର ପବିତ୍ରତା ଓ ଅପବିତ୍ରତା:**

- ଲୋଧାସମାଜର କୌଣସି ପରିବାରରେ ଘର ଛାଳରେ ବିରୁଡି କିମ୍ବା ଘରଚଟିଆ ବସା ବାନ୍ଧିରହିଲେ ଘରର ସମୃଦ୍ଧି ଲକ୍ଷଣ ଜଣାଯାଏ । ଦୁଆରରେ କବାଟ କୋଣରେ ବା' ଘର କାନ୍ଥ କୋଣରେ ମହୁବସା କରି ରହିଲେ ସେହି ଘର ଉନ୍ନତି ହେବାରେ ପରିଲକ୍ଷିତ ହୋଇଥାଏ ।
- ଲୋଧାମାନେ ଘର ତିଆରି କରି ସାରିବା ପରେ ପ୍ରସ୍ତୁତ ହୋଇଥିବା ହାଣ୍ଡିଆ ଓ ରସି ଗୃହ ପ୍ରତଷ୍ଠା ଉଦ୍ଦେଶ୍ୟରେ ଗୃହ ଇଷ୍ଟ ଦେବଦେବୀଙ୍କୁ ଗୃହକର୍ତ୍ତା ପୂଜା କରିଥାନ୍ତି । ପ୍ରତିଷ୍ଠା ସମୟରେ ଗ୍ରାମର ଲୋକମାନଙ୍କୁ ହାଣ୍ଡିଆ ପାନ କରିବାକୁ ପ୍ରଦାନ କରାଯାଏ । ପ୍ରତିଷ୍ଠା ହେବା ଦିନଠାରୁ ରୋଷେଇ ଆରମ୍ଭ କରିବା ଏବଂ ବସବାସ କରିବା ଆରମ୍ଭ କରିଥାନ୍ତି । ଏହା ଦ୍ୱାରା ଭବିଷ୍ୟତରେ ଗୃହ ପ୍ରତି କିମ୍ବା ପରିବାର ପ୍ରତି କୌଣସି ବିପଦ ଘଟିବ ନାହିଁ ବୋଲି ଧାରଣା ।

**ଅପବିତ୍ରତାର ଲକ୍ଷଣ:**

ଲୋଧା ପରିବାରର କୌଣସି ବ୍ୟକ୍ତିର ମୃତ୍ୟୁ ଘଟିଲେ ଘର ଅପବିତ୍ର ହୋଇଥାଏ ବୋଲି ବିଶ୍ୱାସ କରିଥାନ୍ତି । ପୁଣି କୌଣସି ପରିବାରର ବାସଗୃହ ଉପରେ ଶାଗୁଣା ଯଦି ବସେ ତେବେ ଘର ସମ୍ପୂର୍ଣ୍ଣ କଳୁଷିତ ହୋଇଯାଏ । କୌଣସି ବ୍ୟକ୍ତିର କ୍ଷତ ସ୍ଥାନରେ ମାଛି ବସି ମଳତ୍ୟାଗ କରି ପୋକ ଜନ୍ମ ହେଲେ ଗୃହ ଅପବିତ୍ର ହୁଏ ।

**ପବିତ୍ରକରଣ:**

ମୃତ ବ୍ୟକ୍ତିଙ୍କ ଦଶମ କିମ୍ବା ଏକାଦଶ ଦିନରେ ଶୁଦ୍ଧକ୍ରିୟା ପାଳିତ ହୁଏ । ଶୁଦ୍ଧକ୍ରିୟାରେ ସ୍ୱତନ୍ତ୍ର ପୁରୋହିତ ଆସି ପୂଜାପାଠ କରି ଗୃହ ପବିତ୍ର କରିଥାନ୍ତି । ଏଥି

ସହିତ ବାରିକ ଏବଂ ଧୋବା ଶୁଦ୍ଧକ୍ରିୟାକୁ ଆସି ଗୃହ ପବିତ୍ର କାର୍ଯ୍ୟରେ ବିଶେଷ ସହାୟକ ହୋଇଥାନ୍ତି ।

**ଗୃହ ଧ୍ୱଂସର ଲକ୍ଷଣ:**

ଘର ଚାରିପାଖରେ ବା ଚାଳ ଉପରେ ବିରାଡି ରାତିରେ ବୋବାଇଲେ ଗୃହ ପିତା ହୋଇ ଗୃହ ଧ୍ୱଂସର କାରଣ ହୋଇଥାଏ । କୁକୁଡା ଧାଡି ଯଦି ମୁଣ୍ଡର ଚୁଳ ବଢି କୁକୁଡା ସଣ୍ଢା ଭଳିଆ ଡାକେ କିମ୍ବା ନରମ ଅଣ୍ଡା ଦିଏ ତେବେ ଗୃହ ଧ୍ୱଂସ ହେବାର ଲକ୍ଷଣ ଦେଖାଯାଏ ।

## ସ୍ୱତନ୍ତ୍ର ଗୃହ ନିର୍ମାଣ ସମ୍ବନ୍ଧୀୟ ନୀତିନିୟମ:

**ଯୁବ ଶୟନାଗାର:** ଲୋଧା ସମାଜରେ ବାସଗୃହ ବ୍ୟତୀତ ଅନ୍ୟାନ୍ୟ କୌଣସି ଗୃହ ତିଆରି କରିବା ଦେଖାଯାଇ ନଥାଏ । ଗୋଟିଏ ଘରେ ସେମାନେ ରୋଷେଇ କରିବା, ଖାଇବା, ଶୋଇବା ଇତ୍ୟାଦି ଦେଖାଯାଏ ।

**ଗ୍ରାମ ସ୍ତରୀୟ ଧର୍ମୀୟ ଗୃହ:** ଲୋଧାମାନଙ୍କ ଗ୍ରାମରେ ଧର୍ମୀୟ ଗୃହ ନିର୍ମାଣ ପ୍ରାୟ କରିନଥାନ୍ତି । ଧର୍ମୀୟ ପୁରୁଷଙ୍କ ଘରର କୌଣସି ଖୋଲା ଯାଗାରେ ବାଉଁଶ ବତା ଦ୍ୱାରା ଆବଦ୍ଧ କରି ଧର୍ମ ସମ୍ବନ୍ଧୀୟ ଶିକ୍ଷା ଶିଷ୍ୟମାନେ ଗ୍ରହଣ କରିଥାନ୍ତି ।

**ଦେବୀପୀଠ:** ଗ୍ରାମର ଶେଷ ମୁଣ୍ଡରେ ଶାଳଗଛ ଥିବା ସ୍ଥାନରେ ଦେବୀପୀଠ ସ୍ଥାପନ କରାଯାଇଥାଏ । ମାଟିରେ ତିଆରି ତିନୋଟି ଛୋଟବଡ ଘୋଡା ସମେତ କେତେକ ଗୋଲାକାର ପଥର ସ୍ଥାପନ କରି ଗୋବର ପାଣିରେ ଲିପାଯାଏ । ଗ୍ରାମର କଲ୍ୟାଣ ଓ ବିକାଶ ନିମନ୍ତେ ସିନ୍ଦୂର ଓ ଅରୁଆ ଚାଉଳ ଦେଇ ଗୋଟିଏ କାଳିଆ ଏବଂ ଗୋଟିଏ ରଙ୍ଗିଆ କୁକୁଡା ବଳି ଦେଇଥାନ୍ତି । ପୂଜା ସ୍ଥାନରେ ସମସ୍ତେ ଉପସ୍ଥିତ ହୋଇ ପୂଜାପାଠ ଆରମ୍ଭ କରନ୍ତି । ଲୋଧାମାନେ ପୂଜାପୀଠକୁ ଜାହିରା ବା ଦେବପୀଠ କହିଥାନ୍ତି ।

## ଧର୍ମୀୟ କର୍ମକର୍ତ୍ତାଙ୍କ ଗୃହ:

ଗ୍ରାମର ଶେଷଭାଗରେ ଧର୍ମୀୟ କର୍ମକର୍ତ୍ତାଙ୍କ ଗୃହ ନିର୍ମାଣ କରାଯାଇଥାଏ । ନିର୍ମାଣ ପୂର୍ବରୁ ତିନିଜଣ ଗ୍ରାମବାସୀ ଧର୍ମୀୟ କର୍ମକର୍ତ୍ତା ଅରୁଆ ଚାଉଳ ଓ ସୋରିଷ ମନ୍ତ୍ର କରି ଗୃହସ୍ଥଳୀ ଚାରିପାଖେ ବୁଣିଥାନ୍ତି ଏବଂ ଘର ଚାରିପାଖରେ ଖଜୁରୀ କଣ୍ଟାରେ କିଳିଥାନ୍ତି । କିଛି ଦିନ ପରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ । ଘରକୁ ଝାଟିମାଟିର କାନ୍ଥ କୁଟା ବା ସିଆଳିପତ୍ରରେ ଛପର କରିଥାନ୍ତି ।

## ଗ୍ରାମ୍ୟମୁଖ୍ୟଙ୍କ ଘର:

ଲୋଧା ସମାଜରେ ଦେହୁରୀଙ୍କୁ ମୁଖ୍ୟ ବୋଲି କୁହାଯାଏ । ଗ୍ରାମରେ ପାଳିତ ହେଉଥିବା ପର୍ବପର୍ବାଣି ଓ ଶିକାର ସମୟରେ ସେ ପୂଜାପାଠ କରନ୍ତି । ଗ୍ରାମର କଲ୍ୟାଣ ଓ ବିକାଶ ନିମନ୍ତେ ବିଭିନ୍ନ ପ୍ରକାର ପୂଜାପାଠର ଦାୟିତ୍ୱରେ ଥାଇ ମନ୍ତ୍ରପାଠ, ପୂଜାପାଠ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଗ୍ରାମବାସୀମାନେ ଘର ନିର୍ମାଣ କାର୍ଯ୍ୟରେ ସହାୟକ ହୋଇ ଗାଁ ମୁଣ୍ଡରେ ଦେହୁରୀଙ୍କ ଘର ନିର୍ମାଣ କରାଯାଏ । ଗ୍ରାମର ମୁଖ୍ୟଙ୍କ ଘରକାନ୍ଥ ମାଟିରେ କାନ୍ଥ କରାଯାଏ ଏବଂ କୁଟାରେ ଛପର କରାଯାଏ ।

## ଇନ୍ଦିରା ଆବାସ ଯୋଜନାର ଗୁରୁତ୍ୱ ଓ ଅନ୍ୟାନ୍ୟ ସରକାରୀ ସଂରଚନା:

ବର୍ତ୍ତମାନ ପ୍ରତ୍ୟେକ ଗ୍ରାମର ଗ୍ରାମବାସୀ ମାନଙ୍କ ପାଇଁ ଇନ୍ଦିରା ଆବାସ ଯୋଜନା ମାଧ୍ୟମରେ ପକାଘର ଏଂବ ଟାଇଲ ଘର ନିର୍ମାଣ କରାଯିବା ବ୍ୟବସ୍ଥା ରହିଅଛି । ନିତାନ୍ତ ଗରିବ ଭୂମିହୀନ ଓ ଅସହାୟ ଲୋକଙ୍କ ପାଇଁ ଘର ଯୋଗାଇଦେବା ଇନ୍ଦିରା ଆବାସ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଜାତି ଜନଜାତି, ଗରିବ ଶ୍ରେଣୀ ଓ ଅନ୍ୟାନ୍ୟ ବିକଳାଙ୍ଗ ସ୍ତ୍ରୀ, ପୁରୁଷ, ଅନ୍ଧ ଓ ବିଧବା ମହିଳାଲୋକ ମାନଙ୍କୁ ଇନ୍ଦିରା ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇ ଦିଆଯାଇଥାଏ ।

## ଆଧୁନିକ ଯୁଗରେ ବ୍ୟବହୃତ ଗୃହ ନିର୍ମାଣ ସମାଗ୍ରୀ :

ପୁରାତନ କାଳରେ ବ୍ୟବହୃତ ଗୃହ ନିର୍ମାଣ ସାମଗ୍ରୀ ଓ ଆଧୁନିକ ଯୁଗରେ ବ୍ୟବହୃତ ଗୃହ ନିର୍ମାଣ ପଦାର୍ଥ ମଧ୍ୟରେ ବିଶେଷ ପାର୍ଥକ୍ୟ ଥିବା ଦେଖାଯାଏ । ସାଧାରଣତଃ ବର୍ତ୍ତମାନ ଇଟା, ମାଙ୍କଡା ପଥର, ବୋଲ୍ଡର, ବାଲି, ସିମେଣ୍ଟ ଓ ଲୁହା ରଡ୍ ଇତ୍ୟାଦି ସାମଗ୍ରୀ ଗୁଡିକ ବ୍ୟବହାରରେ ଗୃହ ନିର୍ମାଣ କରାଯାଉଅଛି । ଏହା ଦ୍ୱାରା ସୁନ୍ଦର ବା ସ୍ଥାୟୀ କୋଠାଘର ନିର୍ମାଣ କରାଯାଉଛି ।

## ଗୃହ ନିର୍ମାଣରେ ଅତୀତ ଓ ବର୍ତ୍ତମାନ :

ଲୋଧାମାନେ ପାରମ୍ପରିକ ନୀତି ଓ ନିୟମାନୁଯାୟୀ ଅତୀତରେ ଘର ତିଆରି କରୁଥିଲେ । ମାଟିକାନ୍ଥ କରି ସିଆଳି ପତ୍ର ଓ କୁଟାରେ ଛପର କରୁଥିଲେ । ସେମାନେ ବିନା ମାପରେ ଘର ନିର୍ମାଣ କରୁଥିଲେ । ବର୍ତ୍ତମାନ ୧୫ ହାତ ଲମ୍ବ ବିଶିଷ୍ଟ ଓ ସାତ ହାତ ଓସାର, ସତର ହାତ ଲମ୍ବ ଓ ସାତ ହାତ ଓସାର, ଏକୋଇଶ ହାତ ଲମ୍ବ ଓ ସାତ ହାତ ଓସାର ଘର ଗୁଡିକ ତିଆରି କରୁଛନ୍ତି । ମାଟି କାନ୍ଥ ଓ ଝାଟିମାଟି କାନ୍ଥ ପରିବର୍ତ୍ତେ ଇଟା ଓ ମାଙ୍କଡା ପଥର କାନ୍ଥ କରୁଥିବା ଦେଖାଯାଏ । କାଠ ଖୁଣ୍ଟ ବଦଳରେ ଇଟା ବା ସିମେଣ୍ଟ ଖୁଣ୍ଟ ବ୍ୟବହାର କରାଯାଉ ଅଛି । ନଡା କୁଟା ଓ ସିଆଳି ପତ୍ରର ଛପର ପରିବର୍ତ୍ତେ ଖପର, ଟାଇଲ ଏବଂ ଆଜବେଷ୍ଟସ ଘର ତିଆରି କରୁଛନ୍ତି । ଘର କବାଟ କୁଟା ବା ସିଆଳି ପତ୍ରରେ କରୁଥିବା ବେଳେ ବର୍ତ୍ତମାନ କାଠ ପଟାରେ କଲେଣି ।

ଅତୀତରେ ଗୋଟିଏ ମାତ୍ର ଘର କବାଟ ବ୍ୟବହାର କରୁଥିବା ବେଳେ ବର୍ତ୍ତମାନ ଏକାଧିକ କବାଟ ବ୍ୟବହାର କରୁଛନ୍ତି । କାନ୍ଥ ପାଇଁ ବ୍ୟବହୃତ ଚୂନ ଓ ବିଭିନ୍ନ ରଙ୍ଗ ବ୍ୟବହାର କରୁଛନ୍ତି ।

ପୁରାତନ କାଳରେ ଲୋଧାମାନେ ଜଙ୍ଗଲ ନିକଟରେ ଅଧିକ ସ୍ଥାନ ପାଉଥିବାରୁ ଯେକୌଣସି ସ୍ଥାନରେ ସ୍ୱଇଚ୍ଛାରେ ଘର ତିଆରି କରିପାରୁଥିଲେ । କାଠ ପତ୍ରର ଅଭାବ ନଥିବାରୁ ସହଜରେ ଘର ଉପକରଣ ସଂଗ୍ରହ କରି ଘର ନିର୍ମାଣରେ ସମର୍ଥ ହେଉଥିଲେ । ବର୍ତ୍ତମାନ ଲୋକ ସଂଖ୍ୟା ବୃଦ୍ଧି ଯୋଗୁଁ ବସବାସ କରିବାକୁ ଏକ ଆଲୋଡନ ସୃଷ୍ଟି ହୋଇଅଛି । ଅର୍ଥାତ ସ୍ଥାନ ଅଭାବରେ ଛୋଟ ବଡ ଘର ବ୍ୟତୀତ ସ୍ୱଇଚ୍ଛାରେ କୌଣସି ସ୍ଥାନରେ ଘର ତିଆରି କରିବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଛୋଟ ବଡ ଘର କାନ୍ଥରେ ଉନ୍ନତ କବାଟ ଝରକା ଲଗାଇବାରୁ ଏବଂ ଏକାଧିକ କୋଠରୀ କରିବା ଫଳରେ ବାସ ଉପଯୋଗୀ ହୋଇଅଛି ।

## ପାରମ୍ପରିକ ଗୃହ ନିର୍ମାଣ ଓ ସୁରକ୍ଷା ସମ୍ବନ୍ଧରେ ପ୍ରସ୍ତାବ :

ବର୍ତ୍ତମାନ ସେମାନେ ଘରଗୁଡିକ ଅଳ୍ପ ଛାଡି ଛାଡି ଖପର ଏବଂ ଟାଇଲ ଛପର କରୁଛନ୍ତି । ସ୍ଥାନ ଅଭାବ ଯୋଗୁଁ ଛୋଟ ବଡ ଘର ଗୁଡିକରେ ପ୍ରକୋଷ୍ଠ ମଧ୍ୟରେ ବାସ କରୁଛନ୍ତି । କୁଟା ଛପରଗୁଡିକ ବର୍ଷକୁ ବର୍ଷ ମରାମତି କରିବାକୁ ପଡୁଥିବାରୁ କୁଟା ଛପର ଘରେ ରହିବାକୁ ପସନ୍ଦ ନକରି ଟାଇଲ ବା ଖପର ଘରେ ରହିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି । ଅତଏବ ଗ୍ରାମର ଖପର ବା ଟାଇଲ ଘର ଅଧିକ ଥିବା ଲକ୍ଷ କରାଯାଉଛି । କୌଣସି ଘର ନିର୍ମାଣ କରିବା ପୂର୍ବରୁ ଦେହୁରୀ ପୂଜାପାଠ କରିବା ପରେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ପ୍ରତ୍ୟେକ କାର୍ଯ୍ୟରେ ପରସ୍ପର ସହାନୁଭୂତି ମାଧ୍ୟମରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଗ୍ରାମର ଗ୍ରାମବାସୀମାନଙ୍କ କଲ୍ୟାଣ ଓ ବିକାଶ ନିମନ୍ତେ ଦେହୁରୀ ଦେବୀ ପୀଠରେ ପୂଜାପାଠ କରନ୍ତି । ସଂପ୍ରତି 'ଇନ୍ଦିରା ଆବାସ'ର ସୁବିଧା ମଧ୍ୟ ମିଳିପାରୁଛି ।

# ପଡୋଶୀ ଗୋଷ୍ଠୀ

ମନୁଷ୍ୟ ସାମାଜିକ ପ୍ରାଣୀ ହୋଇଥିବାରୁ ସମାଜ ବିନା ସେ ବଞ୍ଚିପାରେ ନାହିଁ । ଲୋଧାମାନେ ଜୀବନ ଯାପନ କରିବା ବେଳେ ବିଭିନ୍ନ ଅଭାବର ସମ୍ମୁଖୀନ ହୋଇଥାନ୍ତି ଓ ଅଭାବ ସମୂହକୁ ମେଣ୍ଟାଇବା ପାଇଁ ଅନ୍ୟମାନଙ୍କ ଉପରେ ସଦା ନିର୍ଭର କରିଥାନ୍ତି । ପଡୋଶୀ ଗୋଷ୍ଠୀ ମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିବା ଅନିବାର୍ଯ୍ୟ, କାରଣ ସମସ୍ତ ବିପଦ ଆପଦ ସମୟରେ ଏହି ପଡୋଶୀ ଗୋଷ୍ଠୀ ହିଁ ପ୍ରକୃତ ବନ୍ଧୁର ଭୂମିକା ତୁଲାଇଥାନ୍ତି । କୌଣସି ଗ୍ରାମରେ ବିପଦ ଦେଖାଦେଲେ କିମ୍ବା ଦୁର୍ଘଟଣା ଘଟିଲେ ପଡୋଶୀ ଘଟଣାସ୍ଥଳରେ ଉପସ୍ଥିତ ହୋଇ ସହଯୋଗ କରିଥାନ୍ତି ।

### ପଡୋଶୀ ସମ୍ବନ୍ଧୀୟ ଧାରଣା :

ଲୋଧାମାନଙ୍କ ପଡୋଶୀ ଗୋଷ୍ଠୀଙ୍କ ଉପରେ ଧାରଣା ବେଶ୍ ଉତ୍ତମ । ଲୋଧାମାନେ ଯେପରି ଶାନ୍ତି ପ୍ରିୟ ପଡୋଶୀ ଗୋଷ୍ଠୀ ମାନଙ୍କ ସହିତ ସେହିପରି ଉତ୍ତମ ସଂପର୍କ ସ୍ଥାପନ କରି ଶାନ୍ତିମୟ ଜୀବନ ଯାପନ କରିବାକୁ ଆଗଭର । ପ୍ରତ୍ୟେକଟି ଦିନର ଆରମ୍ଭଠାରୁ ଶେଷ ପର୍ଯ୍ୟନ୍ତ ପଡୋଶୀ ମାନଙ୍କ ସହିତ କିଛି ନା କିଛି ସମ୍ପର୍କ ରକ୍ଷା କରି ଲୋଧାମାନେ ନିଜର ଦିନ ବିତାଇଥାନ୍ତି । ଗ୍ରାମର ପ୍ରତ୍ୟେକ କାର୍ଯ୍ୟ ଓ ଉତ୍ସବାଦିରେ ପଡୋଶୀଙ୍କ ସହାୟତାରେ କାର୍ଯ୍ୟର ସୁପରିଚାଳନା କରାଯାଇଥାଏ ।

### ତାଙ୍କ ସହ ବସବାସ କରୁଥିବା ପଡ଼ୋଶୀ ଗୋଷ୍ଠୀ:

ସେମାନଙ୍କ ଗ୍ରାମର ଅନତିଦୂରରେ ଅନ୍ୟାନ୍ୟ ଗୋଷ୍ଠୀର ଲୋକେ ବସବାସ କରି ରହୁଛନ୍ତି । ସେମାନେ ହେଲେ ମୁଣ୍ଡା, ସାନ୍ତାଳ, କୋହ୍ଲ, ମାଙ୍କିଡିଆ, ଖଡିଆ, ବାଥୁଡି । ପ୍ରତ୍ୟେକ ଗୋଷ୍ଠୀ ଅନ୍ୟ ଗୋଷ୍ଠୀ ଉପରେ ନିର୍ଭର କରି ବଣଜଙ୍ଗଲରେ ବୁଲି ଶୀକାର କରି ଚଳୁଛନ୍ତି । ପ୍ରତ୍ୟେକ ଗୋଷ୍ଠୀ ଅନ୍ୟ ଗୋଷ୍ଠୀ ସହିତ ବାର୍ତ୍ତାଳାପ କରିବା, ଟଙ୍କା ପଇସା ଧାରଉଧାର ଇତ୍ୟାଦି କରିବା, ପରସ୍ପର ପରସ୍ପରର ସୁଖ ଦୁଃଖରେ ସାମିଲ ହେବା ଇତ୍ୟାଦି କାର୍ଯ୍ୟରେ ସହଯୋଗ କରି ଏକତ୍ର ଚଳି ଆସୁଛନ୍ତି ।

ଲୋଧାମାନଙ୍କ ବସତିର ଅନତି ଦୂରରେ ଭୂମିଜ, କୋହ୍ଲ, ସାନ୍ତାଳ, ମହାନ୍ତ, ମାହାଲୀ, ବାଥୁଡି ଇତ୍ୟାଦି ଆଦିବାସୀ ଗୋଷ୍ଠୀ ସହିତ ବାରିକ, କୁମ୍ଭାର, ତନ୍ତୀ, କମାର, ଧୋବା ଆଦି ଅଣଆଦିବାସୀ ଗୋଷ୍ଠୀ ମଧ୍ୟ ରହିଛନ୍ତି ।

### ପ୍ରଜାତିକ ଗୋଷ୍ଠୀ ସମ୍ପର୍କ:

#### ଆର୍ଥିକ ସମ୍ପର୍କ:

ଆର୍ଥିକ ସମ୍ପର୍କ ରଖା କ୍ଷେତ୍ରରେ ଲୋଧାମାନେ ବିଭିନ୍ନ ଗୋଷ୍ଠୀମାନଙ୍କ ସହିତ ଓତଃପ୍ରୋତଃ ଭାବେ ଜଡିତ । କୌଣସି ପର୍ବପର୍ବାଣି ପାଳନ ପାଇଁ ଲୋଧାମାନେ ଆର୍ଥିକ

ଅଭାବର ସମ୍ମୁଖୀନ ହେଲେ ନିକଟସ୍ଥ ଅନ୍ୟାନ୍ୟ ଗୋଷ୍ଠୀଠାରୁ ଋଣ ସୂତ୍ରରେ ଅର୍ଥ ଆଣିଥାନ୍ତି । ଗ୍ରହଣ କରିଥିବା ଅର୍ଥର ସମୂଳସୁଧ ସର୍ତ୍ତ ଅନୁସାରେ ଫେରାଇଥାନ୍ତି । କୌଣସି ଶିକାର ଉପକରଣ ଶର, ଟାଙ୍ଗିଆ, ବର୍ଚ୍ଛା ଇତ୍ୟାଦି ବିନା ମୂଲ୍ୟରେ କିମ୍ବା ବାକି ଆକାରରେ କମାରଠାରୁ ଆଣି ବ୍ୟବହାର କରିଥାନ୍ତି । ଏକବର୍ଷ ବିତିବା ପରେ ଅର୍ଥ ସଂଗ୍ରହ କରି ଅସ୍ତ୍ରଶସ୍ତ୍ର ବାବଦରେ ସୁଝିବାକୁ ଥିବା ଟଙ୍କା ପରିଶୋଧ କରିଥାନ୍ତି । କୌଣସି ପର୍ବପର୍ବାଣି, ଶୁଦ୍ଧିକ୍ରିୟା, ବିବାହୋତ୍ସବ ଇତ୍ୟାଦି କାମ କାର୍ଯ୍ୟରେ ଲୁଗାପଟାର ଆବଶ୍ୟକତା ଦେଖାଯାଇଥାଏ । ଏହି ସମୟରେ ଅର୍ଥାଭାବ ଯୋଗୁଁ କିଣି ନପାରିଲେ ପଡୋଶୀ ତନ୍ତୀଙ୍କ ଠାରୁ ନଗଦ ଅର୍ଥ ନଦେଇ ଲୁଗା ଆଣି ପରେ ଅର୍ଥ ଯୋଗାଡ କରି ପ୍ରଦାନ କରାଯାଇଥାଏ । ଏତଦ୍ ବ୍ୟତୀତ ଭୂମିଜ, ସାନ୍ତାଳ ମାନଙ୍କଠାରୁ ଧାନ କରଜ ଆଣି ତହିଁ ପରବର୍ଷକୁ ସମୂଳସୁଧ ଆକାରରେ ପରିଶୋଧ କରିଥାନ୍ତି । ଅନ୍ୟ ଗୋଷ୍ଠୀମାନେ ମଧ୍ୟ ଲୋଧା ମାନଙ୍କୁ ଅଳ୍ପ ପରିମାଣରେ ଟଙ୍କା ପଇସା କିମ୍ବା ଧାନ ଚାଉଳ ଧାର, କରଜ ସୂତ୍ରରେ ପ୍ରଦାନ କରିଥାନ୍ତି । ମୋଟ ଉପରେ ଆର୍ଥିକ ଦୃଷ୍ଟିକୋଣରୁ ଲୋଧା ଓ ଅନ୍ୟ ଗୋଷ୍ଠୀ ଉଭୟ ନିବିଡ ସମ୍ପର୍କରେ ଆବଦ୍ଧ ।

**ସାମାଜିକ ସମ୍ପର୍କ:**

ମନୁଷ୍ୟ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ ନିଜର ସାମାଜିକ ପ୍ରବୃତ୍ତି ତାକୁ ପଡୋଶୀ ମାନଙ୍କ ସହିତ ସମ୍ପର୍କ ରକ୍ଷା କରିବାକୁ ବାଧ୍ୟ କରିଥାଏ । ଏହି ସମ୍ପର୍କ ରକ୍ଷା କ୍ଷେତ୍ରରେ ସାମାଜିକ ଦିଗଟି ଗୁରୁତ୍ୱପୂର୍ଣ୍ଣ । କୌଣସି ବିବାହୋତ୍ସବ ଏବଂ ଶୁଦ୍ଧିକ୍ରିୟାରେ ଅନ୍ୟ ଗୋଷ୍ଠୀର ପରିଚିତ ବ୍ୟକ୍ତିଙ୍କୁ ନିମନ୍ତ୍ରଣ ଜଣାଇଥାନ୍ତି । ଅନୁଷ୍ଠିତ ହେଉଥିବା କରମପୂଜାରେ ଅନ୍ୟ ଗୋଷ୍ଠୀ ସମ୍ପ୍ରଦାୟର ଲୋକମାନଙ୍କୁ ମଧ୍ୟ ନିମନ୍ତ୍ରଣ ଜଣାଯାଇଥାଏ । ପଡୋଶୀ ଗୋଷ୍ଠୀର ଲୋକଙ୍କ ସହିତ ଖେଳିବା, ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ଓ ଉପଭୋଗ କରିବା ପ୍ରତି କ୍ଷେତ୍ରରେ ସୁସମ୍ପର୍କ ରକ୍ଷା କରାଯାଇଥାଏ ।

**ରାଜନୈତିକ ସମ୍ପର୍କ:**

ପରିବାର ସ୍ତରରେ ଲୋଧା ସମାଜରେ ସୃଷ୍ଟି ହୋଇଥିବା ବିଭିନ୍ନ ସମସ୍ୟାଗୁଡିକ ସଭାରେ ଆଗତ କରାଯାଏ । ବିଭିନ୍ନ ବିବାଦ ମଧ୍ୟରେ ଭାଇ-ଭାଇ ବିବାଦ, ପୁରୁଷ-ସ୍ତ୍ରୀ ଗଣ୍ଡଗୋଳ, ଗାଁ -ଗାଁ ବିବାଦ, ଜମିଜମା ସମ୍ବନ୍ଧୀୟ ଏବଂ ଶୀକାର ସମ୍ପର୍କୀୟ ବିବାଦର ସମାଧାନ ପାଇଁ ବିଭିନ୍ନ ଗ୍ରାମର ଗ୍ରାମବାସୀମାନେ ଉପସ୍ଥିତ ହୋଇ ସଭାକାର୍ଯ୍ୟ ପରିଚାଳନା କରି ଉପସ୍ଥିତ ଭଦ୍ର ବ୍ୟକ୍ତି ଓ ପ୍ରତ୍ୟକ୍ଷ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଯେ କୌଣସି ସମସ୍ୟାର ସମାଧାନ କରାଯାଇଥାଏ । ଏହି ସ୍ତରର ଗ୍ରାମସଭାକୁ ପାଞ୍ଚ ପଞ୍ଚାୟତ କୁହାଯାଇଥାଏ । ବିଭିନ୍ନ ଗୋଷ୍ଠୀର ଓ ଗ୍ରାମର ମୁଖ୍ୟ ବ୍ୟକ୍ତି, ସଭାପତି, ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ୱାର୍ଡମେମ୍ବର ଓ ଭଦ୍ର ବ୍ୟକ୍ତି ଉପସ୍ଥିତ ହୋଇ ସମସ୍ୟାଟିର ସମାଧାନ କରିଥାନ୍ତି ।

**ଧାର୍ମୀୟ ସମ୍ପର୍କ:**

ଦୀର୍ଘଦିନ ଧରି ବର୍ଷା ନହେବା ଏବଂ ଶିକାର ସମୟରେ ଶିକାର ଜନ୍ତୁ ନମିଳିବା କାରଣରୁ ବିଭିନ୍ନ ଗୋଷ୍ଠୀ ମାନଙ୍କ ସହାୟତାରେ ଶିକାର ଦେବଦେବୀଙ୍କୁ ପଶୁପକ୍ଷୀ ବଳିଦେଇ ପୂଜାପାଠ କରାଯାଇଥାଏ ଏବଂ ପୂଜାପାଠ ସମୟରେ ଅନ୍ୟ ଗୋଷ୍ଠୀର ଲୋକମାନଙ୍କୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରାଯାଇଥାଏ । ପୂଜାପାଠ ପରେ ଭୋଜି ଭାତର ଆୟୋଜନ କରି ମିଳିମିଶି ଭୋଜନ କରିଥାନ୍ତି ।

**ଅନ୍ୟାନ୍ୟ ସମ୍ପର୍କ:**

ଲୋଧାମାନେ ଶିକାର ସମୟରେ ଅନ୍ୟାନ୍ୟ ପଡୋଶୀଙ୍କ ସହଯୋଗ କାମନା କରିଥାନ୍ତି । ଅନ୍ୟ ଗ୍ରାମରଘରୁ ରାତିରେ ଡେରି ହେଉଥିବା ସମୟରେ ସମ୍ପୃକ୍ତ ଗ୍ରାମବାସୀଙ୍କ ସାହାଯ୍ୟ ଲୋଡିଥାନ୍ତି । ଭୂମିଜ, ସାନ୍ତାଳ, ଧୋବା ସମ୍ପ୍ରଦାୟର ଲୋକମାନେ ଚଷ କାର୍ଯ୍ୟରେ, ଘର ନିର୍ମାଣ କାର୍ଯ୍ୟରେ, ଲୋଧା ସମ୍ପ୍ରଦାୟ ଲୋକମାନଙ୍କ ସହଯୋଗ କାମନା କରିଥାନ୍ତି ।

**ଖାଦ୍ୟ ଗ୍ରହଣ ଓ ପ୍ରତ୍ୟାଖ୍ୟାନ:**

ଲୋଧା ସମ୍ପ୍ରଦାୟର ଲୋକମାନେ କେବଳ ମାଙ୍କିଡିଆ ଲୋକଙ୍କ ବ୍ୟତୀତ ଅନ୍ୟ ଯେ କୌଣସି ଗୋଷ୍ଠୀଠାରୁ ଖାଦ୍ୟ ଗ୍ରହଣ କରିଥାନ୍ତି । ସାନ୍ତାଳ, କୋହ୍ଲ, ଭୂମିଜ, ବାଥୁଡି ଆଦି ସମ୍ପ୍ରଦାୟ ଲୋକଙ୍କଠାରୁ ଖାଦ୍ୟ ଗ୍ରହଣ କରିପାରନ୍ତି, କିନ୍ତୁ ଲୋଧା ସ୍ତ୍ରୀଲୋକ ଗ୍ରହଣ କରନ୍ତି ନାହିଁ । ବିବାହୋତ୍ସବ କିମ୍ବା ଅନ୍ୟ ଯେ କୌଣସି ପ୍ରଜାତି ଗୋଷ୍ଠୀଠାରୁ ନିମନ୍ତ୍ରଣ ପାଇଲେ ଲୋଧାମାନଙ୍କ ମଧ୍ୟରୁ କେବଳ ପୁରୁଷମାନେ ଯୋଗ ଦେଇଥାନ୍ତି ଓ ଖାଦ୍ୟ ଗ୍ରହଣ କରିଥାନ୍ତି । ଖାଦ୍ୟ ପରି ପାନୀୟରେ ମଧ୍ୟ ଏହି ନିୟମକୁ ମାନି ସେମାନେ ଚଳିଆସୁଛନ୍ତି ।

**ଅନ୍ୟ ଗୋଷ୍ଠୀର ଅପରିତେଜ୍ୟ ଭୂମିକା:**

ଲୋଧାମାନଙ୍କର ଅନ୍ୟ ଗୋଷ୍ଠୀମାନଙ୍କ ସହିତ ଓ ଅନ୍ୟମାନଙ୍କର ଲୋଧାମାନଙ୍କ ସହିତ ନିର୍ଭରଶୀଳତା ଏତେ ପରିମାଣରେ ବୃଦ୍ଧି ପାଇଲାଣି ଯେ ସେମାନଙ୍କ ସମ୍ପର୍କକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରିବା ସମ୍ଭବ ନୁହେଁ । ସାନ୍ତାଳ, ଭୂମିଜ, କୋହ୍ଲ, ବିନ୍ଧାଣୀ, କୁମ୍ଭାର, ବାଥୁଡି, ମାହାଲି, ପାଣ, ତନ୍ତୀ ଇତ୍ୟାଦି ଆଦିବାସୀ ଓ ଅଣଆଦିବାସୀ ଗୋଷ୍ଠୀ ବସବାସ କରିଥାନ୍ତି । ତନ୍ତୀ ଲୁଗା ବୁଣି ଲୋଧା ଲୋକଙ୍କୁ ଯୋଗାଇଦିଏ । ବ୍ୟବହୃତ ଅସ୍ତ୍ରଶସ୍ତ୍ର ଯଥା- ଶର, ଟାଙ୍ଗିଆ, କଟୁରୀ, କୁରାଢୀ, ବର୍ଚ୍ଛା କିମାର ବିନା ପାଉଣାରେ ଯୋଗାଇ ଦେଇଥାଏ ଓ ବଦଳରେ ଲୋଧାମାନେ ଜଙ୍ଗଲରୁ ଆଣୁଥିବା ଶୀକାର ମାଂସ ପ୍ରଦାନ କରିଥାନ୍ତି । କୁମ୍ଭାର ମଧ୍ୟ ମାଟିହାଣ୍ଡି, କଳସୀ ମାଂସ ବିନିମୟରେ

ଯୋଗାଇ ଦେଇଥାଏ । ତମ ବାଉଁଶରେ ତିଆରି କୁଲା, ଝୁଡି ଲୋଧା ଲୋକଙ୍କୁ ପଇସା ବଦଳରେ ଦେଇଥାନ୍ତି । ମୋଟ ଉପରେ ଲୋଧା ଓ ଅନ୍ୟ ପଡୋଶୀ ଗୋଷ୍ଠୀ ପରସ୍ପରର ପରିପୂରକ ।

## ଅନ୍ୟାନ୍ୟ ଗୋଷ୍ଠୀର ସାଂପ୍ରତିକ ଅବସ୍ଥା:

ଅନ୍ୟାନ୍ୟ ଗୋଷ୍ଠୀର ବର୍ତ୍ତମାନର ସ୍ଥିତିରେ ଯଥେଷ୍ଟ ପରିବର୍ତ୍ତନ ହୋଇଛି । ବାଥୁଡି, କୋହ୍ଲ, ଭୂମିଜ, ତନ୍ତୀ, କମାର, କୁମ୍ଭାର, ଧୋବା ପ୍ରଭୃତି ପଡୋଶୀ ଗୋଷ୍ଠୀ ନିଜ ନିଜର କୌଳିକ ବୃତ୍ତି ସହିତ ଚାଷ କାର୍ଯ୍ୟ ମଧ୍ୟ କରୁଛନ୍ତି । ଚାଷ କାର୍ଯ୍ୟ ବ୍ୟତୀତ କ୍ଷୁଦ୍ର ଓ ମଧ୍ୟମ ଧରଣର କୁଟୀର ଶିଳ୍ପ, ବ୍ୟବସାୟ, ସରକାରୀ ଚାକିରି କରି ନିଜ ନିଜ ସ୍ଥିତିର ଉନ୍ନତି କଲେଣି । ପୂର୍ବରୁ ଏହି ଗୋଷ୍ଠୀ ନଡା ଛପର ଘରେ ରହୁଥିଲେ । ବର୍ତ୍ତମାନ ଅଧିକାଂଶ ଟାଇଲ ଘରେ, କେହି କେହି ପକ୍କା ଛାତଘର ନିର୍ମାଣ କଲେଣି । ଏମାନଙ୍କ ତୁଳନାରେ ଲୋଧା ସମାଜ ଯଥେଷ୍ଟ ପଛରେ ରହିଛନ୍ତି । ଲୋଧା ତାଙ୍କର ପାରମ୍ପରିକ ବୃତ୍ତି, ଜଙ୍ଗଲକୁ ଯାଇ ଶିକାର କରିବା ଓ ଖାଦ୍ୟଦ୍ରବ୍ୟ ସଂଗ୍ରହ କରିବା ସହିତ କିଞ୍ଚିତ ପରିମାଣରେ ଚାଷ କରିବା ବ୍ୟତୀତ ଅନ୍ୟ କୌଣସି ବୃତ୍ତି ଅବଲମ୍ବନ କରିବା ଦେଖା ଯାଇନାହିଁ ।

## ଗୋଷ୍ଠୀ ସୁସମ୍ପର୍କ ସ୍ଥାପନ ପାଇଁ ପ୍ରସ୍ତାବ:

ବିଭିନ୍ନ ଗୋଷ୍ଠୀ ମାନଙ୍କ ମଧ୍ୟରେ ବିଭିନ୍ନ ସୂତ୍ରରେ ସୁସମ୍ପର୍କ ସ୍ଥାପନ ହୋଇଥାଏ । କୌଣସି ଗୋଷ୍ଠୀର ପରିବାରରେ ବିବାହ ଉତ୍ସବରେ ଅନ୍ୟ ଗୋଷ୍ଠୀର ପରିବାରକୁ ନିମନ୍ତ୍ରଣ କରାଗଲେ ଉଭୟ ଗୋଷ୍ଠୀ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇଥାଏ । କୌଣସି ପର୍ବପର୍ବାଣି ଓ କାର୍ଯ୍ୟକ୍ଷେତ୍ରରେ ପଡୋଶୀ ମଧ୍ୟରେ ସାମୂହିକ ସହଯୋଗରେ ଉତ୍ତମ ସମ୍ପର୍କ ସ୍ଥାପନ ହୋଇପାରିଥାଏ । ଗ୍ରାମରେ ସୃଷ୍ଟି ହୋଇଥିବା ଗଣ୍ଡଗୋଳ ପଡୋଶୀ ଗୋଷ୍ଠୀର ଲୋକମାନଙ୍କ ସହଯୋଗରେ ନିରପେକ୍ଷ ନୀତି ନିୟମ ଅନୁସାରେ ସମାଧାନ କରାଗଲେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ସୁସମ୍ପର୍କ ଅଧିକ ଦୃଢୀଭୂତ ହୋଇଥାଏ । ଶିକାର ସମୟରେ ପରସ୍ପର ସାଥୀ ହୋଇ ଶିକାରକୁ ଗଲେ ସେମାନଙ୍କ ମଧ୍ୟରେ ଭାତୃଭାବ ସୃଷ୍ଟି ହୋଇଥାଏ । ପ୍ରତ୍ୟେକ ପଡୋଶୀ ଗୋଷ୍ଠୀଙ୍କ ସୁସମ୍ପର୍କ ସ୍ଥାପନ ପାଇଁ ସାମୂହିକ ଆର୍ଥିକ ସାହାଯ୍ୟ, ସାମୂହିକ ଶ୍ରମଦାନ ଓ ସାମୂହିକ ସହଯୋଗ ଏକାନ୍ତ ଆବଶ୍ୟକ । ସମସ୍ତେ ସମସ୍ତଙ୍କ ସାମାଜିକ ରୀତିନୀତିକୁ ସମ୍ମାନ ଜଣାଇବା, ଅନ୍ୟ ସଂସ୍କୃତିକୁ ଗ୍ରହଣ କରିବା, ସାମୂହିକ କାର୍ଯ୍ୟରେ ସହଯୋଗ କରିବା ଇତ୍ୟାଦି ବାତାବରଣ ସୃଷ୍ଟି ହୋଇପାରିଲେ ସେମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସମ୍ଭବ ହୋଇପାରେ ।


କୋୟା
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର